DIGITAL EDITION

ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୩ Vol. 22 No-23 23 APRIL 2025 WEDNESDAY BHUBANESWAR ବୁଧବାର, ୨୩ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦








# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ



facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store







RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୩ Vol. 22 No-23 23 APRIL 2025 WEDNESDAY BHUBANESWAR ବୁଧବାର, ୨୩ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଜାମ୍ମୁ-କାଶ୍ମୀର ଅଶାନ୍ତ

# କାହାରିକୁ ଛଡ଼ା ଯିବନି: ମୋଦୀ

- ପହଲଗାମରେ ବଡ଼ଧରଣର ଆତଙ୍କୀ ଆକ୍ରମଣ
- ୨୦ ଗୁରୁତର ହସ୍ପିଟାଲରେ ଭର୍ତ୍ତି
- କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ କଥା ହେଲେ ମୋଦୀ
- ସ୍ଥିତି ଅନୁଧ୍ୟାନ କଲେ ପ୍ରତିରକ୍ଷାମନ୍ତ୍ରୀ
- ସେନାମୁଖ୍ୟଙ୍କ ସହ କଲେ ଆଲୋଚନା
- ଘଟଣାସ୍ଥଳରେ ଶାହଙ୍କ ଉଚ୍ଚସ୍ତରୀୟ ବୈଠକ
- ବିଦେଶରୁ ଫେରିଲେ ଜାମ୍ମୁ ମୁଖ୍ୟମନ୍ତ୍ରୀ
- ହମଲା ପାଇଁ ନିଜକୁ ଦାୟୀ କଲା ଟିଆରଏଫ୍
- ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ ପର୍ଯ୍ୟଟକ





ଶ୍ରୀନଗର/ନୂଆଦିଲ୍ଲୀ, ୨୨।୪: ପୁଣିଥରେ ଅଶାନ୍ତ ହୋଇ ଉଠିଛି ଜାମ୍ମୁ-କାଶ୍ମୀର। ମଙ୍ଗଳବାର ଜାମ୍ମୁ-କାଶ୍ମୀରର ପହଲଗାମରେ ଏକ ବଡ଼ଧରଣର ଆତଙ୍କୀ ହାମଲା ହୋଇଛି। ଆତଙ୍କବାଦୀଙ୍କ ଗୁଳିରେ ୨୬ଜଣ ପର୍ଯ୍ୟଟକ ନିହତ ହୋଇଥିବାବେଳେ ୨୦ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆତଙ୍କବାଦୀମାନେ ପୋଲିସ ପୋଷାକରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଏହି ଘଟଣା ପରେ ଘାଟିକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଘାଟିର ପର୍ଯ୍ୟଟନ ଅର୍ଥନୀତି ପୁଣିଥରେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। କାଶ୍ମୀରରେ ୩୭୦ର ଉଚ୍ଛେଦ ପରେ କେନ୍ଦ୍ର ସରକାରଙ୍କ ଉଦ୍ୟମ ଯୋଗୁ ସ୍ଥିତି ସ୍ୱାଭାବିକ ହୋଇଥିଲା। ପର୍ଯ୍ୟଟକମାନେ ଘାଟିକୁ ଫେରିବା ଆରମ୍ଭ କରିଥିଲେ। କିନ୍ତୁ ମଙ୍ଗଳବାରର ଏହି ଘଟଣା ପୁଣିଥରେ କାଶ୍ମୀର ଘାଟିକୁ ପଛକୁ ଫେରାଇ ନେବାର ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରେ ଥିବାବେଳେ ଫୋନ୍ ଯୋଗେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ସହ ଘଟଣା ସଂପର୍କରେ କଥା ହୋଇଥିଲେ। ପରେ ତାଙ୍କୁ ଘଟଣାସ୍ଥଳକୁ ଯାଇ ସ୍ଥିତିର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୋଦୀ କହିଛନ୍ତି ଯେ ଏହି ଘଟଣା ପଛରେ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀ ଶାହ ପହଲଗାମରେ ପହଞ୍ଚି ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିଛନ୍ତି। ତେବେ କାଶ୍ମୀର ଯିବା ପୂର୍ବରୁ ଶାହ କହିଥିଲେ ଯେ ଏହି ଆକ୍ରମଣରେ ଯିଏ ବି ସଂପୃକ୍ତ ଥାଆନ୍ତୁ ନା କାହିଁକି କାହାରିକୁ ଛଡ଼ାଯିବ ନାହିଁ। ଦୋଷୀଙ୍କୁ ଚିହ୍ନଟ କରାଯାଇ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସେ ଦୃଢୋକ୍ତି ବାଢିଥିଲେ। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ପୋଲିସ ପୋଷାକରେ ଆସିଥିବା ଅଜଣା ବନ୍ଧୁକଧାରୀମାନେ ଟ୍ରେକିଂ ପାଇଁ ଆସିଥିବା ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଗୁଳି ଚଳାଇଥିଲେ। ଘଟଣା ପରେ ଜାମ୍ମୁକାଶ୍ମୀର ପୋଲିସ ଓ ଭାରତୀୟ ସେନା ଘଟଣାସ୍ଥଳରେ ପହଞ୍ଚି ସମଗ୍ର ଅଞ୍ଚଳକୁ ଅବରୋଧ କରିବା ସହ ତଲାସୀ ଆରମ୍ଭ କରିଛନ୍ତି। ଅଧିକ ସଂଖ୍ୟକ ଫୋର୍ସ ଘଟଣାସ୍ଥଳକୁ ପଠାଯାଇଛି। ସଂପୃକ୍ତ ଅଞ୍ଚଳରେ ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହ ପର୍ଯ୍ୟଟକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ଅଞ୍ଚଳକୁ ଗାଡ଼ି ଯାଇପାରୁ ନଥିବାରୁ କେବଳ ଚାଲିଚାଲି କିମ୍ବା ଘୋଡ଼ାଦ୍ୱାରା ସୁରକ୍ଷାକର୍ମୀ ଯିବାଆସିବା କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପହଲଗାମରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ସ୍ଥଳସେନା ମୁଖ୍ୟଙ୍କ ସହିତ ଆଲୋଚନା କରିଛନ୍ତି। ଆବଶ୍ୟକ ହେଲେ ଆତଙ୍କବାଦୀଙ୍କୁ ଖୋଜିବା ପାଇଁ ସେନାର ସହାୟତା ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ନିଜର ବିଦେଶ ଗସ୍ତ କାଣ୍ଟଛାଣ୍ଟ କରି ରମ୍ୱାନରୁ ଶ୍ରୀନଗର ଫେରି ଆସୁଛନ୍ତି। ପହଲଗାମର ବୈସରନ ଭ୍ୟାଲିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଛି। ତେବେ ଏହି ଆକ୍ରମଣରେ ବାଲେଶ୍ୱର ରେମୁଣା ଅଞ୍ଚଳର ଜଣେ ଯୁବକ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ତାଙ୍କ ନାମ ପ୍ରଶାନ୍ତ ଶତପଥୀ। ସେ ପତ୍ନୀ ଓ ପିଲାଙ୍କ ସହ ବୁଲିବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିବା କୁହାଯାଉଛି। ତାଙ୍କ ପତ୍ନୀ କହିଛନ୍ତି ଯେ ତାଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସେ • ପୃଷ୍ଠା ୫ ଦେଖନ୍ତୁ

### ମୁଖ୍ୟମନ୍ତ୍ରୀଙ୍କ ନିନ୍ଦା



ଭୁବନେଶ୍ୱର, ୨୨।୪(ଭାସ୍କର ନ୍ୟୁଜ): ଜାମ୍ମୁ-କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀମାନେ ଘଟାଇଥିବା ଜଘନ୍ୟ ଓ ବର୍ବରକାଣ୍ଡକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ ନିନ୍ଦା କରିବା ସହିତ ମୃତ ପର୍ଯ୍ୟଟକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାରେ ବାଲେଶ୍ୱରର ଜଣେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ତାଙ୍କର ମୃତଦେହ କିପରି ତାଙ୍କ ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିବ ସେ ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ଆକ୍ରମଣରେ ୨ ବିଦେଶୀ ପର୍ଯ୍ୟଟକଙ୍କ ସମେତ ୨୬ଜଣଙ୍କର ମୃତ୍ୟୁ ହୋଇଛି।

## ସଂକ୍ଷେପରେ...

### ଦେବ ପ୍ରସାଦ ଦାଶଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ୱର, ୨୨।୪(ଭାସ୍କର ନ୍ୟୁଜ): ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ଦେବ ପ୍ରସାଦ ଦାଶଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ଦେବ ପ୍ରସାଦ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱରେ ଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


### ଆଜିଠୁ ସବୁ ସ୍କୁଲ, କଲେଜ ଛୁଟି

ଭୁବନେଶ୍ୱର, ୨୨।୪(ଭାସ୍କର ନ୍ୟୁଜ): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ବୁଧବାରଠାରୁ ରାଜ୍ୟର ସମସ୍ତ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଥିବା ଶ୍ରୀ ପୂଜାରୀ କହିଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ସେ କହିଛନ୍ତି। ତେବେ କୌଣସି ପରୀକ୍ଷା ପ୍ରଭାବିତ ହେବ ନାହିଁ ଓ ପୂର୍ବସୂଚୀ ଅନୁସାରେ ଚାଲିବ ବୋଲି ସେ କହିଛନ୍ତି। ସେହିପରି ସକାଳ ୭ରୁ ସାଢେ ୮ଟା ପର୍ଯ୍ୟନ୍ତ ଚାଲୁଥିବା ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିବ ଓ ପିଲାଙ୍କ ଖାଦ୍ୟ ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ।

ସେନ୍‌ସେକ୍ସ: ୭୯,୫୯୫.୫୯
ସର୍ବାଧିକ: ୩୭.୨ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

### ୨୨।୪।୨୦୨୫ ର ମତାମତ

ଜନଶୁଣାଣିରେ ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ଦ୍ରୁତ ସମାଧାନ ଉଚିତ୍ ନୁହେଁ କି?




### ଆଜିର ପ୍ରସଙ୍ଗ

ଜାମ୍ମୁ-କାଶ୍ମୀରରୁ ଆତଙ୍କବାଦୀଙ୍କ ଦବ୍‌ଦବା ଦୂର କରିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



କ୍ରିକେଟ ଖେଳଟା ବଢିଆ ଜମୁଛି
କୋଟିପତି ସଂଖ୍ୟା ବଢେ ନିଇତି,
ଅଣଚାଷ ଟଙ୍କା ବାଜିରେ ଲଗାଇ
ମାସରୁ ଅଧିକ ଗଲେଣି ମାତି ।
ଏ ଜୁଆ ପ୍ରତି,
ଦେଶବ୍ୟାପୀ ଯେଉଁ ପ୍ରୀତି ବଢୁଅଛି
ସର୍କାର ଦେଖନ୍ତି ଆଖି ତରାଟି ।

## ୟୁପିଏସ୍‌ସି ସିଭିଲ ସର୍ଭିସ ରେଜଲ୍ଟ ପ୍ରକାଶିତ

# ଶକ୍ତି ଦୁବେ ଟପ୍ପର



ଟପ୍ପର ଶକ୍ତି ଦୁବେ



ରିତିକା ରଥ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୪ (ବ୍ୟୁରୋ): କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା-୨୦୨୪ର ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଶକ୍ତି ଦୁବେ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ହର୍ଷିତା ଗୋଏଲ ରହିଥିବାବେଳେ ତୃତୀୟ ସ୍ଥାନରେ ରହିଛନ୍ତି ଡୋଙ୍ଗ ଅର୍ଚ୍ଚିତ ପରାଗ। ସେହିପରି ଚତୁର୍ଥ ସ୍ଥାନରେ ସାହମାର୍ଗୀ ଚିରାଗ ରହିଥିବାବେଳେ ପଞ୍ଚମ ସ୍ଥାନରେ ରହିଛନ୍ତି ଆକାଶ ଗର୍ଗ। କୋମଲ କୁନିଆ ଷଷ୍ଠତମ ସ୍ଥାନ ପାଇଥିବାବେଳେ ଆୟୁଷି ବଂଶଲ ସପ୍ତମ ସ୍ଥାନରେ ରହିଛନ୍ତି। ଅଷ୍ଟମ ସ୍ଥାନରେ ରାଜକ୍ରିଷ୍ଣା ଝା ରହିଥିବାବେଳେ ନବମ ସ୍ଥାନରେ ଆଦିତ୍ୟ ବିକ୍ରମ ଅଗ୍ରୱାଲ ଓ ଦଶମ ସ୍ଥାନରେ ମୟଙ୍କ ତ୍ରିପାଠୀ ରହିଛନ୍ତି। ତେବେ ୪୮ତମ ସ୍ଥାନରେ ଓଡ଼ିଆ ଝିଅ ରିତିକା ରଥ ରହିଥିବା ସୂଚନା ମିଳିଛି। ପରୀକ୍ଷାର୍ଥୀମାନେ ୟୁପିଏସସି ୱେବସାଇଟ୍‌ରେ ସେମାନଙ୍କ ରେଜଲ୍ଟ ପାଇପାରିବେ। ସାକ୍ଷାତକାର ଏବଂ ମୁଖ୍ୟ ପରୀକ୍ଷାରେ ପ୍ରାପ୍ତ ମାର୍କ ଆଧାରରେ ଏହି ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯାଇଛି। କମିଶନ ମୋଟ ୧୦୦୯ଜଣଙ୍କ ନାମ ସୁପାରିସ କରିଛନ୍ତି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ୩୩୫ଜଣ ସାଧାରଣବର୍ଗର ଥିବାବେଳେ • ପୃଷ୍ଠା ୫ ଦେଖନ୍ତୁ

### ୪୮ତମ ସ୍ଥାନରେ ଓଡ଼ିଆ ଝିଅ ରିତିକା

## ଟକମକ ଫୁଟୁଛି ଓଡ଼ିଶା

# ୪୬ ଡିଗ୍ରୀରେ ଜଳିଲା ଝାରସୁଗୁଡ଼ା

- ୧୦ବର୍ଷର ରେକର୍ଡ ଭାଙ୍ଗିଲା ତାତି
- ୪୬.୨ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ
- ପଶ୍ଚିମରେ ଅଗ୍ନିବର୍ଷା, ଉପକୂଳରେ ଗୁଳୁଗୁଳି
- ଆହୁରି ପାଞ୍ଚଦିନ ଜାରି ରହିବ ତାତିର ପ୍ରଭାବ



ଭୁବନେଶ୍ୱର, ୨୨।୪(ଭାସ୍କର ନ୍ୟୁଜ): ଟକମକ ଫୁଟୁଛି ଓଡ଼ିଶା। ତତଲା କଡେଇରେ ସତେ ଯେପରି ଭାଜି ହେଉଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ମଣିଷ ଅଣନିଃଶ୍ୱାସୀ ହୋଇପଡୁଛି। ସକାଳ ୮ଟାରୁ ତାତିର ପ୍ରଭାବ ଏତେ ଜୋରରେ ଅନୁଭୂତ ହେଉଛି ଯେ ଘରୁ ବାହାରିବା ସମ୍ଭବପର ହୋଇପାରୁ ନାହିଁ। ଆହୁରି ୫ ଦିନ ତାତି କଲବଲ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ କାମ ନଥିଲେ ବାହାରକୁ ବାହାରନ୍ତୁନି, ବାହାରିଲେ ମୁଣ୍ଡରେ କପଡ଼ା ପକାଇ ବାହାରିବାକୁ ପରାମର୍ଶ ଦିଆଯାଇଛି। ଛୋଟ ପିଲା ଓ ବୟସ୍କ ଲୋକମାନେ ଖରା ସମୟରେ ଘରେ ରହିବାକୁ କୁହାଯାଇଛି। ଆସନ୍ତା ୫ ଦିନ ପାଇଁ ହିଟୱେଭ୍ ଓ ୩ ଦିନ ପାଇଁ ସିଭିୟର ହିଟ୍‌ୱେଭ ଜାରି କରିଛି ପାଣିପାଗ ବିଭାଗ। ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ୫ଦିନ ଗ୍ରୀଷ୍ମପ୍ରବାହକୁ ନଜରରେ ରଖି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୫ ଦିନ ତାତିରୁ ନିସ୍ତାର ମିଳିବ ନାହିଁ ବୋଲି ସେ ମଧ୍ୟ ସତର୍କ କରାଇ ଦେଇଛନ୍ତି। ମଙ୍ଗଳବାର ୧୦ବର୍ଷର • ପୃଷ୍ଠା ୫ ଦେଖନ୍ତୁ

## ନୂଆ ରେକର୍ଡ କରୁଛି ସୁନା ଦର

# ୧୦ ଗ୍ରାମକୁ ୧ଲକ୍ଷ ଟପିଲା

ନୂଆଦିଲ୍ଲୀ, ୨୨।୪: ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନାଦର। ୧୦ଗ୍ରାମ ୨୪ କ୍ୟାରେଟ ସୁନାର ଦର ୯୯,୮୦୦ଟଙ୍କା ଟପିଛି। ଏଥିରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହେବା ପରେ ଏହି ଦର ୧ଲକ୍ଷ ୧୬୬ ଟଙ୍କାରେ ପହଞ୍ଚିଛି। ଚୀନ୍ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ, ବିଶ୍ୱର ଅର୍ଥନୈତିକ ଅସ୍ଥିରତା ଯୋଗୁ ସୁନା ରୁପା ଦର ଆକାଶଛୁଆଁ ହୋଇଛି। ୧୦ଗ୍ରାମ ସୁନାଦର ପ୍ରଥମ ଥରପାଇଁ ଐତିହାସିକ ରେକର୍ଡ ଲକ୍ଷେ ଟପିଛି। ଗତ ୪ ମାସ ମଧ୍ୟରେ ପାଖାପାଖି ୨୬.୪ ପ୍ରତିଶତ ସୁନା ମହଙ୍ଗା ହୋଇଥିବା ସୂଚନା ଦିଆଯାଇଛି। ରୁପା କେଜି ମଧ୍ୟ ୧ହଜାର ଟଙ୍କା ମହଙ୍ଗା ହୋଇ ୧ଲକ୍ଷ ୧୧ ହଜାର ଟଙ୍କାରେ ପହଞ୍ଚିଛି। ଅକ୍ଷୟତୃତୀୟା ପାଖେଇ ଆସୁଥିବାବେଳେ ଲୋକମାନେ ବିବାହ କାର୍ଯ୍ୟକ୍ରମ ଲାଗି ସୁନା କିଣୁଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଦରରେ ଏଭଳି ବୃଦ୍ଧି ଗ୍ରାହକଙ୍କ ଚିନ୍ତା ବଢାଇ ଦେଇଛି। ତେବେ ବିଭିନ୍ନ ଜୁଏଲାରୀ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ପୁରୁଣା ସୁନା ବଦଳାଇବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। ଦରବୃଦ୍ଧିକୁ ନେଇ ଚିନ୍ତିତ ଥିବା ଗ୍ରାହକମାନେ ନିଜ ପାଖରେ ଥିବା ସୁନାକୁ ବଦଳାଇଲେ ତାହାର ବର୍ତ୍ତମାନ ସମୟର ମୂଲ୍ୟ ପାଇପାରିବେ। ଫଳରେ ସେମାନଙ୍କୁ ସୁନା ଦରରେ ହୋଇଥିବା ଅହେତୁକ ବୃଦ୍ଧିର ସଂପୂର୍ଣ୍ଣ ଚାପ ବହନ କରିବାକୁ ପଡ଼ିବ ନାହିଁ। ଦିଲ୍ଲୀ ଏନସିଆରରେ ସୁନା ୧୦ ଗ୍ରାମ ପିଛା ୧ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ଆନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ ୩୪୦୭ ଡଲାର ଭଳି ଉଚ୍ଚସ୍ତରରେ ଥିବା ସୂଚନା ଦିଆଯାଇଛି। ତେବେ ସୁନାର ଏହି ବର୍ଦ୍ଧିତ ଦର ଗ୍ରାହକମାନଙ୍କୁ ଅକଳରେ ପକାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଡେଲାଙ୍ଗ ବୀଭତ୍ସ ହତ୍ୟା ନେଇ ପୁରୀ ଏସ୍‌ପିଙ୍କ ପ୍ରେସ୍‌ମିଟ୍

# ହତ୍ୟା ପଛରେ ଯୌନ ନିର୍ଯାତନା



ପୁରୀ, ୨୨।୪(ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଧୀନ ରତନପୁର ଗ୍ରାମରେ ୧୧ ବର୍ଷର ନାବାଳକ ଆଶୀର୍ବାଦର ଅତି ନିର୍ମମ ଭାବେ ହତ୍ୟା କରିବା ଘଟଣା ଏବେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏପ୍ରିଲ ୧୫ ତାରିଖ ସନ୍ଧ୍ୟାରୁ ନିଖୋଜ ଥିବା ଆଶୀର୍ବାଦର ମୃତ ଦେହ ଛଅ ଦିନ ପରେ ଏକ ସେପ୍ଟିକ ଟାଙ୍କିରୁ ଉଦ୍ଧାର କରିଥିଲା ପୋଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପ୍ରଭାକର ସାହୁ ଓରଫ ବାପିକୁ ଗିରଫ କରିଛି ପୋଲିସ। ଏହି ଘଟଣାର ତଦନ୍ତ ପରେ ପୁରୀ ଏସପି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ପ୍ରଭାକର ସାହୁ ଏକମାତ୍ର ଅଭିଯୁକ୍ତ ବୋଲି ଜଣାପଡ଼ିଛି। ହତ୍ୟାକାରୀ ଏକ ପରିତ୍ୟକ୍ତ ପିଲାଟିକୁ ବସାଇ ଥଣ୍ଡା ପିଆଇଥିଲା। ଟେନିସ୍ ବଲ୍ କିଣିବା ପାଇଁ ୧୦୦ ଟଙ୍କା ଦେଇଥିଲା ପ୍ରଭାକର। ଏହାପରେ ପିଲାଟିକୁ ଯୌନ ନିର୍ଯାତନା ଦିଆଯାଇଥିଲା। ଏହି ସମୟରେ ଘର ବାହାରେ ଗାଁ ଲୋକଙ୍କ ପାଟି ଶୁଭିଥିଲା। ଲୋକଙ୍କ ପାଟି ଶୁଣି ଆଶୀର୍ବାଦ କହିଥିଲା, ପଇସା ଦିଅ ନହେଲେ କହିଦେବି। ଲୋକଙ୍କ ପାଟି ଶୁଣି ଆଶୀର୍ବାଦର ପାଟି ଚିପି ଶ୍ୱାସରୁଦ୍ଧ କରିଥିଲା ଅଭିଯୁକ୍ତ ପ୍ରଭାକର କହିଛି। ପରେ ସେପ୍ଟିକ ଟାଙ୍କିରେ ପକାଇ ଦେଇଥିଲା ତେବେ ଟାଙ୍କିରେ ପଡ଼ିବା ପରେ ମୃତ୍ୟୁ • ପୃଷ୍ଠା ୫ ଦେଖନ୍ତୁ

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ୨ ପୋଲିସ କର୍ମଚାରୀ ମୃତ



କଟକ/ଭୁବନେଶ୍ୱର, ୨୨।୪(ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳେ କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣା ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସିଆରଆରଆଇ ଥାନା ପିସିଆର ଭ୍ୟାନ୍‌କୁ ଏକ ଟ୍ରକ୍ ଚାପିଦେବା ଫଳରେ ୨ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ପୋଲିସ କର୍ମଚାରୀ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କଟକ ଡିସିପି ରିଷିକେଶ ଖିଲାରୀ କହିଛନ୍ତି ଯେ • ପୃଷ୍ଠା ୫ ଦେଖନ୍ତୁ

### ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ
### ୧୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା



ବୋଲଗଡ଼ (ଭାସ୍କର ନ୍ୟୁଜ୍): :ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ତିରୋଧାନ ତଥା ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଅବସରରେ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାପିତ ପାଞ୍ଚ ମହାପୁରୁଷ ମହାତ୍ମା ଗାନ୍ଧି, ସୁଭାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଗୋପବଂଧୁ ଦାସ ଏବଂ ଜୟୀ ରାଜାଗୁରୁଙ୍କ ସମେତ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜା ଓ ବିଦ୍ୟାଳୟ ନିକଟରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ ବାବାଜୀ ଦାସଙ୍କ ପ୍ରତିମୂର୍ତ୍ତି ଓ ପ୍ରତ୍ୟେକ ପ୍ରତିମୂର୍ତ୍ତିର ଚତୁଃପାର୍ଶ୍ୱକୁ ସୋମବାର ଦିନ ବିଦ୍ୟାଳୟର କର୍ମଚାରୀ ନଳିନୀ ପ୍ରଧାନ ଏବଂ ଛାତ୍ରମାନେ ପରିଷ୍କାର ପରିଚ୍ଛନ୍ନ କରିବା ପରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପ୍ରତ୍ୟେକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଉପରେ ବର୍ଣ୍ଣିତ ସପ୍ତ ମହାପୁରୁଷଙ୍କ ଜୀବନୀ ଏବଂ ଆମର ପ୍ରିୟ ରାଜ୍ୟ ଓଡ଼ିଶା ଓ ରାଷ୍ଟ୍ର ପ୍ରତି ସେମାନଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଯଥାକ୍ରମେ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ, ଶିକ୍ଷକ ଦୀପ୍ତିରଞ୍ଜନ ଦାସ, ବିଶ୍ୱଜିତ ସରୋଜ କୁମାର, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ଶୁଭଶ୍ରୀ ଧଳ, ସ୍ମିତାସିନ୍ଧୁ ମହାପାତ୍ର, ନମିତା ସାହୁ ଆଲୋକପାତ କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଦ୍ୟାର୍ଥୀଙ୍କ ମଧ୍ୟରେ ସପ୍ତ ସଂଗ୍ରାମୀଙ୍କ ସମ୍ପର୍କରେ ଯଥାକ୍ରମେ ଶିକ୍ଷକ ଅଂଶୁମାନ ଧଳ ଓ ଦୀପକ କୁମାର ବେହେରା ଏବଂ ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି ଓ ଶ୍ରୋତାଲିନି ସାହୁ ବୋଦ୍ଧଜ୍ଞାନ ପ୍ରତିଯୋଗିତା ପରିଚାଳନା କରିଥିଲେ । କନିଷ୍ଠ ବିଭାଗରେ ଓମ ପ୍ରକାଶ ସାହୁ ଓ ବରିଷ୍ଠ ବିଭାଗରେ ଉଭୟ ପ୍ରହଲ୍ଲାଦ ବେହେରା ଓ ସାଇ ପ୍ରକାଶ ବେହେରା ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ନେହଲତା ପାଇକରାୟ ସମ୍ମିତ କେଦାର କର ଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ସୌଦାମିନି ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୈତୃକ ଜମିରେ ବେଆଇନ ରାସ୍ତା ନିର୍ମାଣକୁ ବିରୋଧ
## ଜିଲ୍ଲାପାଳ ଶୁଣିଲେ ଅଭିଯୋଗ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ପୈତୃକ ଜମିରେ ବେଆଇନ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କୁ ବିରୋଧ କରି ଜମି ମାଲିକ ବିଭିନ୍ନ ସରକାରୀ ମହଲ ସହିତ ଜିଲ୍ଲାପାଳଙ୍କ ଠାରେ ୧୧୬ ଥର ଅଭିଯୋଗ କରି ବେହାଲ ପରେ ସୋମବାର ଜିଲ୍ଲାପାଳ ଙ୍କ ଠାରୁ ପାଇଲେ ଆଶ୍ୱସନା । ୧୧୬ଥର ଅଭିଯୋଗ ପରେ ବି ଆଶା ନଛାଡ଼ି ଜମି ମାଲିକ ବି. ଦିବ୍ୟନନ୍ଦ ଶେଖର ବେହେରା ଆଜି ସମସ୍ୟା ସମାଧାନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ଓ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପୁନର୍ବାର ଅଭିଯୋଗ ପତ୍ର ଦାଖଲ କଲେ । ଜିଲ୍ଲାପାଳ ଆଜି ତାଙ୍କ ଅଭିଯୋଗକୁ ଗୁରୁତ୍ୱ ର ସହିତ ବିଚାର କରି ତୁରନ୍ତ ନ୍ୟାୟ ଦେବାକୁ ଯଶିପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ତତ୍କ୍ଷଣେ ବିବାଦୀୟ ଜାଗା ସ୍ଥଳୀକୁ ଯଶିପୁର ଥାନା ଅଧିକାରୀ ପହଞ୍ଚିଥିଲେ । ଏଥିରେ ଜମି ମାଲିକ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ବଢୁଛି ତାତି, ଲୋକେ ଡହଳ ବିକଳ
## ଦିନ ୧୧ଟାରୁ ରାସ୍ତାଘାଟ ଖାଁ ଖାଁ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଏପ୍ରିଲରେ ଜଳିଲାଣି ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ । ତାତିରୁ ନିସ୍ତାର ମିଳୁନି । ସବୁଦିନ ତାପମାତ୍ରା ୩୪ଡିଗ୍ରୀ ପାର କରୁଛି । ପ୍ରତିଦିନ ୨ଡିଗ୍ରୀ ଲେଖାଏଁ ତାପମାତ୍ରା ବଢ଼ିଚାଲିଛି । ଏପଟେ ତାତିକୁ, ସେ ପଟେ ଝାଞ୍ଜି ପବନରେ ଅସ୍ତବ୍ୟସ୍ତ ଅସ୍ତରଙ୍ଗ ଅଞ୍ଚଳବାସୀ । ଯଦିଓ କିଛି ଦିନ ପୂର୍ବେ କାଳବୈଶାଖୀ ବର୍ଷା ହୋଇଛି ତଥାପି ଦିନରେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି । ସାଧାରଣତଃ ଅପ୍ରେଲ ଶେଷ ଆଡକୁ ତାତି ବଢିବା ଆଶଙ୍କା କରାଯାଉଛି । ଚଳିତ ବର୍ଷ ଅସ୍ତରଙ୍ଗ ଅଞ୍ଚଳବିଭିନ୍ନ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଛି ବେଆଇନି ଇଟା ଭାଟି ।ଯାହା ଫଳରେ ଉତ୍ତାପ ସହ ଗରମ ଅନୁଭୂତ ହେଉଛି । ଦିନ ୧୦ପରେ ତାତି ଅନୁଭୂତ ହେଉଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇଯାଇଛି । ଟାଣ ଖରା, ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୀବନ ଦହଗଞ୍ଜ ହୋଇ ପଡୁଛି । ରାସ୍ତାଘାଟ ଖାଁ.. ଖାଁ । ପୂର୍ବରୁ ଜନଗହଳି ରହୁଥିବା ପୁରୀ ଜିଲ୍ଲାର ଅସ୍ତରଙ୍ଗ, ବସଷ୍ଟାଣ୍ଡ, ଅନ୍ୟ ଛକ ଗୁଡିକରେ ମଧ୍ୟ ଆଗଭଳି ଭିଡ଼ ଦେଖିବାକୁ ମିଳୁନାହିଁ । ତାତିରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ରୁମାଲ, ଗାମୁଛା, ଟାଓ୍ୱେଲ ଓ ମହିଳା ମାନେ ଓଢଣୀ ଘୋଡାଇ, ଛତା ଧରି ଯିବା ଆସିବା କରୁଥିବାର ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇନାହିଁ । ଆଶ୍ରୟ ନେବା ପାଇଁ ବ୍ୟସ୍ତ ବହୁଳ ସ୍ଥାନରେ ଏ ଯାଏଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲା ଯାଇନି । ପ୍ରଶାସନ ତରଫରୁ ଯେଉଁ ଜଳଛତ୍ର ଖୋଲାହୋଇଛି କେଉଁଠି କେବଳ ଫ୍ଲେକ୍ସ ମରାଯାଇଛି, କେଉଁଠି ମାଠିଆ ଗଡୁଛି ପାଣି ନାହିଁ । ଏ ନେଇ ସମାଜସେବୀ ରିଙ୍କୁ ମହାନ୍ତି କହିଛନ୍ତି ସ୍ଥାନୀୟ ପ୍ରଶାସନ ଆବଶ୍ୟକତା ଦେଖି ସମସ୍ତ ବ୍ୟବସ୍ଥା କରିବା ଆବଶ୍ୟକ । ଅବାଧରେ ଇଟାଭାଟି ଯୋଗୁଁ ସ୍ଥାନୀୟ ଅଞ୍ଚଳ ଗରମ ଅନୁଭୂତ ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର । ଯଦି ପ୍ରଦୂଷଣ ରୋକାଯାଇ ଜଙ୍ଗଲ ବଞ୍ଚାଇବା ଦିଗରେ ସରକାର ଚିନ୍ତା କରନ୍ତେ ତେବେ ଜଳବାୟୁ ପରିବର୍ତ୍ତନକୁ ରୋକଯାଇ ପାରିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି ।





# ଶ୍ରୀରାମଲୀଳା ଆଖଡ଼ାଶାଳରେ ବୃଷଭଙ୍କ ଆବିର୍ଭାବ

ଫୁଲନଖରା(ଭାସ୍କର ନ୍ୟୁଜ୍): ଗ୍ରାମ ଦେବତୀଙ୍କ ପ୍ରାଙ୍ଗଣରେ ଚାଲିଥିଲା ଶ୍ରୀରାମଲୀଳା କାର୍ଯ୍ୟକ୍ରମର ରିହର୍ସାଲ । ଉପସ୍ଥିତ ଥାଆନ୍ତି କୋଡିଏରୁ ଉର୍ଦ୍ଧ୍ୱ କଳାକାର । ତବଲା ଆଉ ହାରମୋନିୟମ ବାଜୁଥାଏ ।ଅଭିନୟ କରୁଥିବା କଳାକାରଙ୍କ ସଂଳାପର ଗର୍ଜନ ତର୍ଜନ ରେ ପ୍ରକମ୍ପିତ ହେଉଥାଏ ପରିବେଶ । ନାଟ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଗୋଟିଏ ପରେ ଗୋଟିଏ ଦୃଶ୍ୟ ଅଭିନୀତ ହୋଇଚାଲିଥାଏ । ସମୟ ପ୍ରାୟ ରାତ୍ରି ଦଶଟା । ଠିକ ସେତିକି ବେଳେ କେଉଠିଥିଲା ଏକ ବୃଷଭ ଆସି ହାଜର ହୋଇଗଲା ଗ୍ରାମଦେବତୀ ପ୍ରାଙ୍ଗଣ ର ଦ୍ୱାର ଦେଶରେ । ଉପସ୍ଥିତ ସମସ୍ତେ ଏହାକୁ ଏକ ସାମାନ୍ୟ ଘଟଣା ବୋଲି ଭାବିଥିଲେ । କିନ୍ତୁ ଦୀର୍ଘ ସମୟ ଧରି ବୃଷଭ ଟି ନିଜ ଆଗ ଗୋଡ଼ ଦୁଇଟିକୁ ଘର ର ପାହାଚ ଉପରେ ରଖି ଏକ ଲୟରେ କଳାକାରମାନଙ୍କୁ ଚାହିଁବା ସହିତ ସଂଳାପଗୁଡିକୁ ମନ ଧ୍ୟାନ ଦେଇ ଶୁଣିବାର ଦେଖି ସମସ୍ତେ ତଟସ୍ଥ ହୋଇଯାଇଥିଲେ । ସମସ୍ତଙ୍କୁ ଲାଗୁଥିଲା ସତେ ଯେମିତି ଦେବ ଦେବ ମହାଦେବ ନିଜ ଇଷ୍ଟ ଶ୍ରୀରାମ ଙ୍କର ଲୀଳା କୁ ସନ୍ଦର୍ଶନ କରିବାକୁ ପଳେଇ ଆସିଛନ୍ତି କି ଆଉ ।ଏହିପରି ଏକ ଅଲୌକିକ ଘଟଣା ଟିଏ ଘଟିଯାଇଛି ସିଏମସି ୫୯ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ରାମନଗର ଗ୍ରାମରେ । ଆଗକୁ ରାମଲୀଳା ହେବାକୁ ଥିବାରୁ ଗତକାଲି ଥିଲା ଗ୍ରାମର କଳାକାରମାନଙ୍କର ଅଭ୍ୟାସ କରିବାର ପ୍ରଥମ ଦିବସ । ନାଟ୍ୟ ଗୁରୁ ରାଧେଶ୍ୟମ ଜୁଝାରସିଂହ ଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ଆରମ୍ଭ ହୋଇଥିଲା ଅଭ୍ୟାସ ର ପର୍ବ । କିଛି ଘଣ୍ଟା ପରେ ଘଟିଥିଲେ ଏହି ଘଟଣା ଟି । କିଛି ସମୟ ରହିବା ପରେ ବୃଷଭ ଟି ନିଜ ବାଟରେ ଚୁପ ଚାପ ଘଟଣାସ୍ଥଳ ରୁ ଅପସରି ଯାଇଥିଲା । ପରେ ବୃଷଭଟିର ଆଉ ପତ୍ତା ମିଳି ନ ଥିଲା । ଏ ଦିବ୍ୟ ଘଟଣାକୁ ସାକ୍ଷାତରେ ଦେଖି ସବୁ କଳାକାରମାନେ ଭକ୍ତି ଭାବରେ ଜଡ଼ସଡ଼ ହୋଇଯାଇଥିବାର ଦେଖା ଯାଇଥିଲା ଗତ ୧୯ ବର୍ଷର ରାମଲୀଳା ଅଭିନୟ ଅଭ୍ୟାସ ସମୟରେ ଏପରି ଆଶ୍ଚର୍ଯ୍ୟଜନକ ଦୃଶ୍ୟ କେବେ ଦେଖିବାକୁ ମିଳି ନ ଥିଲା ବୋଲି ସୀତାଙ୍କ ଭୂମିକାରେ ନିଖୁଣ ଅଭିନୟ କରୁଥିବା କଳାକାର ବିନୋଦ ବେହେରା ମତ ଦେଇଛନ୍ତି । ପ୍ରଭୁଙ୍କ କାର୍ଯ୍ୟ କରିବା ପାଇଁ ମନ ଭିତରେ ପ୍ରେମ ଆଉ ନିଷ୍ଠା ରହିଲେ ଏଭଳି ଦିବ୍ୟ ଘଟଣା ଘଟିବା କିଛି ଅସମ୍ଭବ ନୁହେଁ ବୋଲି ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧାନେ' ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ପ୍ରକାଶ କରିଛନ୍ତି ।

# ରାଜ୍ୟ ତୈଳିକ ବୈଶ୍ୟ ସମାଜର ଅଧିବେଶନ



ବୋଲଗଡ(ଭାସ୍କର ନ୍ୟୁଜ୍): ଦଶବିଶ୍ୱା ରାଜ୍ୟ ତୈଳିକ ବୈଶ୍ୟ ସମାଜ ବୋଲଗଡ଼ର ସାଧାରଣ ଅଧିବେଶନ ହାଟବସ୍ତ ଗ୍ରାମର ମା'ଯୋଗମାୟାଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଘର ପତାକା ଉତ୍ତୋଳନ ପରେ ଦଶ ବିଶ୍ୱା ରାଜ୍ୟର ସଭାପତି ଗୌରାଙ୍ଗ ସାହୁଙ୍କ ଅଧକ୍ଷତାରେ ବୈଠକର ଅନୁଷ୍ଠିତ ହେଇଥିଲା । ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ତରୀୟ ଓ ଫୁଲମାଳ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ପରେ ପୂର୍ବ ବର୍ଷର ବିବରଣୀ ପଠନ କରାଯାଇଥିଲା । ରାଜ୍ୟର ବାର୍ଷିକ ହିସାବ ସମ୍ପାଦକ ବୀରେନ୍ଦ୍ର କୁମାର ସାହୁ ଉପସ୍ଥାପନ କରିଥିଲେ, । ବୈଠକରେ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ନୂତନ କୋଷାଧକ୍ଷ ରୂପେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସଭାପତି ଶ୍ରୀସାହୁ ସାଧବ ପୁଅ ମାନେ କିପରି ଦରିଆ ପାରି ହୋଇ ବେପାର ବାଣିଜ୍ୟ ଓ ଓଡିଶାର ରାଜସ୍ୱ ବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ ଓ ସେ ସମୟରେ ଶିକ୍ଷା ,ସ୍ୱାସ୍ଥ୍ୟ ସମାଜ ସେବାରେ ମଧ୍ୟ ସାଧବ ପୁଅ ମାନଙ୍କର ଅବଦାନ ରହିଥିଲା । ଉଦାହରଣ ରୂପେ ବୋଲଗଡ଼ ଅଞ୍ଚଳର ବାମନ ଉଚ୍ଚବିଦ୍ୟାଳୟ ଓ ପରମାନନ୍ଦ ମହାବିଦ୍ୟାଳୟକୁ ସାଧବ ପୁଅ ବାମନ ମହାପାତ୍ର ଓ ତାଙ୍କ ବଂଶଧର ଓ ଖୋର୍ଦ୍ଧା ବଘେଇ ଟାଙ୍ଗୀର ହଜାରି ସାହୁଙ୍କ ଅନେକ ମଠ ଓ ମନ୍ଦିର ନିର୍ମାଣର ଅବଦାନକୁ ମନେ ପକାଇଥିଲେ ।

# ଭାରତୀୟ ନୂତନ ଜାତୀୟ ଶିକ୍ଷାନୀତି ଶୀର୍ଷକ ସଂକୁଳସ୍ତରୀୟ ପ୍ରଶିକ୍ଷଣ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଆଦର୍ଶ ବୌଦ୍ଧିକ ଶିକ୍ଷକ ପରିବେଶ, ବୌଦ୍ଧିକ ଶିକ୍ଷା ପଦ୍ଧତି, ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଭାରତୀୟ ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଅସ୍ତରଙ୍ଗ ବ୍ଲକ ନିକଟସ୍ଥ କୁଅଁରପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କାକଟପୁର ସଂକୁଳ ସ୍ତରୀୟ ପ୍ରଶିକ୍ଷଣ ସୋମବାର ଦିନ ଶୁଭାରମ୍ଭ ହୋଇଥିବା ବେଳେ ଏହା ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରଶିକ୍ଷଣ ଶିବିରରେ କାକଟପୁର ସଂକୁଳ ଅଧୀନ କାକଟପୁର, ଅସ୍ତରଙ୍ଗ ଯୋଗେଶ୍ୱରପୁର, ବାଲିଦୋକାନ, ଆମପଡ଼ା ଓ ଓଥକା ପ୍ରମୁଖ ୬ଟି ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ, ଗୁରୁମା ଏବଂ ପ୍ରଧାନ ଆଚାର୍ଯ୍ୟ ମାନେ ଏହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । କାକଟପୁର ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ସମ୍ପାଦକ ବିଜୟକୁମାର ଭଞ୍ଜ, ସଭାପତି ରମାନାଥ ପରିଡା, ଉପସଭାପତି ବିପିନି ବିହାରୀ ମହାନ୍ତି, ସଂକୁଳ ସଂଯୋଜକ ତନ୍ମୟ କୁମାର ପାତ୍ର, ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପରିଡା ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଉଦଘାଟନୀ ଭାଷଣ ଏବଂ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଶିକ୍ଷକ ରବୀନ୍ଦ୍ର ସେନାପତି, ସୁବର୍ଣ୍ଣ ଚାନ୍ଦ, ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜାତୀୟ ଶିକ୍ଷାନୀତିର ମୌଳିକ ଶବ୍ଦ, ଧନ୍ଦାମୂଳକ ଶିକ୍ଷା, କଳା କୌଶଳ ଶିକ୍ଷା, ଜୀବନକୌଶଳ, କ୍ରୀଡା ଆଧାରିତ ଶିକ୍ଷା, ଭାରତୀୟ ଶିକ୍ଷା ମନୋବିଜ୍ଞାନ ଓ ଭାରତ ଦର୍ଶନ ସମ୍ପର୍କରେ ମୌଳିକ ତଥ୍ୟ ଓ ଅଭ୍ୟାସ ଧାରା ଆଲୋଚନା କରାଯାଇଛି ।ଏହି ପ୍ରଶିକ୍ଷଣ ରେ ୬ଟି ବିଦ୍ୟାଳୟର ଅନ୍ୟୁନ ୧୦୩ଜଣ ଶିବିରାର୍ଥୀ ଯୋଗଦାନ କରିଛନ୍ତି । ଶେଷରେ ବିଦ୍ୟାଳୟ ଗୁରୁଜୀ ପ୍ରଦୀପ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମଙ୍ଗଳା ମନ୍ଦିର ଉନ୍ନତି ପାଇଁ ସମାଜସେବୀ ବାସୁଦେବଙ୍କ ପଚାଶହଜାର ଟଙ୍କା ଦାନ



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ବଡ଼କୁମାରୀ ଗ୍ରାମପଂଚାୟତ ଅନ୍ତର୍ଗତ ବିଲଖଉରୁଣୀ ଗ୍ରାମର ସ୍ୱର୍ଗତ ଯୋଗୀ ସାହୁଙ୍କ ସୁଯୋଗ୍ୟ ସନ୍ତାନ ତଥା ସମାଜସେବୀ ବାସୁଦେବ ସାହୁ (ବାସୁ )କୋଡପଡା ଗ୍ରାମର ପ୍ରସିଦ୍ଧ ମଙ୍ଗଳାମନ୍ଦିର ର ଉର୍ନତି ତଥା ବିକାଶ ପାଇଁ ପଚାଶ ହଜାର ଟଙ୍କା ଆର୍ଥିକ ଅନୁଦାନ ଏକ ବ୍ୟାଙ୍କ ଚେକ ମାଧ୍ୟମରେ ମଙ୍ଗଳାମନ୍ଦିର ର ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ଦାନ କରିଅଛନ୍ତି ।ଦାତା ସମାଜସେବୀ ଶ୍ରୀ ସାହୁ ଏକାଧାରରେ ଜଣେ ଧର୍ମ ପରାୟଣ ପରାଉପକାରୀ ସ୍ନେହୀ, ମିଷ୍ଟଭାଷୀ, ପରିବେଶବିତ ଓ ସମାଜ ସେବକ ଅଟନ୍ତି । ଗରିବ ଅସହାୟ ଖଟିଖିଆ ଦିନ ମଜୁରିଆ, ଅଗ୍ନି ବିପନ୍ନ, ସ୍ୱାମୀ ପରିତ୍ୟକ୍ତ ବାପାମା ଛେଉଣ୍ଡ ଗରିବ ଲୋକମାନଙ୍କ ପିଲାଙ୍କର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସମାଜସେବୀ ଶ୍ରୀ ସାହୁ ସ୍ୱଇଚ୍ଛାରେ ସେମାଙ୍କୁ ପୋଷାକ ପତ୍ର ବହି. ଶାଢ଼ୀ, ଧୋତି. ଲୁଗା ଗାମୁଛା ଇତ୍ୟାଦି ମାଗଣା ରେ ଯୋଗାଇବା ସଂଗେ ସଂଗେ ଆର୍ଥିକ ସହାୟତା କରୁଅଛନ୍ତି । ମଙ୍ଗଳାମନ୍ଦିରର ଉନ୍ନତି ତଥା ନବୀକରଣ କାର୍ଯ୍ୟ ସୁନ୍ଦର ଭାବରେ ସମାପନ କରିବାକୁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ପୂଜକଙ୍କୁ ସମାଜସେବୀ ଶ୍ରୀ ସାହୁ ଯୋଡ ହସ୍ତରେ ନିବେଦନ କରିଅଛନ୍ତି ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଲିତୁଠ ଗଣିତ ଶିକ୍ଷକଙ୍କ ବଦଳି ମାମଲା ||||||||||||||||

# ବଦଳିକୁ ବିରୋଧ କରି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା




କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଲିତୁଠର ଗଣିତ ଶିକ୍ଷକ ଆଶାଲତା ବେହେରାଙ୍କୁ ମହାବୀର ଉଚ୍ଚ ବିଦ୍ୟାଳୟ ମଧ୍ୟ ଶାସନ କନ୍ଦରପୁରୁକୁ ଡେପୁଟେସନ୍ ରେ ବଦଳି କରାଯିବାରୁ ବାଲିତୁଠ ପଞ୍ଚାୟତ ସରପଞ୍ଚ,ଏରସମା ବ୍ଲକ ଉପାଧ୍ୟକ୍ଷ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି, ପରିଚାଳନା କମିଟିର ମେମ୍ବରମାନେ, ଅଭିଭାବକମାନଙ୍କ ସହିତ ସ୍କୁଲର ଛାତ୍ରଛାତ୍ରୀ ମାନେ ଦୁଇ ଘଣ୍ଟା ଧରି ସ୍କୁଲ ପରିସରରେ ଧାରଣାରେ ବସିଥିଲେ । ଖବର ପାଇ ଏରସମା ବ୍ଲକ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ ସ୍କୁଲ ନିକଟରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ କ୍ଲାସକୁ ଯିବାକୁ କହିଥିଲେ । ଛାତ୍ରଛାତ୍ରୀ ମାନେ ଏକାଜିଦ୍ ଧରିଥିଲେ ଆମର ଗଣିତ ଶିକ୍ଷକ ନ ଆସିବା ଯାଏ କ୍ଲାସକୁ ଯିବୁ ନାହିଁ କି ମଧ୍ୟାହ୍ନ ଭୋଜନ ଖାଇବୁ ନାହିଁ । ଛାତ୍ରଛାତ୍ରୀ ମାନେ ମଧ୍ୟାହ୍ନ ଭୋଜନ ନ ଖାଇକରି ଘରକୁ ଫେରି ଯାଇଛନ୍ତି । ଏହି ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ୨୨୦ ଜଣ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥିବା ଯୋଗୁଁ ଯଥାଶୀଘ୍ର ନୂତନ ଗଣିତ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ବାଲିତୁଠ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ବାଲିତୁଠ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ପ୍ରକାଶ କୁମାର ପରିଡ଼ା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ଚନ୍ଦ୍ର ରାଉତ, ସଦସ୍ୟ ରମାକାନ୍ତ ପରିଡ଼ା, ପଞ୍ଚସଖା ଶିକ୍ଷାସେତୁ କମିଟିର ସଦସ୍ୟ ଶିଶିର ରଞ୍ଜନ ଦାଶ, ଅଭିଭାବକ ଶିବ ଦାସ, ସମୀର ଦାସ, ଦେବଦତ୍ତ ସାମନ୍ତରାୟ, ରବିନ୍ଦ୍ର ନାଥ ବେହେରା, ପରୀକ୍ଷିତ ଦାସ, ଅଭିନ ବିଶ୍ୱାଳ, ଜ୍ୟୋତ୍ସ୍ନା ବେଜ, ପ୍ରଣତି ମଲ୍ଲିକଙ୍କ ସମେତ ବାଲିତୁଠ ପଞ୍ଚାୟତର ସମସ୍ତ ଅଭିଭାବକ ପକ୍ଷରୁ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ଡିଇଓ ନିରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର

ଫୁଲନଖରା (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ସାହିତ୍ୟ ପରିଷଦ କଟକ ଶାଖାର ଏକ ବୈଠକ ନୂଆପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମ ବଙ୍ଗରେ ହିନ୍ଦୁ ମାନଙ୍କ ପ୍ରତି ହେଉଥିବା ହିଂସା ପ୍ରତି ଗଭୀର ଶୋକ ପ୍ରକାଶ କରା ଯାଇଥିଲା । ଆଗାମୀ ଦିନ ମାନଙ୍କରେ ଯୁବପୀଢ଼ି ମାନଙ୍କୁ ରାଷ୍ଟ୍ରବାଦୀ



ଭାବନାରେ ଯୋଡିବା ପାଇଁ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ମାନ କରାଯିବା ନେଇ ଆଲୋଚନା କରା ଯାଇଥିଲା । ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ମଣ୍ଟୁ ଜେନା,ସାହିତ୍ୟିକ ଚୈତନ୍ୟ ପ୍ରସାଦ ରାଉତ,ଶିକ୍ଷାବିତ୍ ଡଃ.ସନ୍ତୋଷ କୁମାର ପଣ୍ଡା,ବ୍ୟଙ୍ଗ କବି ସୁଶିଲ କୁମାର ରାଉତ,ଇଂ.ସେବକ ଶ୍ରୀକାନ୍ତ,କବି ଗୀତାଞ୍ଜଳି ପୃଷ୍ଟି,ସାହିତ୍ୟିକା ବନିତା ପତି,ସାହିତ୍ୟିକ ଅରବିନ୍ଦ କର, ଶିକ୍ଷାବିତ୍ ଗୋବିନ୍ଦ କୁମାର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ଆଗାମୀ ଦିନ ମାନଙ୍କ ରେ ବିଭିନ୍ନ ସାମାଜିକ ଗଣ ମଧ୍ୟମ ଓ ପତ୍ରପତ୍ରିକା ମାନଙ୍କରେ ରାଷ୍ଟ୍ରବାଦୀ ଚିନ୍ତାଧାରାର ଲେଖାମାନ ପ୍ରକାଶିତ କରି ଏହାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା ।

# ସମାଜସେବୀ ସୁଜିତ୍‌ଙ୍କ ଦୁର୍ନୀତି ବିରୁଦ୍ଧରେ ଲଢେଇ

କୋରେଇ(ଭାସ୍କର ନ୍ୟୁଜ୍): କଥାରେ ଅଛି ସମାଜ ସୁଧାରିବାକୁ ହେଲେ ଆଗ ନିଜକୁ ସୁଧାରିବାକୁ ପଡିବ ।ଏହିଭଳି ଏକ ବାର୍ତ୍ତା ସୁଜିତ କୁମାର ସାହୁ ଦେଇଛନ୍ତି । ସେ ଆଜି ସାଥି ସୁରେନ୍ଦ୍ର ବରାଳଙ୍କ ସହିତ ମିଶି ମା' ମଙ୍ଗଳା ନାମକ ଏକ ଟ୍ରଷ୍ଟ ଗଠନ କରିବା ସହିତ ଏହି ଟ୍ରଷ୍ଟ ନାମରେ ଏକ ବୃଦ୍ଧାଶ୍ରମ କରିବା ଓ ସମାଜ ରେ ହେଉଥିବା ଦୁର୍ନୀତି ବିରୁଦ୍ଧରେ ଲଢ଼ିବା ଏହି ଟ୍ରଷ୍ଟର ପ୍ରଥମ କାମ ବୋଲି ହୋଟେଲ ରୟାଲ କଳିଙ୍ଗ ରେ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିବା ସହିତ ପାଣିକୋଇଲି ଶେଷ ପରିଚୟ ବୃଦ୍ଧାଶ୍ରମ କୁ କିଛି ପଇସା ଦାନ କରିଥିଲେ । ଶ୍ରୀ ସାହୁ ସମାଜକୁ ସୁଧାରିବା ପୂର୍ବରୁ ଆଗ ନିଜକୁ ସୁଧାରିବା ପାଇଁ ସେ ପ୍ରଥମେ ନିଜ ପତ୍ନୀ ଲିପ୍ସାରାଣୀ ରାଉତଙ୍କ ନାମରେ ଆଣି ତାଙ୍କୁ ଚାକିରୀରୁ ବରଖାସ୍ତ କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳ, ରାଜ୍ୟ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ କି ଶୋଷ ଥାନା ଅନ୍ତର୍ଗତ ତେନ୍ତୁଳିପଦୀ ଗ୍ରାମର ଲିପ୍ସା ରାଣୀ ରାଉତ ପି -ବସନ୍ତ କୁମାର ରାଉତ,ଯେକି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବି ଏନ କେ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ ରେ ଅକ୍ଟୋବର -୨୦୨୪ ରୁ ଜଣେ କନିଷ୍ଠ ଶିକ୍ଷକ ରୂପେ କାର୍ଯ୍ୟରତ, ସେ ଚାକିରୀ ସର୍ତ୍ତବଳୀକୁ ପୂରଣ ନକରି ଚାକିରୀ ହାତେଇଥିବା ଅଭିଯୋଗ ତାଙ୍କ ସ୍ୱାମୀ ସୁଜିତ କରିଛନ୍ତି । ପ୍ରଥମେ ସେ ଜଣେ ସ୍ୱଚ୍ଛଳ ବର୍ଗର ହୋଇଥିବା ବେଳେ ନିଜକୁ ଆର୍ଥିକ ଅନଗ୍ରସର ବୋଲି ଦର୍ଶାଇଛନ୍ତି । ଚାକିରୀ କରି ମଧ୍ୟ ସେ ପିଏମ କିଷାନ ଯୋଜନାରେ ଜଣେ ହିତାଧିକାରୀ ଅଛନ୍ତି, ବଡ଼ କଥା ହେଉଛି ଚାକିରୀରେ ଯୋଗ ଦେଇ ସେ ପ୍ରଥମ ଦିନରୁ ସବୈତନିକ ମାତୃତ୍ୱ ଛୁଟି ନେଇଛନ୍ତି, ଯାହାକି ନିୟମ -୧୬ କୁ ଭାଙ୍ଗିଛନ୍ତି । ଏହା ବାଦ ତାଙ୍କ ନାମରେ ଏକ ଅପରାଧୀକ ମାମଲା ରହିଛି ।ଏତେ ସବୁ କଳା କାରନାମା କୁ ଘୋଡ଼େଇବା ପଛରେ ତାଙ୍କ ଭିଣୋଇ ଅଜୟ କୁମାର ସାହୁ ଯେକି ଜଣେ ଓଏସ ଅଫିସରଙ୍କ ହାତ ରହିଛି ବୋଲି ଅଭିଯୋଗ ହେଉଛି । ଏନେଇ ସୁଜିତ ଚଳିତ ମାସ ୯ ତାରିଖ କେନ୍ଦୁଝରର ଜିଲ୍ଲାପାଳ,ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଥିବା ଜଣା ପଡିଛି । ଏଥିପାଇଁ ଅନେକ ଯୋଗ୍ୟ ବ୍ୟକ୍ତି ବି ଚାକିରିରୁ ବଞ୍ଚିତ ହେଉଛନ୍ତି । ଅଭିଯୋଗକୁ ବିଧିବଦ୍ଧ ତଦନ୍ତ କରି ଲିପ୍ସାରାଣୀଙ୍କୁ ଚାକିରୀ ରୁ ବରଖାସ୍ତ କରିବା ସହିତ ଯେଉଁ ସରକାରୀ ଅଧିକାରୀ ଏଭଳି ଅନୀତି କାର୍ଯ୍ୟରେ ଲିପ୍ତ ଅଛନ୍ତି ତାଙ୍କୁ ଦଣ୍ଡ ପ୍ରଦାନ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ ଙ୍କୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ନିବେଦନ କରିଛନ୍ତି ।



କଟକ(ଭାସ୍କର ନ୍ୟୁଜ): ବାରବାଟୀ–କଟକ ବିଧାୟିକାଙ୍କ ଆହ୍ୱାନ କ୍ରମେ ଅପରାହ୍ନରେ କଟକ ମହାନଗର ନିଗମର କର୍ତ୍ତୃପକ୍ଷଙ୍କ ସହ ସିଏମସି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଏମସି ଅତିରିକ୍ତ କମିସନରଙ୍କ ସହ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ରହି କଟକ ସହରର ବିଭିନ୍ନ ସମସ୍ୟା ସଂପର୍କରେ ବିଶଦ ବିବରଣୀ ଉପସ୍ଥାପନ କରିଥିଲେ । ଦୁଇ ମାସ ପରେ ମୌସୁମୀ ବର୍ଷା ଆସିବ କିନ୍ତୁ ଏବେ ସୁଦ୍ଧା କୌଣସି ବଡ ବା ଛୋଟ ଡ୍ରେନରୁ ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ ନହୋଇଥିବାରୁ ବିଧାୟିକା ସୋଫିଆ ଫିର୍ଦୌଷ ଅସନ୍ତୋଷ ପ୍ରକାଶ କରିଛନ୍ତି । ଧାର୍ଯ୍ୟ କରାଯାଇଥିବା ଅପ୍ରେଲ ୩୦ ପୂର୍ବରୁ ଯେଉଁ ଏଜେନ୍ସି ସିଏମସିର ସମସ୍ତ ଡ୍ରେନ କାମ ସମାପ୍ତ କରିନଥିବା ସେହି ଏଜେନ୍ସିଗୁଡିକୁ କୌଣସି ଅନୁକମ୍ପା ନଦେଖେଇ ତୁରନ୍ତ ବ୍ଲାକ ଲିଷ୍ଟ କରିବା ସହ ତାଙ୍କୁ ଆଉ କେବେ କୌଣସି ଟେଣ୍ଡର ପ୍ରକ୍ରିୟାରେ ସାମିଲ ନ କରାଇ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଧାୟିକା କହିଥିଲେ । ବର୍ଷା ଦିନ ପାଇଁ ସିଏମସିର ସମସ୍ତ ପମ୍ପଗୁଡିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ପାଣି ନିଷ୍କାସନ ପାଇଁ ମହଜୁଦ ରଖିବା ଦିଗରେ ଗୁରୁତ୍ୱ ଦେଇଥିଲେ । ଜଳ ନିଷ୍କାସନରେ ଅବରୋଧ ହେଉଥିବା ସ୍ଥାନର ସମସ୍ୟାରେ ତୁରନ୍ତ ସୁଧାର ଆଣିବା ପାଇଁ ପରାମର୍ଶ ଦେଇଥିଲେ । ମଶା ତେଲ ସହ ଧୂଆଁ ସବୁଦିନ ପକାଇବାକୁ କହିଥିଲେ । ସିଡିଏ, ସିଏମସି ଓ ୱାଟକୋ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କହିଥିଲେ ।



### କୋଟିଆ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସ୍ଥିତି ଅନୁଧ୍ୟାନ ପାଇଁ ଗଠିତ ହେବ 'କମିଟି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ପଞ୍ଚାୟତ ସଂପର୍କରେ ସମୀକ୍ଷା କରି ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବୈଠକରେ ଏ ସଂପର୍କରେ ବିସ୍ତୃତ ଆଲୋଚନା ହେବା ପରେ ଏହାର ସମାଧାନ ପାଇଁ ଏକ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ । ଏହି କମିଟି ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବେ । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେଓରଂଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ସଚିବ, ପୋଲିସ ମହାନିର୍ଦ୍ଦେଶକ, ୱାଇ.ବି. ଖୁରାନିଆ ଏବଂ କୋରାପୁଟ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ । ନବରଂଗପୁର ଠାରୁ ଆଭାସୀ ଜରିଆରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଡି ହୋଇଥିଲେ ।

## କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫ ପରିଦର୍ଶନ କଲେ ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କ୍ରେଡାଇ ଓଡ଼ିଶାର ବାର୍ଷିକ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫ ବେଶ ଉତ୍ସାହର ସହ ଚାଲିଛି, କାରଣ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କେବଳ ରିଅଲ ଇଷ୍ଟେଟ ଠାରୁ ଆଗକୁ ଯାଇ ଘର ସଜ୍ଜା, ନିର୍ମାଣ ଏବଂ ଜୀବନଶୈଳୀ ସମାଧାନରେ ନୂତନ ଚିନ୍ତାଧାରାକୁ ପାଳନ କରୁଛି । ମଙ୍ଗଳବାର ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏକ୍ସପୋର ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିଛନ୍ତି । କଟକ ବିଧାୟକ ସୋଫିଆ ଫିରଦୌସ ମଧ୍ୟ ଏକ୍ସପୋ ପରିଦର୍ଶନ କରିଥିଲେ । ଉଦଘାଟନୀ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କ୍ରେଡାଇ ଓଡ଼ିଶାର ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ, ହୋମ୍ ଆଣ୍ଡ ଡେକୋର ଏକ୍ସପୋ ଭଳି କାର୍ଯ୍ୟକ୍ରମ କେବଳ ଘର କ୍ରେତାମାନଙ୍କୁ ଜ୍ଞାନ ଓ ବିକଳ୍ପ ସହିତ ସଶକ୍ତ କରେ ନାହିଁ ବରଂ ଗୃହ ନିର୍ମାଣ ଓ ସଜ୍ଜା କ୍ଷେତ୍ରରେ ଉଦ୍ଭାବନ ଓ ସହଯୋଗକୁ ପ୍ରୋତ୍ସାହିତ କରିଥାଏ । ଏପ୍ରିଲ ୨୦ରୁ ୨୯ ଏପ୍ରିଲ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିବାକୁ ଥିବା ଏହି ଏକ୍ସପୋରେ ଶ୍ରେଷ୍ଠ ବିଲଡର, ଆର୍ଥିକ ଅନୁଷ୍ଠାନ, ବିଲ୍ଡିଂ ମ୍ୟାଟେରିଆଲ ନିର୍ମାତା, ଇଲେକ୍ଟ୍ରୋନିକ୍ସ ଓ ଇଲେକ୍ଟ୍ରିକାଲ୍ ଫାର୍ମ, ଇଂଟେରିୟର ଡିଜାଇନର, ଟାଇଲ୍ ଓ ସାନିଟାରି ୱେୟାର ବ୍ରାଣ୍ଡ୍ ଆଦି ବିଭିନ୍ନ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିବେ । ଆଶାୟୀ ଘର ମାଲିକ, ରିଅଲ୍ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଇଣ୍ଟେରିୟର ଡିଜାଇନ୍ ପ୍ରଫେସନାଲଙ୍କୁ ସମାନ ଭାବରେ ସମାଧାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଅଂଶଗ୍ରହଣକାରୀମାନେ ସ୍ମାର୍ଟ ହୋମ୍ ଟେକ୍ନୋଲୋଜି, ସ୍ଥାୟୀ ନିର୍ମାଣ ସମାଧାନ ଏବଂ ଭବିଷ୍ୟତରେ ପ୍ରସ୍ତୁତ ଜୀବନଶୈଳୀ ଉତ୍ପାଦଗୁଡ଼ିକର ଅତ୍ୟାଧୁନିକ ଅନୁସନ୍ଧାନ କରିପାରିବେ । ଏହି ଏକ୍ସପୋରେ ଗୃହ ନିର୍ମାଣ, ଆଭ୍ୟନ୍ତରୀଣ ସଜ୍ଜା ଏବଂ ସହରାଞ୍ଚଳ ଜୀବନଶୈଳୀର ସାମ୍ପ୍ରତିକ ଏବଂ ଉଦୀୟମାନ ଧାରା ଉପରେ ଇଣ୍ଟରାକ୍ଟିଭ୍ ଅଧିବେଶନ, ବିଶେଷଜ୍ଞ ପ୍ୟାନେଲ ଏବଂ ଶିକ୍ଷ ଆଲୋଚନା ମଧ୍ୟ ରହିବ । କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫ ସମସ୍ତଙ୍କ ପାଇଁ କିଛି ନା କିଛି ପ୍ରତିଶ୍ରୁତି ଦେଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ଡିଏସ୍ ତ୍ରିପାଠୀ, ଉପାଧ୍ୟକ୍ଷ ବିନୟ କୃଷ୍ଣ ଦାସ, ସେକ୍ରେଟାରୀ ଅନିଲ ଅଗରୱାଲ, ସଭାପତି ସ୍ୱଦେଶ କୁମାର ରାଉତରାୟ, ସଭାପତି ଉମାଶଙ୍କର ପାଣିଗ୍ରାହୀ, ଉପସଭାପତି ଉମେଶ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନିମନ୍ତେ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ କରିବା ପାଇଁ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଏସବିଏମ୍ ଆଡ଼ଭାଇଜର ନାମକ ସଂସ୍ଥା ଓଡ଼ିଶାରେ ଦୁଗ୍ଧ ବିକାଶ ମାଧ୍ୟମରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ । ଏହି ବୈଠକରେ ଶ୍ରମ, କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଢ଼ା ଯାଇଥିବା ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି । ବର୍ତ୍ତମାନ ସରକାର ଦାଦନ ଶ୍ରମିକ ଜନିତ ସମସ୍ୟାକୁ ଗୁରୁତ୍ୱର ସହ ନେଉଛନ୍ତି । ଦାଦନ ପ୍ରବଣ ପ୍ରତ୍ୟେକଟି ଜିଲ୍ଲାର କାରଣ ଭିନ୍ନ ଭିନ୍ନ ଅଟେ । ଏହାକୁ ବିଶ୍ଳେଷଣ କରି ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଗୋପାଳନ କରି ସେଥିରୁ ଦୁଗ୍ଧ ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଉତ୍ପାଦ ଉତ୍ପାଦନ କରି ଗ୍ରାମୀଣ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିହେବ । ବିଶେଷକରି ମହିଳାଙ୍କୁ ସ୍ୱାବଲମ୍ବୀ କଲେ ଓ ସେମାନଙ୍କୁ ବର୍ଷ ତମାମ ରୋଜଗାରର ଉତ୍ସ ଯୋଗାଇପାରିଲେ ଦାଦନ ଶ୍ରମିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା । ସରକାରୀ ଯୋଜନାର ପ୍ରଣୟନ ସହିତ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଏସବିଏମ୍ ଆଡ଼ଭାଇଜର କମ୍ପାନୀର ପ୍ରତିନିଧି ଅନୁରୋଧ କରିଥିଲେ । ବୈଠକରେ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଚିତ୍ରା ଅରୁମୁଗମ, ସୁରେଶ କୁମାର ବଶିଷ୍ଠ, ଏସ ଏନ ଗିରୀଶ, କୃଷି ବିଭାଗ, ଶ୍ରମ ବିଭାଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ୟୁପିଏସ୍‌ସି କୃତକାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୟୁପିଏସସି ପରୀକ୍ଷାରେ କୃତକାର୍ଯ୍ୟ ଓଡ଼ିଶାର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସିଭିଲ ସେବା ପରୀକ୍ଷା - ୨୦୨୪ ପରୀକ୍ଷାରେ ସଫଳତା ହାସଲ କରିଥିବା ଓଡ଼ିଶାର ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଉତ୍ତମ ଜନସେବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ । ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସେବା ମନୋଭାବ ସମସ୍ତଙ୍କ ବ୍ରତ ହେଉ । ସରକାରୀ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପାରଦର୍ଶୀ ପ୍ରଶାସନ ଗଠନ ଦିଗରେ ସମସ୍ତେ ଏକନିଷ୍ଠ ହୋଇ କାର୍ଯ୍ୟ କରନ୍ତୁ । ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଗୋଲେଇ ଛକ ନିକଟ ବେଆଇନ ଟ୍ରକ୍ ରହଣି ଫାଙ୍କା ସ୍ଥାନରେ ଏକ ବୁଦା ମୂଳରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଖବର ପାଇ ଜଗତପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଶବ ଜବତ କରିଛି । ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ସମୟର ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ କୌଣସି ସୂତ୍ରରୁ ଖବର ପାଇ ମୃତକଙ୍କୁ ହତ୍ୟା ନାଁ ଅନ୍ୟ କୌଣସି କାରଣ ଥାଇପାରେ ବୋଲି ସନ୍ଦେହ କରି ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କୁ ଖବର ଦେଇଥିଲେ । ଶ୍ରୀ ସ୍ୱାଇଁ ଘଟଣା ସ୍ଥଳରେ ପହଁଚି ଯୁବକଙ୍କ ଯାଞ୍ଚ କରିବା ସହ ସାବିତ୍ରୀ ସେଚ୍ଛାସେବିର ଆମ୍ବୁଲାନ୍ସ ଯୋଗେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ମେଡ଼ିକାଲକୁ ପଠା ପଠାଇବା ବ୍ୟବସ୍ଥା କରିଛନ୍ତି । ବିନା ସାଇଣ୍ଟିଫିକ ଟିମ୍‌ରେ ମୃତକଙ୍କ ଶବକୁ ତରବରିଆ ଭାବେ ମେଡିକାଲ ପଠେଇ ଦେବା ଘଟଣାକୁ ନେଇ ବୁଦ୍ଧିଜିବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବରିଷ୍ଠ ନେତା ଶାକ୍ୟସିଂହ ମିଶ୍ରଙ୍କ ପରଲୋକରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶାକ୍ୟସିଂହ ମିଶ୍ରଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ଦୀର୍ଘଦିନ ହେବ ନିମୋନିଆ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । ଜଣେ ଦୃଢ଼ ସଂଗଠକ ଭାବେ ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ତାଙ୍କ ବିୟୋଗରେ ଦଳରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହ ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

## ଗରମ ଓ ଗୁଳୁଗୁଳି ଯୋଗୁ ୫୦ରୁ ଅଧିକ ଅସୁସ୍ଥ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗରମ ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ହେଲେଣି ୫୦ରୁ ଅଧିକ ଲୋକ । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠେଇ ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ସବୁ ମେଡିକାଲକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଲର୍ଟ କରାଯାଇଛି । ଅଂଶୁଘାତ ପାଇଁ ଜିଲ୍ଲା ସ୍ତରୀୟ ହସ୍ପିଟାଲରେ ୬ଟି, ସବଡ଼ିଭିଜନ ସ୍ତରୀୟ ମେଡିକାଲରେ ୪ଟି ସିଏଚସିରେ ୨ଟି ବେଡ୍ ପ୍ରସ୍ତୁତ ରଖାଯାଇଛି । ଜରୁରୀ କାମ ନଥିଲେ ଦିନ ୧୦ଟା ପରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ଅନ୍ୟପଟେ ଏ ପର୍ଯ୍ୟନ୍ତ ରାଜ୍ୟରେ ଗୋଟିଏ ବି ଅଂଶୁଘାତ ଜନିତ ଘଟଣା ସାମ୍ନାକୁ ଆସିନଥିବା କହିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

## ରାଜଧାନୀରେ କଳା ପଲସର ଆତଙ୍କ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ପୁଣି କଳା ପଲସର୍ ଆତଙ୍କ । ଗହଳି ସ୍ଥାନରେ ଝଂପି ନେଲେ ଯୁବତୀଙ୍କ ଭ୍ୟାନିଟି ବ୍ୟାଗ୍ । ଭ୍ୟାନିଟି ବ୍ୟାଗ୍ ନଛାଡ଼ିବାରୁ ଯୁବତୀଙ୍କୁ ରାସ୍ତାରେ ଘୋଷାଡି ନେଲେ ଦୁଇ ଲୁଟେରା । ଶେଷରେ ଖଣ୍ଡିଆ ଖାବରା ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯୁବତୀ । କ୍ୟାପିଟାଲ ଥାନା ପୋଲିସ ଘଟଣାର ଯାଞ୍ଚ କରୁଛି ।

## ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଢେଙ୍କାନାଳର ଲୋକପ୍ରିୟ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣିଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ଆପଣଙ୍କ ନେତୃତ୍ୱରେ ଢେଙ୍କାନାଳ ତଥା ରାଜ୍ୟର ପ୍ରଗତି ଜାରି ରହୁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ତଳସରା ନାବାଳିକା ଦୁଷ୍କର୍ମ ଘଟଣାକୁ ନେଇ ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ତଳସରା ଠାରେ ହୋଇଥିବା ନାବାଳିକା ଦୁଷ୍କର୍ମ ଘଟଣାର ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏହି କମିଟିରେ ବିଧାୟକ ସି.ଏସ ରାଜନ ଏକ୍କା ଅଧ୍ୟକ୍ଷ ରହିଥିବା ବେଳେ, ଶ୍ରୀମତୀ ଅମିତା ବିଶ୍ୱାଳ, ଶ୍ରୀମତୀ ଅନିମା ମିଞ୍ଜ ଓ ନିର୍ମଳ ନାୟକ ସଭ୍ୟ ଭାବରେ ରହିଛନ୍ତି ବୋଲି ପିସିସି ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି ।

### ୨୦% ଫି' ବୃଦ୍ଧି ବନ୍ଦ ନ କରିବା ପାଇଁ ସ୍କୁଲର ନୂଆ ଚାଲ୍

# ରାଜନୀତିର ପଶାପାଲିରେ ବିଜେଇଏମ୍ ସ୍କୁଲ




**ଆମରଣ ଅନଶନ ପାଇଁ ଅଭିଭାବକ ସଂଘ ପକ୍ଷରୁ ନିର୍ଦ୍ଦେଶକଙ୍କୁ ଦାବି ପତ୍ର**

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତ ୨୧ତାରିଖ ସନ୍ଧ୍ୟା ୬ଟାରେ କିଛି ଯୁବକ ସ୍କୁଲ ଭିତରକୁ ଯିବା ଖବର ମିଳିଲା । ଖବର ନେବାରେ ଜଣାପଡିଛି ଯେ ସ୍କୁଲ ଅଧ୍ୟକ୍ଷା ସନ୍ଧ୍ୟା ଜେନା ଓ ମ୍ୟାନେଜର ପ୍ରତାପ ଜେନା ସେମାନଙ୍କୁ ଡାକିଥିଲେ । ୧୦ରୁ ୧୫ ଜଣ ଯୁବକ ଯାଇଥିଲେ । ସେଠାରେ ଦୀର୍ଘ ସମୟ ଧରି ବିଜୁ ଜନତା ଦଳ ଅଭିଭାବକ ସଂଘ ନୂଆ ତିଆରି କରି ଏକ ପ୍ରେସ ବୈଠକ ଡାକିବା ପାଇଁ ଯୋଜନା ପ୍ରସ୍ତୁତ ହେଲା । ସ୍କୁଲରେ ଚାକିରି କରୁଥିବା ବିଚିତ୍ର କୁମାର ରାଉତ ସବୁ ଟାଇପ କରି ସମସ୍ତ ପ୍ରେସକୁ ମେଲ କରାଯାଇଥିଲା । ସ୍କୁଲର ଜଣେ ଶିକ୍ଷୟିତ୍ରୀ ବହୁତ ପ୍ରେସକୁ ହ୍ୱାଟ୍ସଆପ୍ ଗ୍ରୁପରେ ପ୍ରେସ୍ କନଫରେନ୍ସର ଚିଠି ପଠେଇ ଥିବା ଜଣାପଡ଼ିଛି ଓ ସ୍କୁଲ ନା କହିବନି ବୋଲି କହିଛନ୍ତି । ସ୍କୁଲର ଏକ ନମ୍ବର ଗେଟ୍ ସିସି କ୍ୟାମେରା ଯାଞ୍ଚ କରିବା ପାଇଁ ମଙ୍ଗଳବାର ଏକ ପ୍ରେସ ବିଜ୍ଞପ୍ତିରେ ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘ ଦାବି କରିଛି । ରାତିରେ କୋଉମାନେ ସ୍କୁଲ ଆସିଥିଲେ ଓ କାହିଁକି ଆସିଥିଲେ । ତୁରନ୍ତ ଯାଞ୍ଚ କରିବା ପାଇଁ ସଂଘ ଦାବି କରିଛି । ଆଜି ଏକ ୩୦ ଜଣିଆ ପ୍ରତିନିଧି କମିଟି ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗକୁ ଭେଟି ଏକ ଘଣ୍ଟା କାଳ ଆଲୋଚନା କରିଥିଲେ । ପୂର୍ବରୁ ଦିଆଯାଇଥିବା ଅଭିଯୋଗ ତଦନ୍ତ କାଲି ସୁଧା ଡିଇଓଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଟିକିନିଖି ତର୍ଜମା କରିଥଲେ । ପୁଣିଥରେ ଆପଣମାନଙ୍କୁ ଡାକି ଆଲୋଚନା କରିବେ ବୋଲି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲୁ ରହିଛି ଓ ବିଧାୟକ ଶ୍ରୀ ବାବୁ ସିଂଙ୍କ ନିର୍ଦ୍ଦେଶରେ ସ୍କୁଲ ଫି ବୃଦ୍ଧିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିବା ପରେ ହଠାତ୍ ଏକ ଫେକ୍ ବିଜୁ ଜନତା ଦଳ ଅଭିଭାବକ ସଂଘ ମ୍ୟାନେଜର ପ୍ରତାପ ଜେନା ଓ ଅଧ୍ୟକ୍ଷ ସନ୍ଧ୍ୟା ଜେନା ତିଆରି କରିଛନ୍ତି । ଆଜି ସେହି ଫେକ ଅଭିଭାବକ ସଂଘ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ ବିରୁଦ୍ଧରେ ସାନ୍ଧ୍ୟ ୫ଟା ସମୟରେ ଏକ ପ୍ରେସ୍ ବୈଠକ ବଡଗଡ ଗ୍ରାମ ଦୁର୍ଗାପୂଜା ମଣ୍ଡପକୁ ଡକାଯାଇଛି । ତୁରନ୍ତ ତଦନ୍ତ କରି ଫେକ୍ ଅଭିଭାବକ ସଂଘକୁ ତିଆରି କରିଥିବା ସ୍କୁଲ ମ୍ୟାନେଜର ପ୍ରତାପ ଜେନା ଓ ସନ୍ଧ୍ୟା ଜେନାଙ୍କୁ ଗିରଫ ପାଇଁ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ବଡଗଡ ଥାନା ଓ ଡିସିପିଙ୍କୁ ଏଫ୍ଆଇଆର ଦେଇଥିବା ଜଣାପଡିଛି । ୨୪ ବର୍ଷ ଧରି ଆର୍ଥିକ ଅନିୟମିତତାରୁ ବଞ୍ଚିବା ପାଇଁ ଦୀର୍ଘଦିନ ଧରି ଜୋରଜବରଦସ୍ତ ନିଜ ସ୍କୁଲ କହି ଅଭିଭାବକଙ୍କୁ ଶୋଷଣ କରି ଚାଲିଛି । ଏକ ପ୍ରେସ ବିଜ୍ଞପ୍ତିରେ ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ନୂଆ ଅଭିଭାବକ ସଂଘ ହେଲେ ଆମେ ସ୍ୱାଗତ କରିବୁ ବୋଲି କହିଛନ୍ତି ସଂଘ ସଭାପତି ରଂଜନ କୁମାର ଦାସ । ଯେତେ ସଂଘ ତିଆରି ହେବ, ଅଭିଭାବକଙ୍କ ସ୍ୱର ଉଠିବା ପାଇଁ ମଜା ଲାଗିବ । ଅଭିଭାବକ ମାନେ ନ୍ୟାୟ ପାଇବେ । କିନ୍ତୁ ୨୦% ଫି ବନ୍ଦ, ସ୍କୁଲ ଫେକ୍ ପରିଚାଳନା କମିଟିକୁ ଭାଙ୍ଗି ନୂଆ କମିଟି ଗଠନ ଓ ୨୪ ବର୍ଷର ଆର୍ଥିକ ଅନିୟମିତତାର ଟିକିନିଖି ତଦନ୍ତ ଦାବି କରି ଆଜିର ପ୍ରେସ କନଫେରେନ୍ସରେ ଉତ୍ତର ଦେଲେ ଲଢ଼ିବା ପାଇଁ ମଜା ଲାଗିବ । ଅଭିଭାବକମାନେ ନ୍ୟାୟ ପାଇବେ । ୪୦୦୦ ପରିବାର ପାଇଁ ଦୀର୍ଘ ୨୦୦୯ ମସିହାରୁ ଆମେ ଲଢି ଆସୁଛୁ । ଦୀର୍ଘ ୧୫ ବର୍ଷ ତଳେ କିଛି ଅଭିଭାବକଙ୍କ ଦସ୍ତଖତ ନେଇ କିଛି କୁଚକ୍ରି ଗୋଷ୍ଠୀ ଆମେ ଅଭିଭାବକ ସଂଘ କହି ହାଇକୋର୍ଟ ଯାଇଥିଲେ । ହାଇକୋର୍ଟ କହିଲେ ଭୁଲଟା ଭୁଲ । ଭୁଲଟାକୁ ୨୦୦୦ ଜଣ ଠିକ୍ କହିଲେ କ'ଣ କୋର୍ଟ ମାନିଯିବ ! ହାଇକୋର୍ଟ ଛାଟରେ ୧୫ ବର୍ଷ ହଜି ଯାଇଥିଲେ । ଏବେ ମୋହନ ସରକାରଙ୍କ ଛାଟରେ ବ୍ୟତିବ୍ୟସ୍ତ ହୋଇ ପୁଣି ମୁଣ୍ଡ ଟେକିଛନ୍ତି । ବର୍ତ୍ତମାନ ଅଭିଭାବକ ସଂଘର ଅଭିଯୋଗ ଉପରେ ତଦନ୍ତ ଚାଲୁ ରହିଛି । ୨୪ ବର୍ଷ ଆର୍ଥିକ ଅନିୟମିତତା ଧରା ପଡ଼ିଯିବା ଭୟରେ ବଡଗଡ ଗ୍ରାମବାସୀ କମିଟିକୁ ବିଜେଇଏମ୍ ସ୍କୁଲ କମିଟି କୁହାଯିବା ଦୁର୍ଭାଗ୍ୟ ଜନକ । ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ସ୍କୁଲକୁ ପ୍ରତାପ ସନ୍ଧ୍ୟା ପ୍ରାଇଭେଟ୍ ଲିମିଟେଡ କଂପାନୀ ବୋଲି ସଙ୍ଘ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ୩୦ରେ ସାରା ରାଜ୍ୟରେ ଅକ୍ଷିମୁଠି ଅନୁକୂଳ କରିବ ବିଜେପି କୃଷକ ମୋର୍ଚ୍ଚା: ମହେଶ୍ୱର ସାହୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏପ୍ରିଲ ୩୦ ତାରିଖ (ବୁଧବାର) ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜେପି କୃଷକ ମୋର୍ଚ୍ଚା ସାରା ରାଜ୍ୟରେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ କରିବ । ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ କରାଯିବ । ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଶ୍ରୀ ସାହୁ ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, କୃଷି ଓ କୃଷକର ଉନ୍ନତି ପାଇଁ ବିଜେପି ସରକାର ବଦ୍ଧ ପରିକର । ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରଛନ୍ତି । ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣୀକାରୀ ଯୋଜନା କରିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଅବଗତ କରାଯିବ । ତତ୍‌ସହିତ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚାଷୀମାନଙ୍କୁ ସମ୍ମାନିତ କରାଯିବ । ଏସବୁ ଚାଷୀ ସମାବେଶ ଓ ଅକ୍ଷୟ ତୃତୀୟା ମୁଠି ଅନୁକୂଳ କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ନିମନ୍ତ୍ରଣ କରାଯିବ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ଆୟୁଷ୍ମାନରେ ଆଇନଜୀବୀ ଓ ତାଙ୍କ ପରିବାରକୁ ସାମିଲ୍ ଦାବି

କଟକ(ଭାସ୍କର ନ୍ୟୁଜ୍): ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ଓକିଲ ଓ ତାଙ୍କ ପରିବାରକୁ ସାମିଲ କରାଯିବା ପାଇଁ ଦାବି କରାଯାଇଛି । ଭାରତୀୟ ମଜଦୁର ସଂଘ ବିଧି ପ୍ରକୋଷ୍ଠ ଷ୍ଟେଟ ଲିଗାଲ ସେଲ୍ ଏଭଳି ଦାବି କରିଛି । କଟକ ହାଇକୋର୍ଟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ରାଜ୍ୟରେ ବହୁତ ଓକିଲ ଓ ତାଙ୍କ ପରିବାର ରହିଥିବା ବେଳେ ଓକିଲମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ସରକାର ଏହି ପଦକ୍ଷେପ ନିଅନ୍ତୁ ବୋଲି ନିକଟରେ ରାଜ୍ୟ ଆଇନୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ସଂଘ ପକ୍ଷରୁ ଏକ ଲିଖିତ ପତ୍ର ପ୍ରଦାନ କରାଯାଇଥିଲା । ତେବେ ଏହାକୁ ଆଇନ ମନ୍ତ୍ରୀ ଗ୍ରହଣ କରିଥିବା ବେଳେ ଏନେଇ ଖୁବ୍‌ଶୀଘ୍ର ଏକ କମିଟି ଗଠନ କରାଯାଇ ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଘ ସାମ୍ବାଦିକ ସମ୍ମିଳନୀରେ କହିଛି । ଆଇନଜୀବୀମାନେ ଆଇନ ପାଠ ପଢ଼ିବା ସହ ନିଜ ପେଶାରେ ବହୁତ ଆର୍ଥିକ ସମସ୍ୟା ଦେଇ ଗତି କରିଥାନ୍ତି । ତେଣୁ ଓକିଲଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଏହା ନିହାତି ଜରୁରୀ ବୋଲି ଭାରତୀୟ ମଜଦୁର ସଂଘ କହିଛି ।

## ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା: ପ୍ରଭାତୀ ପରିଡା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଲକ୍ଷପତି ଦିଦି ସୃଷ୍ଟି କ୍ଷେତ୍ରରେ ରାଜ୍ୟ ସରକାର ଆଉ ପାଦେ ଆଗକୁ ଯାଇଛନ୍ତି । ଏସଏଚଜି ମହିଳାଙ୍କୁ ଜୀବିକାର ନୂଆ ରାହା ଦେଖାଇବ ବାଉଁଶ ତିଆରି ସାମଗ୍ରୀ । ବାମ୍ବୁ ମିଶନ କରିବ ମହିଳାଙ୍କୁ ଲକ୍ଷପତି । ମହିଳାମାନେ ଯେଉଁ ଯେଉଁ ମାଧ୍ୟମରେ ଲକ୍ଷପତି ହେବେ ସେ କାମ ବିଭାଗ କରୁଛି । ବାଉଁଶର ସରଳୀକରଣରେ କିଭଳି ବ୍ୟବସାୟ କରି ଲକ୍ଷପତି ହୋଇପାରିବେ ସେ ନେଇ ରାଜ୍ୟ ଜୀବିକା ମିଶନ ନିର୍ଦ୍ଦେଶକ ଓ ତାଙ୍କ ଟିମ୍ ନର୍ଥ ଇଷ୍ଟ ହିଲ୍ ବିଶ୍ୱବିଦ୍ୟାଳୟ ଯାଇ ଅଧ୍ୟୟନ କରିଛନ୍ତି । ତାହା ଦେଖିବା ପରେ କର୍ମଶାଳା ଅନୁଷ୍ଠିତ ହୋଇଛି । ୫୦ ପଇସାର ଖଲି ପତ୍ର ୧୧ ଟଙ୍କାରେ ବିକ୍ରି ହେଉଛି । ଜଣେ ମହିଳା ଏହାଦ୍ୱାରା ସିଧା ୭ ଟଙ୍କାର ଲାଭ ପାଇବେ । ଧୂପ ହେଉ କି ଅନ୍ୟାନ୍ୟ ସାମଗ୍ରୀ । ମହିଳା କିଭଳି ଉଦ୍ୟୋଗପତି ହୋଇପାରିବେ ସେଇ ଲକ୍ଷ୍ୟରେ ଆଜି ଏହି କର୍ମଶାଳା ଅନୁଷ୍ଠିତ ହୋଇଛି ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା । ଏଥିପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ । ଏବେ ବାଉଁଶରୁ ଟି ସାର୍ଟ, ଟିସୁ ପେପର, ଖଲି, ପ୍ଲେଟ, ଟିଫିନ୍ ବକ୍ସ, ବ୍ରସ, ଚାମଚ ଓ ଅନେକ କିଛି ପ୍ରସ୍ତୁତ ହେଉଛି । ତେଣୁ ବାଉଁଶ ତିଆରି ସାମଗ୍ରୀର ଚାହିଦା ଏବଂ ଜୀବିକା ଓ ଉପଯୋଗିତାକୁ ନେଇ ଆରମ୍ଭ ହୋଇଛି ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା । ଭୁବନେଶ୍ୱର ମିଶନ ଶକ୍ତି ଭବନରେ ଚାଲିଥିବା କର୍ମଶାଳାରେ ଯୋଗଦେଇ

## ୨୪ରେ ବଣ୍ଟାଯିବ ନୂଆ ରାସନ କାର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏପ୍ରିଲ ୨୪ ତାରିଖରେ ନୂଆ ରାସନ କାର୍ଡ ବଂଟନ କରିବେ ସରକାର । ପଂଚାୟତିରାଜ ଦିବସ ଅବସରରେ ପୁରୀରେ ନୂଆ ରାସନ କାର୍ଡ ବାଂଟିବେ ମୁଖ୍ୟମନ୍ତ୍ରୀ । ପର୍ଯ୍ୟାୟକ୍ରମେ ୫ ଲକ୍ଷ ୯୦ ହଜାର ନୂଆ କାର୍ଡ ବଂଟନ କରାଯିବ ।ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଆଜି ସୁଦ୍ଧା ନୂଆ କାର୍ଡ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଏବେ ବି ୨୫ ଲକ୍ଷ ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ସେମାନଙ୍କୁ ଯାଂଚ କରିବା ପାଇଁ ଅଫିସର ମାନଙ୍କୁ ଫିଲ୍ଡ ଭିଜିଟ କରି ରିପୋର୍ଟ ଦେବାକୁ କୁହାଯାଇଛି । ରିପୋର୍ଟ ଆସିବା ପରେ କେଉଁ ହିତାଧିକାରୀ ଅଛନ୍ତି, କିଏ ନାହାନ୍ତି, କଟାଯିବ ।

## ଛାତ୍ର ନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲ୍‌ରେ ଭେଟିଲେ କଂଗ୍ରେସ ଓଡ଼ିଶା ପ୍ରଭାରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତ ୨୭ ତାରିଖ ଦିନ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଘଟଣାରେ ଅଗଣତାନ୍ତ୍ରିକ ଭାବେ ପୋଲିସ ଦ୍ୱାରା ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସଲାମ ବେଗ, ଚନ୍ଦନ ସାହୁ, ଆସିଫ ଖାନ, ବିଜୟ ସାହୁ ଓ ପ୍ରତୀକ ଦାସଙ୍କୁ ଆଜି ଭେଟିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ । ଏହାସହ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ସେମାନଙ୍କୁ ଜେଲ ଭିତରେ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ କହିଥିଲେ ଯେ ଜେଲରେ ଥିବା ଛାତ୍ର ନେତା ଓ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲୁ । ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ଛାତ୍ରାବାସରେ ରହୁଥିବା ଷଷ୍ଠ, ସପ୍ତମ ଶ୍ରେଣୀ ପଢୁଥିବା ଛାତ୍ରୀ ଗର୍ଭବତୀ ହେବା ବହୁ ମହିଳା ନିର୍ଯ୍ୟାତିତ ଓ ଧର୍ଷଣର ଶିକାର ହେବା ଘଟଣା ଘଟିଛି । ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଧାରେ ଏବଂ ସୁରକ୍ଷା ନେଇ ମାର୍ଚ୍ଚ ୨୭ ତାରିଖ ଦିନ ପ୍ରଦେଶ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହିତ ଚାଲିଥିବା ବେଳେ ଅମାନୁଷିକ ଭାବେ ଆମକୁ ପୋଲିସ ଲାଠି ପ୍ରହାର, ପାଣିମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥୁଲା । ଯାହାଦ୍ୱାରା କି ଆମର ଅନେକ ନେତୃବୃନ୍ଦ ଓ କର୍ମୀ ଗୁରୁତ୍ୱର ଆହତ ହୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏପରିକି ଅନେକଙ୍କ ହାତ ଭାଙ୍ଗିଲା, ଗୋଡ଼ ଭାଙ୍ଗିଲା ଏବଂ ମୁଣ୍ଡ ବି ଫାଟିଲା କିନ୍ତୁ ପୋଲିସ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ କେସ କରି ଅଗଣତାନ୍ତ୍ରିକ ଭାବେ ୫ ଜଣଙ୍କୁ ଗିରଫ କରି ଜେଲରେ ପୁରାଇଛି । ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଆମେ ଏବଂ ଆମର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଡରିଯିବା ଲୋକ ନୁହନ୍ତି । ମହିଳାଙ୍କୁ ନ୍ୟାୟ , ସୁରକ୍ଷା ଦାବିରେ ଏବଂ ସରକାରଙ୍କ ଅନ୍ୟାୟ ,ଅତ୍ୟାଚାର ଓ ଦୁର୍ନୀତି ବିରୁଦ୍ଧରେ ଆମ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଲଲୁ ପ୍ରକାଶ କରିଥିଲେ ।



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"


-ମୁନ୍‌ସୀ ପ୍ରେମଚନ୍ଦ

## ଲୋକଙ୍କ ସମସ୍ୟା ବୁଝିବାକୁ ନୂଆ ପ୍ରଚେଷ୍ଟା

# ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ

ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟପାଳ ଯଦିଓ ଗୋଟିଏ ରାଜ୍ୟର ସର୍ବୋଚ୍ଚ ଶାସନ ମୁଖ୍ୟ ରୂପେ ପରିଗଣିତ ହୁଅନ୍ତି, କିନ୍ତୁ ବାସ୍ତବ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ହିଁ ରାଜ୍ୟର ଶାସନ ବା ସରକାରର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ଜନସାଧାରଣଙ୍କ ଦ୍ୱାରା ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାରର ମୁଖ୍ୟ ହିସାବରେ 'ଗଣ' ବା ଲୋକଙ୍କ ସମସ୍ୟା ବୁଝିବା ଓ ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଯେକୌଣସି ଭଲମନ୍ଦ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହନ୍ତି। ମାତ୍ର ଅଭିଜ୍ଞତାରୁ ଦେଖାଯାଇଛି ଯେ ଅତୀତରେ ଅନେକ ମୁଖ୍ୟମନ୍ତ୍ରୀ କାର୍ଯ୍ୟର ଚାପ ଯୋଗୁଁ ହେଉ କିମ୍ବା ଅମଲାତନ୍ତ୍ର ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁଁ ହେଉ ଲୋକଙ୍କୁ ସିଧାସଳଖ ଭେଟିବା, ସେମାନଙ୍କ ସମସ୍ୟା ଶୁଣିବା ଓ ସେସବୁର ସମାଧାନର ବ୍ୟବସ୍ଥା କରିବା ସମ୍ଭବ ହୋଇନାହିଁ। ଏଥିଯୋଗୁଁ ସରକାର ଓ ଲୋକଙ୍କ ମଧ୍ୟରେ ଦୂରତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପ୍ରଶାସନରୁ ନ୍ୟାୟ ମିଳିବାର ଆଶା ମଉଳି ଯିବାର ଏକାଧିକ ଦୃଷ୍ଟାନ୍ତ ରହିଛି। ମାତ୍ର ରାଜ୍ୟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ କ୍ଷେତ୍ରରେ ଏକ ବିରଳ ଇତିହାସ ସୃଷ୍ଟି କରିଛନ୍ତି। ଗତ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଦଶମାସ ମଧ୍ୟରେ ସେ ସିଧାସଳଖ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିବା ସହିତ ତାହାର ପ୍ରତିକାର ନିମନ୍ତେ ପଦକ୍ଷେପ ନେଉଥିବାର ଲକ୍ଷ୍ୟ କରାଯାଉଛି। ଉପେକ୍ଷିତ ଓ ଅଲୋଡା ହୋଇ ପଡିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଦଶମାସ ମଧ୍ୟରେ ପୁଣି ଚଳଚଞ୍ଚଳ ହୋଇଛି। ଆଜି ପର୍ଯ୍ୟନ୍ତ କେବଳ ରାଜଧାନୀର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗ ଶୁଣି ଆସୁଥିବା ବେଳେ ସୋମବାର ସେଥିରେ ଏକ ବଡ଼ ବ୍ୟତିକ୍ରମ ଘଟିଛି ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମଥର ପାଇଁ ରାଜଧାନୀ ବାହାରକୁ ଯାଇ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ସିଧାସଳଖ ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିବା ସମୟରେ ରାଜ୍ୟର ଦଶଜଣ ମନ୍ତ୍ରୀ ଓ ପ୍ରଶାସନର ବିଭିନ୍ନ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ସେଠାରେ ଉପସ୍ଥିତ ଥିଲେ। ମନେ ହେଉଥିଲା ସମ୍ପୂର୍ଣ୍ଣ ଓଡ଼ିଶା ପ୍ରଶାସନ ଯେପରି ସମ୍ବଲପୁରକୁ ସ୍ଥାନାନ୍ତରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମ୍ବଲପୁରରେ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହେବା ସମସ୍ତଙ୍କ ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ଜନଶୁଣାଣି କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି। ରାଜ୍ୟର ଗରିବ ଓ ଅସହାୟ ଲୋକଙ୍କ ଦୁଃଖ ପ୍ରତି ଉଦାସୀନ ରହିହେବ ନାହିଁ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ନିଜ ଉଦାରତାର ପରିଚୟ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ଅଭିଯୋଗ ଶୁଣାଣି କରାଯିବ ବୋଲି ସେ ସୂଚନା ଦେଇଥିଲେ। ପରିସଂଖ୍ୟାନ ଅନୁଯାୟୀ ନୂଆ ସରକାର ଆସିବା ପରେ ରାଜଧାନୀରେ ଆୟୋଜିତ ୯ଟି ଜନଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଠାରୁ ପ୍ରାୟ ୧୦ ହଜାର ଅଭିଯୋଗ ଗ୍ରହଣ କରିଛନ୍ତି ଏବଂ ସେଥିମଧ୍ୟରୁ ୮୮ ପ୍ରତିଶତ ଅଭିଯୋଗର ସମାଧାନ ହୋଇସାରିଛି। ଅବଶିଷ୍ଟ ଅଭିଯୋଗ ଗୁଡିକ ଏବେ ବିଚାର ପ୍ରକ୍ରିୟା ମଧ୍ୟରେ ରହିଛି ଓ ଶୀଘ୍ର ଫଇସଲା ହେବାକୁ ଯାଉଛି। ସୋମବାର ସମ୍ବଲପୁରରେ ଅନୁଷ୍ଠିତ ଦଶମ ଜନଶୁଣାଣି କାର୍ଯ୍ୟକ୍ରମରେ ୧୮ଜଣ ଦୂରାରୋଗ୍ୟ ବ୍ୟାଧି ପୀଡ଼ିତଙ୍କ ଦୁର୍ଦ୍ଦଶା ମୁଖ୍ୟମନ୍ତ୍ରୀ ଶୁଣିବା ସହିତ ସେମାନଙ୍କ ଚିକିତ୍ସା ଲାଗି ତୁରନ୍ତ ୧୯ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର କରିଥିଲେ। ରାଜ୍ୟର ନୂଆ ସରକାରକୁ ଲୋକଙ୍କ ସରକାର ରୂପେ ପ୍ରତିପାଦନ କରିବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ।

# ଯୁଦ୍ଧକ୍ଷେତ୍ରର ସଂକଳ୍ପ : ଶସ୍ୟକ୍ଷେତ୍ରର ସ୍ୱପ୍ନ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

ଆଜିର ପୃଥିବୀ ଯଦି ନିଜ ସଭ୍ୟତାର ଇତିହାସ ଲେଖିବାକୁ ଚାହେଁ, ସେ ଇତିହାସ ଏବେ ଆଉ ରକ୍ତାଶ୍ରୁରେ ରଚିତ ନହେଉ। ଯୁଦ୍ଧକ୍ଷେତ୍ରର ସଂକଳ୍ପ ହେଉ ଶସ୍ୟକ୍ଷେତ୍ରର ସ୍ୱପ୍ନକୁ ସାକାର କରିବାର ଶୁଭାରମ୍ଭ। ଭବିଷ୍ୟତର ଏହି ମାନବିକ ମାର୍ମିକ ଆହ୍ୱାନ ଆଜି କେବଳ ଭାରତୀୟ କି ପାକିସ୍ତାନୀ ଜବାନମାନଙ୍କ ପାଇଁ ନୁହେଁ - ସାଂପ୍ରତିକ ପୃଥିବୀର ସମସ୍ତ ସାମରିକ ସାମନ୍ତଙ୍କ ପ୍ରତି ଉତ୍ତରପିଢିର ଅନୁଚ୍ଚାରିତ ଅଥଚ ଆମ୍ରିକ ଉଚ୍ଚାରଣ।

ପ୍ରାଚୀନ ଭାରତବର୍ଷର ଆତ୍ମା ଆଜି ମଧ୍ୟ କୁରୁକ୍ଷେତ୍ରରେ ଖୋଜିବୁଲେ ଅସ୍ତସୂର୍ଯ୍ୟର ଅସ୍ଥିକଂକାଳସାର ଅସ୍ତିତ୍ୱ ... ଶୁଣୁଥାଏ ସମରାହତ ସମୟାନ୍ତରର ସକରୁଣ ଶୋକସଂଗୀତ ... କଢୁଥାଏ ପ୍ରମୂର୍ତ୍ତ ପ୍ରତ୍ନତତ୍ତ୍ୱର ପ୍ରଚ୍ଛନ୍ନ ପ୍ରଚ୍ଛଦପଟ! ହଁ, ଆଜି ମଧ୍ୟ କୁରୁକ୍ଷେତ୍ରରବତାସୀ ବାୟୁପ୍ରବାହରେ କାଳକାଳର କୋହୋଚ୍ଛଳ କାରୁଣ୍ୟ ସୃଷ୍ଟି କରେ ଶତ ସ୍ପନ୍ଦନ, ସହସ୍ର ଶିହରଣ, ଅଜସ୍ର ଅନ୍ତର୍ଜ୍ୱଳନ!

କେବେ ଦିନେ ପ୍ରାଚୀନ ଭାରତବର୍ଷରେ ପ୍ରବାହିତ ହେଉଥିଲା ସରସ୍ୱତୀ ନଦୀ - ଏବେ ଲୁପ୍ତ। ମାତ୍ର ଏହି ପବିତ୍ର ପୁଣ୍ୟତୋୟାର ତୀରଭାଗ ଥିଲା ବୈଦିକ ସଂସ୍କୃତିର ଜନ୍ମଭୂମି। ଏକଦା କୁରୁକ୍ଷେତ୍ର ଥିଲା ଏହି ସରସ୍ୱତୀ ଓ ଦୃଶଦ୍‌ବତୀ ନଦୀଯୁଗଳର ସୁବିସ୍ତୃତ ମଧ୍ୟବର୍ତ୍ତୀ ଅଞ୍ଚଳ ବ୍ରହ୍ମାବର୍ତ୍ତର ଅଂଶବିଶେଷ - ଅଧୁନା ଯାହାର ଆଭାସଚିତ୍ର ଥାନେଶ୍ୱର ସହରଠାରୁ ତିନି କିଲୋମିଟର ଦୂରବର୍ତ୍ତୀ ଆମ୍ବାଲା ଓ ଦିଲ୍ଲୀ ମଧ୍ୟରେ ମାନଚିତ୍ରିତ ମାତ୍ର! ବୈଦିକ ଯୁଗର ଋଷି ଓ ଋତ୍ୱିକମାନଙ୍କର ଯଜ୍ଞଭୂମି ଥିଲା ଏ ଅଞ୍ଚଳ।

ବୈଦିକ ଯଜ୍ଞଭୂମି କୁରୁକ୍ଷେତ୍ର ଦିନେ କିନ୍ତୁ ହୋଇଉଠିଲା ମହାଭାରତୀୟ ଯୁଦ୍ଧଭୂମି।

ତା'ପରେ?

ସେହି ଯୁଦ୍ଧଭୂମି ଏକ ମହାନ ସଭ୍ୟତାର ଶ୍ମଶାନଭୂମିରେ ପରିଣତ ହେଲା କ୍ରମେ। ଏପଟେ ସରସ୍ୱତୀ ନଦୀ ତୀରବର୍ତ୍ତୀ ଏକ ଲୋମହର୍ଷକ ଗୃହଯୁଦ୍ଧ ମଧ୍ୟରେ ବଳି ପଡିଗଲା ଭବ୍ୟ ଭାରତବର୍ଷର ଭ୍ରାତୃବଂଶ ଏବଂ ସେପଟେ ଏରକା ବନଭୂମିରେ ଅବିଚାରିତ ଆତ୍ମବିବାଦର ଜଘନ୍ୟ ବିଭୀଷିକାରେ ବ୍ୟାପୃତ ହୋଇ ସମୂଳେ ନିଶ୍ଚିହ୍ନ ହୋଇଗଲେ ସମଗ୍ର ଦୁର୍ଦ୍ଧର୍ଷ ଯାଦବବଂଶ। ମହାବଳୀ ବଳରାମ ଓ ଅବତାର-ପୁରୁଷ ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ ପରେ ଅତଳତଳ ଜଳରାଶିରେ ବିଲୀନ ହୋଇଗଲା ସମଗ୍ର ଦ୍ୱାରକାନଗ୍ରୀ। ଏହି ଦୁଇ ମହାଭୟାବହ ଯୁଦ୍ଧବିଗ୍ରହର ଅବଶ୍ୟମ୍ଭାବୀ ପରିଣାମସ୍ୱରୂପ ଭାରତବର୍ଷରୁ କ୍ଷୟ ହୋଇଗଲା ଅମିତ କ୍ଷମତାଶୀଳ କ୍ଷାତ୍ରଶକ୍ତି।

ପ୍ରାଗୈତିହାସିକ ମହାଭାରତ ଯୁଦ୍ଧରୁ ଆରମ୍ଭ କରି ଐତିହାସିକ ତିରୋରୀ ଓ ପାନିପଥ ଯୁଦ୍ଧ ପର୍ଯ୍ୟନ୍ତ ସଭ୍ୟତାର ବହୁ କ୍ଷତଚିହ୍ନ ବହନ କରିଛି କୁରୁକ୍ଷେତ୍ର।

ସବୁ ସଭ୍ୟତାର ଭଗ୍ନାବଶେଷ ଯେଉଁ ଭିତ୍ତିଭୂମି ଉପରେ ନିଜ ଭସ୍ମାଚ୍ଛାଦିତ ଅତୀତର ଅସହାୟ ଅସ୍ତିତ୍ୱ ଘୋଷଣା କରୁଛି, ସେ ଭିତ୍ତିଭୂମି ପ୍ରକୃତ ପକ୍ଷରେ ଗୋଟିଏ ଗୋଟିଏ ସକରୁଣ ସ୍ମୃତିଜର୍ଜରିତ ଯୁଦ୍ଧଭୂମି! ଏଇ ଯୁଦ୍ଧଭୂମିର ଜୟ-ପରାଜୟକୁ କେନ୍ଦ୍ର କରି ଇତିହାସ ଗୋଟିଏ ଗୋଟିଏ କରୁଣା ଅଧ୍ୟାୟ ରଚନା କରିଆସିଛି - ରକ୍ତରେ, ଅଶ୍ରୁରେ, ଅନ୍ତରାତ୍ମାରେ ଉତ୍ତପ୍ତ ଦୀର୍ଘଶ୍ୱାସରେ। ଆଜି ବି ଯେକୌଣସି ଧୂସର ଧ୍ୱଂସସ୍ତୂପକୁ ପ୍ରଶ୍ନ କଲେ, ସେ ହୁଏତ ଉତ୍ତର ଦେବ - ଏଇଠି ନଦୀର ଧାରା ସହିତ ଦିନେ ତାଳ ଦେଉଥିଲା ଚଳଚଞ୍ଚଳ ମଣିଷର ଉତାଳ ଜୀବନଧାରା ... ପ୍ରକୃତିର ପୃଷ୍ଠଭୂମିକୁ ପରିତ୍ୟାଗ କରି ଯେଉଁଦିନ ମଣିଷ ନିଜ ପ୍ରବୃତ୍ତିର ବରାଦୀ ନିର୍ଦ୍ଦେଶରେ ଯୁଦ୍ଧଭୂମିକୁ ଜୟ-ପରାଜୟର ନିର୍ଣ୍ଣାୟକ କ୍ଷେତ୍ର ରୂପେ ଗ୍ରହଣ କରିନେଲା, ସେଇଦିନଠୁ ହିଁ ଆରମ୍ଭ ହେଲା ସଭ୍ୟତାର ପତନପର୍ବ।

ଭାରତ-ପାକିସ୍ତାନ ଯୁଦ୍ଧରେ ପାକିସ୍ତାନ ୩ ଥର ହାରିଛି। ବର୍ତ୍ତମାନ ଦେଶ ମଧ୍ୟରେ ଅଦୂର ଭବିଷ୍ୟତରେ ଯୁଦ୍ଧ ହେବ କି ନାହିଁ ସେ ନେଇ କଳ୍ପନାଜଳ୍ପନା ଚାଲିଛି। ସାଧାରଣତଃ ବିଶ୍ୱର ଶାନ୍ତିକାମୀ ସାଧାରଣବର୍ଗର ମଣିଷ କେବେ ବି ଯୁଦ୍ଧ ଦେଖିବାକୁ ଚାହେଁନା। ଉଭୟ ଦେଶରେ ପରମାଣୁ ବୋମା ଅଛି। ଏହାର ଅପରିଣାମଦର୍ଶୀ ବ୍ୟବହାର ହେଲେ ସାରା ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

ଭାରତ-ପାକିସ୍ତାନ ଚତୁର୍ଥ ଯୁଦ୍ଧ ହେବା ମାନେ ହିଁ ପାଖାପାଖି ଏକଶହ ପରମାଣୁ ବୋମା ବିନିଯୋଗ ହେବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରୁଛନ୍ତି। ୨ୟ ବିଶ୍ୱଯୁଦ୍ଧରେ ଜାପାନର ହିରୋସୀମାରେ ନିକ୍ଷିପ୍ତ ବୋମା ସହ ପ୍ରତ୍ୟେକ ବୋମାର ଧ୍ୱଂସ କ୍ଷମତା ସମାନ। ପରମାଣୁ ଯୁଦ୍ଧ ହେଲେ ପ୍ରଥମ ପର୍ଯ୍ୟାୟରେ ହିଁ ଦୁଇକୋଟି ଦଶ ଲକ୍ଷ ଲୋକ ସଂଗେ ସଂଗେ କାଳାନ୍ତକ ମୃତ୍ୟୁର କରାଳ କୃଷ୍ଣଗହ୍ୱର ମଧ୍ୟରେ ନିଖୋଜ୍ ହୋଇଯିବେ ଆଖିପିଛୁଳାକେ।

ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଦୁର୍ବିସହ ଘାତକ ରଶ୍ମି ଦାଉରୁ ସମଗ୍ର ବିଶ୍ୱକୁ ସୁରକ୍ଷା ଯୋଗାଉଥିବା ବାୟୁମଣ୍ଡଳୀୟ ଓଜୋନସ୍ତରର ଅନ୍ୟୂନ ଅର୍ଦ୍ଧାଂଶ ନଷ୍ଟ ହୋଇଯିବ। ସାରା ପୃଥିବୀରେ ଧୂଆଁ ଓ ଧୂଳିର ଆସ୍ତରଣ ଛାଇ ଯିବା ସହ ଭୟଙ୍କର ଶୀତ ସହ ମୌସୁମୀ ଜଳବାୟୁକୁ ବିପର୍ଯ୍ୟସ୍ତ କରିଦେଇ ଏହା ବିଶ୍ୱବ୍ୟାପୀ କୃଷିକ୍ଷେତ୍ରକୁ ଉଜାଡି ଦେବ। ଉକ୍ତ ଖାଦ୍ୟାଭାବରେ ପଡି ବିଶ୍ୱର ଦୁଇଶହ କୋଟି ଲୋକ ଛଟପଟ ହୋଇ ମରିଯିବେ।

ଏହି ବିଶ୍ୱବକ୍ଷରେ ତ୍ରେତୟା, ଦ୍ୱାପର ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେତେ ଯୁଦ୍ଧ, ମହାଯୁଦ୍ଧ, ବିଶ୍ୱଯୁଦ୍ଧ ସଂଘଟିତ ହୋଇଯାଇଛି ସବୁଠି ଇତିହାସର ପାଉଣା କେବଳ ଧ୍ୱଂସ ଆଉ ଧ୍ୱଂସ। ଏବେ କିନ୍ତୁ ବିଜ୍ଞାନର ଅଗ୍ରଗତି ଯେଭଳି ବିଶ୍ୱବିକାଶର ସହାୟକ ହୋଇଛି - ସେହିପରି ବିଶ୍ୱ ଧ୍ୱଂସର ମଧ୍ୟ କାରଣ ଭାବେ ଉଭା ହୋଇଛି। ଯେକୌଣସି ପକ୍ଷର ବୁଦ୍ଧିବଣା ହୋଇ ରକ୍ତଚାଉଳ ଚୋବାଇଲେ କେହି ଚାହୁଁନଥିବା ଯୁଦ୍ଧକୁ ସେମାନେ ଆଦରି ନେବେ।

ଏବେ ଭାରତୀୟ ସେନାଙ୍କ ଅତର୍କିତ ଆକ୍ରମଣକୁ 'ସର୍ଜିକାଲ୍ ଷ୍ଟ୍ରାଇକ୍' କୁହାଯାଉଛି। 'ସର୍ଜିକାଲ୍ ଷ୍ଟ୍ରାଇକ୍' ପୋଷାକୀ ଶବ୍ଦ ନୁହେଁ। ପୂର୍ବରୁ ଆମେରିକା - ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ୍ କରି ଓସାମାବିନ୍ ଲାଡେନକୁ ହତ୍ୟା କରିଥିଲେ। ପୁରାଣରେ ହନୁମାନ ଲଙ୍କା ଦହନ କରି ଫେରି ଆସିଥିଲେ।

ସଂପ୍ରତି ଆମେରିକା ଭାରତରେ ଅନ୍ତରଙ୍ଗ ବନ୍ଧୁଭାବ ଦେଖାଇଲା ବେଳେ ଚୀନ୍ ଯଦିଓ ପାକିସ୍ତାନର ସଂଗୀ; କିନ୍ତୁ ସେ ତା'ର କୂଟନୈତିକ ଖେଳ ଖେଳି ଚାଲିଛି। ରାଜନୀତିକ ଓ ସାମରିକ ଯୁଦ୍ଧ ପୂର୍ବରୁ କୂଟନୈତିକ ଯୁଦ୍ଧ ଆରମ୍ଭ ହୋଇଯାଇଛି। କିଏ କାହାର ଦୁର୍ବଳତାର ସୁଯୋଗ ନେଉଛି, ତାହା ବିଶ୍ୱର ଶକ୍ତିଶାଳୀ ଦେଶମାନେ ସତର୍କ ଦୃଷ୍ଟି ରଖୁଛନ୍ତି।


ଭାରତ-ପାକିସ୍ତାନ ଉଭୟ ପଟରୁ ଶାସକ-ସାମରିକ-ଅନ୍ୟାନ୍ୟ ଦଳ ବାକ୍‌ସଂଯମ ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ। କଥା କଥାରେ ଟିହାଟିହି ହେଲେ ଅବସ୍ଥା କେଉଁ ଆଡକୁ ଗତି କରିବ କହି ହେବନି। ଏବେଠାରୁ ସମଗ୍ର ବିଶ୍ୱ ସପକ୍ଷ-ବିପକ୍ଷ-ନିରପେକ୍ଷ ଅଛନ୍ତି। ସାମରିକ ଯୁଦ୍ଧରୁ ଜଳଯୁଦ୍ଧ ଆଡକୁ ମଧ୍ୟ ମୁହାଁଇଲାଣି। ଭାରତ-ପାକିସ୍ତାନ ମଧ୍ୟରେ ସିନ୍ଧୁନଦୀ ଚୁକ୍ତି, ଚୀନ୍-ଭାରତ ମଧ୍ୟରେ ବ୍ରହ୍ମପୁତ୍ର ଯେପରି କର୍ଣ୍ଣାଟକ-ତାମିଲନାଡୁରେ କାବେରୀ ଜଳବିବାଦ, ଓଡ଼ିଶା-ଆନ୍ଧ୍ର ମଧ୍ୟରେ ପୋଲାଭରମ, ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ବିବାଦ ଏବଂ ବାଂଲାଦେଶ-ପଶ୍ଚିମବଙ୍ଗ ମଧ୍ୟରେ ତିସ୍ତାଜଳ ବିବାଦ ସମସ୍ୟା ବଢିବାରେ ଲାଗିଛି। ପ୍ରକୃତିଦତ୍ତ ଜଳକୁ ନେଇ ମଧ୍ୟ ଭବିଷ୍ୟତରେ ଭୟଙ୍କର ଜଳଯୁଦ୍ଧ ଲାଗିଯାଇପାରେ। ଗୋଟିଏ ବାକ୍ୟରେ କହିବାକୁ ଗଲେ ସମଗ୍ର ପୃଥିବୀବାସୀ ଅନାଗତ ଭବିଷ୍ୟତରେ ଜଳ-ସ୍ଥଳ-ଆକାଶବ୍ୟାପୀ ଏକ ସମ୍ଭାବ୍ୟ ମହାତ୍ରାସର ମୂକସାକ୍ଷୀ ହେବାକୁ ଯାଉଛନ୍ତି।

ଆଜି ଅନ୍ତଃକରଣରେ ପ୍ରାର୍ଥନା କରୁଛି - ହେ ମର୍ତ୍ତ୍ୟବାସୀ ମନୁଷ୍ୟସନ୍ତାନମାନେ, ପ୍ରତ୍ୟେକ କରାଳ-କରୁଣ ଯୁଦ୍ଧଭୂମିକୁ ତୁମେମାନେ ଆଜିଠାରୁ ଶ୍ୟାମଳ-ସବୁଜ ଶସ୍ୟଭୂମିରେ ରୂପାନ୍ତରିତ କରିବାର ଶପଥ କର। ସବୁ ରକ୍ତକର୍ଦ୍ଦମାକ୍ତ ରଣକ୍ଷେତ୍ରର ରୂପ ବଦଳିଯାଉ ରାଶିରାଶି ଫୁଲ ଫୁଟୁଥିବା ଏକ ଚମତ୍କାର ଅନିନ୍ଦ୍ୟସୁନ୍ଦର ଉପବନର ଚଟୁଳ ଚେହେରାରେ! ପତ୍ର-ଫୁଲ-ଫଳର ଫର୍ଦ୍ଦପାଠ କରୁ ଏ ପ୍ରତାରିତ ପୃଥିବୀ - ଆଜିଠାରୁ ଏଇ ସଂକଳ୍ପ ଗ୍ରହଣ କର, ହେ ବିଶ୍ୱବାସୀ !

ଏଇ ପୃଥିବୀ ବକ୍ଷରେ ଦି'ଦିଇଟା ବିଶ୍ୱଯୁଦ୍ଧ ଘଟିଯାଇଛି। ଯୁଦ୍ଧଖୋର ଦେଶ ଆଉ ନେତାମାନେ କ୍ଷମତା, ସମ୍ପତ୍ତି ଦଖଲ ପାଇଁ କେତେ ଯେ ପରମାଣୁ ବୋମା, ନାପମ୍ ବୋମା ନିକ୍ଷେପ କରିଛନ୍ତି ତା'ର ଟିକିନିଖି ବିବରଣୀ ମିଳିନାହିଁ। କେତେ ଯେ ଧନଜୀବନ ପୋଡ଼ି ପାଉଁଶ ହୋଇଯାଇଛି - ଇତିହାସ ତା'ର କିଛିଟା ହିସାବ ରଖିଛି ହୁଏତ। ଏବେ ମଧ୍ୟ ଆଉ ଏକ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ରକ୍ତପିପାସୁ ପୁଞ୍ଜିବାଦୀ ଦେଶମାନେ ସଜବାଜ ହେଉଛନ୍ତି। ଏକ ଆସନ୍ନ ସାମରିକ ସଂତ୍ରାସବାଦର ଈଗଲଡେଣା ତା'ର କରାଳଛାୟାରେ ପୃଥିବୀକୁ ଢାଙ୍କିରଖିବାକୁ ଅଶୁଭ ଉଡ଼ାଣ ଆରମ୍ଭ କରିସାରିଛି। ସବୁଦେଶର ଯୁଦ୍ଧବଜେଟ୍‌ରେ ଯେଉଁ ଅକଳନ୍ତି ଧନରାଶି ଅପବ୍ୟୟ ପାଇଁ ବନ୍ଦୋବସ୍ତ କରାଯାଉଛି - ତାହାର ଅର୍ଦ୍ଧାଂଶ ଯଦି ପୃଥିବୀରୁ ଭୋକ ଓ ରୋଗର ମୂଳପୋଛ ଦିଗରେ ବ୍ୟୟିତ ହୋଇପାରନ୍ତା, ତା'ହେଲେ ଏକ କ୍ଷୁଧାମୁକ୍ତ ଓ ବ୍ୟାଧିମୁକ୍ତ ବିଶ୍ୱ ଆଉ ଦିବାସ୍ୱପ୍ନ ହୋଇ ରହିପାରନ୍ତା କି? ଏଥିପାଇଁ କିନ୍ତୁ ସଂକଳ୍ପବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ କରି ଏ ମହାନ୍ ସ୍ୱପ୍ନର ଚାରାଗଛକୁ ସତ୍ୟର ଫଳନ୍ତିଗଛରେ ପରିଣତ କରିବାକୁ ହେଲେ ଆମ ସମସ୍ତଙ୍କୁ ହେବାକୁ ପଡ଼ିବ - ଏକ କ୍ରୋଧମୁକ୍ତ ବିଶ୍ୱସମାଜ ଗଠନ ନିମନ୍ତେ ନିବେଦିତ ଜଣେଜଣେ ନବମାନବ ନିଶ୍ଚୟ।

ଆମେ କିନ୍ତୁ ଆମ ଜୀବଦ୍ଦଶାରେ ଏ ପୃଥିବୀରୁ ଏହି ଭୋକ ଓ ରୋଗର ମୃତ୍ୟୁତାରିଖ ଘୋଷଣା କରିବା ପାଇଁ ଆଜିଠୁ ଅଙ୍ଗୀକାରବଦ୍ଧ ଅଭିଯାତ୍ରା ଆରମ୍ଭ କରିବା। ଶପଥ କର - ଶପଥ କର - ଶପଥ କର! କୋଟିକଣ୍ଠରେ ଏ ଶପଥ ହେଉ ଗୋଟିଏ ସ୍ୱର।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଜେଲ୍‌ରେ ସଂକଟ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶରେ ଥିବା ଜେଲ୍‌ଗୁଡିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡିକରେ କଏଦୀଙ୍କ ସ୍ଥିତି ଦେଇ 'ଦ ଇଣ୍ଡିଆ ଜଷ୍ଟିସ' ରିପୋର୍ଟ-୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲ୍‌ଗୁଡିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୮୨ଟି ଜେଲ୍‌ରେ ୪ଲକ୍ଷ ୩୬ହଜାର କଏଦୀ ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତିମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡ଼ାଇ ଦେଉ ହେଉନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡିକରେ କ୍ଷମତା ଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲ୍‌ରେ କ୍ଷମତା ଠାରୁ ୮ଗୁଣ ଅଧିକ ତଥା ୪୦୦ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରାଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡିକରେ ଗହଳି ବଢିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇ ପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡି ରହିଛନ୍ତି। କାରାଗାରଗୁଡିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣନିଶ୍ୱାସୀ ହୋଇପଡିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲ୍‌ରେ ଗହଳି ଯୋଗୁଁ ୬୮ପ୍ରତିଶତ କଏଦୀ ଭଲରେ ଶୋଇପାରୁଥିବା ବେଳେ ସ୍ଥାନାଭାବ ଯୋଗୁଁ ୩୨ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲ୍‌ଗୁଡିକରେ କଏଦୀଙ୍କ ସଂଖ୍ୟା ଯେପରି ବଢିଚାଲିଛି। ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ ଯେ, ବ୍ୟାପକ ଜେଲ୍ ସଂସ୍କାର ସତ୍ତ୍ୱେ କାରାଗାରଗୁଡିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରି ପରିସ୍ଥିତି। ଜେଲ୍‌ରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ। ସେମାନେ ଏବେ ମାନସିକ ଯନ୍ତ୍ରଣାରେ ଜର୍ଜରିତ। ଗୋଟିଏ ପଟେ ଜେଲ୍‌ରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢି ଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ଜଣ ମନୋଚିକିତ୍ସକ ଅଛନ୍ତି, ଯାହାକ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲ୍‌ରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲ୍‌ଗୁଡିକରେ ୨୦୬ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିଃସନ୍ଦେହ ଯେ, ଜେଲ୍‌ରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରୀୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରତିକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରାଧୀନଙ୍କ ବନ୍ଦୀ ଜୀବନ ବଢି ଚାଲିଥିବା ବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲ୍‌ଗୁଡିକର ସୁଧାର କାର୍ଯ୍ୟକ୍ରମ ପାଇଁ ମଞ୍ଜୁରୀ ପ୍ରାପ୍ତ ପଦବୀଗୁଡିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଯାହାର ପରିଣତି ସ୍ୱରୂପ ଜେଲ୍ ସଂକଟ ବଢିବାରେ ଲାଗିଛି। ଏହି ସଂକଟର ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରି। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରାଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସକ ଓ କର୍ମଚାରୀ ନିଯୁକ୍ତି ଜରୁରି ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରାନ୍ୱିତ କରିବା ସହ ବିଚାରାଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରି। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ। ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତ୍ତବ୍ୟ।

# ମେଲିଓଇଡୋସିସ୍ : ନୂଆ ଗ୍ରୀଷ୍ମ କଟିବନ୍ଧୀୟ ରୋଗ



ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ
ବାଲେଶ୍ୱର, ମୋ: ୯୪୩୭୧୨୪୦୭୪

ସଂପ୍ରତି ଖରାର ତାତି ଉଦ୍‌ବେଗଜନକ ଭାବେ ବଢୁଛି। ଏହି ଗ୍ରୀଷ୍ମମଣ୍ଡଳୀୟ ଋତୁରେ ଅନେକ ରୋଗ ବଦଳି ଯାଏ ବୋଲି ଆମ ମାନଙ୍କ ଭିତରୁ ଅନେକ ଏହାକୁ ଭଲ ଭାବେ ଜାଣନ୍ତି। ଯେମିତି ବର୍ଷାଦିନ ଆସିଲେ ତରଳ ଝାଡ଼ା, ଥଣ୍ଡା ଜ୍ୱର, କାଶ ବା ଖରା ଦିନ ଆସିଲେ ଅଂଶୁଘାତ, ମୁଣ୍ଡବୁଲା, ପେଟ ସମସ୍ୟା, ଝାଡ଼ାବାନ୍ତି ଏପରିକି ହଇଜା ଭଳି ସଂକ୍ରାମକ ଭୂତାଣୁ ଓ ଜୀବାଣୁ ଭିତ୍ତିକ ରୋଗ ଦେଖାଯାଏ। ତେବେ ଜଳବାୟୁ ପରିବର୍ତ୍ତନ ସହ ଋତୁଜନିତ ରୋଗ ଆଉ ଭୂତାଣୁ ଜନିତ ଜଟିଳ ସଂକ୍ରାନ୍ତୀ ରୋଗ ସହ କରୋନା ପରେ ପରେ ଅନେକ ନୂଆ ରୋଗ ପୃଥିବୀକୁ ଆସିଲାଣି। ସଂପ୍ରତି ମେଲିଓଇଡ଼ୋସିସ୍ ରୋଗ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କେବଳ ଆଲୋଡ଼ ଓ ଆଲୋଚନା ସୃଷ୍ଟି କରିନାହିଁ ବରଂ ଏକ ଗମ୍ଭୀର ତର୍କବିତର୍କ ସହ ସାଧାରଣରେ ମଧ୍ୟ ଏ ନେଇ ଉତ୍ସୁକତା ଦେଖାଦେଉଛି। ଆସନ୍ତୁ ସର୍ବପ୍ରଥମେ ଜାଣିବା ମେଲିଓଇଡ଼ୋସିସ୍ ରୋଗଟି କ'ଣ? ଗ୍ରୀକ୍ ଶବ୍ଦ ମେଲିସ ଓ ଇଡୋସରୁ ଏହି ରୋଗର ନାମକରଣ ହୋଇଛି। ୧୯୧୧ରେ ସୁନାମଧନୀ ପାଥୋଲୋଜିଷ୍ଟ ଆଲଫ୍ରେଡ୍ ହ୍ୱିଟମୋର ଓ ତାଙ୍କ ସହଯୋଗୀ ସି.ଏସ୍. କୃଷ୍ଣସ୍ୱାମୀ ଗବେଷଣା ଭିତ୍ତିକ ଭାବେ ଏହାକୁ ଜାଣିବା ପରେ ଏହି ସଂକ୍ରାମକ ଗ୍ରୀଷ୍ମ ମଣ୍ଡଳୀୟ ରୋଗ ବିଷୟରେ ସମଗ୍ର ବିଶ୍ୱବାସୀଙ୍କୁ ଜଣାଇଥିଲେ। ଆଲଫ୍ରେଡ୍ ହ୍ୱିଟମୋର କହିବାକୁ ଗଲେ ଏହାର ମୂଳ ତଥ୍ୟ ଉଦ୍ଭାବକ ହୋଇଥିବାରୁ ତତ୍କାଳୀନ ସମୟରେ ଏହାକୁ ହ୍ୱିଟମୋର ରୋଗ ଭାବେ ଅନେକ ଜାଣିଲେ।

ବିଶ୍ୱସ୍ତରରେ ଏକ ବିରଳ ରୋଗର ମାନ୍ୟତା ପାଇଛି ମେଲିଓଇଡ଼ୋସିସ୍ ରୋଗ। ମୁଖ୍ୟତଃ ଭାରତ ସମେତ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସୀୟ ଅଞ୍ଚଳରେ ଏହାର ଉପସ୍ଥିତି ବା ପ୍ରାଦୁର୍ଭାବ ଦେଖାଦେଇଛି। ଭାରତରେ ଏହାର ପ୍ରଚାର ପ୍ରସାର ହେଉଥିଲେ ବି ଏହା ଏପରି ଏକ ବିଜ୍ଞାପିତ ରୋଗ ଯାହା ଖୁବ କମ୍ ଚିହ୍ନଟ କରାଯାଇଛି। ଏନେଇ ଯେଉଁ ଗବେଷଣା ଓ ଆଲୋଚନା ଜାରି ରହିଛି ସେହି ଗବେଷଣା ନିବନ୍ଧର ତଥ୍ୟ ମୁତାବକ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିଶେଷକରି ଗ୍ରାମାଞ୍ଚଳରେ ଲୋକେ ଏହି ରୋଗରେ ସଂକ୍ରମିତ ହେବାର ଆଶଙ୍କା ରହିଛି। ଗବେଷଣା କରୁଥିବା ବିଜ୍ଞାନୀ ତଥା ସୁନାମଧନ୍ୟ ଚିକିତ୍ସା ଗବେଷକଙ୍କ ତଥ୍ୟ ମୁତାବକ ଏହି ରୋଗର ଚିହ୍ନଟ ଓ ଉପଚାର ଢ଼େର କଷ୍ଟ। ଏହାର ଜୀବାଣୁ ଅନ୍ୟ ରୋଗମାନଙ୍କ ପରି ତା'ର ଲକ୍ଷଣ ଦେଖାଇଥାଏ। ରକ୍ତ, ପରିସ୍ରା ଓ ଆମ ଶରୀରର କଣ୍ଠରେ ରହୁଥିବା ଲାଳୁଆ ଅଂଶର କଲଚର ଦ୍ୱାରା ଏହି ମେଲିଓଇଡ଼ୋସିସ୍ ରୋଗର ବ୍ୟାପକ ପରୀକ୍ଷା ନିରୀକ୍ଷା ହୋଇଥାଏ। ଏହାର ପରୀକ୍ଷା ପାଇଁ ଯେପରି ଚାରି ପାଞ୍ଚଦିନ ଲାଗେ ତେଣୁ ସେତେବେଳକୁ ସଂକ୍ରମିତ ହୋଇଥିବା ରୋଗୀଟି ନିଜ ଚିକିତ୍ସା କରିବା ପାଇଁ ଢ଼େର ବିଳମ୍ବ ହୋଇଯାଇଥିବାରୁ ତାଙ୍କ ଜୀବନ ସଂକଟାପନ୍ନ ହେବାର ସମ୍ଭାବନା ଥାଏ। ମେଲିଓଇଡ଼ୋସିସ ରୋଗର ମୁଖ୍ୟ ଲକ୍ଷଣ ହେଉଛି ଜ୍ୱର, ଦେହହାତ ଘୋଳାବିନ୍ଧା, ଛାତିରେ ଅଚାନକ ଯନ୍ତ୍ରଣା, ଲଗାତାର କାଶ ଓ ମୁଣ୍ଡ ବିନ୍ଧା ପ୍ରମୁଖ। ତେବେ ଜଟିଳ ପ୍ରସଙ୍ଗଟି ହେଉଛି କେତେକ କ୍ଷେତ୍ରରେ ଏହାର ସଂକ୍ରମଣ ହଠାତ୍ ତୀବ୍ର ହୋଇଯାଇଥାଏ ଏବଂ ସେମାନଙ୍କ ମଧ୍ୟରୁ କିଛି ରୋଗୀ ସେପ୍‌ସିସ୍ ଯନ୍ତ୍ରଣାକୁ ସମ୍ମୁଖୀନ ହୋଇଥାନ୍ତି ଯାହାଦ୍ୱାରା ଶରୀରର ଅନେକ ଅଙ୍ଗ ନଷ୍ଟ ହୋଇଯିବାର ମଧ୍ୟ ସମ୍ଭାବନା ଥାଏ। ତେବେ ପ୍ରଥମରୁ ଏହାର ଚିହ୍ନଟ ସହ ଚିକିତ୍ସା ଜାରି ରଖିଲେ ଏହା ଦୀର୍ଘଦିନ ସଂକ୍ରମଣକୁ ହ୍ରାସ କରିବା ସହ ଆରୋଗ୍ୟସାଧ ମଧ୍ୟ ହୋଇଥାଏ।

ଆମ ଭୁବନେଶ୍ୱରସ୍ଥିତ ଏମ୍ସରେ ଅଣୁଜୀବ ବିଜ୍ଞାନ ବିଭାଗରୁ ଏ ନେଇ ବ୍ୟାପକ ଗବେଷଣା ଓ ପରୀକ୍ଷା ନିରୀକ୍ଷା ଜାରି ରହିଛି। ତଥ୍ୟ ମୁତାବକ ଯେଉଁ ଅଞ୍ଚଳରେ ପାଣିପାଗର, ଚରମ ବିଲକ୍ଷଣ ଦେଖାଯାଏ, ତୀବ୍ର ବୃଷ୍ଟିପାତ ହୁଏ, ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯାଏ ଏବଂ ପବନର ବେଗ ଅନିୟନ୍ତ୍ରିତ ଥାଏ ଏହିପରି ସ୍ଥାନ ସହ ଉପରୋକ୍ତ ରୋଗର ସମ୍ପର୍କ ରହିଛି। ଓଡ଼ିଶାରେ ଜଳବାୟୁର ଯେଉଁ ଉଠା ପକା ତାରତମ୍ୟ ରହୁଛି ଏହା ଏହି ରୋଗକୁ ଅନୁକୂଳ ପରିବେଶ ଯୋଗାଉଛି କହିଲେ ଅତ୍ୟୁକ୍ତ ହେବନାହିଁ ବୋଲି ଏହି ରିପୋର୍ଟର ତଥ୍ୟରୁ ଜଣାଯାଇଛି। ଭୁବନେଶ୍ୱର ଏମ୍ସର ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଗତ ଜାନୁଆରୀ ୨୦୧୫ରୁ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ଆସିଥିବା ୧୪୪ଟି ମେଲିଓଇଡ଼ୋସିସ୍ ମାମଲା ସଂପର୍କର ତଥ୍ୟକୁ ଗବେଷଣା କଲାପରେ ଏହି ରୋଗ ସମ୍ପର୍କରେ ବ୍ୟାପକ ଗବେଷଣା ଜାରି ରହିଛି। ଏହି ରିପୋର୍ଟର ତଥ୍ୟ ସୂଚାଇଛି ଯେ ପରିବେଶ ଦ୍ୱାରା ସୃଷ୍ଟି ହେଉଥିବା ଏହି ସଂକ୍ରାମକ ରୋଗକୁ ବ୍ୟାପକତା କରିବାରେ ସ୍ଥାନୀୟ ଜଳବାୟୁ ଓ ଭୂଖଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହାର ସଂକ୍ରମଣ ମାମଲା ଅଧିକ ଦେଖିବାକୁ ମିଳୁଥିବାବେଳେ ଉତ୍ତର ଓଡ଼ିଶାରେ ମଧ୍ୟ ଏହାର ସଂକ୍ରାମକ ଚେହେରା ଦେଖିବାକୁ ମିଳିଛି। ଏହି ରୋଗର ଚିକିତ୍ସା ବ୍ୟୟବହୁଳ ଓ ଦୀର୍ଘକାଳୀନ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରୋଗ ପାଇଁ କୌଣସି ଟୀକା ଏଯାବତ ବାହାରିନାହିଁ। ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ରୋଗ ପାଇଁ ଅନ୍ୟ ଏକ ଜଟିଳତା ହେଉଛି ଭାରତରେ ଏହି ରୋଗ ସମ୍ପର୍କରେ ଏହାର ସେପରି କୌଣସି ପ୍ରାଥମିକ ତଥ୍ୟ ନାହିଁ ଏବଂ ସଚେତନତାର ଅଭାବ ସହିତ ଅତ୍ୟାଧୁନିକ ମାଇକ୍ରୋବାୟୋଲୋଜି ଅଭାବ। ସେହିପରି ରୋଗ ନିରୂପଣ ସକାଶେ ବିଶେଷକରି ଗ୍ରାମାଞ୍ଚଳରେ ତାଲିମ ପ୍ରାପ୍ତ ବ୍ୟକ୍ତି ଓ ଡାକ୍ତରଙ୍କ ଅଭାବ ମଧ୍ୟ ରହିଛି। ତେବେ ଅନେକ କ୍ଷେତ୍ରରେ ଏହି ରୋଗ ସମ୍ପର୍କରେ ଜାଣିବା ଢ଼େର ବିଳମ୍ବ ହୋଇଥାଏ। ସେହିପରି କେବଳ ପାଣିପାଗ ଜନିତ ଜୀବାଣୁ କାରଣ ନୁହଁ ଦୁର୍ବଳ, ପରିମଳ ବ୍ୟବସ୍ଥା, ପାରିବେଶିକ ଅବସ୍ଥିତି, ଜନସଂଖ୍ୟାର ସାର୍ନ୍ଦ୍ରତା, ଯୋଜନାବିହୀନ ସହରୀକରଣ, ବାୟୁ ପ୍ରଦୂଷଣ ପରି ଅନେକ କାରଣ ମଧ୍ୟ ରହିଛି। ଏହି ରୋଗଟି ଅତ୍ୟନ୍ତ ସଂକ୍ରାମକ ଏବଂ ଏହାର ପ୍ରାଦୁର୍ଭାବ ମଧ୍ୟ ପରବର୍ତ୍ତୀ ସମୟରେ ଏକ ବିଷମ ପରିସ୍ଥିତି ସୃଷ୍ଟି କରିପାରେ।

ଭବିଷ୍ୟତରେ ମେଲିଓଇଡ଼ୋସିସ୍ ରୋଗ କିପରି ନିୟନ୍ତ୍ରଣ ହେବା ସହ ଜନସ୍ୱାସ୍ଥ୍ୟ ସେବାକୁ ପ୍ରଭାବୀ କରାଯିବ ସେ କ୍ଷେତ୍ରରେ ସରକାରୀ ସ୍ତରରେ ପୂର୍ବାନୁମାନ, ନିଦାନ ବା ପରୀକ୍ଷା ଓ ଚିକିତ୍ସା ସମ୍ବନ୍ଧୀୟ ବ୍ୟାପକତା ମଧ୍ୟ ଆରମ୍ଭ ହୋଇଗଲାଣି। କାରଣ ଏହାଦ୍ୱାରା ପାଣିପାଗ ଓ ପରିବେଶ କାରଣ ନେଇ ଯେଉଁ ରୋଗ ଆସନ୍ତା ସମୟରେ ଆହ୍ୱାନ ସୃଷ୍ଟି କରିବ ସେ କ୍ଷେତ୍ରରେ ସରକାରୀ ଭାବେ ଏହାର ମୁକାବିଲା ମଧ୍ୟ ସମ୍ଭବ ହୋଇପାରିବ। ଓଡ଼ିଶାରେ ସେପରି ଭୟାନକ ଚେହେରା ନ ଦେଖାଇଥିଲେ ମଧ୍ୟ ଏହି ଗ୍ରୀଷ୍ମମଣ୍ଡଳୀୟ ସଂକ୍ରାମକ ରୋଗଟି ଏପରି ଏକ ବିରଳ ଖ୍ୟାତି ସୃଷ୍ଟି କରିଛି ତାହା ହେଉଛି ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ଯେଉଁଠି ଏହି ରୋଗର ପରିବ୍ୟାପ୍ତି ଚିହ୍ନଟ କ୍ଷେତ୍ରରେ ଗବେଷଣା ଓ ଅଧ୍ୟୟନ ଆରମ୍ଭ ହୋଇ ସରକାରୀ ଭାବେ ଏହାର ମୁକାବିଲା ପାଇଁ କାର୍ଯ୍ୟ ପ୍ରସ୍ତୁତ କରାଯାଉଛି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତର ସହ ନେବା ସହ ଯୁଦ୍ଧକାଳୀନଭିତ୍ତିରେ ଏହାର ଗବେଷଣା ଓ ଚିକିତ୍ସା ଉଭୟକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ତେବେ ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି। ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ପରିଷ୍କାର ପରିଚ୍ଛନ୍ନ ରହିବା ସହ ଏକ ସର୍ବୋତ୍ତମ ଜୀବନଶୈଳୀ ପାଇଁ ସମସ୍ତଙ୍କ ଭିତରେ ଏକ ପରିବର୍ତ୍ତନର ଧାରା ସୃଷ୍ଟି ହେଉ। ନିଜ ଘର, ଆଖପାଖ ପରିବେଶ ଓ ସମାଜର ସବୁ ସ୍ଥାନର ପରିମଳ ଓ ସହରୀକରଣ ଯେପରି ସ୍ୱାସ୍ଥ୍ୟବାନ ଓ ସୌନ୍ଦର୍ଯ୍ୟବାନ ହୋଇପାରିବ ତାହା ମଧ୍ୟ ଗୁରୁଦାୟିତ୍ୱ। କୌଣସି ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନାକୁ ଗୁଜବ ନଖେଳାଇ ବରଂ ସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କୁ ଏକ ସଚେତନଧର୍ମୀ ତଥ୍ୟ ପ୍ରଦାନ କରି ଜଣେ ଉତ୍ତମ ନାଗରିକାର ଦାୟିତ୍ୱ ନିର୍ବାହ କରନ୍ତୁ। ଏହା ହିଁ ମେଲିଓଇଡ଼ୋସିସ୍ ପରି ଭୟାନକ ଚେହେରା ଦେଖାଇବାକୁ ଯାଉଥିବା ସଂକ୍ରାମକ ଜଟିଳ ରୋଗ ପାଇଁ ହେବ ମୁହଁତୋଡ଼ ଜବାବ।



ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ବ୍ଲକ ନଣ୍ଡାଶୋଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଆଦି ଅନୁଷ୍ଠିତ ହୋଇଯାଇଛି । ଏବିଡିଓ ଗଗୋନ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଗୋବିନ୍ଦ ହାଁସଦା ପୌରୋହିତ୍ୟ କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇ, ଜିପିଓ ସବ୍ୟସାଚୀ ଦାସ, ନଣ୍ଡାଶୋଳ ପିଓ ପ୍ରଦୀପ୍ତା ମାରାଣ୍ଡିଙ୍କ ସହ ପଞ୍ଚାୟତିରାଜ, ରାଜସ୍ୱ, ମିଶନଶକ୍ତି, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଶିଶୁ ଓ ମହିଳା ଉନ୍ନୟନ ବିଭାଗ, ସାମାଜିକ ସୁରକ୍ଷା, ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୯୪ରୁ ଊର୍ଦ୍ଧ୍ୱ ଜନତା ନିଜ ନିଜର ଅଭିଯୋଗ ଦାଖଲ କରିଥିଲେ । ଏହାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଏବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ ।



# ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୫ ଘୋଷଣାକୁ ଇଫ୍‌କୋର ସ୍ୱାଗତ

ପାରାଦୀପ(ଭାସ୍କର ନ୍ୟୁଜ): ଗତ ମାର୍ଚ୍ଚ ୨୬ରେ ଲୋକସଭାରେ ଆଗତ ଓ ଗୃହୀତ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ-୨୦୨୫କୁ ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା ଇଫକୋ ପକ୍ଷରୁ ସ୍ୱାଗତ କରାଯାଇଛି । ଏହି ଅବସରରେ କେନ୍ଦ୍ର ଗୃହ ଓ ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ଦେଶ ତାର ପ୍ରଥମ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିପାରିଛି । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥା ସୁଦୃଢ଼ୀକରଣ, ଲଘୁ ଉଦ୍ୟୋଗର ବିକାଶ, ନିଯୁକ୍ତି ସୁଯୋଗ, ଗବେଷଣା ତଥା ଆନୁସଙ୍ଗିକ ବ୍ୟବସ୍ଥାର ନବୀକରଣ ସମେତ ସମଗ୍ର ଦେଶ ଏକ ନୂତନ ସମବାୟ ନେତୃତ୍ୱ ଓ ଆଧୁନିକ ଶିକ୍ଷା ନୀତି ପାଇପାରିବ ବୋଲି ଶ୍ରୀ ଶାହା ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ. ଉଦୟ ଶଙ୍କର ଅଓ୍ୱସ୍ତି ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଦକ୍ଷେପକୁ ପ୍ରଶଂସା କରି ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମବାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଏହି ପଦକ୍ଷେପ ପାଇଁ ଡ଼ଃ. ଅଓ୍ୱସ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କୁ ସ୍ୱାଗତ ଜଣାଇଛନ୍ତି କ୍ଷ ଦେଶର କୃଷି, କୃଷକ ଓ ଗ୍ରାମୀଣ ବିକାଶ ପାଇଁ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଏବଂ ଦେଶର ସାର ଉତ୍ପାଦନ ସଂସ୍ଥା ମୁଖ୍ୟତଃ ଇଫକୋ ସମବାୟ ସଂସ୍ଥା ପରିଚାଳନାକୁ ସଶକ୍ତିକରଣ କରିବା ସହ ଏହି ବିଶ୍ୱବିଦ୍ୟାଳୟରେ ସମବାୟ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ମିଳିବା ସହ ସାର ଉତ୍ପାଦନ ଓ ଏହାର ମାନ ବୃଦ୍ଧିରେ ବେଶ ସହାୟକ ହେବ ବୋଲି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ସୂଚନା ମିଳିଛି ।

‘ଓଡ଼ିଶା ଭାସ୍କର’ର ମହାପ୍ରଭାବ

# ଖବର ପ୍ରସାରଣ ପରେ ନିର୍ମାଣ ହେଲା ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ‘ଓଡ଼ିଶା ଭାସ୍କର’ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଲା । ଆରମ୍ଭ ହେଲା ରାସ୍ତା କାର୍ଯ୍ୟ । ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାକୁ ନେଇ ‘ଓଡ଼ିଶା ଭାସ୍କର’ ନିରପେକ୍ଷ ଖବର ପ୍ରସାରଣ କରି ଆସୁଥିଲା । ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି, ଶୁଣୁନି ପ୍ରଶାସନ । ରୋଗୀ ଯାତାୟତରେ ପ୍ରତିବନ୍ଧକ । ଏହାକୁ ନେଇ ଅନେକ ବୁଦ୍ଧିଜୀବୀ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ଶେଷରେ ପ୍ରଶାସନ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ନିର୍ମାଣ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱାସ୍ଥ୍ୟକେନ୍ଦ୍ର ଉତର ପଟ ରାସ୍ତା ଖାଲଖମା ସୃଷ୍ଟି ହୋଇ ରୋଗୀ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ବେଳେ ରାସ୍ତା ନିକଟରେ ଦୁର୍ଗା ମଣ୍ଡପ ଓ ପୂର୍ଣ୍ଣେଶ୍ୱର ଦେବଙ୍କ ମନ୍ଦିର ରହିଅଛି । ଏଠାରେ ବିବାହ ଭୋଜି ହେଉଥିବା ବେଳେ ରାସ୍ତାରେ ଅଇଁଠା ପତ୍ର ଓ ଅଇଁଠା ପାଣି ଲହଡ଼ା ମାରୁଥିବା ଖବର ‘ଓଡ଼ିଶା ଭାସ୍କର’ ନଜରକୁ ଆସିଥିଲା । ’ଓଡ଼ିଶା ଭାସ୍କର’ ଏହି ଖବରକୁ ବାରମ୍ବାର ପ୍ରସାରଣ କରିବା ପରେ ପ୍ରଶାସନ ପକ୍ଷରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ଆରମ୍ଭ ହୋଇଛି । ରାସ୍ତା ଉଚ୍ଚତା କରାଯାଇ ଥିବା ବେଳେ ଡ୍ରେନେଜ୍ ମଧ୍ୟ ନିର୍ମାଣ ହୋଇଛି । ଅନେକ ଲୋକ ମତ ଦେଇଛନ୍ତି ‘ଓଡ଼ିଶା ଭାସ୍କର’ରେ ବାରମ୍ବାର ଖବର ବାଜିବାରୁ ଏହି ରାସ୍ତା କାର୍ଯ୍ୟ କରାଗଲା ବୋଲି । ଯାହାକୁ କି, ‘ଓଡ଼ିଶା ଭାସ୍କର’ ପରିବାରକୁ ସଚେତନ ନାଗରିକଙ୍କ ପକ୍ଷରୁ ଧନ୍ୟବାଦ ଦିଆଯାଇଛି । ପ୍ରତ୍ୟେକ ସମୟରେ ଜନତାଙ୍କ ସହିତ ‘ଓଡ଼ିଶା ଭାସ୍କର’ ରହି ଆସୁଅଛି । ବଡ଼ ହେଉକି ଛୋଟ ହେଉ ଯେକୌଣସି ସମସ୍ୟା ନଜରକୁ ଆସିବ ତାହାକୁ ନୀରପେକ୍ଷ ଭାବେ ଖବର ପ୍ରସାରଣ କରି ଆସିଥାଏ । କୌଣସି ଚାପର ବଶବର୍ତ୍ତୀ ନ ହୋଇ ଖବର ପ୍ରସାରଣ କରୁ ଥିବାରୁ ‘ଓଡ଼ିଶା ଭାସ୍କର’ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଛି ।

# ଚୌଦ୍ୱାରରେ ଜାନକୀ ବାବୁଙ୍କ ଶ୍ରାଦ୍ଧୋତ୍ସବ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ପ୍ରବୀଣ ରାଜନେତା, ସାରସ୍ୱତ ସାଧକ, ବିଶିଷ୍ଟ ସାମ୍ବାଦିକ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧୋତ୍ସବ ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଜାନକୀ ବଲ୍ଲଭ ସ୍ମୃତି ସଂସଦ ସଭାପତି ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଫେସର ଡ.ନେତାଜୀ ଅଭିନନ୍ଦନ ମୁଖ୍ୟବକ୍ତା ଭାବେ ଜାନକୀ ବାବୁଙ୍କ ସ୍ମୃତିଚାରଣ କରି ତାଙ୍କୁ ସାମ୍ବାଦିକତା, ସାହିତ୍ୟ, ସେବା ଓ ରାଜନୀତିର ମହାସଂଗମ ଭାବେ ଅବିହିତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରିଷ୍ଠ ଆଇନଜୀବୀ ସୌର ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଜାନକୀ ବାବୁଙ୍କ ଅନ୍ତର୍ନିହିତ ପ୍ରତିଭା ତାଙ୍କୁ ଜଣେ ଶ୍ରେଷ୍ଠ ରାଜନୀତିବିତ୍ ଏବଂ ମହାନ୍ ସାରସ୍ୱତ ସାଧକ ଭାବେ ପ୍ରତିଷ୍ଠିତ କରି ପାରିଥିଲା ବୋଲି ମତବ୍ୟକ୍ତ କରିଥିଲେ । ସଂଗଠନ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ସାଧାରଣ ସମ୍ପାଦକ ଆଇନ୍‌ଜୀବୀ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପାଠ କରିଥିଲେ । ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ଯୁବନେତା ବିଷ୍ଣୁଚରଣ ପରିଡ଼ା, କଂଗ୍ରେସ ନେତା ଧୀରେନ୍ଦ୍ର ଚୌଧୁରୀ, ବିଜୟ କୁମାର ବେହେରା, ଜିନେଶ ଦାସ, ଭାଜପା ନେତା ବୈରାଗୀ ଚରଣ ପ୍ରଧାନ, ଅକ୍ଷୟ ଭୁୟାଁ, ଶିବ ପ୍ରସାଦ ପତି, ଅଧ୍ୟାପକ ପ୍ରଫୁଲ କୁମାର ରାଉତ, ଶୁଭ୍ରାଂଶୁ ରଞ୍ଜନ ଦାସ, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ଦୀଲ୍ଲିପ ଭୁୟାଁ, ଲକ୍ଷ୍ମୀଧର ଖୁଣ୍ଟିଆ, ରାଜକିଶୋର ସାମନ୍ତରାୟ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, କିରଣବାଳା ନାୟକ, ଶରତ ଚନ୍ଦ୍ର ସ୍ୱାଇଁ, ମୋନାଲିସା ଦାସ, ଅଶୋକ କୁମାର ନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶିଶୁସଦନର ଅନ୍ତେବାସୀଙ୍କଦ୍ୱାରା ସମୂହ ବେଦ ଆବୃତ୍ତି କରାଯାଇଥିଲା । ଉପସଭାପତି ଶରତ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଜଗର ସାପ ଉଦ୍ଧାର, ଲୋକେ ଆତଙ୍କିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଅଜଗର ଆତଙ୍କ ଦେଖା ଦେଇଥିବା ବେଳେ ଏକ ପ୍ରଜାତିର ଅଜଗର ସାପ ପାଣି ଭିତରେ ବୁଡ଼ି ରହିଛନ୍ତି । କୌଣସି ମୁହୂର୍ତ୍ତରେ ଲୋକମାନଙ୍କର କ୍ଷତି ପହଞ୍ଚାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି । ଏହିପରି ଏକ ଅଜଗର ମାଛ ଧରାଳୀଙ୍କ ଜାଲରେ ପଡ଼ିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ସାତସଙ୍ଖ ବଜାର ନିକଟରେ ଥିବା ରତ୍ନଚିରା ନଦୀରେ ଲୋକେ ବସାଇଥିବା ମାଛ ଜାଲରେ ଗତ ରାତିରୁ ଏକ ବିରାଟକାୟ ଅଜଗର ସାପ ଫସି ଯାଇଥିଲା । ସକାଳୁ ମାଛ ଜାଲରେ ଅଜଗର ପଡ଼ିଥିବା ଦେଖି ଲୋକେ ହୋହାଲ୍ଲା କରିବାରୁ ଜାଲକୁ ଟାଣି କୂଳକୁ ଆଣିବା ପରେ ସ୍ନେକ ହେଲ୍ପଲାଇନକୁ ଖବର ଦିଆଯାଇଥିଲା । ଖବର ପାଇ ସ୍ନେକ ହେଲ୍ପ ଲାଇପ ସଦସ୍ୟ ସୁଶାନ୍ତ ବେହେରା ଓ ହେମନ୍ତ ବେହେରା ଘଟଣାସ୍ଥଳରେ ଅଜଗର ସାପଟିକୁ ଏକ ବର୍ମିଜ୍ ପାଇଥନ ବୋଲି ଚିହ୍ନଟ କରିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସାପ ଦେହରେଗୁଡ଼ାଇ ହୋଇଥିବା ଜାଲକୁ କାଟି ସାପକୁ ବନ୍ଧନ ମୁକ୍ତ କରିଥିଲେ । ସ୍ନେକ୍ ହେଲ୍ପ ଲାଇନ୍ ଟିମ୍ ସାପ ଦେହରେ କୌଣସି ସ୍ଥାନରେ କୌଣସି କ୍ଷତ ହୋଇ ନଥିବା କହିଥିଲେ । ଏହି ପ୍ରଜାତିର ସାପ ଦଳ ଗାଡ଼ିଆ ଓ ପାଣି ଜୋର ମାନଙ୍କରେ ବାସ କରନ୍ତି ବୋଲି ସ୍ନେକ୍ ହେଲ୍ପ ଲାଇନ୍ କହିଛନ୍ତି । ଏହି ସାପକୁ ପ୍ରାକୃତିକ ଆବାସ ସ୍ଥଳୀରେ ଛଡ଼ା ଯାଇଛି । ଦିନ ବେଳା ଲୋକଙ୍କ ଚଳପ୍ରଚଳ ହେତୁ ନିକଟସ୍ଥ ନଦୀ ନାଳ ମାନଙ୍କରେ ଛାଡ଼ିବା ସମ୍ଭବ ହେଉନଥିବା ବେଳେ ସଂଧ୍ୟା ହେବା ପରେ ସାପଟିକୁ ବନ ବିଭାଗ ପ୍ରାକୃତି ଆବାସ ସ୍ଥଳୀରେ ଛାଡ଼ିଛନ୍ତି ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ

ପୁରୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ମଙ୍ଗଳବାର ପିପିଲି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୧୭ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୧୧ ଗୋଟି ବ୍ୟକ୍ତିଗତ, ୫ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୧ ଗୋଟିର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିପିଲି ଏସଡିପିଓ ବିରଞ୍ଚି ପତି, ପିପିଲି ବିଡ଼ିଓ ସରୋଜ କୁମାର ରାଉତ, ତହସିଲଦାର ହୃଷିକେଶ ତ୍ରିପାଠୀ, ଅଭିଯୋଗ ଶୁଣାଣୀ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଆସନ୍ତା ୨୮ ତାରିଖରେ ଜିଲ୍ଲା ସଦର ମହକୁମାରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# କଣ୍ଟିପୁର ଅଙ୍ଗନବାଡି କେନ୍ଦ୍ରରେ ଚୋରି



ଆଳି(ଭାସ୍କର ନ୍ୟୁଜ): ଆଳି ଥାନା ଅନ୍ତର୍ଗତ ମେଣ୍ଡପୁର ପଞ୍ଚାୟତର କଣ୍ଟିପୁର ଗ୍ରାମର ଅଙ୍ଗନବାଡି ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ମଲିକଙ୍କ ଏତଲା ଅନୁଯାୟୀ କିଛି ଦୁର୍ବୃତ୍ତ ଆଜି ଅପରାହ୍ନରେ ଅଙ୍ଗନବାଡିର ତାଲା କାଟି ଡକାୟତି ଘଟାଇଛନ୍ତି । ବିଜୟାଲକ୍ଷ୍ମୀଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ କେହି ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ କାଣ୍ଡ ଘଟାଇଛନ୍ତି । ପ୍ରଥମେ ପିଲାମାନେ ଅଙ୍ଗନବାଡି ନିକଟରେ ଖେଳୁଥିବା ସମୟରେ ଅପରାହ୍ନ ୪ ଘଟିକାରେ ତାଲା କଟାଯାଇଥିବାର ଦେଖି ତାଙ୍କୁ ଡାକିଥିଲେ । ସେ ଯାଇ ଦେଖନ୍ତି ତ ଚୋରମାନେ କେନ୍ଦ୍ରରୁ ଏଲଇଡି ଟିଭି, ଏଲଇଡି ଲାଇଟ, ଇନଭୋର୍ଟର ବ୍ୟାଟେରି, ଟିଏଲଏମ ଖେଳଣା ସହିତ ପ୍ରାୟ ଆନୁମାନିକ ମୂଲ୍ୟ ୫୦୦୦୦ ଟଙ୍କାର ଆସବାବପତ୍ର ଲୁଟି ନେଇଛନ୍ତି । ଏ ନେଇ ସେ ପ୍ରଥମେ ସ୍ଥାନୀୟ ଗ୍ରାମବାସୀ, ସରପଞ୍ଚ ଓ ମହିଳା ଶିଶୁ ବିକାଶ ଅଧିକାରିଣୀ ମାମିନାବାଳା ପଣ୍ଡାଙ୍କୁ ଅବଗତ କରାଇବା ପରେ ତାଙ୍କ ପରାମର୍ଶ କ୍ରମେ ଆଳି ଥାନାରେ ଏତଲା ଦେଇଛନ୍ତି । ନୂତନ ଥାନାଧିକାରୀ ଯୋଗଦେବା ଦିନଠାରୁ କମିଯାଇଥିବା ଚୋରି ଆତଙ୍କ ଆଜି ପୁଣି ଥରେ ଦେଖାଦେଇଛି । ବାରମ୍ବାର ଏହିପରି ଚୋରି ଓ ଡକାୟତି ଘଟଣା ଆଳିବାସୀଙ୍କୁ ଆତଙ୍କିତ କରାଇବା ନେଇ ଲୋକମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

# ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କଲେ ୱାର୍ଲ୍ଡ ଫୁଡ୍ ପୋଗ୍ରାମର ଟିମ୍



ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକରେ ୱାର୍ଲ୍ଡ ଫୁଡ୍ ପୋଗ୍ରାମ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭଞ୍ଜ ନଗରର ପକ୍ଷରୁ ମିଳିତ ଭାବେ ଏକ ଟିମ୍ ଆଜି ଆସିକାର ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ । ତେବେ ଯାଞ୍ଚ ଟିମ୍ ଆସିକା ଚେରମାରିଆ ଅଙ୍ଗନୱାଡ଼ି କେନ୍ଦ୍ର ଓ କାଳକ୍ଷଣ୍ଡପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟକୁ କିପରି ପ୍ରସ୍ତୁତ କରାଯାଉଛି, ଖାଦ୍ୟ ପ୍ରସ୍ତୁତି ସମୟରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଆଯାଉଛି କି ନାହିଁ ମଧ୍ୟାହ୍ନ ଭୋଜନ ପାଇଁ ଆସୁଥିବା ଚାଉଳକୁ ସୁରକ୍ଷିତ ଭାବେ ରଖା ଯାଇଛି କି ନାହିଁ ସେ ସବୁ ଯାଞ୍ଚ କରିବା ସ୍କୁଲର ରୋଷେଇ ଶାଳ ବୁଲି ଦେଖିଥିଲେ ଶେଷରେ ପ୍ରସ୍ତୁତ ଖାଦ୍ୟକୁ ଟେଷ୍ଟ କରିଥିବା ବେଳେ ଆସିକା ବ୍ଲକର ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡ଼ିରୁ ନିମ୍ନମାନର ଖାଦ୍ୟ ଓ ଅସୁରକ୍ଷିତ ଭାବେ ଖାଦ୍ୟ ପ୍ରସ୍ତୁତି କରିବାର ବିଭିନ୍ନ ସମୟରେ ଅଭିଯୋଗ ଆସିଛି । ଆଜି ଆଗୁଆ ସତର୍କ କରିଥିବା କେନ୍ଦ୍ରକୁ ଯାଇ ଖାଦ୍ୟର ମାନ ପରଖିବା ସାପ ମରିବନି କି ବାଡ଼ି ଭାଙ୍ଗିବନି ଏ ଭଳି ସଲାସୁତୁରାରେ ଚାଲିଛି ଶିକ୍ଷା ବିଭାଗର ନିତି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା । ଓଡ଼ିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ୱାର୍ଲ୍ଡ ଫୁଟ ପୋଗ୍ରାମ ପକ୍ଷରୁ ଏହି ଯାଞ୍ଚ କରାଯାଉ ଥିବା ବେଳେ ୱାରର୍ଲ୍ଡ ଫୁଡ୍ ନ୍ୟୁଟ୍ରିସିଆନ ମୋନା ଜେଠୁଆ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭଞ୍ଜ ନଗରର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିତା ପାତ୍ର, ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍ ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇଥିଲେ ।

# ଅବକାରୀ ବିଭାଗର ଚଢ଼ାଉ, ୩ କୋର୍ଟଚାଲାଣ



ବେତନଟୀ(ଭାସ୍କର ନ୍ୟୁଜ): ଭାସ୍କର ନ୍ୟୁଜ ଅବକାରୀ ବିଭାଗ ଅଧୀନ ବେତନଟୀ ଅଞ୍ଚଳରେ ମଙ୍ଗଳବାର ଚଢାଉ କରି ଦେଶୀ ମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଅବକାରୀ ବିଭାଗ । ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ନୂଆ ଗାଁ ଗ୍ରାମର ମାଳତୀ ହାଁସଦା ଓ ସେହି ଗ୍ରାମର ଡମ୍ବରୁଧର ବିନ୍ଧାଣୀ ସେହିପରି ପୁରୁଣାପାଣି ଗ୍ରାମର ରଘୁନାଥ ଟୁଡୁ ବୋଲି ଜଣାପଡିଛି । ଚଢ଼ାଉ ସମୟରେ ତିନି ଜଣଙ୍କ ପାଖରୁ ମୋଟ ଲିଟର ୪୧ ଲିଟର ଦେଶୀ ମଦ ଜବତ କରାଯାଇଛି । ବେତନଟୀ ଅବକାରୀ ଅଧିକାରୀ ପ୍ରକାଶ ସାହୁଙ୍କ ସହ ଅବକାରୀ ବିଭାଗ ର କର୍ମଚାରୀମାନେ ଏହି ଚଢାଉରେ ଉପସ୍ଥିତ ଥିଲେ ।

# ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ହିଙ୍ଗୁଳା ମନ୍ଦିର ଯାତ୍ରା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଦିଲ୍ଲୀପ କୁମାର ଦାସଙ୍କ ଅଧ୍ୟକ୍ଷତା ଓ ନାଟ୍ୟକାର ଗୁରୁ ଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ରୁ ମୋଚନ ମହାନ୍ତି,ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର, ନାଟକ, ଟିଭି ଧାରାବାହିକ ନିର୍ଦ୍ଦେଶକ ମହେଶ ହାଜରା ଏବଂ ମୁଖ୍ୟ ବକ୍ତା ଭାବେ ଓଡ଼ିଆ ସାହିତ୍ୟ ଏବଂ ନାଟକ ଲେଖକ, ଗବେଷକ ଡଃ ଅରୁଣ କୁମାର ନାୟକ ଯୋଗଦେଇଥିଲେ । ଏହି ଅବସରରେ ବରିଷ୍ଠ ମଞ୍ଚ ଓ ଦୂରଦର୍ଶନ କଳାକାର ଶିବ ପ୍ରସାଦ ମିଶ୍ର, ଆନନ୍ଦ ଚନ୍ଦ୍ର ନାୟକ, ଭାଗବତ ପୋଥାଳ ଓ ଶାନ୍ତନୁ କୁମାର ଦାଶଙ୍କୁ ହିଙ୍ଗୁଳା ସମ୍ମାନ-୨୦୨୫ ରେ ସମ୍ମାନିତ କରାଯାଇଥିଲା । ମା’ ହିଙ୍ଗୁଳା ଦେବୀ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶଶୀ ଭୂଷଣ ପୃଷ୍ଟି, ସମ୍ପାଦକ କୁଞ୍ଜ ବିହାରୀ ଚିନରା ଉପସ୍ଥିତ ଥିଲେ । ରାତ୍ର ବାର ଘଟିକା ସମୟରେ ଦେବାଶିଷ ମିଶ୍ରଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାର ଙ୍କ ଦ୍ୱାରା ସାମାଜିକ ନାଟକ କିଏ ପୋଛିବ ଆଖିର ଲୁହ ମଞ୍ଚସ୍ଥ ହୋଇଥିଲା । ପ୍ରାୟ ଦୁଇ ହଜାର ଦର୍ଶକ ନାଟକ ଉପଭୋଗ କରିଥିଲେ ।

## ପଞ୍ଚଭୂତରେ ଲୀନ ହେଲା ତାଳଚେର ରାଜାସାହେବଙ୍କ ପ୍ରାର୍ଥିବ ଶରୀର

# ବିକେୟେନ୍ଦ୍ର ଚନ୍ଦ୍ର ଦେବ ନୂତନ ୨୭ ତମ ରାଜା

ତାଳଚେର(ଭାସ୍କର ନ୍ୟୁଜ): ତାଳଚେରର ରାଜାସାହେବ ରାଜେନ୍ଦ୍ର ଚନ୍ଦ୍ର ଦେବ ବିରବର ହରିଚନ୍ଦନ(୭୪) ଗତକାଲି ଦିନ ସାଢ଼େ ୧୧ଟା ବେଳେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ରାୟପୁରାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ଦେହାନ୍ତ ହୋଇଥିଲା । ରାଜା ରାଜେନ୍ଦ୍ର ୧୯୫୨ ଏପ୍ରିଲ ୭ରେ ଜନ୍ମଗ୍ରହଣ କରିଥିଲେ । ୧୯୯୬ ଜୁଲାଇ ୧୮ରେ ତାଲଚେରର ୨୬ତମ ରାଜା ଭାବେ ୪୪ବର୍ଷ ବୟସରେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ଛତିଶଗଡ଼ ରାଜ୍ୟ ବସ୍ତର ରାଜାଙ୍କ କନ୍ୟା ରାଜକୁମାରୀ ପୁଷ୍ପା କୁମାରୀ ଦେବୀଙ୍କୁ ବିବାହ କରିଥିଲେ । ରାଜା ସାହେବଙ୍କ ଦେହାନ୍ତ ଖବର ଜଣାପଡିବା ପରେ ସାରା ତାଳଚେରରେ ଶୋକର ଛାୟା ଖେଳିଯାଇଥିଲା । ରାଜାସାହେବଙ୍କ ମୃତ ଶରୀର ରାଜପ୍ରାସାଦଠାରେ ପହଞ୍ଚିବା ପରେ ବହୁ ରାଜ ପରିବାରର ରାଜା ଓ ଆତ୍ମୀୟ ପରିଜନ, ଶୁଭେଚ୍ଛୁ ଓ ବିଧାୟକ ପୂର୍ବତନ ସାଂସଦ ମହେଶ ସାହୁ, କଂଗ୍ରେସ ନେତ୍ରୀ ଇଂ ସସ୍ମିତା ବେହେରା, ନଗରପାଳ ପବିତ୍ର ଭୂତିଆ, ସମାଜ ସେବୀ ବାନମ୍ବର ଭୂତିଆ, ସମେତ ବିଭିନ୍ନ ଅନୁଷ୍ଠାନ କିଶୋର କ୍ଲବ୍ ସଦସ୍ୟ କର୍ମକର୍ତ୍ତା, ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ପରେ ନୂତନ ରାଜାଙ୍କ ରାଜାଭିଷେକ କରାଯାଇ ସ୍ୱର୍ଗତ ରାଜାଙ୍କ ପାର୍ଥବ ଶରୀରକୁ ରାଜପ୍ରସାଦରୁ ସହର ପରିକ୍ରମା କରି ବଡ଼ଦାଣ୍ଡସାହି ବଡ଼ବଜାର ଫାଷ୍ଟଗେଟ, ହନୁମାନପଡା, କାରିଗରପଡା, ବଉଳଛକ, ଭୈରବୀସାହି, ଅମଲାପଡା, ଗୋପୀନାଥପୁର ଦେଇ ପଶ୍ଚିମେଶ୍ୱର ନିକଟସ୍ଥ ରାଜ ସମାଧୀ ସ୍ଥିତ ସ୍ମଶାନ ଘାଟ ଠାରେ ଶେଷକୃତ୍ୟ ସମାପନ କରାଯାଇଥିଲା

# ସିଦ୍ଧଳ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ଜଗତସିଂହପୁର(ଭାସ୍କର ନ୍ୟୁଜ): ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିଦ୍ଧଳଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ କହିଲେ, ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ କ୍ରମେ ସିଦ୍ଧଳ ମନ୍ଦିରର ରକ୍ଷଣାବେକ୍ଷଣ ଓ ଦାୟିତ୍ୱ ନିମନ୍ତେ ଉପ ଜିଲ୍ଲାପାଳଙ୍କୁ ଟ୍ରଷ୍ଟୀ ସହ ସରକାରୀ ଅଧିକାରୀଙ୍କ ସମେତ ଅନ୍ୟ ୮ ଜଣ ମନ୍ଦିର କର୍ତ୍ତୁପକ୍ଷଙ୍କୁ ମିଶାଇ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି । ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହର ସହ ପାଳନ କରାଯିବ । ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯ୍ୟର ତଦାରଖ ନିମନ୍ତେ ରଥଯାତ୍ରାର ସ୍ଥାନକୁ ଯାଇ ସେଠାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବେ । ମନ୍ଦିର ପୁଷ୍କରିଣୀ ର ସୌନ୍ଦର୍ଯ୍ୟ କରଣ ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା ଓ ଜିଲ୍ଲାପାଳ ଏଥିପାଇଁ ଉପ ଜିଲ୍ଲାପାଳ ଓ ବିଡିଓଙ୍କୁ ଦାୟିତ୍ୱ ଦେଇଥିଲେ । ବୈଠକରେ ରଥ ନିର୍ମାଣ, ସିଦ୍ଧଳରୁ ପୁରୋହିତପୁର, ସିଦ୍ଧଳ ଛେଳିଆଗଡ଼, ସିଦ୍ଧଳରୁ ଢ଼ିଅସାହି ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା , ଗୁଣ୍ଡିଚା ମନ୍ଦିର ନିକଟ କେନାଲ ଉପରେ ସ୍ଲାବ ମରାମତି ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ, ଜଳସେଚନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ବଡ଼ଦାଣ୍ଡ ନିକଟରେ ଡ୍ରେନ ସଫେଇ, ଅଳିଆ ଆବର୍ଜନା ଓ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନତା, ସାତଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ୍ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଡିଏସପି ପ୍ରଭାତ କୁମାର ସେଠୀ, ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ,ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର,ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବଳଦେବଜିଉ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ, ଜ୍ୟୋତି ରଞ୍ଜନ ପରିଡ଼ା, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସୁର ପ୍ରସାଦ ନାୟକ, ଶରତ କୁମାର ଷଡଙ୍ଗୀ, ମୁଦୁପୁର, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷରେ ଉପ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଜୁ ଜଙ୍ଗଲରେ ଝୁଲୁଛି ଯୁବକଙ୍କ ମୃତ ଦେହ

ଟାଙ୍ଗ(ଭାସ୍କର ନ୍ୟୁଜ): ଚାନ୍ଦପୁର ଥାନା ଅଧିନସ୍ଥ ଗୌରଚନ୍ଦ୍ରପୁର ଗ୍ରାମର କାଜୁ ଜଙ୍ଗଲରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ମୃତ ଦେହ ଝୁଲୁଥିବା ଜଣାପଡିବା ପରେ ଘଟଣା ସ୍ଥଳରେ ପହଞ୍ଚି ଥିଲା ଚାନ୍ଦପୁର ଥାନା ପୋଲିସ । କି’ଏ ଏହି ଯୁବକ, କାହିଁକି କରିଛି ଆତ୍ମହତ୍ୟା ତାହାର ଖୋଳତାଡ଼ ଆରମ୍ଭ କରିଛନ୍ତି ଚାନ୍ଦପୁର ଥାନା ପୋଲିସ । ପ୍ରାଥମିକ ତଦନ୍ତ କରିବା ପରେ ମୃତ ଯୁବକ ଜଣକ ହେଉଛନ୍ତି ଚାନ୍ଦପୁର ଥାନା ଅଞ୍ଚଳର କାନ୍ଧନାୟଗଡ଼ ଗ୍ରାମର ସୀତାରାମ ସାହୁ ବୋଲି ଜଣାପଡିଛି । ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ ବୋଲି ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ କହିଛନ୍ତି । ଏନେଇ ଚାନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଛି ପୋଲିସ । ଏହା ଆତ୍ମହତ୍ୟା ବୋଲି ପୋଲିସ ପ୍ରାଥମିକ ତଦନ୍ତ ପରେ ସ୍ପଷ୍ଟ କରିଛି । ଘଟଣା ସ୍ଥଳରୁ ଏକ ସ୍କୁଟି ଗାଡ଼ି ଉଦ୍ଧାର କରିଛି ପୋଲିସ ।

# ଆଦିତ୍ୟ ଆଲୁମିନିୟମ୍ ଦ୍ୱାରା ମିନି ସାଇନ୍ସ ସେଣ୍ଟର ସ୍ଥାପନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀ ଆଦିତ୍ୟ ଆଲୁମିନିୟମ ସମ୍ବଲପୁର ଜିଲ୍ଲା ମଧ୍ୟରେ ପାଞ୍ଚଟି ସ୍କୁଲରେ ମିନି ସାଇନ୍ସ ସେଣ୍ଟର ସ୍ଥାପନ ଦ୍ୱାରା ଏସଟିଇଏମ୍ ଶିକ୍ଷାରେ ବୃଦ୍ଧି ଘଟାଇବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି । ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିକୁ ଅଧିକ ସୁଗମ ଓ ନିୟୋଜନକାରୀ କରିବା ଏବଂ ଏସଟିଇଏମ (ସାଇନ୍ସ, ଟେକ୍‌ନୋଲୋଜି, ଇନିୟରିଂ ଏବଂ ମ୍ୟାଥେମାଟିକ୍ସ)ସମ୍ପର୍କରେ ବାସ୍ତବ ବୁଝିବାକୁ ପ୍ରେତ୍ସାହିତ କରୁଛି । ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଜଗନ୍ନାଥ ପ୍ରସାଦ ନାୟକ, ୟୁନିଟ ହେଡ, ଆଦିତ୍ୟ ଆଲୁମିନିୟମ କହିଥିଲେ, ଆଦିତ୍ୟ ଆଲୁମିନିୟମରେ ଆମେ ଏକ ପ୍ରଗତିଶୀଳ ସମାଜ ନିମନ୍ତେ ଶିକ୍ଷା ମୂଳାଧାର ବୋଲି ବିଶ୍ୱାସ କରୁଛୁ । ଯୁବ ମାନସିକତାଗୁଡିକ ନିମନ୍ତେ ବିଜ୍ଞାନର ଦୁନିଆଁକୁ ଜାଣିବା ସକାଶେ ସେମାନଙ୍କ ପାଇଁ ଶିକ୍ଷାଗତ ବିକାଶକୁ ପୃଷ୍ଠପୋଷକତା କରିବା ଏବଂ ସୁଯୋଗ ସୃଷ୍ଟି କରିବା ନିମନ୍ତେ ମିନି ସାଇନ୍ସ ସେଣ୍ଟରଗୁଡିକ ଆମ ପ୍ରତିବଦ୍ଧତାର ଅଂଶ ହୋଇଛି । ସମ୍ବଲପୁରରେ ସ୍କୁଲଗୁଡିକୁ ସିମର୍ଥନ କରି ଆମେ ଗର୍ବିତ ଅନୁଭବ କରୁଛୁ ଏବଂ ଏସଟିଇଏମ୍ ବିଷୟଗୁଡିକରେ ଛାତ୍ର ଛାତ୍ରୀ ଉତ୍କର୍ଷ ହାସଲ କରିବା ଆଶା ରଖୁଛୁ । ମନୋଜ ନାୟକ, ପ୍ରଧାନଶିକ୍ଷକ, ଲପଙ୍ଗା ସରକାରୀ ହାଇସ୍କୁଲ, ନିଜର କୃତଜ୍ଞତା ପ୍ରକାଶ କରି କହିଥିଲେ, ମିନି ସାଇନ୍ସ ସେଣ୍ଟର ଆମ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଜ୍ଞାନ ବିଷୟରେ ନିୟୋଜିତ ରହିବା କ୍ଷେତ୍ରରେ ରୂପାନ୍ତରଣ ଆଣିଛି । ଏହା ପାଠ୍ୟପୁସ୍ତକକୁ ସଜୀବ କରିଦେଉଛି, ଯାହା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନର ନୀତିଗୁଡିକୁ କାର୍ଯ୍ୟକାରୀ ଅବସ୍ଥାରେ ଦେଖିବାକୁ ସୁଯୋଗ ଦେଉଛି । ଏହି ପ୍ରତ୍ୟକ୍ଷ ଅନୁଭୂତି ସେମାନଙ୍କର ଶିକ୍ଷାଗତ ଅଭିବୃଦ୍ଧି ନିମନ୍ତେ ବହୁ ମୂଲ୍ୟବାନ ବିବେଚିତ ହେଉଛି । ନବମ ଶ୍ରେଣୀର ଜଣେ ଛାତ୍ର ଆଲୋକ ସାହୁ ନିଜର ଉତ୍ସାହ ପ୍ରକାଶ କରି କହିଥିଲେ, ମୁଁ ସର୍ବଦା ବିଜ୍ଞାନ ବିଷୟକୁ ଚାଲେପୂର୍ଣ୍ଣ ବିଷୟ ବୋଲି ଭାବୁଥିଲି, କିନ୍ତୁ ନୂଆ ଉପକରଣଗୁଡିକ ଶିକ୍ଷା ଆହରଣକୁ ମଜାଦାର ଓ ବୁଝିବା ନିମନ୍ତେ ସହଜ କରିଦେଉଛି । ଏବେ ମୁଁ ପରୀକ୍ଷା ନିରୀକ୍ଷା କରିପାରିବି, ଯାହା ପୂର୍ବରୁ କେବଳ ଲିଖିତ ଭାବରେ ରହୁଥିଲା । ବିଷୟଗୁଡିକ କିଭଳି କାର୍ଯ୍ୟ କରୁଛି ତାହା ଜାଣିବାକୁ ମୁଁ ଅଧିକ ଅନୁସନ୍ଧିତ୍ସୁ ହୋଇଛି । ଏହାଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉନ୍ନତ ଏବଂ ଦୀର୍ଘସ୍ଥାୟୀ ଜୀବନଧାରଣ ପନ୍ଥା ନିର୍ମାଣ କରୁଛି ଏବଂ ରାଷ୍ଟ୍ରର ମାନବ ସମ୍ବଳ ସୂଚକାଙ୍କରେ ବୃଦ୍ଧି ଘଟାଉଛି । ଗ୍ରୁପର ସିଏସଆର ଦୂରଦୃଷ୍ଟି ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ନିମନ୍ତେ ୟୁଏନଏସଡିଜି ଲକ୍ଷ୍ୟସମୂହ ଅନୁରୂପ ହୋଇଛି ।



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ଭୁବନେଶ୍ୱର ମହାନଗର ନିଗମର ୪ ନମ୍ବର ୱାର୍ଡର ନୂଆ ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦ୍ରୌପଦୀ ମଲ୍ଲିକଙ୍କ ସଭାପତିତ୍ୱରେ ବିଜେପିର ଉପସଭାପତି ଗୋଲକ ଚନ୍ଦ୍ର ମହାପାତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, କର୍ପୋରେଟର ସୁକୁମାର ସାହୁ, ପୂର୍ବତନ କର୍ପୋରେଟର ଅକ୍ଷୟ ଲେଙ୍କା, ସୌଭାଗ୍ୟ ରଞ୍ଜନ ମିଶ୍ର, ରମାକାନ୍ତ ମଲିକ, କୁନମୁନ ମହାନ୍ତି, ରବିନ୍ଦ୍ର ନାଥ ଦାସ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏବଂ ଗ୍ରାମ ମୁରବିମାନଙ୍କୁ ଫୁଲଗଛ, ମାନପତ୍ର ଓ ଉପଢ଼ୌକନ ଦେଇ ନିଆରା ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ଜନ ସମାଗମ ହୋଇଥିଲା। କାର୍ଯ୍ୟକ୍ରମଟିକୁ ନୂଆ ପାଟଣା ଗ୍ରାମର ପୂର୍ବତନ ସମ୍ପାଦକ ସମାଜସେବୀ ସୁଶୀଲ ମହାନ୍ତି, ରଶ୍ମୀରଞ୍ଜନ ବିଶ୍ୱାଳ, ସପନ ମହାନ୍ତି, ସୌରଭ ପାଢୀ, ପ୍ରସନ୍ନ ମହାନ୍ତି, ମହେଶ୍ୱର ବେହେରା, ନରେଶ ମହାନ୍ତି, ଆଦିକନ୍ଦ ମହାନ୍ତି, ସୁଜନ ମହାନ୍ତି, ବିଚିତ୍ରା ନନ୍ଦ ସାହୁ, ଗଣେଶ ପ୍ରସାଦ ମହାନ୍ତି, ଧରଣୀଧର ରଣା, ଦୀପକ ରଣାଙ୍କ ସମେତ ନୂଆ ପାଟଣା ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ହତ୍ୟାକାଣ୍ଡ

# ଝିଅ ଆଗରେ ବାପାକୁ ହତ୍ୟା କଲେ ଶତାଧିକ ଲୋକେ

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡ଼ା ଜିଲ୍ଲାରେ ପୁଣି ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସର ଶିକାର ହୋଇ ଜଣେ ବ୍ୟକ୍ତିଙ୍କ ମୁଣ୍ଡ ଗଡିଥିବା ବେଳେ ରାଜ୍ୟରେ ଏଭଳି ବିଭତ୍ସ ଘଟଣା ଚର୍ଚ୍ଚା ପାଲଟିଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଯେତେ ସଚେତନତା କଲେ ବି ଲୋକଙ୍କ ମାନସିକତାରେ ସୁଧାର ଆସୁନି। ପୂର୍ବରୁ ଗୁଣପୁର ବ୍ଲକ କୁଲସିଂ ପଞ୍ଚାୟତ ଅନ୍ତର୍ଗତ କିତୁଂ ଗ୍ରାମରେ ଗୁଣିଗାରେଡ଼ିକୁ ନେଇ ଘଟିଥିବା ଲୋମହର୍ଷଣକାରୀ ଘଟଣାରେ ତତକାଳିନ ଗୁଣପୁର ଏଡିଜେ ସୁଭେନ୍ଦୁ ପତି ଏକାବେଳେ ୯ଜଣଙ୍କୁ ଫାସି ଦଣ୍ଡାଦେଶ ଦେଇ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ। ଏହାର କୌଣସି ପ୍ରଭାବ ଗ୍ରାମବାସୀଙ୍କ ଉପରେ ପଡ଼ିନଥିବା ମନେ ହେଉଛି। ପୁଣି ରାୟଗଡା ଜିଲ୍ଲା ପଦ୍ମପୁର ଥାନା ନିକଟ




ଉଦ୍ଧାର କରିବାକୁ ଯାଇ ଆକ୍ରମଣର ଶିକାର ହେଲେ ପଦ୍ମପୁର ଥାନା ଅଧିକାରୀ

ହାଟପଦା ସାହିରେ ସୋମବାର ବିଳମ୍ବିତ ରାତ୍ରି ସମୟରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ବିଭତ୍ସ ଓ ଅମାନୁଷିକ ଭାବେ ହତ୍ୟା କରାଯାଇଛି। ମୃତକ ବ୍ୟକ୍ତି ଜଣକ ଭୈରବ ସାହୁ। ଗୁଣିଗାରେଡ଼ିକୁ ନେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ବ୍ୟକ୍ତି ଜଣକ ଘରେ ଥିବା ସମୟରେ ଶତାଧିକ ଲୋକ ଘରକୁ ଯାଇ ଟେକାପଥର ମାରିବା ସହ ଘର ଭଙ୍ଗାରୁଜା କରିଥିଲେ। ହାତରେ ଠେଙ୍ଗା, ଟାଙ୍ଗିଆ, ରଡ୍ ଧରି ଆକ୍ରମଣ କରିବାକୁ ଯାଇଥିଲେ। ଭୈରବଙ୍କୁ ସୁରକ୍ଷା ପାଇଁ ପୋଲିସ ପାଖରେ ନେହୁରା ହୋଇଥିଲେ ଝିଅ ଜ୍ୱାଇଁ ପୁଅ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାମଣା କରିବା ବେଳେ ପୋଲିସ ଉପରକୁ ଆକ୍ରମଣ କରିଥିଲେ ଆକ୍ରମଣକାରୀ। ପୋଲିସ ଗାଡ଼ି କାଚ ଭାଙ୍ଗିବା ସହ ପଥର ମାଡ କରିଥିଲେ। ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ରକ୍ତାକ୍ତ ହୋଇ ଥାନା ଅଧିକାରୀ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାକୁ ଯାଇଥିଲେ। ଏହି ସମୟରେ ଭୈରବଙ୍କୁ ଉଲଗ୍ନ କରି ପଛକୁ ହାତ ବାନ୍ଧି ସାହିକୁ ସାହି ବୁଲେଇ ଅମାନୁଷିକ ଭାବେ ଆକ୍ରମଣ କରୁଥିଲେ। କିଏ ଠେଙ୍ଗା ତ କିଏ ରଡ଼, କିଏ ଟାଙ୍ଗୀଆ ଧରି ଆକ୍ରମଣ କରୁଥିଲେ। ଖୋଦ ପଦ୍ମପୁର ସହର ମଝିରେ ଏଭଳି ଲୋମଟାଙ୍କୁରା ଘଟଣା ଲୋକଙ୍କ ଭିତରେ କୋକୁଆଭୟ ସୃଷ୍ଟି କରିଥିଲା। ଭୈରବଙ୍କୁ ମାଡ଼ ମାରିବା ଦୃଶ୍ୟ ଆଖିଆଗରେ ପୁଅ ଝିଅ ଦେଖି ନେହୁରା ହେବାପରେ ବି ଆକ୍ରମଣ କାରି ଅତି ନିର୍ଦ୍ଦୟ ଭାବେ ଆକ୍ରମଣ କରୁଥିଲେ। ସାହିର ଜନୈକ ବ୍ୟକ୍ତି କର୍କଟ ରୋଗରେ ପିଡିତ ଥିଲେ ତାଙ୍କର ମୃତ୍ୟୁ ହେବାରୁ ଭୈରବ ଗୁଣି କରି ମାରିଦେଲେ ବୋଲି ଅନ୍ଧ ବିଶ୍ୱାସ କରି ଏଭଳି ଜଘନ୍ୟକାଣ୍ଡ ଘଟାଇଥିବା କହିଛନ୍ତି ମୃତକର ଝିଅ। ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇ ତଦନ୍ତ କରିଛି। ଘଟଣାସ୍ଥଳରୁ ରକ୍ତ ନମୁନା ଓ ଠେଙ୍ଗା, ଟାଙ୍ଗୀଆ ଗୁଡିକୁ ଜବତ କରିଛି ପୋଲିସ। ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ସହ ୨୮ ଜଣଙ୍କୁ ଗିରଫ କରିଥିବା ରାୟଗଡ଼ା ଏସ୍‌ପିଙ୍କ ପକ୍ଷରୁ ସୁଚନା ମିଳିଛି। ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କୁ ପୋଲିସ ଖୋଜୁଛି। ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ପଦ୍ମପୁର ଅଞ୍ଚଳରେ ପୋଲିସ୍ ଫୋର୍ସ ମୁତୟନ ରହିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ମାନବିକାତା ହଜିଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## କୌଳିକ ବୃତ୍ତିକୁ ଆପଣେଇଛନ୍ତି ଉଚ୍ଚ ଶିକ୍ଷିତ ଆଦିବାସୀ ଯୁବକ

# କାଠର ମୂର୍ତ୍ତିକୁ ଦେଉଛନ୍ତି ଜୀବନ୍ତ ରୂପ

ଝରିଗାଁ, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧାମନାଗୁଡା ପଞ୍ଚାୟତ ଅନ୍ତର୍ଗତ ଏକାମ୍ବା ଗ୍ରାମର ଜଣେ ଆଦିବାସୀ ଯୁବକ ଉଚ୍ଚ ଶିକ୍ଷିତ ହେବା ପରେ ମଧ ପରିବାରର କୌଳିକ ବୃତ୍ତିକୁ ଆପଣେଇ କାଠର ମୂର୍ତ୍ତିକୁ ଜୀବନ୍ତ ରୂପ ଦେଇ ରୋଜଗାର କରୁଛନ୍ତି। ଏକାମ୍ବା ଗ୍ରାମର ମୋହନ ଚନ୍ଦ୍ର ମାଝୀଙ୍କ ପୂର୍ବ ପୁରୁଷ କାଠରେ ବିଭିନ୍ନ କିସମର ସାମଗ୍ରୀ ତିଆରି କରି ରୋଜଗାର କରୁଥିଲେ। ପରେ ମୋହନଙ୍କ ବାପା ଜୟସିଂ ମାଝୀ କାଠ ସାମଗ୍ରୀ କାମ କରି ଟଙ୍କା ରୋଜଗାର କରୁଥିଲେ। ମୋହନ ଷଷ୍ଠ ଶ୍ରେଣୀ ପାଠ ପଢିବା ସମୟରୁ ବାପାଙ୍କୁ କାଠ ସାମଗ୍ରୀ ନିର୍ମାଣରେ ସାହାଯ୍ୟ କରି ଆସୁଥିଲେ। ସମୟ କ୍ରମେ ମୋହନ ଡ଼ାବୁଗାଁ ଭୈରବ କଲେଜରେ ଯୁକ୍ତ ତିନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଯୁକ୍ତ ତିନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ



ମଧ ପରିବାରର କୌଳିକ ବୃତ୍ତିକୁ ଆପଣେଇ ଥିଲେ। ବିଶେଷ କରି କାଠରେ ବିଭିନ୍ନ ଦେବାଦେବୀ ମାନଙ୍କ ମୂର୍ତ୍ତି ଓ ପାଲିଙ୍କି ସହ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ, ବିଭିନ୍ନ ରକମର ସୁନ୍ଦର ସୁନ୍ଦର ଖଟ, କବାଟ, ଝରକା, ଦ୍ୱାରବନ୍ଦ ଆଦି ନିର୍ମାଣ କରି ରୋଜଗାର କରୁଛନ୍ତି। ସେହିଭଳି ସିମେଣ୍ଟରେ ମଧ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଝରିଗାଁ ବ୍ଲକ ସହ ଉମରକୋଟ, ପାପଡାହାଣ୍ଡି ଓ ଡ଼ାବୁଗାଁ ବ୍ଲକର ବହୁ ଲୋକ କାଠ ନିର୍ମିତ ସାମଗ୍ରୀ ନେବା ପାଇଁ ଆସୁଥିବା ସୂଚନା ମିଳିଛି।

## ଆର୍ଯ୍ୟଦେବଙ୍କୁ ତୁଳସୀ ପୁତ୍ର ସମ୍ମାନ

କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ମହ୍ଲି ସାହି ସ୍ଥିତ ଅନନ୍ତ ହରି କ୍ଷେତ୍ରରେ ପୀଠର ପ୍ରତିଷ୍ଠାତା ମହନ୍ତ ଶ୍ରୀ ଶ୍ରୀ ୧୦୮ ଶ୍ରୀ ମଦନ ମୋହନ ଦାଶଙ୍କ ସମାଧି ପ୍ରତିଷ୍ଠା ସହ, ନାମଯଜ୍ଞ, ଅନ୍ନଯଜ୍ଞ, ସହ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ



ସଚେତନ ହିନ୍ଦୁ ବାଳକ ଭାବେ ଏହି ଗ୍ରାମର ଭଞ୍ଜ କିଶୋର ସୁତାରଙ୍କ ପୁତ୍ର ଆର୍ଯ୍ୟଦେବ ସୁତାରଙ୍କୁ 'ତୁଳସୀ ପୁତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଛି। ଯେତେବେଳେ ଆଜିର ଏହି ସମୟରେ ସମସ୍ତେ ପାଶ୍ଚାତ୍ୟ ଅନୁଗାମୀ ସେତେବେଳେ ଆର୍ଯ୍ୟଦେବ ଭାରତୀୟ ସଂସ୍କୃତି ପ୍ରତି ଅନୁରାଗୀ ହୋଇ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦିଅନ୍ତି। ନିକଟରେ ଡିସେମ୍ବର ୨୫ରେ ତୁଳସୀ ପୂଜନ ଦିବସରେ ସେ ତୁଳସୀ ପୂଜନ ଉତ୍ସବ ପାଳନ କରି ଅନ୍ୟ ମାନଙ୍କ ପାଇଁ ପ୍ରେରଣା ସାଜିଥିଲେ। ଏହି ଅବସରରେ ଶକ୍ତି ଅରୁଣ ଟ୍ରଷ୍ଟ ତରଫରୁ ଆର୍ଯ୍ୟଦେବଙ୍କୁ ତୁଳସୀ ପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ବିଶିଷ୍ଟ ଜ୍ୟୋତିର୍ବିଦ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ଅରୁଣ କୁମାର ପାଣି, ମ୍ୟାନେଜିଂ ଟ୍ରଷ୍ଟି ବହ୍ଲବ ଚରଣ ପାଣି, ବିଶ୍ୱନାଥ ପାଣି, ବିଶ୍ୱହିନ୍ଦୁ ପରିଷଦର ନଳିନୀ ବାବା, ଦେବୋତ୍ତର ବିଭାଗ ଇନ୍‌ସପେକ୍ଟର ପ୍ରଦୀପ୍ତ ସାହୁ, ଶିକ୍ଷକ ନେତା ବଳରାମ ଦାଶ, ବ୍ରାହ୍ମଣ ମହାସଂଘ ସଭାପତି ବିଭୂରଞ୍ଜନ ନନ୍ଦ, ବିବେକାନନ୍ଦ ଦାଶ, ମାନସ ମହାନ୍ତି, କେଶବଚନ୍ଦ୍ର ଦାଶ, ବିଶ୍ୱଜିତ ବେହେରା ପ୍ରମୁଖ ଯୋଗଦାନ କରିଥିବାବେଳେ ଜ୍ୟୋତିର୍ମୟ ଦାଶ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟୁଷରେ ପ୍ରାୟ ଶତାଧିକ ମହିଳା କଳସ ଯାତ୍ରା କରିଥିବା ବେଳେ, ମହାପ୍ରଭୁଙ୍କ ଷୋଡଶ ଉପଚାର ପୂଜା, ଅଷ୍ଟଶମ୍ଭୁଙ୍କ ଅଭିଷେକ, ଲକ୍ଷ୍ମୀ ଏବଂ ବିମଳାଙ୍କ ମାର୍ଜନା ପ୍ରଭୃତି କରାଯାଇଥିଲା। ଆସନ୍ତା କାଲି ଏହି ଉତ୍ସବର ଉଦ୍‌ଯାପନ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟି ବହ୍ଲଭ ପାଣି ପ୍ରକାଶ କରିଛନ୍ତି।

# ଦିଶା ବୈଠକରେ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନିତ ଉପରେ ଗୁରୁତ୍ୱ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବିଭିନ୍ନ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମର ସମନ୍ୱୟ ଓ ପର୍ଯ୍ୟଲୋଚନା ନିମନ୍ତେ ଗଠିତ କମିଟି (ଦିଶା)ର ଏକ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ନବରଙ୍ଗପୁର ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ପ୍ରତାପ କଟ୍ଟାପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଓ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ନେଇ ସାଂସଦ ସମୀକ୍ଷା କରିବା ସହ ଚାଲୁଥିବା କାର୍ଯ୍ୟ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ



କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଆତ୍ମ ନିର୍ଭର ଭାରତ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଅନ୍ତତଃ ଦୁଇ ଦିନ ବ୍ୟବଧାନରେ ମନରେଗା ଶ୍ରମିକଙ୍କୁ ମଜୁରୀ ଦେବାର ବ୍ୟବସ୍ଥା ହେଲେ ଜିଲ୍ଲାର ଦାଦନ ହାର କମିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାଂସଦ ଇଂ ମାଝୀ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପ୍ରତି ଘରକୁ ବିଜୁଳି ସଂଯୋଗୀକରଣ, ପାନୀୟ ଜଳ, କୃଷି, ଜଳସେଚନ, ପଶୁ ପାଳନ ସହ ଦୁଗ୍ଧ ଓ ମାଛ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ରେଞ୍ଜ ଅନୁସାରେ ଜିଲ୍ଲାର ଜଙ୍ଗଲ ଗୁଡ଼ିକର ସର୍ଭେ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜନ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ସୁକନ୍ୟା, ଲକ୍ଷପତି ଦିଦି, ଅଟଳ ପେନସନ ଓ ମୁଦ୍ରା ଯୋଜନା ବିଷୟରେ ଆଲୋଚନା କରାଯାଇ କିଭଳି ଏହା ବିଷୟରେ ସମସ୍ତେ ଅବଗତ ହୋଇ ଏହାର ଲାଭ ଉଠାଇ ପାରିବେ ସେ ନେଇ ଆଲୋଚନା କରାଯାଇଛି। ଅପହଞ୍ଚ ଗ୍ରାମ ଗୁଡିକୁ ସଡ଼କ ପଥ ମାଧ୍ୟମରେ ଯୋଡିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ସେହିପରି ନୂତନ ଶିକ୍ଷା ନୀତି ଆଧାରରେ ସମସ୍ତ ବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ପ୍ରତ୍ୟେକ ଗ୍ରାମକୁ ବିଜୁଳି ସେବା କିଭଳି ଯୋଗାଇ ଦିଆଯିବ ସେଥି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଗ୍ରାମରେ ମୋବାଇଲ ନେଟୱର୍କ ସେବାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ସାଂସଦଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଓ ଯୋଜନା ଗୁଡିକ ତୃଣମୂଳ ସ୍ତରରେ ପହଞ୍ଚାଇ ନିମନ୍ତେ ସମସ୍ତ ବିଭାଗ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଇଇ ପରୀକ୍ଷାରେ ବିଷ୍ଣୁଙ୍କ ସଫଳତା



ଛତ୍ରପୁର, (ଭାସ୍କର ନ୍ୟୁଜ୍ ) : ସଦ୍ୟ ପ୍ରକାଶିତ ଜେଇଇ ମେନ ୨୦୨୫ ପରୀକ୍ଷାରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଏନ୍‌ଏସିର ବିଷ୍ଣୁପ୍ରସାଦ ଶତପଥୀ ୯୯.୯୩% ମାର୍କ ରଖିଛନ୍ତି। ସେ ବର୍ତ୍ତମାନ ଡିଏଭି ଚନ୍ଦ୍ରଶେଖରପୁରଠାରେ ଅଧ୍ୟୟନ କରିବା ସହ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଛନ୍ତି। ପୂର୍ବରୁ ଛତ୍ରପୁରଠାରେ ପଢ଼ିବା ସମୟରେ ଆଇସିଏସ୍‌ଇ ଦଶମ ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଥିଲେ। ବିଷ୍ଣୁପ୍ରସାଦ ସ୍ଥାନୀୟ ପାତ୍ର ସାହିସ୍ଥିତ ଦୁର୍ଗା ପ୍ରସାଦ ଶତପଥୀ ଏବଂ ରଶ୍ମିତାଙ୍କ ପୁଅ ଅଟନ୍ତି। ଏହି କୃତିତ୍ୱ ପାଇଁ ସେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଏବଂ ପରିବାରର ସମସ୍ତ ଗୁରୁଜନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି ଓ ଆଗକୁ ଜେଇ ଆଡଭାନ୍ସରେ କୃତକାର୍ଯ୍ୟ ହୋଇ ଜଣେ ଦକ୍ଷ ଆଇଟି ଇଞ୍ଜିନିୟର ହେବା ପାଇଁ ଆଶା ରଖିଛନ୍ତି ।

# ଚାଲୁ ସୁନାର ପେଣ୍ଠସ୍ଥଳୀ ପାଲଟିଛି ଅସ୍ତରଙ୍ଗ

- କୋଟି କୋଟି ଟଙ୍କାର ଟିକସ ଫାଙ୍କୁଛନ୍ତି ଅସାଧୁ ବ୍ୟବସାୟୀ
- ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପ୍ରାୟତଃ ପ୍ରତ୍ୟେକ ଦିନ ଖବର କାଗଜ, ଟିଭି, ରେଡ଼ିଓ ଇତ୍ୟାଦିରେ ବିଜ୍ଞାପନ ବାହାରୁଛି ବିଭିନ୍ନ ଘରୋଇ ସୁନା ଶୋରୁମ୍ ମାନଙ୍କର, ସେଥିରେ ଗ୍ରାହକ ମାନଙ୍କ ପାଇଁ ଅଫର ମଧ ରହୁଛି। ଯାହାକି ଗ୍ରାହକ ମାନଙ୍କୁ ଆକୃଷ୍ଟ କରୁଛି ଅଧିକରୁ ଅଧିକ ସୁନା କ୍ରୟ କରିବା ପାଇଁ। ହେଲେ ଆପଣ କେବେ ଭାବିଛନ୍ତି କି ? ଆପଣ ଯେଉଁ ସୁନା କିଣୁଛନ୍ତି ସିଏ ହଲମାର୍କ ସୁନା ନାଁ ଆଉ କିଛି। ଆପଣ ଅସଲି ଟଙ୍କା ଦେଇ ନକଲି ସୁନା କିଣୁନାହାନ୍ତି ତ? ଏମିତି ତମାମ ପ୍ରଶ୍ନ ମନରେ ଆସୁଥିବ। ଆସିବା ବି ସ୍ୱାଭାବିକ କାରଣ ଆଜିକାଲି କିଛିବି ଅସମ୍ଭବ ନୁହେଁ। ଆମେ ଏପରି କହିବାର ଉଦେଶ୍ୟ ଏପରି ଅନେକ ଅଭିଯୋଗ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଆସୁଛି। ଗ୍ରାମାଞ୍ଚଳ ଲୋକଙ୍କୁ ହଲମାର୍କ ଓ ୨୨କ୍ୟାରେଟ କହି ଅସାଧୁ ବ୍ୟବସାୟୀ ୧୮କ୍ୟାରେଟ ମଧ ବିକ୍ରି କରୁଛନ୍ତି। ଯାହାକି ଗ୍ରାହକ ଠକାମୀ ଶିକାର ହେଉଛନ୍ତି। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳରେ ଥିବା ସୁନା ଦୋକାନ ଅବା ଜୁଏଲାରୀରେ ବିନା ଜିଏସଟି ସହ ନକଲି ସୁନା ମଧ



ବିକ୍ରି ହେଉଛି। ଅସ୍ତରଙ୍ଗ ଅଂଚଳରେ ୨୦ରୁ ଉର୍ଦ୍ଧ ସୁନା ଅଳଙ୍କାର ଦୋକାନ ରହିଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟ କଥା ହାତ ଗଣତି ୫ରୁ ୭ଟି ଦୋକାନ ଛାଡିଦେଲେ ବାକି ସମସ୍ତ ଦୋକାନୀ ସରକାରଙ୍କୁ ବର୍ଷକୁ କୋଟି କୋଟି ଟଙ୍କାର ଟିକସ ଫାଙ୍କି ବ୍ୟବସାୟ କରୁଥିଲେ ସୁଦ୍ଧା ଏ ସମ୍ବନ୍ଧରେ ପ୍ରଶାସନ ପାଖରେ ଖବର ନାହିଁ। ନାଁ ସବୁ ଜାଣିକରି ପ୍ରଶାସନ ଶୋଇ ପଡିଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅସ୍ତରଙ୍ଗ ଅଞ୍ଚଳ କିଛି ସୁନା ଦୋକାନକୁ ଛାଡିଦେଲେ ୯୦%ଉର୍ଦ୍ଧ ବ୍ୟବସାୟୀଙ୍କ ପାଖରେ ୧୮ କ୍ୟାରେଟରୁ ୨୨କ୍ୟାରେଟ ସୁନା ଉପଲବ୍ଧ ରହୁଛି। ହେଲେ ଏ ବାବଦରେ ପ୍ରଶାସନ ପାଖରେ ଖବର ନାହିଁ। ମୁଖ୍ୟ କଥା କିଛି ଅସାଧୁ ବ୍ୟବସାୟୀ ସାକ୍ଷରତା ନଥିବା ମହିଳାଙ୍କୁ ୧୮କ୍ୟାରେଟ ସୁନାକୁ ୨୨କ୍ୟାରେଟ ଦାମ୍ ମଧ ବିକ୍ରି କରୁଥିବା ବେଳେ ଜିଏସଟି ବିଲ ଦେଉନାହାନ୍ତି। ଏହା ସହ ସୁନା ଗହଣା ଉପରେ ସରକାର ଏକ ପ୍ରକାର ଟିକସ ଲଗାଉଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳ ବ୍ୟବସାୟୀ ମାନେ କଟକ କଳା(ଉହ୍ୟ)ବଜାରରୁ ଏଇ ଗହଣା ବହୁତ କମ୍ ଦାମରେ ଓ ନକଲି ସହିତ ବିନା ହଲମାର୍କର ଆଣି କରି ସରକାରଙ୍କୁ କୋଟି କୋଟି ଟଙ୍କା ଟିକସ ଫାଙ୍କି ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ବିଭାଗୀୟ ନଜର କିପରି ପଡୁନି ନାଁ ବିଭାଗୀୟ ଅଧିକାରୀଙ୍କୁ ଅସାଧୁ ବ୍ୟବସାୟୀ ମାନେ ହାତଗୁଞ୍ଜା ଦେଉଛନ୍ତି ତାହା ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ କାକଟପୁର, ଅସ୍ତରଙ୍ଗ ସ୍ୱର୍ଣ୍ଣକାର ସଙ୍ଘ ସଭାପତି ଶ୍ରୀଧର ସାହୁ କହିଛନ୍ତି ଅସ୍ତରଙ୍ଗରେ ଅନେକ ଅସାଧୁ ବ୍ୟବସାୟୀ ଏପରି ସୁନା ବ୍ୟବସାୟ କରୁଛନ୍ତି, ଏହାକୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ନିହାତି ଯାଞ୍ଚ କରିବା ଆବଶ୍ୟକ, ନଚେତ ଲୋକଙ୍କ ଭରସା ତୁଟିଯିବ। ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ଏହା ଉପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## କୌଣସି ଘରୋଇ ସଂସ୍ଥା କିଣି ପାରିବେନି କେନ୍ଦୁପତ୍ର:ବନାଞ୍ଚଳ ଅଧିକାରୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲାକନଗିରି ଜିଲ୍ଲାରେ ବିଗତ ୧୦ ବର୍ଷ ଧରି କେତେକ ଘରୋଇ ସଂସ୍ଥାକୁ କେନ୍ଦୁପତ୍ର ଖରିଦ କରିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିଲେ। ଫଳରେ କେନ୍ଦୁପତ୍ର ବିଭାଗ ଏବଂ ଘରୋଇ–ସଂସ୍ଥାଗୁଡିକ ବିଭିନ୍ନ ଅଞ୍ଚଳରୁ ପଞ୍ଚାୟତ ମାଧ୍ୟମରେ କେନ୍ଦୁପତ୍ର ସଂଗ୍ରହ କରିପାରିବେ। କିନ୍ତୁ କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ରାଜ୍ୟ ସରକାର ଦେଉଥିବା ପ୍ରୋତ୍ସାହନଗୁଡିକ ଘରୋଇ ସଂସ୍ଥା ଦେଉ ନ ଥିବାରୁ ଏହାକୁ ନେଇ ଅନେକ ସମୟରେ ଘରୋଇ ସଂସ୍ଥାକୁ ବିକ୍ରି କରୁଥିବା ତୋଳାଳୀ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳିତବର୍ଷ ରାଜ୍ୟ ସରକାର ଘରୋଇ ସଂସ୍ଥାକୁ କେନ୍ଦୁପତ୍ର ସଂଗ୍ରହ ପାଇଁ ଅନୁମତି ଦେଇ ନ ଥିବା ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି। କେବଳ ସରକାରୀ ବିଭାଗ ଦ୍ୱାରା ପତ୍ର ଖରିଦ କରାଯିବ। ସମସ୍ତ କେନ୍ଦୁପତ୍ର ତୋଳାଳୀମାନେ ସରକାରୀ ସଂସ୍ଥାକୁ ନିଜର ପତ୍ର ବିକ୍ରି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି ଓ ସରକାରଙ୍କ ଆଦେଶକୁ ଯଦି କୌଣସି ଘରୋଇ ସଂସ୍ଥା ଅବମାନନା କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ମାଲକାନଗିରି ବନ ବିଭାଗ ତରଫରୁ ବିଭିନ୍ନ ଅଞ୍ଚଳରେ ସ୍କାର୍ଡ ଗଠନ କରାଯାଇ ଅସାଧୁ ମାନଙ୍କୁ ଧରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

# ହକ ପାଇଁ କୋୟା ସମାଜର ବିରାଟ ମେଳି

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାର କୋୟା ସମାଜ ତାଙ୍କ ହକ ପାଇଁ ପଡ଼ିଆ ବ୍ଲକ ଅନ୍ତର୍ଗତ ପେରମାଗୁଡ଼ା ଗ୍ରାମ ଠାରେ ଗତକାଲି ସଂନ୍ଧ୍ୟାରେ ବହୁସଂଖ୍ୟାରେ ଏକତ୍ରିତ ହୋଇଥିଲେ। କୋୟା ସମାଜର ନେତୃବୃନ୍ଦ ସମେତ ପେଦା, ଗାଁ ମୂଖିଆ, ପୂର୍ବ ଏବଂ ବର୍ତ୍ତମାନ ଲୋକପ୍ରତିନିଧି ମଧ ଏଥିରେ ସାମିଲ ହୋଇଥିଲେ। ଜିଲ୍ଲାର ଆଦିବାସୀ ତଥା ମୂଳନିବାସୀଙ୍କ ଉପରେ ଏ ସରକାର କିପରି ଭାବରେ ଷଡ଼ଯନ୍ତ୍ର ଚଳାଇଛି ସେ ବିଷୟରେ ମଞ୍ଚାଶିନ ଅତିଥି ମାନେ ସଚେତନତା ସୃଷ୍ଟି କରିବା ସହ ସରକାର ଚଳାଇଥିବା ଷଡ଼ଯନ୍ତ୍ରକୁ ଘୋର ନିନ୍ଦା କରିଥିଲେ। ପରିଶେଷରେ ସେମାନଙ୍କ ହକ ତାଙ୍କୁ ନମିଳିଲେ ଚାରୋଟି ରାଜ୍ୟର ଲକ୍ଷ ଲକ୍ଷ ଆଦିବାସୀ ସ୍ଥାନୀୟ କୋୟା ବିଦ୍ରୋହୀ ସହିଦ ତାମ୍ମା ଦୋରା ଏବଂ ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ରୂପ ଧାରଣ କରିବାକୁ ବାଧ ହେବୁ ବୋଲି ସମସ୍ତେ ପ୍ରତିଜ୍ଞା କରିଥିଲେ। ଉପାନ୍ତ



ଓ ପଶ୍ଚିମ ଅନୁସୂଚୀତ ମାଲକାନଗିରି ଜିଲ୍ଲାର ସ୍ଥାନୀୟ ଲୋକଙ୍କ ବିନା ଅନୁମତିରେ ଏଠାରେ ଅଣ ଆଦିବାସୀ ଏବଂ ବଙ୍ଗୀୟ ଶରଣାର୍ଥୀଙ୍କୁ ବସତି ସ୍ଥାପନ କରାଯାଇଥିବାକୁ ବିରୋଧ କରାଯାଇଥିଲା। ସେହିପରି ଜିଲ୍ଲାରେ ଆଡ଼ା ଜମାଇଥିବା ବାଙ୍ଗଲାଦେଶ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ନକରିବା ଏବଂ ସେମାନଙ୍କୁ ଏଠାରୁ ନହଟାଇବା ନେଇ ସରକାରଙ୍କୁ ବିରୋଧ କରାଯାଇଥିଲା। ଜିଲ୍ଲାର ବଙ୍ଗୀୟ ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ଦେବାକୁ ଘୋର ବିରୋଧ କରାଯାଇଥିଲା। ସେହିପରି ଜିଲ୍ଲାର ମୂଳ ନିବାସୀ ତଥା ବିସ୍ଥାପିତ ଲୋକଙ୍କୁ ଘରବାଡ଼ି ଓ ଚାଷ ଜମି ତଥା ଅନ୍ୟ ମୌଳିକ ସୁବିଧା ମିଳିନଥିବା ବେଳେ କିପରି ବଙ୍ଗୀୟ ଶରଣାର୍ଥୀ ଏବଂ ବଙ୍ଗଳାଦେଶ ଅନୁପ୍ରବେଶକାରୀଙ୍କୁ ଏଠାରେ ବିଭିନ୍ନ ସରକାରୀ ସୁବିଧା ଦିଆଗଲା ବୋଲି ବିରୋଧ କରାଯାଇଥିଲା। ଜିଲ୍ଲାର ଆଦିବାସୀଙ୍କ ରାଜନୈତିକ ବିକାଶ କ୍ଷେତ୍ରରେ ମିଳିଥିବା ଏକ ସ୍ୱତନ୍ତ୍ର ଅଧିକାରକୁ ଖତମ କରି ଅନ୍ୟ ହାତରେ ଟେକିବା ଷଡ଼ଯନ୍ତ୍ର ଏବଂ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନରୁ ସ୍ଥାନୀୟ ଆଦିବାସୀଙ୍କ ଅଧିକାରରୁ ବଞ୍ଚିତ କରାଯାଉଥିବା ବେଳେ ଏଠାରେ ବଙ୍ଗୀୟ ଶରଣାର୍ଥୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥ ପୂରଣ କରୁଥିବାକୁ ବିରୋଧ କରାଯାଇଛି।

# ଟୋପାଏ ପାଣି ପାଇଁ ଡହଳ ବିକଳ ବିଶି ପ୍ରାସ୍କା ଗ୍ରାମବାସୀ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତର ବିଶି ପ୍ରାସ୍କା ଗ୍ରାମବାସୀ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଗାଁର ପାନୀୟ ଜଳର ସମସ୍ୟା କହିଲେ ନସରେ। ଗୋଟିଏ କିଲୋମିଟର ଦୂରରେ ଥିବା ସୂର୍ନଯୋର୍ ତୋଟର ନାଳ ପାଣି ପାଖକୁ ଯାଇ ସେଠାରେ ଚୁଆ ଖୋଳି ପାଣି ସଂଗ୍ରହ କରନ୍ତି ମହିଳା ମାନେ। ହାଣ୍ଡି, ଗରା ଆଦିରେ ପାଣି ନେଇ ରୋଷେଇ ବାସ, ଗାଧୁଆ ଠାରୁ ଆରମ୍ଭ କରି ପାନୀୟ ଜଳ ଭାବେ ମଧ ବ୍ୟବହାର କରନ୍ତି। ଯାହାଫଳରେ କାଛୁ କୁଣ୍ଡିଆ ମ୍ୟାଲେରିଆ ଭଳି ଅନେକ ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ୨୦ ପରିବାର ରହୁଥିବା ବେଳେ ଲୋକ ସଂଖ୍ୟା ୧୦୦ରୁ ଉର୍ଦ୍ଧ୍ୱ ହେବ। ଗ୍ରାମବାସୀଙ୍କ ପାଇଁ ଗୋଟିଏ



ନଳକୂପ ମଧ ରହିଛି କିନ୍ତୁ ସେଥିରୁ ପାଣି ପିଇବା ସମ୍ଭବ ନୁହେଁ। ଲୁହା ପଥର ଗୁଣ୍ଡ ସହ ନାଲି ରଙ୍ଗର ପ୍ୟାଣ୍ଟିଗ୍ ପରି ଦିଶୁଥିବା ପାଣି ବାହାରୁଥିବାରୁ ପିଇବା ମୁଷ୍କିଲ ହୋଇ ପଡୁଛି। ସରକାରଙ୍କ ଯୋଜନା ପରେ ଯୋଜନା ରହିଛି କିନ୍ତୁ ଆଜି ପର୍ଯ୍ୟନ୍ତ ବିଶି ପାସ୍କା ଗାଁର ପାନୀୟ ଜଳର ସମସ୍ୟା ଦୂର ହୋଇ ପାରୁନି। ଗାଁ ଲୋକ ମାନେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ନେତା କୁଜି ନେତା ବ୍ଲକ ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରିବା ପରେ ମଧ ସମସ୍ୟା ଉପରେ ଦୃଷ୍ଟି ପଡୁନଥିବା ଅଭିଯୋଗ କରିଛନ୍ତି। କେବେ ଏହି ଗାଁର ପାନୀୟ ଜଳର ସମସ୍ୟା ଦୂର ହୋଇ ପାରିବ ବୋଲି, ଗ୍ରାମର ଫୁଲକ କାଡ୍ରାକା, ଜୟନ୍ତୀ କାଡ୍ରାକା ଲକ୍ଷ୍ମୀ ମିଣିଆକା, କମଳା ହୋବିକା, ବିଭିନା କାଡ୍ରାକା, ଦାନା ମିଣିଆକା, ଚାଚେରୀ ପବିକା, ଭୀମ କାଡ୍ରାକା, ସିନ୍ଧୁରୂ କାଡ୍ରାକା, ସମେତ ଅନେକ ମହିଳା ଏବଂ ପୁରୁଷ ଅଭିଯୋଗ କରିଛନ୍ତି।



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ବରିଷ୍ଠ ନାଗରିକ ପରିଷଦ ସଭାଗୃହ ଠାରେ ସୋମବାର ଅବସରପ୍ରାପ୍ତ ସୈନିକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଘ ପରଜଙ୍ଗ ବ୍ଲକ ଓ କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ବିଶ ର ୧୦ ଗୋଟି ପଞ୍ଚାୟତକୁ ନେଇ ଅବସରପ୍ରାପ୍ତ ସୈନିକ ସଂଘ ଗଢ଼ି ହୋଇଥିବାବେଳେ, ସଂଘର ସଭ୍ୟ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ ସଂଘର କାର୍ଯ୍ୟକର୍ତ୍ତା ଗଠନ କରାଯାଇଛି । ଏହି ବୈଠକ ସଂଘର ସଭାପତି କୃପାସିନ୍ଧୁ ଖୁଣ୍ଟିଆଙ୍କ ଆହ୍ୱାନରେ ଓ ଉପସଭାପତି ନିତ୍ୟାନନ୍ଦ ପଣ୍ଡା, ସମ୍ପାଦକ ଦୁଷ୍ମନ୍ତ କୁମାର ଦଳବେହେରା, ସହସମ୍ପାଦକ ବସନ୍ତ କୁମାର ସେଠଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା ହୋଇଥିବା ବେଳେ, ପ୍ରତ୍ୟେକ ସଭ୍ୟ ମାସିକ ଦେୟ ପୈଠ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବର୍ଷକୁ ୨ଥର ସାଧାରଣ ବୈଠକ ହେବା ସହିତ ସଂଘର ସମସ୍ତ ସଦସ୍ୟମାନଙ୍କ ପରିବାର ଗହଣରେ ଆଗାମୀ ଦିନରେ ପ୍ରତିଷ୍ଠା ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘରେ ସାମିଲ ହୋଇଥିବା ପରିବାରରେ ଯଦି କୌଣସି ଅଘଟଣ ଘଟିଲା ତେବେ, ସଙ୍ଘ ସୁଖ ଦୁଃଖରେ ବନ୍ଧୁ ହୋଇ ଠିଆ ହେବାକୁ ନିଷ୍ପତ୍ତି ନିଆଯାଇଥିଲା, ଆଉ ମଧ୍ୟ ଅନ୍ୟ କେତେକ ପ୍ରସଙ୍ଗ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ପରିଶେଷରେ ସଂଘର ସମ୍ପାଦକ ଶ୍ରୀ ଦଳବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।



# ଚୋରାମଦ ବିକ୍ରିକୁ ବିରୋଧ କରିବାରୁ ନୂଆକାର୍ ଜାଳିଦେଲେ ଦୁର୍ବୃତ୍ତ



## ଥାନାରେ ଅଭିଯୋଗ

କଣ୍ଟାପଡା (ଭାସ୍କର ନ୍ୟୁଜ୍):ଗୋବିନ୍ଦପୁର ଥାନା ଡ଼ିମିରି ଫାଣ୍ଡି ଅଧୀନ ଡ଼ିମିରି ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ଉକ୍ତ ଗ୍ରାମରେ ଚୋରାମଦ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ବିରୋଧ କରିବାରୁ ଉତ୍ୟକ୍ତ ଯୁବକ ବିରୋଧ କରିଥିବା ଯୁବକଙ୍କ କାର୍‌କୁ ରାତିଅଧରେ ଜାଳି ଦେଇଥିବା ଅଭିଯୋଗ ଆସିଛି। ଅଭିଯୋଗ ମୁତାବକ ଡ଼ିମିରି ଗ୍ରାମର ଆଲୋକ ବରାଳଙ୍କ ପୁଅ ଦେବାଶିଷ ବରାଳ, ଗତ ପଣା ସଂକ୍ରାନ୍ତିରେ ଓଡି-୦୨ବିସି ୫୩୭୯ ନାଲି ରଙ୍ଗର ଏକ ସ୍ୱିଫ୍ଟ କାର୍ କିଣିଥିଲେ। ସେ ପ୍ରତ୍ୟେକ ଦିନ ଭଳି ତାଙ୍କ ଗାଡିଟିକୁ ବାରି ପଛପଟେ ରଖିଥିଲେ। ରାତି ଗୋଟାଏରେ ହଠାତ୍ ଗାଡିଟି ଜଳୁଥିବାର ଦେଖି ଦମକଳ ବାହିନୀକୁ ଫୋନ କରିଥିଲେ। ଦମକଳ ବାହିନୀ ପହଞ୍ଚି ଗାଡିଟିର ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଏଠାରେ ସୂଚନା ଥାଉ କି ଗତ ୧୯ ତାରିଖ ସନ୍ଧ୍ୟା ୭ଟା ସମୟରେ ଡ଼ିମିରି ଗ୍ରାମର ଉମାକାନ୍ତ ମଲିକ (ବାବୁଲି ) ଓ ବୃଷ କେତୁ ମଲିକ ଓରଫ ଟୁବୁଲି ଚୋରାରେ ମଦ ବିକ୍ରି କରୁଥିଲେ। ଏହାକୁ ଦେବାଶିଷ ବରାଳ ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏମିତିକି କିଛି ସମୟ ପାଇଁ କସର୍ଦା ଅଡଶପୁର ରାସ୍ତାକୁ ବନ୍ଦ ରଖାଯାଇଥିଲା। ଏହି ପୂର୍ବ ଶତ୍ରୁତାକୁ ନେଇ ଗାଡିଟିକୁ ଉମାକାନ୍ତ ଓ ବୃଷକେତୁ ରାତିରେ ଗାଡି ଜାଳି ଦେଇଥିବା ନେଇ ଗୋବିନ୍ଦପୁର ଥାନାରେ ଦେବାଶିଷ ଅଭିଯୋଗ କରିଛନ୍ତି। ଗୋବିନ୍ଦପୁର ପୋଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଧାମନଗର ଅଞ୍ଚଳରେ ବଢୁଛି ଚୋରି, ଘରେ ପଶି ଲୁଟ୍



ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ଅଞ୍ଚଳରେ କିଛିଦିନ ହେବ ଚୋରି ବୃଦ୍ଧି ଦେଖା ଦେଇଛି । ଚୋରମାନେ ବିଭିନ୍ନ ଦେବଦେବୀ ମନ୍ଦିର ଉପରେ ଟାର୍ଗେଟ କରି ଚୋରି କରୁଥିବା ବେଳେ ପୁଣି ଗାଁ ମୁହାଁ ହୋଇଛନ୍ତି ଚୋରମାନେ। ସୂଚନା ଥାଉ କି ରବିବାର ବିଳମ୍ବିତ ରାତ୍ରୀରେ ଧାମନଗର ଥାନା ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଗ୍ରାମର ଭାସ୍କର ନାୟକଙ୍କ ଘରୁ ସୁନା, ରୂପା ଓ ୫୦ ହାଜର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଧାମନଗର ପୋଲିସ ପହଞ୍ଚି ତଦନ୍ତ କରିଛି। ରବିବାର ମଧ୍ୟରାତ୍ରରେ ଭାସ୍କର ନାୟକଙ୍କ ଘର ଲୋକ ଶୋଇଥିବା ବେଳେ ଚୋରମାନେ ଘରେପଶି ଚୋରି କରିଥିବା ସମୟରେ ଭାସ୍କରଙ୍କ ସ୍ତ୍ରୀଙ୍କ ନିଦ ଭାଙ୍ଗିଯାଇଥିଲା। ଘରେ କେହି ପଶିଥିବା ଅନୁମାନ କରି ସେ ଡାକ ପକାଇଥିଲେ । ଚୋରମାନେ ୨ଟି ଟିଣବାକ୍ସ ସାଥିରେ ଟେକି ନେଇ ଦୌଡ଼ି ପଳାଇଥିଲେ। ଗ୍ରାମ ଲୋକେ ଖୋଜାଖୋଜି କରିଥିଲେ ମାତ୍ର ଚୋରମାନେ ଦଉଡ଼ି ପଳାଇ ଥିଲେ। ସୋମବାର ସକାଳୁ ଗୋଟାଏ ବାକ୍ସ ଘର ପଛ ପାଖରେ ପଡିଥିବାବେଳେ ଅନ୍ୟ ବାକ୍ସଟି ଗୋଟେ କିମି ଦୂର ରାଉତ ସାହି ଛକ ନିକଟରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ବାକ୍ସରୁ ଚାବି ଭଙ୍ଗା ଯାଇ ଥିବା ସୁନା, ରୂପା ଓ ନଗଦ ୫୦ ହଜାର ଟଙ୍କା ଦୁର୍ବୃତ୍ତମାନେ ନେଇଯାଇଥିଲେ। ଅନ୍ୟ କପଡା ଓ କାଗଜପତ୍ର ସେହିଠାରେ ଫିଙ୍ଗି ଦେଇଥିଲେ। ସୋମବାର ସକାଳୁ ପରିବାର ଲୋକେ ଧାମନଗର ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଥାଉକି ଧାମନଗର ଅଞ୍ଚଳର ବିଭିନ୍ନ ଛକ ସ୍ଥାନରେ ପୋଲିସ ପହରା ଦେବା ସହ ରାତ୍ରୀକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଗଲେ ଚୋରି କମି ଯାଆନ୍ତା। ପ୍ରକାଶ ଥାଉକି ଧାମନଗର ଅଞ୍ଚଳରେ ଏବେ ଦେଶୀ ବିଦେଶୀ ମଦ ଚୋରା କାରବାର ସହ ବ୍ରାଉନସୁଗାର ବୃଦ୍ଧି ପାଇଥିବାରୁ ଚୋରମାନେ ସୁବିଧାରେ ପିଆ ପି କରି ଏପରି ଘଟଣା ସବୁ ଘଟାଉଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ବିଦ୍ୟାଳୟ ନିକଟରେ ମୁକୁଳା ଟ୍ରାନ୍ସଫର୍ମର



## ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ମୁକୁଳା ଟ୍ରାନ୍ସଫର୍ମର ଛାତ୍ର ଛାତ୍ରୀମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଉକ୍ତ ମୁକୁଳା ଟ୍ରାନ୍ସଫର୍ମରଟି ୪୮ନଂ ରାଜ୍ୟ ରାଜପଥରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବାମ ପାର୍ଶ୍ୱରେ ଅବସ୍ଥିତ। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ର ଛାତ୍ରୀମାନେ ଉକ୍ତ ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏଥିସହ ଗାଈ ଗୋରୁ, ଛେଳି ମେଣ୍ଢା, ବୁଲା କୁକୁର, ମାଙ୍କଡ ଆଦି ଉକ୍ତ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ନଜିର ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଟ୍ରାନ୍ସଫର୍ମର ନିକଟ ଦେଇ ଯାତାୟାତ କରୁଥିବା ବେଳେ ଏପର୍ଯ୍ୟନ୍ତ ଅସୁବିଧା ହୋଇନଥିବା ସମୟରେ ଆଗକୁ କିଛି ଯେ ଅଘଟଣ ନଘଟିବ ଏ କଥା କିଏ କହିପାରିବ। ଏନେଇ ବିଦ୍ୟାଳୟର ଶିକ୍ଷକ ଏବଂ ଅଭିଭାବକମାନେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଆଗାମୀ ଦିନରେ ଯଦି କୌଣସି ଅଘଟଣ ଘଟେ ଏଥିପାଇଁ ବିଦ୍ୟୁତ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଅଭିଭାବକମାନେ କହିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ( ୨ )ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଏହାକୁ ଏଡାଇ ଦେଇଥିଲେ। ବିଦ୍ୟୁତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ତୁରନ୍ତ ଦୃଷ୍ଟି ଦେଇ ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱକୁ ଆବଦ୍ଧ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ବିଶ୍ୱାଳୀ ମୌଜାରେ ଚୈତ୍ରପର୍ବ ଉତ୍ସବ ପାଳିତ

# ୫୭ କିତା ନଦୀ ସୁରକ୍ଷା ଉପରେ ଗୁରୁତ୍ୱାରୋପ

ପାରାଦ୍ୱୀପ (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ପରି ଚଳିତ ବର୍ଷ ପୁରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ ବହନ କରୁଥିବା ୧୬ତମ ଚୈତ୍ରପର୍ବ ଉତ୍ସବ ବିଶ୍ୱାଳୀ ମୌଜା ତରଫରୁ ମହାସମାରୋହରେ ପାଳିତ ହୋଇଯାଇଛି। ନୃସିଂହ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଚଇତି ପର୍ବ ଉତ୍ସବରେ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ପୁରାତନ କୁଜଙ୍ଗ ରାଜ୍ୟରେ ପ୍ରବାହିତ ୫୭ କିତା ନଦୀ ଯାହାକି ସାହାରେପେଣ୍ଟ ମତ୍ସ୍ୟଡିଆ ନାମରେ ନାମିତ, ସେ ନଦୀ ସମୂହର ସୁରକ୍ଷା ନିମିତ୍ତ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିକଟରେ ଆଇନଗତ ସହାୟତା ଲୋଡିବା ପାଇଁ କୈବର୍ତ୍ତ ସମାଜକୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ସାଧାରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ୫୭ କିତା ନଦୀ ସୁରକ୍ଷା ଏକାନ୍ତ କାମ୍ୟ ବୋଲି ଶ୍ରୀ ସ୍ୱାଇଁ ସଭାରେ ମତ ଦେଇ, ପୁରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ, ପରମ୍ପରାର ସୁରକ୍ଷା ନିମିତ୍ତ ଅଞ୍ଚଳର ପ୍ରଦୂଷିତ ଜଳ, ବାୟୁକୁ ସୁଧାର ପାଇଁ ଆଇନଗତ ସହାୟତା ଏକାନ୍ତ କାମ୍ୟବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ମାଝୀ, କାଙ୍ଗାଳି ସାମଲ, ବୈକୁଣ୍ଠ ସାମଲ, ଦଳ ବେହେରା ଦଳାଇ, ଦେବେନ୍ଦ୍ର ସାମଲ, ପରିକ୍ଷିତ ସାମଲ, ଗଜେନ୍ଦ୍ର ତରାଇ, ବାପିନା ସାମଲ, ଯୁଧିଷ୍ଠିର ସାମଲ, ବିଷ୍ଣୁ ପରିଡା, ଟୁଇଁ ସାମଲ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ମର୍ମରେ ମା'ବସୁଳେଇଙ୍କୁ ମନାସୀ ଘୋଡା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଭାଇଚାରାର ପର୍ବ ପାଳିତ ହୋଇଯାଇଛି । କୁଜଙ୍ଗଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ଚିନ୍ତାଧାରାରେ ସୃଷ୍ଟି ଯୋଜନାକୁ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇବା ଦରକାର ବୋଲି ଉତ୍ସବରେ ମତପ୍ରକାଶ ପାଇଥିଲା।



## ପୃଥିବୀ ଦିବସ, ଧରିତ୍ରୀ ମା' ପାଇଁ ଦିନଟିଏ

# 'ଆସ ଶପଥ ନେବା, ଆମ ପୃଥିବୀକୁ ସୁରକ୍ଷା ଦେବା'

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଜଳୁଛି ପୃଥିବୀ। ବୈଶାଖ ମାସ ଆରମ୍ଭରୁ ପ୍ରଚଣ୍ଡ ଖରାରେ ସନ୍ତୁଳି ହୋଇଯାଉଛନ୍ତି ଜୀବମଣ୍ଡଳ। ପ୍ରକୃତି ଯେମିତି ନିଜର ଅସ୍ତିତ୍ୱ ହରାଉଛି। ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଜଳବାୟୁ ସଙ୍କଟ। ଏ ବାବଦରେ ବିଶ୍ୱବାସୀଙ୍କୁ ସଚେତନ କରିବାକୁ ୧୯୭୦ ମସିହାରେ ଆମେରିକା ଠାରେ ବିଶ୍ୱ ପୃଥିବୀ ଦିବସ ପ୍ରତିଷ୍ଠା ହୋଇଥିଲା। ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅପ୍ରେଲ ୨୨ତାରିଖ ଦିନ ଏହି ଦିବସ ପାଳନ କରାଯାଉଛି। ସୂଚନାଯୋଗ୍ୟ, ୧୯୬୦ ଦଶକ ବେଳକୁ ପରିବେଶ ପ୍ରଦୂଷଣର ପ୍ରଭାବ ସମ୍ପର୍କରେ ଆମେରିକୀୟମାନେ ସଚେତନ ହୋଇପାରିଥିଲେ। ତେବେ ୧୯୬୯ରେ ଛାତ୍ରମାନଙ୍କର ଭିଏତନାମ ଯୁଦ୍ଧ ବିରୋଧୀ ପ୍ରତିବାଦ ପ୍ରଦର୍ଶନରେ ଉତ୍ସାହିତ ହୋଇ ଛାତ୍ରମାନଙ୍କୁ ଅନୁରୂପ ଭାବେ ପରିବେଶ ସଚେତନତାରେ ସାମିଲ କରିବା ପାଇଁ ୧୯୭୦ ଏପ୍ରିଲ ୨୨ ତାରିଖରେ ଆମେରିକାର ସିନେଟର ଗେଲର୍ଡ ନେଲସନ୍ ପ୍ରଥମେ ଏକ ପ୍ରସ୍ତାବ ଆଣିଥିଲେ। ଧୀରେ ଧୀରେ ପରିବେଶର ସୁରକ୍ଷା ପାଇଁ ବିଶ୍ୱବ୍ୟାପୀ ଜନଜାଗରଣ ସୃଷ୍ଟି ହୋଇଥିଲା ଏବଂ ୧୯୯୦ ବେଳକୁ ୧୪୦ଟି ଦେଶର ପ୍ରାୟ ୨୦ କୋଟି ଜନତା ଧରିତ୍ରୀ ଦିବସ ପାଳନରେ ସାମିଲ ହୋଇଥିଲେ। ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପୃଥିବୀ ଦିବସ ପାଳନ ସହ ଚାରାରୋପଣ ହୋଇଥିବା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତରେ ଚାରାରୋପଣ ହୋଇଛି। ଚାରାରୋପଣ ସମୟରେ ସାଧନ ସଂଯୋଜକ ଦୀପକ ନାୟକ, ରବୀନ୍ଦ୍ର ପରିଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବେହେରା, ଶିକ୍ଷକ ପିତବାସ ଦୀକ୍ଷିତି ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଏହି ଦିବସ ପାଳନ ଦ୍ୱାରା ଆମେ ପୃଥିବୀ ସହ କେତେ ଘନିଷ୍ଠ ଭାବେ ଜଡ଼ିତ, ତାହା ସ୍ମରଣ କରିବା ସହ ତାହାର ସୁରକ୍ଷା ପାଇଁ ଆମର ଦାୟିତ୍ୱ ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବା। ବିଶେଷ କରି ଆଜିର ଦିନରେ ଆମେ ଏକାଠି ହୋଇ ପୃଥିବୀ ପ୍ରତି ଆମର ସମର୍ଥନ ପ୍ରଦର୍ଶନ ସହ ତାହାର ସୁରକ୍ଷା ପାଇଁ ସଂକଳ୍ପ ନେବା। ଅର୍ଥାତ୍ ଚାରାରୋପଣ, ବର୍ଜ୍ୟବସ୍ତୁ ନିଷ୍କାସନ ଓ ଜୀବାଶ୍ମ ଇନ୍ଧନ ଭଳି ସମ୍ବଳ ଉପରେ ନିର୍ଭରଶୀଳତାକୁ କମାଇବା ଦିଗରେ ଯଥାସାଧ୍ୟ ଉଦ୍ୟମ କରିବା।



# ଜଳଛତ୍ର ନଖୋଲିବାରୁ ଜନ ଅସନ୍ତୋଷ

କଣାସ (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିବାରୁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରହୁଥିବା ବେଳେ ରୌଦ୍ରତାପ ସମୟରେ ଏହା ଏପରି ଉଗ୍ରରୂପ ଧାରଣ କରେ ଯେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡେ। ପ୍ରତିବର୍ଷ ଗ୍ରାମପଞ୍ଚାୟତ ପକ୍ଷରୁ ଛକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଏ ଏବଂ ଗାଁ କଲ୍ୟାଣ ସମିତି ପକ୍ଷରୁ ମଧ୍ୟ ଜଳଛତ୍ର ଖୋଲା ଯାଇଥାଏ ବର୍ତ୍ତମାନ ଅସହ୍ୟ ରୌଦ୍ରତାପ ହେଉଥିବାବେଳେ କୌଣସି ପଞ୍ଚାୟତରେ ଜଳଛତ୍ର ଏପର୍ଯ୍ୟନ୍ତ ଖୋଲିନାହିଁ। ଏ ସଂପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ସରପଞ୍ଚମାନଙ୍କୁ ଜଳଛତ୍ର ଖୋଲିବା ପାଇଁ ଚିଠି ଦେଲାଣି ସେମାନେ ଖୋଲୁ ନାହାଁନ୍ତି।

# ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ ପାଳିତ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କର ୭୫ତମ ଜୟନ୍ତୀ ସମାରୋହ ଅବସରରେ ହାଇସ୍କୁଲ ସ୍ତରରେ ବକ୍ତୃତା, ସଙ୍ଗୀତ ଓ ଅଭିନୟ ପ୍ରତିଯୋଗିତା ଆଜି ସ୍ଥାନୀୟ କଲେଜ ଛକସ୍ଥିତ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ପାଖାପାଖି ୧୫ଟି ଉଚ୍ଚ ବିଦ୍ୟାଳୟର ୪୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ଶରତ ଚନ୍ଦ୍ର ବାରିକ, ବିଜୟ କୁମାର ରଥ, ବଦ୍ରି ମହାନ୍ତି, ରାଜକିଶୋର ସାହୁ, କୈଳାସ ମଲ୍ଲିକ ଓ ଅରୁଣ କୁମାର ରାଉତରାୟ ଯୋଗଦେଇଥିଲେ । ତେବେ ବକ୍ତୃତା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ମନ୍ଦିର, ଜଗତସିଂହପୁରର ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ମୁଦୁଲି ପ୍ରଥମ, ଜୟପ୍ରକାଶ ଶିକ୍ଷା ନିକେତନ, ରାମଚନ୍ଦ୍ରପୁରର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୋନାଲି ପଣ୍ଡା ଦ୍ୱିତୀୟ, ମା 'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖେରସର ଅଷ୍ଟମ ଶ୍ରେଣୀ ଛାତ୍ର ସ୍ୱାଗତ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସଙ୍ଗୀତରେ ସରସ୍ୱତୀ ଶିଶୁ ମନ୍ଦିର, ଜଗତସିଂହପୁର ଦଶମ ଶ୍ରେଣୀ ଛାତ୍ରୀ ଦିବ୍ୟାଶା ମିଶ୍ର ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଜଗତସିଂହପୁର ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଦୀପ୍ତି ଦୀପାଞ୍ଜଳି ସାହୁ ଯୁଗ୍ମ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ରୋହିଣୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅଭିନୟରେ ପଳାଶୋଳ ଶିଶୁ ମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ପି. ପଦ୍ମଜା ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର, ଜଗତସିଂହପୁରର ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଶୁଦ୍ଧାନନ୍ଦ ବିଦ୍ୟାଳୟର ଅସ୍ମିତା ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତେବେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମେ ମାସ ୪ ତାରିଖ ରବିବାର ୪ ଘଟିକା ସମୟରେ ଅନୁଷ୍ଠିତ ହେବାକୁ ଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ। ଏଥିସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାନପତ୍ର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାର ପରିଚାଳନାରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର ଉପଦେଷ୍ଟା ଦୁର୍ଗାପ୍ରସାଦ ସ୍ୱାଇଁ, ଅଜୟ କୁମାର ଗୋଛାୟତ, ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ଗୋବିନ୍ଦ ଓଝା, ରବି ମହାନ୍ତି, ଶିଶିର କୁମାର ତ୍ରିପାଠୀ, ଅଞ୍ଜନ କୁମାର ସାହୁ, ରଞ୍ଜନ ମିଶ୍ର, ଶରତ ଚନ୍ଦ୍ର ପଣ୍ଡା, ତପନ କୁମାର ରାଉତରାୟ ଓ ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ।

# ବସ୍‌ଷ୍ଟାଣ୍ଡ ସୂଚନା ଫଳକ ଉପାଡ଼ି ଫିଙ୍ଗିଦେବାରୁ ବଢୁଛି ଅସନ୍ତୋଷ




ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକର ଦୋବଲ ବସ୍‌ଷ୍ଟାଣ୍ଡରେ ଲାଗିଥିବା ସୂଚନା ଫଳକକୁ ଉପାଡ଼ି ଫିଙ୍ଗି ଦିଆଯାଇଛି। କିଛିଦିନ ପୂର୍ବରୁ ଦୋବଲ ବସ୍‌ଷ୍ଟାଣ୍ଡ ଜାଗାରେ କୱାଲି ପ୍ରୋଗ୍ରାମ ହେଉଥିଲା। ଷ୍ଟେଜ ନିର୍ମାଣ କରିବା ପାଇଁ ଆୟୋଜନ କମିଟି ଫଳକଟିକୁ ଉପାଡ଼ି ଦେଇଥିଲା। କୱାଲି ପ୍ରୋଗ୍ରାମ ହେଲା। ତା'ପରେ ଷ୍ଟେଜ ମଧ୍ୟ ଖୋଲାଗଲା। ହେଲେ ପାଞ୍ଚଦିନ ପରେ ବି ଫଳକ ଉକ୍ତ ଜାଗାରେ ଲଗା ଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିନାହିଁ। ପ୍ରତିବର୍ଷ ଦୋବଲ-ମୁସ୍ତଫାପୁର କୱାଲି ଆୟୋଜନ କମିଟି ବସଷ୍ଟାଣ୍ଡରେ ହିଁ କୱାଲି ଆୟୋଜନ କରିଥାଏ। ଆଉ ଯେଉଁ ଜାଗାରେ ବସ୍‌ଷ୍ଟାଣ୍ଡର ସୂଚନା ଫଳକ ଲାଗିଥାଏ, ସେହି ଜାଗାରେ ହିଁ ତାଙ୍କର ଷ୍ଟେଜ ନିର୍ମାଣ କରନ୍ତି। ଆଉ ସୂଚନା ଫଳକକୁ କାଢ଼ି ରଖି ଦିଅନ୍ତି। ଗତ ଦୁଇବର୍ଷ ଧରି ଏମିତି ହୋଇଥିଲା ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଆୟୋଜନ କମିଟି ସେହି ଫଳକକୁ ଆଣି ପୋତି ଦେଇଥାନ୍ତି। ଏଥର ଏଯାଏ ପୋତା ଯାଇନଥିବାରୁ ପୁଣି ଅସନ୍ତୋଷ ଦେଖାଦେଇଛି। ଧାମନଗର ବ୍ଲକ ଦୋବଲ ଜୋନ ୬ଟି ପଞ୍ଚାୟତବାସୀଙ୍କ ଯାତାୟାତର କେନ୍ଦ୍ରସ୍ଥଳୀ ହେଉଛି ଦୋବଲ ବସ୍‌ଷ୍ଟାଣ୍ଡ। ଏହାର ବିଶାଳ ଜମିକୁ ସ୍ଥାନୀୟ ଧାର୍ମିକ ସଂସ୍ଥାର କାର୍ଯ୍ୟକର୍ତ୍ତାମାନେ ଜବରଦଖଲ କରିନେବାରୁ ତିନିବର୍ଷ ତଳେ ବିବାଦ ଦେଖା ଦେଇଥିଲା। ଦୀର୍ଘଦିନ ଯାଏ ପରିବେଶ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଗୋଟିଏ ପଟେ ଜମି ଜବରଦଖଲ ସାଙ୍ଗକୁ ବସ୍‌ଷ୍ଟାଣ୍ଡ ଭିତରେ ବେଆଇନ ଭାବେ ଟ୍ରକ ଓ ଅନ୍ୟ ଗାଡ଼ି ପାର୍କିଂ କରାଯାଉଥିଲା। ବସ୍‌ଷ୍ଟାଣ୍ଡ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଏଣୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ତହସିଲଦାର ଏଠାରେ ଏକ ସୂଚନା ଫଳକ ଲଗାଇଥିଲେ। ତା ସହିତ ବସ୍‌ଷ୍ଟାଣ୍ଡ ଜାଗାରେ ବେଆଇନ ଗାଡ଼ି ପାର୍କିଂ କରିବାକୁ ବାରଣ କରିଥିଲେ। ହେଲେ କୱାଲି ଆୟୋଜନ କମିଟି ଏବେ ସୂଚନାଫଳକ ଉପାଡ଼ି ଦେଇଥିବାରୁ ବସ୍‌ଷ୍ଟାଣ୍ଡ ଜାଗାଟି ପୁଣି ଜବରଦଖଲ ହୋଇଯିବ ବୋଲି ଆଶଙ୍କା ଦେଖାଦେଇଛି। ତେବେ ଏନେଇ ଧାମନଗର ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସାଇ ସିଲୋନା କହିଛନ୍ତି ଯେ, ଏନେଇ ଆୟୋଜକ କମିଟିକୁ ଜଣାଯାଇଛି। ସୂଚନା ଫଳକ ନଲଗାଇଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଖବର ପ୍ରସାରଣ ପରେ ଦେବୀନଦୀ ଗର୍ଭରେ

# ବେଆଇନ ରାସ୍ତାକୁ ଉଚ୍ଛେଦ କଲା ମାଇନ୍ସ ବିଭାଗ

ନିଆଳି (ଭାସ୍କର ନ୍ୟୁଜ୍) : ଦୀର୍ଘ ଧରି କଟକ ଜିଲ୍ଲା ନିଆଳି ଥାନା ଦେବୀ ନଦୀର ନାଟି ବାଲିଘାଟ ସୀମା ସରହଦ ଭୂଲି ସୀମାଆରପାର କରି ବେଆଇନ ବାଲି ଚୋରି କରିବା ସହିତ ବେଆଇନ ଭାବରେ ନଦୀ ପଠାରେ ବାଲି ଗଚ୍ଛିତ ରଖିବା ଏବଂ ଦେବୀ ନଦୀ ଗର୍ଭରେ ବେଆଇନ ରାସ୍ତା ନିର୍ମାଣ କରି ଜଗସିଂହପୁର ଜିଲ୍ଲାରୁ ବାଲି ଚୋରା ଚାଲାଣ ସମ୍ପର୍କରେ ଖବର ପ୍ରସାରଣ ପରେ କଟକ ଜିଲ୍ଲା ମାଇନ୍ସ ବିଭାଗ କଡା କାର୍ଯ୍ୟାନୁଷ୍ଠାନ ନେଇଥିବା ନେଇ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲା ନିଆଳି ଥାନା କଳାଖସ୍ଥିତ ଦେବୀ ନଦୀର ନାଟି ବାଲିଘାଟ ନିଲାମ ଥିବା ସତ୍ତ୍ୱେ ନିୟମକୁ ଉଲଙ୍ଘନ କରି ସୀମା ପାର କରି ବାଲି ଚୋରି କରିବା, ବେଆଇନ ଭାବରେ ବାଲି ଗଚ୍ଛିତ ରଖିବା ଏପରିକି ଦେବୀ ନଦୀ ଗର୍ଭରେ ବେଆଇନ ଭାବରେ ରାସ୍ତା ନିର୍ମାଣ କରି ଜଗସିଂହପୁର ଜିଲ୍ଲାରୁ ବାଲି ଚୋରା ଚାଲାଣ ପାଇଁ ମସୁଧା କରୁଥିବା ନେଇ ଅଭିଯୋଗ ହେବା ପରେ ଖବର ପ୍ରସାରଣ ହୋଇଥିଲା। ଏବଂ କଟକ ଜିଲ୍ଲା ମାଇନ୍ସ ବିଭାଗ ଏହାର ତଦନ୍ତ କରି ଆଜି ପାଞ୍ଚ ଜଣିଆ ଟିମ୍ ଏବଂ ନିଆଳି ପ୍ରଶାସନଙ୍କୁ ଧରି ନାଟି ବେଆଇନ ବାଲିଘାଟ ଉପରେ ଚଢ଼ାଉ କରିବା ସହିତ ବେଆଇନ ରାସ୍ତା ଉଚ୍ଛେଦ ଆରମ୍ଭ କରିଛି ଏବଂ ନିଲାମଧାରୀ ମାଲିକଙ୍କୁ ନୋଟିସ୍ ଜାରି କରିଛି। ନାଟି ବାଲିଘାଟ ଉପରେ କୋଟି କୋଟି ଟଙ୍କାର ଫାଇନ ମଧ୍ୟ କରାଯାଇଥିବା ନେଇ ସୂଚନା ମିଳିଛି। ସେହିପରି ଦେବୀ ନଦୀର ବଛସାଇଲୋ ବାଲିଘାଟ ମଧ୍ୟ ସୀମା ପାର କରି ଚୋରା ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି ମାଇନ୍ସ ବିଭାଗ ଅଧିକାରୀଙ୍କ ନିକଟରେ। ନାଟି ବେଆଇନ ବାଲିଘାଟ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ ମାଇନ୍ସ ବିଭାଗ ତେବେ ବଛସାଇଲୋ ବାଲିଘାଟ ଉପରେ କେବେ ହେଉଛି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ବାକି ରହିଲା।

# ରାଶିଫଳ

ବୁଧବାର, ୨୩ ଏପ୍ରିଲ ୨୦୨୫



**ମେଷ:** ଆପଣଙ୍କ ଦିନ ମିଶ୍ର ଫଳଦାୟୀ ରହିବ। ପରିବାରଜନମାନଙ୍କ ସହିତ ବୈଠକରେ ଆପଣ ମହତ୍ତ୍ୱପୂର୍ଣ୍ଣ ଚର୍ଚ୍ଚା-ବିଚାରଣା କରିବେ। ଘରର ସାଜ-ସଜ୍ଜାରେ ଆପଣଙ୍କୁ ପରିବର୍ତ୍ତନ କରିବାକୁ ଇଚ୍ଛା ହେବ। ସ୍ୱାସ୍ଥ୍ୟ ମାମଲାରେ ଶାରୀରିକ ଆଳସ୍ୟ ସହିତ ଅଳ୍ପ ଅସୁସ୍ଥତା ଅନୁଭବ ହେବ।



**ବୃଷ:** ନୂଆ କାର୍ଯ୍ୟର ପ୍ରେରଣା ମିଳିବ ଏବଂ ଆପଣ ତାଙ୍କୁ ପ୍ରାରମ୍ଭ କରିପାରିବେ। କୌଣସି ଧାର୍ମିକ ସ୍ଥଳ ଯାତ୍ରାକରି ଆପଣଙ୍କ ମନ ଭକ୍ତିମୟ ହୋଇଯିବ। ଲମ୍ବା ଯାତ୍ରାର ଯୋଗ ଅଛି। ଦୂର ସ୍ଥିତ ସ୍ନେହୀଜନ କିମ୍ବା ମିତ୍ରମାନଙ୍କର ଶୁଭ ସମାଚାର ମିଳିବ। ବ୍ୟାପାରରେ ଆର୍ଥିକ ଲାଭ ହୋଇପାରେ। ସ୍ୱାସ୍ଥ୍ୟ ମଧ୍ୟମ ରହିବ।



**ମିଥୁନ:** ନିଷେଧାତ୍ମକ ବିଚାରରୁ ଦୂରରେ ରହିବାକୁ ଉପଦେଶ। ନୂଆ କାର୍ଯ୍ୟର ପ୍ରାରମ୍ଭ ତଥା ସ୍ୱାସ୍ଥ୍ୟ ଉପଚାର ପ୍ରାରମ୍ଭ କରିବା ହୀତକର ନୁହେଁ। କ୍ରୋଧର ଭାବନାକୁ ନିୟନ୍ତ୍ରଣରେ ରଖିବେ। ନହେଲେ ଅନିଷ୍ଟକର ପ୍ରସଙ୍ଗର ସମ୍ଭାବନା ଅଛି।



**କର୍କଟ:** ବୈଭବ ଜୀବନଶୈଳୀ ତଥା ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆଜି ଆପଣ ଆନନ୍ଦିତ ରହିବେ। ବ୍ୟବସାୟ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ମାନ-ପ୍ରତିଷ୍ଠାରେ ବୃଦ୍ଧି ହେବ। ଯାତ୍ରା କିମ୍ବା ପ୍ରବାସର ଆୟୋଜନ କରି ପାରିବେ।



**ସିଂହ:** ଆପଣଙ୍କ ଆଜିର ଦିନ ମଧ୍ୟମ ଫଳଦାୟୀ ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ବାଣୀରେ ନିୟନ୍ତ୍ରଣ ରଖିବେ। ଯାହାଫଳରେ ସଂଘର୍ଷ ଟାଳି ପାରିବେ। ଦୈନିକ କାର୍ଯ୍ୟରେ ବିଘ୍ନ ଆସିପାରେ। ସେଥିପାଇଁ କାର୍ଯ୍ୟ ସଂପନ୍ନ ହେବାରେ ସହାୟତା ମିଳିବ।



**କନ୍ୟା:** ଆଜିର ଦିନ ଆପଣଙ୍କୁ କୌଣସି ଭାବରେ କଳହ ଏବଂ ଚର୍ଚ୍ଚାରୁ ଦୂରରେ ରହିବାକୁ ଉପଦେଶ। ଆକସ୍ମିକ ଖର୍ଚ୍ଚର ସମ୍ଭାବନା ଅଛି। ବିଦ୍ୟାର୍ଥିମାନଙ୍କପାଇଁ ପାଠପଢାରେ ବାଧା ଆସିବ। ପ୍ରିୟଜନମାନଙ୍କ ସହିତ ହେବାକୁଥିବା ସାକ୍ଷାତରେ ମନ ଆନନ୍ଦିତ ହେବ। ପେଟ ସମ୍ବନ୍ଧିତ ପୀଡ଼ା ହୋଇପାରେ।



**ତୁଳା:** ଆପଣଙ୍କପାଇଁ ସମୟ ଶୁଭ ଅଟେ। ମନରେ ସମ୍ବେଦନଶୀଳତାର ମାତ୍ରା ଅଧିକ ରହିବ। ଶାରୀରିକ ଫୂର୍ତ୍ତିର ଅଭାବ ରହିବ। ମାନସିକ ବ୍ୟଗ୍ରତା ମଧ୍ୟ ରହିବ। ଧନ ଏବଂ କୀର୍ତ୍ତିର ହାନି ହେବ। ମାତାଙ୍କର ସ୍ୱାସ୍ଥ୍ୟର ଚିନ୍ତା ରହିବ। ନିକଟ ସମ୍ବନ୍ଧିମାନଙ୍କ ସହିତ ଝଗଡ଼ା କିମ୍ବା ବିବାଦର କାରଣରୁ ମନକୁ ଚୋଟ ପହଁଚିବାର ପ୍ରସଙ୍ଗ ବନିବ।



**ବିଛା:** କୌଣସି ନୂଆ କାର୍ଯ୍ୟର ପ୍ରାରମ୍ଭ କରିପାରିବେ। ସାଥିମାନଙ୍କ ଠାରୁ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ମିତ୍ର ଏବଂ ସ୍ୱଜନମାନଙ୍କର ଭେଟ ହୋଇପାରେ। କୌଣସି କାମରେ ଆଜି ଆପଣଙ୍କୁ ସଫଳତା ମିଳିବ। ଆର୍ଥିକ ଲାଭ ଏବଂ ଭାଗ୍ୟବୃଦ୍ଧିର ଯୋଗ ଅଛି। ଭାଇ-ଭଉଣୀମାନଙ୍କ ଠାରୁ ଲାଭ ହେବ।



**ଧନୁ:** ଆପଣଙ୍କର ଦିନ ମିଶ୍ର ଫଳଦାୟୀ ଅଟେ। ଅସାମଞ୍ଜସ୍ୟ କାରଣରୁ ନିର୍ଣ୍ଣୟ ନେବା କଠିନ ହେବ। ମନରେ ବ୍ୟଗ୍ରତା ରହିବ। ପରିବାରଜନମାନଙ୍କ ସହିତ ମନମାଳିନ୍ୟ ନ ହେଉ ଏହାର ଧ୍ୟାନ ରଖିବେ। କାର୍ଯ୍ୟରେ ଅପେକ୍ଷିତ ସଫଳତା ନ ମିଳିବାରୁ ନିରାଶା ହେବ। କାର୍ଯ୍ୟଭାର ମଧ୍ୟ ବଢିପାରେ। ନିରର୍ଥକ ଅର୍ଥ ଖର୍ଚ୍ଚ ହେବ।



**ମକର:** ଜଗନ୍ନାଥଙ୍କର ଆଶୀର୍ବାଦରେ ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସରଳତାରେ ପୂର୍ଣ୍ଣ ହେବ। କାର୍ଯ୍ୟାଳୟରେ ତଥା ବ୍ୟବସାୟ ସ୍ଥଳରେ ଆପଣଙ୍କ ପ୍ରତିଷ୍ଠାରେ ବୃଦ୍ଧି ହେବ। ପଦୋନ୍ନତିର ଯୋଗ ଅଛି। ଗୃହସ୍ଥଜୀବନରେ ଆନନ୍ଦର ବାତାବରଣ ରହିବ। ଶାରୀରିକ ହାନିର ଯୋଗ ହେବାରୁ ସମ୍ଭାଳିକରି ରୁହନ୍ତୁ। ମିତ୍ର ତଥା ସ୍ନେହୀଜନମାନଙ୍କ ସାଥିରେ ଭେଟ ହେବ। ମାନସିକ ରୂପରେ ଶାନ୍ତି ରହିବେ।



**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଉପଦେଶ। ମାନସିକ ସୁସ୍ଥତା କମ ରହିବ। କୋର୍ଟ-କଚେରୀର ମାମଲାରେ ପଡ଼ନ୍ତୁନାହିଁ। ଅନୁଚିତ ସ୍ଥାନରେ ପୁଞ୍ଜି ନିବେଶ ନ ହେଉ ଏହାର ଧ୍ୟାନ ରଖିବେ। ପରିବାରର ସଦସ୍ୟ ବିରୋଧୀ ବ୍ୟବହାର କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଧନ ଖର୍ଚ୍ଚର ଯୋଗ ଅଛି।



**ମୀନ:** ଆଜି ଆପଣ ପାରିବାରିକ ତଥା ସାମାଜିକ କଥାଗୁଡ଼ିକରେ ବିଶେଷ ଲିପ୍ତ ରହିବେ। ମିତ୍ରମାନଙ୍କସହ ଭେଟ ହେବ ଏବଂ ତାଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ରମଣୀୟ ସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ଅଛି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ଜୀବନସାଥୀ ଇଚ୍ଛୁକଙ୍କୁ ଭଲ ଜୀବନସାଥୀ ମିଳିବାର ଯୋଗଅଛି।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶିବିରରେ ବିଡିଓ ମିନତୀ ଜଗଦେବ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଏଥିରେ ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ସିଡ଼ିପିଓ ଗୀତାଞ୍ଜଳୀ ମହାରଣା,ବ୍ଲକ କୃଷି ବିଭାଗ ଅଧିକାରୀ ସୂର୍ଯ୍ୟକାନ୍ତ ନାହକ,ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ, ଯୋଗାଣ ଅଧିକାରୀ ବି.ଚନ୍ଦନ କୁମାର ଓଡିଶା ଜୀବିକା ମିଶନ କୋଡିନେଟର ଚୈତନ୍ୟ ସାଗରିଆ ଓ ଯନ୍ତ୍ରୀ ମହେଶ୍ୱର ପାତ୍ର ମଞ୍ଚାସୀନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ,ଶିଶୁ କଲ୍ୟାଣ ବିଭାଗ,ସ୍ୱାସ୍ଥ୍ୟ ବିଭାଗ,ଶିକ୍ଷା ବିଭାଗ କର୍ମଚାରୀ ଓ ୱାର୍ଡ ସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ ।ତୁରୁକୁପେଟା କସ୍ତୁରବା ଗାନ୍ଧି ଛାତ୍ରୀ ନିବାସ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିବା ଛାତ୍ର ନିବାସରେ ଅଧିକାଂଶ ସମୟରେ ବିଜୁଳି ଫେଲ ଯୋଗୁଁ ପାନୀୟ ଜଳର ସମସ୍ୟା,ରାତି ଅଧିଆ ବାଲି ଚୋରା ଚାଲାଣ ଉପରେ ରୋକ ଲଗେଇବା, କେତେକ ପ୍ରାଥମିକ ବିଦ୍ୟାଳୟରେ ବାଳବାଟିକା ଛାତ୍ରଛାତ୍ରୀଙ୍କ ପାଠ ପଢା ପାଇଁ ନୂତନ କୋଠରୀ ନିର୍ମାଣ ଉପରେ ଅଭିଯୋଗ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପିଇଓ ବୃନ୍ଦାବନ କଲେକା ପରିଚାଳନା କରିଥିବା ବେଳେ ଏଡିଇଓ ଲିଙ୍ଗରାଜ ସାହୁକାର ସହଯୋଗ କରିଥିଲେ ।

### ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ ଘଟଣା
## ତଦନ୍ତ କଲେ ଅତିରିକ୍ତ ଜିଲ୍ଲାପାଳ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ସ୍ଥିତ ମାଲକାନଗିରି ମହିଳା ମହା ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ଗରିବ ଓ ମେଧାବୀ ଛାତ୍ରୀଙ୍କୁ କିଛି ଅଧ୍ୟାପିକା ଓ କର୍ମଚାରୀ ମାନସିକ ଭାବେ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ଆସିବା ପରେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ ଘଟଣାର ତଦନ୍ତ କରିଛନ୍ତି । ସୂଚନା ଅନୁଯାୟୀ ଜିଲ୍ଲା ସଦର ମହକୁମା ସ୍ଥିତ କୁମ୍ଭାର ସାହିରେ ରହୁଥିବା ପ୍ରକାଶ ଏବଂ ବୈଜୟନ୍ତୀ ସାହୁଙ୍କ କନ୍ୟା ଗତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ଆଣି ଉତ୍ତୀର୍ଣ୍ଣ ହୋଇଥିଲେ । ପିତା ମାତା ଉଭୟ ଶାରିରୀକ ଭିନ୍ନକ୍ଷମ ହୋଇଥିବା ବେଳେ ମା ଘରେ ଘରେ ବୁଲି ବାସନ ମାଜି ଘର ଚୁଲି ଜଳାନ୍ତି । ସେହିପରି ପିତା ମଧ୍ୟ ଭିନ୍ନକ୍ଷମ ହୋଇଥିବାରୁ କୌଣସି କାର୍ଯ୍ୟ କରି ପାରୁନାହାନ୍ତି। ଏଭଳି ସ୍ଥିତିରେ ଝିଅର ପାଠପଢାରେ ଡୋରି ବାନ୍ଧିବାକୁ ନିଷ୍ପତି ନେଇଥିଲେ। କିନ୍ତୁ ଝିଅର ପ୍ରବଳ ଇଚ୍ଛା ଶକ୍ତି ଥିବାରୁ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତୁରନ୍ତ ସହାୟତାର ହାତ ବଢାଇବା ସହ କିପରି ଉଚ୍ଚ ଶିକ୍ଷା ପାଇବ ସେଥିପାଇଁ ତୁରନ୍ତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କୁ ରେଡକ୍ରସ ତରଫରୁ ଝିଅର ସମସ୍ତ ବାର୍ଷିକ ଫିଜ୍ ଦେଇ ଝିଅଟିର ନାମ ଲେଖାଇଥିଲେ । କିଛି ସାମାଜିକ କର୍ମୀ ମଧ୍ୟ ଝିଅଟିକୁ ସାହାଯ୍ୟ କରିଥିବା ବେଳେ ବର୍ତ୍ତମାନ ମହିଳା ମହାବିଦ୍ୟାଳୟରେ କିଛି ଅଧ୍ୟାପିକା ଓ କର୍ମଚାରୀ ଝିଅଟିକୁ ଗରିବ ଶ୍ରେଣୀର ହୋଇଥିବାରୁ ବିଭିନ୍ନ କଟୁକଥା କହୁଛନ୍ତି। ଏଥିପାଇଁ ଝିଅ କଲେଜ ଯିବାକୁ ଡରୁଥିବା ସହ କଲେଜ ପାଠ ପଢିବି ନାହିଁ ବୋଲି ଅଭିଯୋଗ କରିଥିଲେ ପରିବାର ଲୋକେ । ଏହି ମହାବିଦ୍ୟାଳୟରେ ଦୁଇଟି ଗୋଷ୍ଠି ଥିବାବେଳେ ଟିଉସନକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ଲାଗିଛି। ଉଭୟ ଗୋଷ୍ଠୀର ଅଧ୍ୟାପକ ଅଧ୍ୟାପିକାମାନେ ନିଜ ନିକଟକୁ ଟିଉସନ ଆସୁନଥିବା ଛାତ୍ରୀ ମାନଙ୍କୁ ନିର୍ଯାତନା ଦେଉଥିବା ମଧ୍ୟ ଅଭିଯୋଗକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲାପାଳ ଶ୍ରୀ ପାଟିଲ ଗତକାଲି ଘଟଣାକୁ ଗୁରୁତର ସହ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ । ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଛାତ୍ରୀଙ୍କ ଘରକୁ ଯାଇ ଛାତ୍ରୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ଘଟଣା ର ସତ୍ୟତା ନେଇ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହ ମହାବିଦ୍ୟାଳୟ କୁ ଯାଇ ସେଠାରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ । ଏହାସହ ମହାବିଦ୍ୟାଳୟର ହଷ୍ଟେଲ ପରିଚାଳନା ଦାୟିତ୍ୱ ଜଣେ ମହିଳା କର୍ମଚାରୀ ଙ୍କୁ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି କୌଣସି ଅଧ୍ୟାପକ ଅଧ୍ୟାପିକା ପିଲାଙ୍କୁ ଟିୟୁସନ କରିବେ ନାହିଁ ବୋଲି ମଧ୍ୟ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ପିଲାଙ୍କୁ ନିର୍ଯାତନା ହେଲେ କିପରି ଅଭିଯୋଗ କରିବେ ସେନେଇ କାଉନସିଲଙ୍ଗ ସହ କମିଟି ଗଠନ କରାଯାଇଥିଲା । ଏହା ବ୍ୟତୀତ ଅଭିଯୋଗକାରୀ ଛାତ୍ରୀଙ୍କ ଅଭିଯୋଗର ତଦନ୍ତ ଜାରି ରହିଛି, ଯିଏ ଦୋଷୀ ସାବ୍ୟସ୍ତ ହେବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ଉତ୍କଳ ଗୋପାଳ ସମାଜ ତରଫରୁ ପଣା ବଣ୍ଟନ

ଉମରକୋଟ(ଭାସ୍କର ନ୍ୟୁଜ୍): ସୋମବାର ଜଗତର ନାଥ ଜଗନ୍ନାଥଙ୍କ ବଡଦାଣ୍ଡରେ ଉତ୍କଳ ଗୋପାଳ ସମାଜ ତରଫରୁ ପଣା ବଣ୍ଟନ କରାଯାଇଥିଲା ଏବଂ ଭୁବନେଶ୍ୱର ରାମ ମନ୍ଦିର ଠାରେ ମ୍ୟାଙ୍ଗୋ ଜୁସ ବଣ୍ଟନ କରାଯାଇଥିଲା ଏହି





ସେବା କାର୍ଯ୍ୟରେ ଉତ୍କଳ ଗୋପାଳ ସମାଜ ରାଜ୍ୟ ଯୁବ ସଂଗଠନ ର ସଭାପତି କୃଷ୍ଣଚନ୍ଦ୍ର ଗଉଡ, ରାଜ୍ୟ କୋଷାଧ୍ୟକ୍ଷ ଧରଣୀ ଧର ବେହେରା ଉତ୍କଳ ଗୋପାଳ ସମାଜ ମହିଳା ସଂଗଠନର ରାଜ୍ୟ ମହିଳା ସଂଯୋଜିକା ଛବିଲତା ଦାସଙ୍କ ନେତୃତ୍ୱରେ ଓ ଉତ୍କଳ ଗୋପାଳ ସମାଜ ଦେବଗଡ ଜିଲ୍ଲା ସଭାପତି ସୁବାଷ ଚନ୍ଦ୍ର ପ୍ରଧାନ ଓ ଉତ୍କଳ ଗୋପାଳ ସମାଜ ପୁରୀ ଜିଲ୍ଲା ସଭାପତି ନକୁଳ ବେହେରାଙ୍କ ସହଯୋଗରେ ଏହି ମହାନ୍ ସେବା କାର୍ଯ୍ୟ ହୋଇପାରିଛି । ଜଗତର ନାଥ ଜଗନ୍ନାଥଙ୍କ ବଡ ଦାଣ୍ଡରେ ଏହି ସେବା କାଯ୍ୟ କରି ଉତ୍କଳ ଗୋପାଳ ସମାଜ ନିଜକୁ ଧନ୍ୟ ମନେ କରୁଛି ।

# ପାନୀୟ ଜଳ ଯୋଗାଣ ଦାବିରେ ରାସ୍ତାରୋକ
## ■ ପ୍ରଶାସନର ପ୍ରତିଶ୍ରୁତି ପରେ ହେଲା ପ୍ରତ୍ୟାହୃତ

ବୌଦ୍ଧ,(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ୍ ମୁଷ୍ଟୁଣ୍ଡ ୧ ଗ୍ରାମପଞ୍ଚାୟତର ଜଗଦୀଶପୁର ବାଇପାସ ଛକରେ ପାନୀୟ ଜଳ ଯୋଗାଣ ଦାବିରେ ହୋଇଥିବା ରାସ୍ତାରୋକ ପ୍ରଶାସନର ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ କଣ୍ଟୁଆଣି ଗ୍ରାମ ନିକଟରେ ମେଗା ପାନୀୟ ଜଳ ପ୍ରକଳ୍ପ ଓଭର ହେଡ ଟାଙ୍କିରୁ ଜଗଦୀଶପୁର ଓ କଣ୍ଟୁଆଣି ଆଦି ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି । ମାତ୍ର କିଛି ଦିନ ହେଲା ପାଇପ ଫାଟି ଯାଇଥିବା ଓ ଅନ୍ୟାନ୍ୟ ଯାନ୍ତ୍ରିକ ସମସ୍ୟା ଯୋଗୁଁ ପାନୀୟ ଜଳ ଯୋଗାଣ ଠପ ହୋଇଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ



ସାଙ୍ଗକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିବା ଫଳରେ ଆଜି ଦିନ ୧୦ ଘଣ୍ଟା ସମୟରେ ସ୍ଥାନୀୟ ଅଂଚଳର ମହିଳା ମାନେ ଗରା ବାଲଟି ଆଦି ଜାତୀୟ ରାଜପଥ ନଂ ୫୭ ର ଜଗଦୀଶପୁର ବାଇପାସ ଛକରେ ରଖି ରାସ୍ତାରୋକ କରିଥିଲେ । ଫଳରେ ବୌଦ୍ଧ-ବଘିଆପଡା ରାସ୍ତା ଓ ଜାତୀୟ ରାଜପଥ ନଂ ୫୭ ରେ ଯାନବାହାନ ଚଳାଚଳ ବନ୍ଦ ହୋଇ ଯାଇଥିଲା । ଖବର ପାଇ ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ଧର୍ମୁଧର ପୋଢ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର କୁମାର ନାଏକ, ଲକ୍ଷ୍ମୀ ପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା, ସମାଜସେବୀ ବିପିନ୍ କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ପାଇଁ ବିଡ଼ିଓ ଶ୍ରୀ ମେହେର ମେଗା ପାନୀୟ ଜଳ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀଙ୍କୁ ଆନ୍ଦୋଳନ ସ୍ଥଳକୁ ଡକାଇ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା ।

## ଏକ୍ସ ବୋର୍ଡ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ସ୍ଥିତ ସରକାରୀ ଏକ ବୋର୍ଡ ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟଜିତ ଚୌହାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉମରକୋଟ ପୌର ପରିଷଦର ଅଧ୍ୟକ୍ଷ ରାଧା ଭତ୍ରା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଲକ୍ଷ୍ୟ ରଖି ଜୀବନରେ ବଡ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଉମରକୋଟ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଉମରକୋଟ ଗୋଷ୍ଠୀ ଶିକ୍ଷାଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ଥାନୀୟ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ଶ୍ରୀଯୁକ୍ତ ବଳଭଦ୍ର ମାଝୀଙ୍କ ସ୍ଥାନୀୟ ପ୍ରତିନିଧି ରାମକୃଷ୍ଣ ନାୟକ, ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାର୍କଣ୍ଡ ବେବର୍ତ୍ତା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ପ୍ରଭାତ କୁମାର ନାୟକ, କାଉନସିଲର ମନୋଜ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଭାସ୍କର ବେହେରା ଓ ଅଶୋକ କୁମାର ସାହୁ । ୧୯୧୫ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରି ଏହି ବିଦ୍ୟାଳୟର ବିକାଶ କରିବା ପାଇଁ ଅତିଥି ମାନେ ଆହ୍ୱାନ ଦେବା ସହ ଏଥି ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଅଭିଭାଷଣରେ କହିଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ବର୍ଷୀୟାନ ଶିକ୍ଷାବିତ୍ ମାର୍କଣ୍ଡ ବେବର୍ତ୍ତା ନିଜର ଗତଦିନର ସ୍ମୃତିଚାରଣ କରି ଏହି ବିଦ୍ୟାଳୟର ଅନେକ ଶିକ୍ଷାର୍ଥୀ ବଡ ପଦ ପଦବୀରେ ଥିବା କଥା କହିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ରଞ୍ଜିତା ଆଣ୍ଡରସନ୍ ସ୍ୱାଗତ ଭାଷଣ ଦେବା ପରେ ଛାତ୍ରୀ ସୁଶ୍ରୀ ଅନନ୍ୟା ପଟ୍ଟନାୟକଙ୍କ ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଶିକ୍ଷକ ତ୍ରିପତି ପଟ୍ଟନାୟକଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପାଠ କରିଥିଲେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରବୀଣା ଶତପଥୀ । ଏମ ବିଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଅଭିଭାବକ ଅଭିଭାବକ ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉତ୍ସବରେ କୃତି ଶିକ୍ଷାର୍ଥୀ ଓ ଗତଦିନରେ ରାଜ୍ୟସ୍ତରୀୟ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସମସ୍ତଙ୍କ ମନ ମୋହି ନେଇଥିଲେ । ଶିକ୍ଷୟିତ୍ରୀ ଉର୍ମିଳା ପ୍ରଧାନ, ନିଳା ଦେ, ନିବେଦିତା ସାହୁ, ଗୀତାଞ୍ଜଳି ପରିଛା, ଚନ୍ଦ୍ରିକା ଭକ୍ତ, ସସ୍ମିତା ପରିଡ଼ା, ଅନୁପମା ବେହେରା, ପିଙ୍କି ରାଣୀ ସରକାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଗ୍ରାମସାଥୀମାନଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ (ଭାସ୍କର ନ୍ୟୁଜ୍): ସୋମବାର ଦିନ ୧୦ ଘଣ୍ଟା ସମୟରେ ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଗ୍ରାମ ସାଥୀ ମାନଙ୍କ ଏକ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଅଁଳାପାଲି, ବାଉଁଶୁଣୀ, ଗୋଛାପଡ଼ା, ବହିରା, ଗୁନ୍ଦୁଳିଆ, ଖଲିଆପାଲି ଓ କସୁରବନ୍ଧ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିଯୁକ୍ତ ଗ୍ରାମ ସାଥୀମାନଙ୍କୁ ମନରେଗା ଯୋଜନାର ପରିଚାଳନା ଓ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ବ୍ଲକ୍ ମନରେଗା ଏପିଓ ଓ ସାଧନ କର୍ମୀ ମାନେ ଗ୍ରାମ ସାଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।



# ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପବିତ୍ର ହାଲଦାରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ , ସମ୍ମାନିତ ଅତିଥି କୋଷାଗୁମୁଡା ପଂଚାୟତ ସମିତି ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ,ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର , ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ କୋଷାଗୁମୁଡା ସରପଞ୍ଚ ଡାଳିମ୍ବ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରି , ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ଶିକ୍ଷାବିତ ସହଦେବ ପରିଡା, ମୋ ବିଦ୍ୟାଳୟ ସଭାପତି ଭୁବନେଶ୍ୱର ନାୟକ ପ୍ରମୁଖ ମଞ୍ଚସିନ ଅତିଥି ଭାବରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଅଧ୍ୟକ୍ଷ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ର ସର୍ବାଙ୍ଗୀନ ଉନ୍ନତି କରିବା ସହ ଭଲ ଭାବେ ପାଠ ପଢି ସୁନାମ ଅର୍ଜନ କରିବା ପାଇଁ ନିଜ ଅଭିଭାଷଣ ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀ ଦିଗ ଦର୍ଶନ ଦେଇଥିଲେ । କେବଳ ପାଠ ନୁହେଁ ପାଠ ସହ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନିଜକୁ ପ୍ରସ୍ତୁତ କରି ଆଗକୁ ବଢିବା ପାଇଁ ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ ପରାମର୍ଶ ଦେଇଥିଲେ ।ବିଦ୍ୟାଳୟରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀଙ୍କର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଅତି ସୁନ୍ଦର ଭାବରେ ମଞ୍ଚ ପରିଚାଳନା ସହିତ ସୁନ୍ଦର ସୁନ୍ଦର ନୃତ୍ୟ ସାଙ୍ଗକୁ ସୁମଧୁର କଣ୍ଠରେ ସଙ୍ଗୀତ ପରିବେଷଣ କରିଥିଲେ ।ଅଭିଭାବକ ମହଲରେ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା । ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ପରିଚାଳନା ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଅଭିଯୋଗ ଶୁଣାଣି ଓ ସଚେତନତା କାର୍ଯ୍ୟକ୍ରମ





ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ବୁର୍ଜା ପଞ୍ଚାୟତରେ ସରପଞ୍ଚ ଜୋଲି ମିଣିଆକାଙ୍କ ଅଧକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଇ ଏମ.ପବନ କୁମାର,ଖାଦ୍ୟ ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭବତୋଷ ସ୍ୱାଇଁ ପ୍ରଭୃତି ମଞ୍ଚାସୀନ ରହି ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ ଖରା ଦିନ ହୋଇଥିବା ବେଳେ ପ୍ରବଳ ଗରମ ଅନୁଭୂତି ହେଉଛି ।ତେଣୁ ଘରୁ ବାହାରକୁ ବାହାରିଲେ ଖରା ଦାଉରୁ କିପରି ରକ୍ଷା ପାଇବା ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଚେତନ କରାଯାଇଥିଲା ।ଏଥି ସହ ପିଡ଼ିଏସ ଚାଉଳ ପାଉଥିବା ଯେଉଁ ସବୁ ହିତାଧିକାରୀ ମାନେ କେୱାଇସି କରି ନାହାନ୍ତି, ତୁରନ୍ତ ନିଜ ନିଜ ଚାଉଳ ସେଣ୍ଟର କୁ ଯାଇ କେୱାଇସି କରିନିଅନ୍ତୁ ନଚେତ ପିଡିଏସ ଚାଉଳ ମିଳିବ ନାହିଁ ବୋଲି ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ନାୟକ କହିଥିଲେ ।ପରେ ବନ୍ଧିକାର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଡ୍ରେନ ସହ ପାଚେରୀ ନିର୍ମାଣ, ଗାଧୁଆ ତୁଠରେ ମହିଳାଙ୍କ ପାଇଁ ଗୃହ ନିର୍ମାଣ,ଉପର ସାହିରେ ଫେବର ବ୍ଲକରେ ରାସ୍ତା ନିର୍ମାଣ ଓ ଚିତାଗୁଡ଼ି ଠାରେ ଏକ କଲଭର୍ଟ ନିର୍ମାଣ ସହ ପଞ୍ଚାୟତର କିଛି ଅଙ୍ଗନବାଡି କନ୍ଦ୍ର ପାଣି ଓ ବିଜୁଳି ସମସ୍ୟା ଦେଇ ଗତି କରୁଥିବା ଭଳି ଦଶରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଏମ୍‌କେ, ସିଆରପି ମହିଳା, ଅଙ୍ଗନବାଡି ଓ ଆଶାକର୍ମୀ ମାନେ ଉପସ୍ଥିତ ଥିବା ବେଳେ ଶିଶୁ କଲ୍ୟାଣ ଓ ସ୍ୱାସ୍ଥ୍ୟ ବିଭାଗ କୁ ଛାଡି ଦେଲେ ଅନ୍ୟ କୌଣସି ବିଭାଗର ଦେଖା ନଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରି ସଞ୍ଜୀବ ବିଡିକା ପରିଚାଳନା କରିଥିବା ବେଳେ ବିଆରସି ଦାମୋଦର କନ୍ଦପାନ,ଗ୍ରାମ ରୋଜଗାର ସେବକ ଗୁଡ଼ିଆ ନାୟକ ଓ ଏଡିଓ ସୁରେଶ ଚେଟି ସହଯୋଗ କରିଥିଲେ।

## ବିଡିଓଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ବିଡିଓ ଯୁଧିଷ୍ଠିର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ୍ ଅଞ୍ଚଳରେ ହେଉଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସମସ୍ତ ସରକାରୀ ଯୋଜନାର ଅଗ୍ରଗତି ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ଚରଣ ସାମଲଙ୍କ ସମେତ ସହକାରୀ ଯନ୍ତ୍ରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ବିଭିନ୍ନ ବିଭାଗର ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ସମସ୍ତ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଯବାନଙ୍କ ଗୁଳିରେ ଦୁଇ ମାଓବାଦୀ ନିହତ




ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ର କୋଣ୍ଡାଗାଁଓ ଏବଂ ନାରାୟଣପୁର ଜିଲ୍ଲାର ସୀମାନ୍ତ କିଲମ ଏବଂ ବରଗୁମ ଜଂଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି । ଏହି ଘଟଣା ରେ ଦୁଇଜଣ ଇନାମୀ ମାଓବାଦୀ ମୃତ୍ୟୁବରଣ କରିଥିବା ଜଣାପଡିଛି । ତେବେ ମିଳିଥିବା ସୂଚନା ଅନୁଯାୟୀ, ନାରାୟଣପୁର ଏବଂ କୋଣ୍ଡାଗାଓଁ ର ଡିଆରଜି ଓ ପୋଲିସ ଟିମ ମିଳିତ ରୂପେ ମାଓ ଦମନ ତଲାସୀ ଅଭିଯାନ କରିବା ବେଳେ ଏହି ଗୁଳିବିନିମୟ ଘଟିଥିଲା । ମାଓବାଦୀ ମାନେ ଯବାନଙ୍କ ସାମନା କରି ନ ପାରି ଲୁଚି ପଳାଇଥିଲେ । ଏହାପରେ ଯବାନ ମାନେ ଉକ୍ତ ଅଞ୍ଚଳରେ ତଲାସୀ ବେଳେ ଦୁଇ ଜଣ ମାଓବାଦୀଙ୍କ ମର ଶରୀର ପାଇଥିଲେ । ଏହି ଦୁଇ ମୃତ ମାଓବାଦୀ ଙ୍କ ନାମରେ ୧୩ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଘଟଣାସ୍ଥଳରୁ ବନ୍ଧୁକ ସହ ମାଓ ବିସ୍ଫୋରକ ଏବଂ ଅନ୍ୟ ସାମଗ୍ରୀ ଜବତ କରାଯାଇଛି । ଏହାପରେ ଅଞ୍ଚଳରେ ତଲାସୀ ଅଭିଯାନ କୁ ବଢ଼ାଇ ଦିଆଯାଇଛି ।

## କବି ହେମଚନ୍ଦ୍ର ଆଚାର୍ଯ୍ୟଙ୍କ 'ରାମ ରାହା' ଆଲୋଚନା



ବରଗଡ଼ (ଭାସ୍କର ନ୍ୟୁଜ୍): ଜୀବନର ପ୍ରତିଟି କ୍ଷେତ୍ରରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଆଦର୍ଶ ଚରିତ୍ର ଅନୁକରଣୀୟ ଓ ଅନୁସରଣୀୟ । ବରେଣ୍ୟ କବି ହେମ ଚନ୍ଦ୍ର ଆଚାର୍ଯ୍ୟ ଙ୍କ ରଚିତ 'ରାମ ରାହା' ମହାକାବ୍ୟ ରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି ବୋଲି ବରଗଡ଼ ରାଣା ପ୍ରତାପ ସ୍କୁଲଠାରେ ସୋମବାର ସ୍ଥାନୀୟ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କବି ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଜୟନ୍ତୀ ଶତବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି । ସଂସଦର ସଭାନେତ୍ରୀ ଛାତ୍ରୀ ଧରିତ୍ରୀ ରାଉତଙ୍କ ସଂଯୋଜନା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୀମା ଭୋଇ ମୁଖ୍ୟ ଆଲୋଚିକା ଭାବେ ଯୋଗ ଦେଇ କବି ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ ରଚିତ ମହାକାବ୍ୟ 'ରାମ ରାହା' ଓ ଶବରୀ ସନ୍ଦେଶ ଉପରେ ବିସ୍ତୃତ ଆଲୋଚନା କରି ଛାତ୍ରଛାତ୍ରୀମାନଙ୍କୁ ଆମ ଅଞ୍ଚଳର ଏହି ମହାନ୍ ବ୍ୟକ୍ତିତ୍ୱଙ୍କ କୃତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଆମ ଅଞ୍ଚଳ ର ଗର୍ବ ଓ ଗୌରବ କୋଶଳି ବାଲ୍ମୀକି କବି ହେମଚନ୍ଦ୍ର ଆଚାର୍ଯ୍ୟ ଓ ପଦ୍ମଶ୍ରୀ ଲୋକ କବି ରତ୍ନ ହଳଧର ନାଗଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ରଚିତ କାବ୍ୟ କୃତି ସମ୍ବଳିତ ତଥ୍ୟ ସଂଗ୍ରହ କରି ଛାତ୍ର ଛାତ୍ରୀମାନେ ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ପ୍ରଧାନ ଶିକ୍ଷକ ନିର୍ଦ୍ଦେଶ ଦେଇଥିଲେ ।ସଂସଦ ର ଉପସଭାପତି ଛାତ୍ର ଶୋଭିତ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଇନଟ୍ରାକ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଷଷ୍ଠଦିନ
## ଫାଇନାଲରେ ଜେବିସି ବୌଦ୍ଧ ଓ ପ୍ରଗତି କନ୍ଧମାଳ

ବୌଦ୍ଧ(ଭାସ୍କର ନ୍ୟୁଜ୍): ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲା ଷ୍ଟାଡିୟମ ଠାରେ ଚାଲିଥିବା ଇନଟ୍ରାକ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଷଷ୍ଠ ଦିନରେ ଜୟ ଭୈରବୀ କ୍ଲବ ବୌଦ୍ଧ ଓ ପ୍ରଗତି କନ୍ଧମାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଜେବିସି ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୩.୫ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ କରିଥିଲା । ଓମ୍ ପି. ପ୍ରଧାନ ୪୫ ବଲ୍‌ରୁ ୪୯ ରନ୍, ପ୍ରାଚୀନ ଦାସ ୨୭ ବଲ୍‌ରୁ ୪୩ ରନ୍ ଓ ସତ୍ୟବ୍ରତ ଦାସ ୨୪ ବଲ୍‌ରୁ ୨୫ ରନ୍ ସଂଗ୍ରହ କରିଥିଲେ । ଜେବିସି ଦଳର ଶ୍ରୀୟାନସୁ ବେହେରା ୫ଟି ଓ ଯଶୋବନ୍ତ ଦୀପ ୨ଟି ୱିକେଟ ନେଇଥିଲେ। ସେହିପରି ଦ୍ୱିତୀୟ ଇନିଂସରେ ଏହାର ଜବାବରେ ପ୍ରଗତି କନ୍ଧମାଳ ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୮୦ ରନ୍ କରିପାରିଥିଲା । ଫଳରେ ଜେବିସି ୧୧୦ ରନ୍‌ରେ ବିଜୟୀ ହୋଇଥିଲା । ଆଜିର ମ୍ୟାଚକୁ ଅମ୍ପାୟାର ଭାବେ ରାମକୃଷ୍ଣ ପାଳ ଓ ତାପସ ପଣ୍ଡା ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱ ସ୍ୱାଗତ ଦେହୁରୀ ତୁଲାଇଥିଲେ ।

## ଏପ୍ରିଲ ୨୩ରେ ସିପିଆଇ (ଏମ୍)ର ବିକ୍ଷୋଭ ସ୍ଥଗିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଚଳିତ ଏପ୍ରିଲ ୨୩ ତାରିଖ ବୁଧବାର ଦିନ ସମସ୍ତ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀ ମାନଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜମି ପ୍ରଦାନ ଏବଂ ଜମିର ଚିହ୍ନଟ, ଜଙ୍ଗଲ ଅଧିକାର ବଳରେ ଜମି ପାଇଥିବା ଆଦିବାସୀ ମାନଙ୍କୁ ଜାତି ସାର୍ଟିଫିକେଟ, ଦଖଲ ଭିତ୍ତିରେ ଘର ଡିହ ଓ ଜମି ର ମୁଟେସନ କରି ପଟ୍ଟା ପରିବର୍ତ୍ତନ, ପ୍ରତି ପଂଚାୟତ ରେ ଚେକ ଡ୍ୟାମ ନିର୍ମାଣ, ପ୍ରତି ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ୨୪ ଘଣ୍ଟିଆ ନିରନ୍ତର ଫୁଲ ଭୋଲଟେଜ ବିଦ୍ୟୁତ ଯୋଗାଣ, ବିଦ୍ୟୁତ ସ୍ମାର୍ଟ ମିଟର ସ୍ଥାପନ ବନ୍ଦ । ଟାଟାକମ୍ପନୀ ଦ୍ୱାରା ହଜାର ଟଙ୍କା ର ମିଥ୍ୟା ବିଦ୍ୟୁତ ବିଲ ଆଦାୟ ଓ ଜୁଲୁମ ବନ୍ଦ କରିବା, ଆନ୍ଧ୍ର ପ୍ରଦେଶ ସରକାର ଦ୍ୱାରା ନିର୍ମାଣ ହେଉଥିବା ବୃହତ ଜଳ ପ୍ରକଳ୍ପର ଉଚ୍ଚତା କମାଇ ମାଲକାନଗିରି ଜିଲ୍ଲାକୁ ରକ୍ଷା କରିବା, ଗ୍ରାମ ଓ ପଲ୍ଲୀ ସଭାକୁ ସଠିକ ଭାବେ ଆୟୋଜନ କରିବା ଓ ବିନା ଅନୁମୋଦନ ରେ କାର୍ଯ୍ୟକ୍ରମ ବନ୍ଦ କରିବା ଇତ୍ୟାଦି ୧୫ ଦଫା ଦାବି କୁ ନେଇ ହେବାକୁ ଥିବା ବିକ୍ଷୋଭ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସ୍ଥଗିତ କରାଯାଇଛି । ସିପିଆଇ(ଏମ) ମାଲକାନଗିରି ଜିଲ୍ଲା ସମ୍ପାଦକ ବ୍ରଜ ମାଝୀ ଆଜି ଏକ ବିବୃତି ରେ ଏହି ସୂଚନା ଦେବା ସହ ପରବର୍ତୀ ତାରିଖ ଜଣାଇ ଦିଆଯିବ ବୋଲି କହି ଛନ୍ତି । ଜିଲ୍ଲା ସ୍ତରୀୟ ବିକ୍ଷୋଭ ସ୍ଥଗିତ ରହିଲେ ସୁଦ୍ଧା ବ୍ଲକସ୍ତରରେ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ସ୍ୱଚ୍ଛ ଭାରତ ମିଶନରେ ଗୋବିନ୍ଦପୁର ସରପଞ୍ଚ ସମ୍ବର୍ଦ୍ଧିତ

ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ବ୍ଲକ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ରେ ଗୋବିନ୍ଦପୁର ପଞ୍ଚାୟତ ବ୍ଲକ ସ୍ତରରେ ପୁରସ୍କୃତ ହୋଇଥିବାରୁ ସୋମବାର ବରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବିଡ଼ିଓ ବ୍ରେଶିଅସ ଡୁଙ୍ଗ ଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ରେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପଞ୍ଚାୟତ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡୋଳା ମଣି ପ୍ରଧାନ ମଧ୍ୟ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ ।ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡାଙ୍କ ସମେତ ବ୍ଲକର ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିବାବେଳେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ ।ପ୍ରକାଶ ଥାଉ କି ପୂର୍ବରୁ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଭାରତ ସରକାରଙ୍କ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ମଧ୍ୟ ନିର୍ମଳ ପଞ୍ଚାୟତ ପୁରସ୍କାରରେ ପୁରସ୍କୃତ ହୋଇ ସାରିଛି । ତେବେ ଏହି ପୁରସ୍କାର ପଞ୍ଚାୟତବାସୀଙ୍କ ପାଇଁ ଉଦ୍ଦିଷ୍ଟ ମୁଁ କେବଳ ନିମିତ୍ତ ମାତ୍ର , ପଞ୍ଚାୟତର ପ୍ରତି ଗ୍ରାମ ଓ ଗ୍ରାମବାସୀଙ୍କ ଉଦ୍ୟମରେ ହିଁ ଏହା ସମ୍ଭବ ହୋଇଛି ବୋଲି ପୁରସ୍କୃତ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ପରିପ୍ରକାଶ କରି ଆଗାମୀ ଦିନରେ ଏହି ପଞ୍ଚାୟତକୁ ଆହୁରି ସ୍ୱଚ୍ଛ ଓ ସବୁଜ ପଞ୍ଚାୟତରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଉଲ୍ଲେଖ କରିଛନ୍ତି ।




## ଖଡ଼ିଆଳ-ସିନାପାଲି ମୁଖ୍ୟରାସ୍ତାରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ଦାବି



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସିନାପାଲି ମୁଖ୍ୟ ରାସ୍ତା ନେହେନା ପଞ୍ଚାୟତର ଚିଚେର ପୁଟୁପଡା ଛକ ନିକଟରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ଦାବି । ଏହି ଛକ ନିକଟରେ ଯାତ୍ରୀ ବିଶ୍ରାମଗାର ନଥିବାରୁ ଜିଲ୍ଲାର ଏକ ମାତ୍ର ମଡେଲ ଡିଗ୍ରୀ କଲେଜକୁ ଅଧ୍ୟୟନ କରିବାକୁ ଆସୁଥିବା ଶତାଧିକ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଛକରେ ବସିବା ପାଇଁ କୌଣସି ସୁବିଧା ନଥିବାରୁ ଖରା, ବର୍ଷା ଓ ଶୀତରେ ଛାତ୍ରଛାତ୍ରୀ ମାନେ ଗଛ ମୂଳରେ ଓ ଖୋଲା ଆକାଶ ତଳେ ଠିଆ ହୋଇ ବସକୁ ଅପେକ୍ଷା କରୁଛନ୍ତି । ଖରା ଓ ବର୍ଷାରେ ସେମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଥାଏ । ବିଶେଷ କରି ବସ ଯୋଗେ ଆସୁଥିବା ଛାତ୍ରଛାତ୍ରୀ ଏହି ଚିଚେର ଛକ ନିକଟରେ ଓହ୍ଲାଇ ମଡେଲ ଡିଗ୍ରୀ କଲେଜକୁ ଯିବାକୁ ହେଲେ ପାଞ୍ଚ ଶହ ମିଟର ଦୂର ହେଉଥିବା ବେଳେ ଅନ୍ୟ ସ୍ଥାନରେ ଓହ୍ଲାଇ କଲେଜକୁ ଯିବାକୁ ଦୁଇ କିଲୋମିଟରରୁ ଅଧିକ ଲମ୍ବା ରାସ୍ତା ହେଉଛି । ଫଳରେ ବସ ଯୋଗେ ଆସୁଥିବା ଛାତ୍ରଛାତ୍ରୀ ଏହି ଚିଚେର ଛକରେ ଓହ୍ଲାଇ ମଡେଲ ଡିଗ୍ରୀ କଲେଜକୁ ଯାଉଛନ୍ତି । ହେଲେ ଜିଲ୍ଲାର କୋଣ ଅନୁକୋଣରୁ ଆସୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ରାସ୍ତା ପାର୍ଶ୍ୱରେ ଯାତ୍ରୀ ବିଶ୍ରାମଗାର ନଥିବାରୁ ଛାତ୍ରଛାତ୍ରୀ ମାନେ ଘଣ୍ଟା ଘଣ୍ଟା ଧରି ଖୋଲା ରାସ୍ତାରେ ଠିଆହୋଇ ବସକୁ ୨୦୧୬ ମସିହାରୁ କଲେଜ ଆରମ୍ଭ ହେବା ଦିନରୁ ଆଜକୁ ନଅ ବର୍ଷ ହେବ ଯାତ୍ରୀ ବିଶ୍ରାମଗାର ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଚିଚେର ଛକ ନିକଟରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କଲେ ଛାତ୍ରଛାତ୍ରୀ ମାନଙ୍କ ସୁବିଧା ହେବା ସହିତ ରାସ୍ତାର ନିର୍ଭର କରୁଥିବା ଲୋକେ ଉପକୃତ ହୋଇ ପାରିବେ । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରିବାକୁ ଛାତ୍ରଛାତ୍ରୀ ମାନେ ଦାବି କରିଛନ୍ତି ।



ବୌଦ୍ଧ(ଭାସ୍କର ନ୍ୟୁଜ ): ମଙ୍ଗଳବାର ଦିନ ୧୨.୩୦ ମିନିଟ ସମୟରେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା କଙ୍କଲା ଗ୍ରାମରେ କଙ୍ଗାରୁ କୋର୍ଟ କରି କିଛି ମୁଷ୍ଟିମେୟ ଲୋକ ଗୋଟିଏ ପରିବାରକୁ ବାସନ୍ଦ କରିବା ପରେ ପିଡିତ ପରିବାର ବୌଦ୍ଧ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କଙ୍କଲା ଗ୍ରାମର ହୃଦ ସେଠୀ ଆସନ୍ତା ୩୦ ତାରିଖରେ ଝିଅ ବିବାହ କରିବାକୁ ଥିବା ବେଳେ ଗ୍ରାମର ଶିବ ମନ୍ଦିରରେ ଏକ ରୁଦ୍ରାଭିସେକ କରିଥିଲେ । ଶିବ ମନ୍ଦିର ପୂଜକ ମାନଙ୍କୁ ଓ ଶିବ ମନ୍ଦିରକୁ ପୂର୍ବରୁ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ବାସନ୍ଦ କରିଥିବା ହେତୁ ଗ୍ରାମର କୌଣସି ବ୍ୟକ୍ତି ଶିବ ମନ୍ଦିରକୁ ନଯିବା ପାଇଁ ଗ୍ରାମରେ ହୁଇପ୍ ଜାରି କରିଥିଲେ । ମାତ୍ର ଝିଅ ବାହାଘର ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ରୁଦ୍ରାଭିଷେକ ପାଇଁ ପୂର୍ବରୁ ମାନସିକ ରଖିଥିବା ହୃଦ ସେଠୀ ଶିବ ମନ୍ଦିରକୁ ଯିବାକୁ ବାଧ ହୋଇଥିଲେ । ଉକ୍ତ ଘଟଣାକୁ କେନ୍ଦ୍ର କରି ଗ୍ରାମର ସେହି ମୁଷ୍ଟିମେୟ ବ୍ୟକ୍ତି ମାନେ ୨୦ ତାରିଖ ଦିନ ଗ୍ରାମ ଗୁଡିଘରେ ବୈଠକ କରି ମନ୍ଦିରକୁ ନଯିବା ହୁଇପ୍ ଅବମାନନା କରିଥିବା ଦୋଷ ଦେଇ ଗ୍ରାମରୁ ସାମାଜିକ ବାସନ୍ଦ ନିର୍ଦ୍ଦେଶ ଦେଇଥିଲେ । ଝିଅର ବିବାହ ଭୋଜି ପାଇଁ ଖଞ୍ଜିଥିବା ରୋଷେୟାକୁ ମନା କରିବା, ଗ୍ରାମର କୌଣସି ଦୋକାନରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବାସନ୍ଦ ପରିବାରକୁ ବିକ୍ରୀ ନକରିବା, ଝିଅ ବିବାହ ସମୟରେ ଜାତିଆଣ କାର୍ଯ୍ୟରେ ସହଯୋଗ ନ କରିବା ଆଦି ଅନେକ କଟକଣା ଲାଗୁ କରାଯାଇଛି । ନିଜ ପରିବାରରେ ସାମାଜିକ ଓ ଜୀବନ ଧାରଣାର ସ୍ୱାଧିନତା ବିପନ୍ନ ହେଉଥିବା ନେଇ ହୃଦ ସେଠୀ ଓ ତାଙ୍କ ଧର୍ମପତ୍ନୀ ଏସପି ନିକଟରେ ଅଭିଯୋଗ କରିଛନ୍ତି । ଏସପି ରାହୁଲ ଗୋୟଲ ଏ ସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ବାଉଁଶୁଣି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଏଭଳି ମଧ୍ୟଯୁଗୀୟ ବାସନ୍ଦ ବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି ।

**AFFIDAVIT**

By virtue of an affidavit sworn before The Executive Magistrate, Bhawanipatna, Kalahandi, dated 19.04.2025, I Keshab Majhi, Address: village- Sanjamkiheju, Po- Champadeipur, Ps- Lanjigarh, Dist- Kalahandi, Odisha, PIN-766020, declare that I have changed my son's name from Muketyswar Majhi to Shakti Majhi. Henceforth, he shall be known as Shakti Majhi for all purposes.

Sd/- Keshab Majhi

## ଗାଁ ରୁ ବାସନ୍ଦ ହେବା ପରେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ ଓ ପରିବାର ଲୋକେ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପଦ୍ମଗିରେ ପଞ୍ଚାୟତ ଅନ୍ତର୍ଗତ ଏମଭି ୨୦୧ ଗ୍ରାମର ଏକ ପରିବାର କୁ ଗାଁ କମିଟି ଗତ ତିନିମାସ ହେବ ଗାଁ ରୁ ବାସନ୍ଦ କରିଛି । ଥାନାରେ ଅଭିଯୋଗ କରିବାକୁ ଆସିଥିବା ମହିଳା ଚନ୍ଦନା ମଲ୍ଲିକଙ୍କ ସ୍ୱାମୀ ଶିବ ମଲ୍ଲିକ ପ୍ରାୟ ୫ ବର୍ଷ ହେବ ଗାଁ କମିଟି ସଭାପତିଙ୍କ ସମ୍ପର୍କୀୟ ଜଣେ ବିବାହିତା ମହିଳାଙ୍କୁ ନେଇ ଫେରାର ହୋଇ ଯାଇଛି । ସ୍ୱାମୀ ଆଉ ଗାଁ କୁ ଫେରୁ ନଥିବା ବେଳେ ଗାଁ କମିଟି ତାଙ୍କ ପରିବାରକୁ ନିଆଁ ପାଣି ବନ୍ଦ କରିବା ସହ ଗାଁ ପିଲାଙ୍କ ସହ ପିଲାମାନଙ୍କୁ ନମିଶିବା ଓ ସ୍କୁଲରେ ମଧ୍ୟ ପିଲାମାନଙ୍କୁ ଅଲଗା ରଖିବା ଭଳି ଥାନାରେ ଅଭିଯୋଗ କରିଛନ୍ତି । ଗାଁରେ ମିଶିବା ପାଇଁ ଗାଁ କମିଟି କୁ ଏକ ଲକ୍ଷ ଟଙ୍କାର ଜରିମାନା ଦେଲେ ଯାଇ ସେହି ପରିବାରକୁ ଗାଁ ରେ ମିଶାଯିବ ନଚେତ ସେମାନଙ୍କ ପିଲାମାନେ ମଧ୍ୟ ଗାଁ ବିଦ୍ୟାଳୟ ଓ ପୂଜା ମଣ୍ଡପରେ ଯାଇ ପାରିବେ ନାହିଁ । ଏଭଳି ଧମକ ମିଳିବା ପରେ ଗରିବ ପରିବାର ଲୋକେ ନ୍ୟାୟ ପାଇଁ ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ।ମାଲକାନଗିରି ଥାନା କେଶ ନଂ ୨୦୪/୨୫ ରେ କେଶ ରୁଜୁ କରି ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି । ଏହି କେଶ ତଦନ୍ତ ଦାୟିତ୍ୱ ରେ କୃତିବାସ ବେହେରା ଥିବା ଜଣାପଡିଛି ।

## ମେ ୫ରେ ଶ୍ରମ କମିଶନର ଅଫିସ ଘେରିବ ଏଆଇଟିୟୁସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଆଇଟିୟୁସି ଖୋର୍ଦ୍ଧା ଜିଲ୍ଲା କମିଟି ବୈଠକ ଜିଲ୍ଲା ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲା ସମ୍ପାଦକ ଶକ୍ତିକୃଷ୍ଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏଥିରେ ଯୋଗ ଦେଇ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ମନୋଭାବ ସମ୍ପର୍କରେ ସୂଚନା ଦେଇ ଆଗାମୀ ପହିଲା ମେ'-୨୦୨୫ରେ ସମସ୍ତ ବ୍ଲକ ସ୍ତରରେ ଆନ୍ତର୍ଜାତିକ ଶ୍ରମିକ ଦିବସରେ ଶ୍ରମିକ ଶ୍ରେଣୀର ଲାଲ ପତାକା ଉତ୍ତୋଳନ ସହ ଶ୍ରମିକ ଶ୍ରେଣୀର ହକ୍ ଓ ଅଧିକାର ହାସଲ କରିବା ପର୍ଯ୍ୟନ୍ତ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଆହୁରି ବଳଶାଳୀ କରିବା ପାଇଁ ସଂକଳ୍ପ ଦିବସ ଭାବେ ପାଳନ କରାଯିବ । ଆଶାକର୍ମୀଙ୍କ ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ସର୍ବନିମ୍ନ ମଜୁରୀ ଆଇନର ଅନୁଷ୍ଠିତ ଶ୍ରମ ଡାଲିକାରେ ଘୋଷଣା ସହ ଶ୍ରମିକ ପରିବାର ସମାଜରେ ସମ୍ମାନର ସହ ଜୀବନ ଧାରଣ ପାଇଁ ସର୍ବନିମ୍ନ ମଜୁରୀ ହାର ବୃଦ୍ଧି କରିବା ଦାବିରେ ମେ-୫ରେ ସମଗ୍ର ଦେଶରେ ଏଆଇଟିୟୁସି ତରଫରୁ ଦାବି ଦିବସ ଆହ୍ୱାନ ପରିପ୍ରେକ୍ଷୀରେ ଉକ୍ତ ଦିନ ଶ୍ରମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତିଶାଳୀ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ।

## ବାଇକ୍‌ରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଦୁଇ ଆରୋହୀ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ମୁଣ୍ଡିବାଲସା ଗାଁ ନିକଟସ୍ଥ ମୁଖ୍ୟ ରାସ୍ତାରେ ଚଳନ୍ତା ବାଇକରେ ନିଆଁ ଲାଗି ଯାଇଥିବା ବେଳେ ବାଇକରେ ବସିଥିବା ଦୁଇ ଜଣ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ।ଖବର ନେବାରେ ଜଣା ପଡିଛି କି ଆଜି ଖରା ବେଳେ ଓିଡିଏସ ଆପଟି ଓଡ଼ି ୧୮ଡି ୨୭୨୯ ନମ୍ବର ଥିବା ବାଇକରେ ଦୁଇଜଣ ଯୁବକ ନାରାୟଣପାଟଣାରୁ କୁଟ୍ରାବେଡା ପଞ୍ଚାୟତ ଦେବଦଳା ଗାଁ କୁ ଯାଉଥିବା ବେଳେ ବାଇକର ପଛ ପଟେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଦେଖି ଦୁଇ ଜଣ ନିଜ ଜୀବନ ବଞ୍ଚାଇବା ଆଶାରେ ଏକ ଲଗାତୃଦା ଭିତରକୁ ବାଇକ ଛାଡ଼ି ଡେଇଁ ପଡି ଥିଲେ। ଫଳରେ ଦୁହେଁ ରାସ୍ତାରେ ପଡି ସାମାନ୍ୟ ଆହାତ ହୋଇ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିଲେ।ଏନେଇ ଫାୟାର ଷ୍ଟେସନକୁ ଫୋନ କରାଯାଇଥିବା ବେଳେ ଦମକଳ ଗାଡ଼ି ପହଞ୍ଚିବା ପୂର୍ବରୁ ବାଇକ ସମ୍ପୂର୍ଣ୍ଣ ଭାବେ ଜଳି ପୋଡି ପାଉଁଶ ହୋଇଯାଇଥିଲା

**AFFIDAVIT**

By virtue of an affidavit sworn before The Executive Magistrate, Dhenkanal, dated 19.04.2025, I Titina Sahoo, Address: At- Koranga, Po- Samasarapur, Ps- Athagarh, Dist- Cuttack, Odisha, PIN-754029 declare that I have changed my son's name from Bishu Sahoo to Bishnu Sahoo. Henceforth, he shall be known as Bishnu Sahoo for all purposes.

Sd/- Titina Sahoo

## ବୌଦ୍ଧରେ ବିଶ୍ୱ ଧରିତ୍ରୀ ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୌଦ୍ଧ (ଭାସ୍କର ନ୍ୟୁଜ ): ମଙ୍ଗଳବାର ସନ୍ଧ୍ୟା ୬ ଘଣ୍ଟା ସମୟରେ ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଜିଲ୍ଲା ପରିଷଦ ପଂଚାୟତ ଭବନ, ଜିଲ୍ଲାପାଳଙ୍କ ବାସଭବନ, ଅତିରିକ୍ତ ଜିଲ୍ଲାପାଳଙ୍କ ବାସଭବନ ଆଦି ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚାର୍ଲ୍ସ ନାଏକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାତାକାନ୍ତୀ ବକିଆର ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ ଜାନୀ, ଟାଟା ପାୱାର ସପ୍ଲାଏ କମ୍ପାନୀର ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ସାହୁ ଓ ଅନ୍ୟ ମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାହାରିକୁ...

ବେଶ୍ କିଛି ସମୟ ଠିକ୍ ରହିଥିଲେ। ତେବେ ତା'ପରେ କ'ଣ ଘଟିଲା ମୁଁ କହିପାରିବି ନାହିଁ । ମୁଁ ଆତଙ୍କବାଦୀଙ୍କୁ ଦେଖିନାହିଁ । ତେବେ ଗୁଳିଟି ବାଜପରି ଫୁଟୁଥିଲା । ଘଟଣା ପରେ ସମସ୍ତ ମୃତକଙ୍କ ମୃତଦେହକୁ ବିମାନରେ ଅଣାଯାଉଛି । ଗୁଳିମାଡ଼ ପରେ ଆତଙ୍କବାଦୀମାନେ ସେଠାରୁ ଫେରାର ହୋଇଯାଇଛନ୍ତି । ସେମାନଙ୍କୁ ଧରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଘଟଣାକୁ ଦୃଢ ନିନ୍ଦା କରିବା ସହ ହମଲାକାରୀଙ୍କୁ ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି । ପହଲଗାମ ହେଉଛି ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ଏଠାରେ ଜଙ୍ଗଲ ଓ ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପ୍ରତିବର୍ଷ ଏଠାକୁ ଶହଶହ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ତେଣୁ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ହମଲା କରିଥିବା କୁହାଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ଅମରନାଥ ଯାତ୍ରା ପାଇଁ ମଧ୍ୟ ପଞ୍ଜିକରଣ ଆରମ୍ଭ ହୋଇଯାଇଛି। ୩୮ ଦିନିଆ ଅମରନାଥ ଯାତ୍ରା ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଆତଙ୍କବାଦୀମାନେ ଆକ୍ରମଣ କରି ସମସ୍ତଙ୍କ ମନରେ ଭୟ ସଞ୍ଚାର କରିଛନ୍ତି । ତେବେ ସରକାର ଆତଙ୍କବାଦ ବିରୋଧରେ ଆହୁରି କଠୋର ପଦକ୍ଷେପ ଗ୍ରହଣ କରିବେ ବୋଲି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ୨ ପୋଲିସ...

ମଙ୍ଗଳବାର ଭୋର ସମୟରେ ଟ୍ରକଟି ଦ୍ରୁତଗତିରେ ଆସି ମୁହାଁମୁହିଁ ପିଆଁର ଭ୍ୟାନକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ଓଏସିଏଫ ଯବାନ ଓ ଜଣେ ହୋମଗାର୍ଡଙ୍କର ମୃତ୍ୟୁ ହୋଇଛି। ମୃତ ଯବାନଙ୍କ ନାମ ଲୋକନାଥ ଶବର ଓ ତାଙ୍କ ଘର ରାୟଗଡ଼ା ବୋଲି ସେ କହିଛନ୍ତି। ସେହିପରି ମୃତ ହୋମଗାର୍ଡଙ୍କ ଘର କଟକ ଜିଲ୍ଲା କିଶୋରନଗର ବୋଲି ଡିସିପି କହିଛନ୍ତି। ଘଟଣା ସଂପର୍କରେ ଉଭୟ ପରିବାରକୁ ସୂଚନା ଦିଆଯାଇଛି। ଟ୍ରକ ଚାଳକକୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ମହଲରେ ଗଭୀର ଶୋକ ପ୍ରକାଶ ପାଇଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଆହତ ପୋଲିସ କର୍ମଚାରୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଉଭୟ ମୃତ ପୋଲିସ କର୍ମଚାରୀଙ୍କ ମରଶରୀରକୁ ଏସସିବି ଅଣାଯାଇଛି। ଏହି ଘଟଣା ପୋଲିସ ମହଲରେ ଆଲୋଡ଼ନ ସୃଷ୍ଟି କରିଛି।

### ଶକ୍ତି ଦୁବେ...

୧୦୯ଜଣ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳବର୍ଗର, ୩୧୮ଜଣ ଅନ୍ୟାନ୍ୟ ପଛୁଆବର୍ଗ, ୧୬୦ଜଣ ଅନୁସୂଚିତ ଜାତି ଏବଂ ୮୭ଜଣ ଅନୁସୂଚିତ ଜନଜାତିର ପ୍ରାର୍ଥୀ ରହିଛନ୍ତି। ତେବେ ଏଥରେ ୪ଟି ବର୍ଗର ୪୫ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିବାର ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ତାଲିକାରେ ଓଡ଼ିଶାର ୧୮ଜଣ ସ୍ଥାନ ପାଇଥିବା ସୂଚନା ଦିଆଯାଇଛି। ୪୮ତମ ସ୍ଥାନରେ ରିତିକା ରହିଥିବାବେଳେ ୯୨ତମ ସ୍ଥାନରେ ଦେବାଶୀଷ ପ୍ରିୟଦର୍ଶୀନୀ, ୯୬ତମ ସ୍ଥାନରେ ଆଦିତ୍ୟ ଆଚାର୍ଯ୍ୟ, ୧୨୪ତମ ସ୍ଥାନରେ ଦିପ୍ତାରଞ୍ଜନ ପତି, ୧୭୫ତମ ସ୍ଥାନରେ ରଶ୍ମି ପ୍ରଧାନ, ୧୯୩ତମ ସ୍ଥାନରେ ନୀଳମାଧବ ପ୍ରଧାନ, ୧୯୮ତମ ସ୍ଥାନରେ ଆଶୁତୋଷ ମିଶ୍ର, ୨୧୨ତମ ର୍ୟାଙ୍କରେ ଅନୁପ ନାୟକ ରହିଛନ୍ତି। ସେହିପରି ୪୧୪ତମ ର୍ୟାଙ୍କରେ ପଦ୍ମନାଭ ମିଶ୍ର, ୪୧୬ରେ ପ୍ରଶାନ୍ତ ମିଶ୍ର, ୪୨୮ରେ ଧୃତିରାଜ ମିଶ୍ର, ୪୪୩ରେ ଅଙ୍କିତା ରଥ, ୫୩୫ରେ କୌଶିକ ମିଶ୍ର, ୫୬୮ରେ ସିମରନ ସାହୁ, ୮୪୦ରେ ରିଶିତା ଦାସ, ୯୭୧ରେ ଗୋପୀନାଥ ସାହୁ, ୯୮୭ରେ ଆଦିତ୍ୟ ବେହେରା ଏବଂ ୯୯୪ ର୍ୟାଙ୍କରେ ଅନ୍ନପୂର୍ଣ୍ଣା ମିଶ୍ର ରହିଥିବା ସୂଚନା ଦିଆଯାଇଛି।

### ହତ୍ୟା ପଛରେ...

ନା ପୂର୍ବରୁ ମୃତ୍ୟୁ ହୋଇଥିଲା ତାହା ସ୍ପଷ୍ଟ ହୋଇନି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ଜଣାପଡିବ ବୋଲି ପୁରୀ ଏସପି କହିଛନ୍ତି । ଏସପି ଆହୁରି କହିଛନ୍ତି ଯେ, ଏହି ବିଦେଶ ହତ୍ୟାକାଣ୍ଡରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଚାଲିଛି । ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଏସପି କହିଛନ୍ତି ।ଅନ୍ୟପଟେ ଏହି ହତ୍ୟାକାଣ୍ଡ ବ୍ୟବସାୟିକ ଶତ୍ରୁତା ବୋଲି କୁହାଯାଉଥିବାବେଳେ ଏହାକୁ ଖଣ୍ଡନ କରିଛନ୍ତି ପରିବାର ଲୋକେ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ସହ ଉତ୍ତେଜନା ଦେଖାଦେଇଛି । ପୋଲିସ ସେହିଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ଅଶାର୍ବାଦର ମୃତ୍ୟୁ କେତେବେଳେ ହୋଇଥିଲା। ତାଙ୍କ ଭିତରେ ଆଶୀର୍ବାଦଙ୍କୁ ଛାଡ଼ିବା ପୂର୍ବରୁ ମୃତ୍ୟୁ ହୋଇ ସାରିଥିଲା ନା ପରେ ମୃତ୍ୟୁ ହୋଇଛି ଏନେଇ ସ୍ପଷ୍ଟତା ଆସିବ ।

### ୪୬ ଡିଗ୍ରୀରେ...

ରେକର୍ଡ ଭାଙ୍ଗିଛି ଝାରସୁଗୁଡ଼ା। ୪୬.୨ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ୨୦୧୦ ଏପ୍ରିଲ ୨୦ ତାରିଖରେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୬.୧ ଡିଗ୍ରୀ ରହିଥିଲା। ସେହିପରି ସୋମବାର ମଧ୍ୟ ପଶ୍ଚିମ ଓଡ଼ିଶାରେ ସାଂଘାତିକ ତାତି ଲାଗି ରହିଥିଲା। ବିଶ୍ୱର ୧୦ ଉତ୍ତପ୍ତ ସହର ଭିତରେ ଝାରସୁଗୁଡ଼ା ରହିଥିଲା। ସେହିପରି ମଙ୍ଗଳବାର ସକାଳୁ ମଧ୍ୟ ତାତିର ପ୍ରଭାବ ଅନୁଭୂତ ହୋଇଥିଲା। ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାତିରେ ଅସୁସ୍ଥ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଥିବାବେଳେ ଏ ନେଇ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ (ଭାସ୍କର ନ୍ୟୁଜ ): ମଙ୍ଗଳବାର ଦିନ ୧୧ ଘଣ୍ଟା ସମୟରେ ବୌଦ୍ଧଜିଲ୍ଲା ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂକୀର୍ତ୍ତନ କଳା ପରିଷଦ ବୌଦ୍ଧ ଜିଲ୍ଲାର କଳାକାର ମାନଙ୍କୁ ନେଇ କାର୍ଯ୍ୟ କରୁଥିବା ବେଳେ ଅନେକ ଅଭିଜ୍ଞ କଳାକାର ସଦସ୍ୟ ରହିଛନ୍ତି । ବିଭିନ୍ନ ସରକାରୀ ସଚେତନତା କାର୍ଯ୍ୟକ୍ରମରେ କଳାକାରଙ୍କୁ ସାମିଲ କରିବା ସହ ପ୍ରୋତ୍ସାହନ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ଅନନ୍ତ କୁମାର, ମଳୟ ରଞ୍ଜନ ଦୀପ ଓ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ମାନେ ସାମିଲ ହୋଇଥିଲେ । ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

**Tata Elxsi Ltd**
**Regd. Office:** ITPB Road, Whitefield, Bengaluru, Karnataka, 560048

NOTICE is hereby given that the certificate[s] for the undermentioned securities of the Company has/have been lost/misplaced and the holder[s] of the said securities/applicant[s] has/have applied to the Company to issue duplicate certificate[s]. Any person who has a claim in respect of the said securities should lodge such claim with the Company at its Registered Office within 15 days from this date, the Company will proceed to issue duplicate certificate[s] without further intimation.

| Name[s] of holder[s] | Folio No. | Face Value | Certificate Nos. | No. of Shares | Distinctive number[s] |
|---|---|---|---|---|---|
| Kishan Lal Agarwal | EXK0007267 | Equity and Rs.10/- | - | 100 | 13822811–13822910 |

Place: CUTTACK, ORISSA
Date: 23.04.2025

Name of the Claimant
Kishan Lal Agarwal

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated 21.04.2025, I Deepak Kumar Jena, Address: At- Nuapalli, Po- Singhapada, Ps- Khandapada, Dist- Nayagarh, Odisha, PIN-752077, declare that I have changed my name from Jena Deepak Shyam to Deepak Kumar Jena. Henceforth, I shall be known as Deepak Kumar Jena for all purposes.

Sd/- Deepak Kumar Jena

C-156

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.**
e-mail: - eephd.rgda.od@nic.in, eephdrgda@gmail.com

Letter No. 2168 / Dt.22.04.2025

**CORRIGENDUM**

The following Corrigendum is made for the work as mentioned in invitation for the bids through e-tender published vide NIT No. EEPHDRAYAGADA-57/2024-25 DT.25.03.2025 has been cancelled.

| Sl No. | Name of the work | Bid identification No. | Reason |
|---|---|---|---|
| 1. | Construction of 5 Lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality. | EEPHDRAYAGA DA-57/2024-25 Dtd.21.03.2025 | Has been cancelled due to unavoidable circumstances |

Sd/-SUPERINTENDINGENGINEER, P.H. DIVISION, RAYAGADA

OIPR 13052/11/0017/2526

OFFICE OF THE MUNICIPAL COUNCIL, NAYAGARH.

No. 930 / Dt. 22.04.2025

C-154

1st CORRIGENDUM TO TENDER CALL NOTICE NO.810 DATED 03.04.2025

Due to unavoidable circumstance the Tender Call Notice No.810 dated 03.04.2025, Tender Reference No. MULNGR-01/2025-26, Tender ID : 2025_ORULB_112229_1 regarding **"Installation of 250 KVA Sub-Station and Extension of 11 KV line for providing power supply to Pathani Samanta Auditorium, Nayagarh"** is hereby cancelled.

Sd/- Executive Officer, Nayagarh Municipality

OIPR 13134/11/0032/2526

A-58

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KANDHAMAL,
e-Procurement Notice
**BID IDENTIFICATION NO-01/2025-26**

Letter No- 1128 Dt- 21/04 / 2025

| | |
|---|---|
| Name of work | Improvement to MI Projects, Check Dam & Construction of new Check Dams under Kandhamal O Gajapati Bikash Yojana for 2024-25. |
| No Works | 04(four) Nos. |
| Estimated Cost | Rs. 12.71 lakh to Rs.42.38 lakh Approximately |
| Tender paper cost | Rs.6000.00 (Non- refundable) |
| Period of completion | 30 (thirty) days to 60 (Sixty days) only. |
| Availability of Bid documents | From 10.00 AM of 25.04.2025 to 17.30 hrs of 03.05.2025 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 25.04.2025 to 17.30 hrs of 03.05.2025 through online |
| Date of opening of bid documents | At 11.00 hrs of 05.05.2025 in the O/O S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in.

Name and address of the OIT:- Superintending Engineer, M.I. Division, Kandhamal, Ph No.06842-253634, Fax:-06842-253816, E-mail: kmdplb@gmail.com

Further details can be seen from the e-procurement market place, http//www.tendersodisha.gov.in

Sd/-(Er. Surya Narayana Panigrahi)
Superintending Engineer
M.I. Division, Kandhamal

OIPR 32487/11/0012/2526

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE& FARMERS' EMPOWERMENT DEPARTMENT
DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR
EXECUTIVE ENGINEER (AGRIL.), CENTRAL ZONE, BHUBANESWAR
e- Procurement Notice
Tender Call Notice No- 3451 Date-21.04.2025
INVITATIONS FOR BIDS THROUGH e-Procurement

L-08

Bid Identification No/e – Procurement Notice No. – E.E. (A), DSC& WD (O), C/Z-02 of 2024-25

Online Bids are invited from intending eligible bidders to carry out six nos. of civil works under the jurisdiction of The EXECUTIVE ENGINEER (AGRIL.), DSC & WD (O) CENTRAL ZONE, BHUBANESWAR ODISHA, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/nature of work | Estimated Cost (Rs. In lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (SIX) Nos. of Civil Works | Rs. 12.00 lakhs to Rs. 46.00 lakhs | Rs 6000/- | 1 % of estimated Cost | A,B, C &D | 90 days to 150 Days |

| | |
|---|---|
| Period of availability of tenders on-line / Date of time of bidding on-line | 23.04.2025 at 11.00 AM to Date.07 .05.2025 up to 5.30 P.M |
| Submission of hard copies of documents | Dt. 08.05.2025 at 10.30 AM to Date. 09.05.2025 up to 03.00 P.M. |
| Date of Opening of Tenders | 12.30 PM on Dt. 13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, PIN: 751001. |

Sd/-
Executive Engineer (Agril.)
DSC & WD, Central Zone
Bhubaneswar

OIPR 01039/11/0002/2526

**GOVERNMENT OF ODISHA**
OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail : ccesbam@gmail.com
INVITATIONS FOR BIDS (IFB) [e-Procurement]

B-41

Bid Identification No. CCE, S.C (R&B)-BAM-02/2025-26 No. 1384 // Dated: 17.04.2025

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Building works** as detailed in the table below.
2) Nature of work : Building Work
3) No. of work : 05 Nos.
4) Tender Cost : Rs.10,000/- (online)
5) Class of Contractor : "B" Class / "A" Class
6) Availability of Bid document in the website : 28.04.2025 10.00 AM to 13.05.2025 5.30 PM
7) Date of Opening of Bid : 14.05.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

Sd/- (Nihar Ranjan Behera)
Chief Construction Engineer,
Southern (R&B) Circle, Berhampur

OIPR 34103/11/0022/2526

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
IDFC FIRST Bank

**ଆପେଣ୍ଡିକ୍ସ ୪ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ ର ଧାରା ୧୩(୧୨) ଅନୁଯାୟୀ ଡିମାଣ୍ଡ ନୋଟିସ ଜାରି କରିଥିଲେ ...

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତା/ସହଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ବକେୟା ପରିମାଣ (ଟଙ୍କାରେ) | ତାରିଖ ଏବଂ ପଜେସନ ନେବାର ପ୍ରକାର |
|---|---|---|---|---|---|
| [illegible] | ୧. ବିଶ୍ୱଜିତ ନାୟକ ୨. ଅକ୍ଷୟ କୁମାର ନାୟକ ୩. ଦେବାଶିଷ ନାୟକ ୪. ଜାନୀ ନାୟକ | [illegible] | ୧୫.୦୧.୨୦୨୫ | [illegible] | ୧୭.୦୪.୨୦୨୫ ସିମ୍ବଲିକ ପଜେସନ |
| [illegible] | ୧. ମନୋଜ କୁମାର ସାହୁ ୨. ଶୋଭାବତୀ ସାହୁ ୩. ନିରଞ୍ଜନ ସାହୁ | [illegible] | ୨୭.୦୧.୨୦୨୫ | [illegible] | ୧୭.୦୪.୨୦୨୫ ସିମ୍ବଲିକ ପଜେସନ |

ସ୍ୱା/- ଅଧିକୃତ ଅଧିକାରୀ
ତାରିଖ: ୨୩.୦୪.୨୦୨୫
ସ୍ଥାନ: ଓଡ଼ିଶା

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**
IDFC FIRST Bank

ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧୀନରେ ନୋଟିସ

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | [illegible] | ଗୃହ ଋଣ | ୦୯.୦୪.୨୦୨୫ | [illegible] |

ଅଧିକୃତ ଅଧିକାରୀ
ତାରିଖ: ୨୩.୦୪.୨୦୨୫
ସ୍ଥାନ: ଓଡ଼ିଶା



ନୂଆଦିଲ୍ଲୀ : ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣର ଦୁଃଖଦ ପରିଣାମ ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, 'ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୁଃଖଦ ପରିଣାମ ପାଇଁ ଦୟାକରି ଆନ୍ତରିକ ସମବେଦନା ଜଣାଉଛି, ଯେଉଁଥିରେ ବିଭିନ୍ନ ଦେଶର ନାଗରିକ ଥିବା ନିରୀହ ଲୋକେ ଶିକାର ହୋଇଛନ୍ତି। ଏହି ନିଷ୍ଠୁର ଅପରାଧର କୌଣସି ପକ୍ଷପାତ ନାହିଁ। ଆମେ ଆଶା କରୁଛୁ ଯେ ଏହାର ଆୟୋଜକ ଏବଂ ଅପରାଧୀମାନେ ଯଥୋଚିତ କଠୋର ଦଣ୍ଡ ପାଇବେ। 'ମୁଁ ଭାରତୀୟ ଅଂଶୀଦାରମାନଙ୍କ ସହ ଆତଙ୍କବାଦର ସମସ୍ତ ରୂପ ଓ ପ୍ରକାଶନ ବିରୋଧରେ ସହଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇବାକୁ ଚାହୁଁଛି। ମୃତକଙ୍କ ନିକଟତମ ଓ ପ୍ରିୟଜନଙ୍କୁ ଆନ୍ତରିକ ସମବେଦନା ଏବଂ ସମର୍ଥନର ବାର୍ତ୍ତା ପହଞ୍ଚାଇ ଦିଅନ୍ତୁ, ସାଙ୍ଗରେ ସମସ୍ତ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଶୁଭେଚ୍ଛା ମଧ୍ୟ ଜଣାନ୍ତୁ।'

## ଜେଦ୍ଦାରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ସ୍ୱାଗତ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦୁଇ ଦିନିଆ ଗସ୍ତରେ ସାଉଦି ଆରବର ଜେଦ୍ଦାରେ ପହଞ୍ଚିଛନ୍ତି। ସେଠାରେ ତାଙ୍କୁ ଏକ ଐତିହାସିକ ଓ ସ୍ୱତନ୍ତ୍ର ସ୍ୱାଗତ କରାଯାଇଥିଲା। ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ବିଶେଷ ବିମାନ 'ଏୟାର ଇଣ୍ଡିଆ ୱାନ' ସାଉଦି ଆରବର ବାୟୁସୀମାରେ ପ୍ରବେଶ କରିବା ମାତ୍ରେ ରୟାଲ ସାଉଦୀ ଏୟାର ଫୋର୍ସର ଏଫ-୧୫ ଯୁଦ୍ଧ ବିମାନମାନେ ଏହାକୁ ଜେଦ୍ଦା ବିମାନବନ୍ଦର ପର୍ଯ୍ୟନ୍ତ ଏସ୍କର୍ଟ କରିଥିଲେ। ଏହି ସ୍ୱାଗତ ଭାରତ ଓ ସାଉଦୀ ଆରବ ମଧ୍ୟରେ ଗଭୀର ଦ୍ୱିପାକ୍ଷିକ ସମ୍ପର୍କ ଓ ରଣନୈତିକ ସହଯୋଗିତାର ଏକ ପ୍ରତୀକ ଭାବେ ଦେଖାଯାଉଛି। ସାଉଦି ଆରବକୁ ଭାରତର ଏକ ମୂଲ୍ୟବାନ ସହଯୋଗୀ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦି ଆରବ ନ୍ୟୁଜକୁ ଏକ ସାକ୍ଷାତକାରରେ କହିଛନ୍ତି, "ଭାରତ ଏବଂ ସାଉଦି ଆରବ କେବଳ ନିଜ ପାଇଁ ନୁହେଁ ବରଂ ବିଶ୍ୱର ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ ଏକାଠି ଆଗକୁ ବଢ଼ିବେ।" ସାଉଦି ଆରବକୁ ଏକ ସାମୁଦ୍ରିକ ପଡ଼ୋଶୀ, ବିଶ୍ୱସ୍ତ ବନ୍ଧୁ ଏବଂ ରଣନୈତିକ ଅଂଶୀଦାର ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅପାର ସମ୍ଭାବନା ବିଷୟରେ କହିଥିଲେ। ସେ ସାଉଦି 'ଭିଜନ ୨୦୩୦' ଏବଂ ଭାରତର 'ବିକଶିତ ଭାରତ ୨୦୪୭' ମଧ୍ୟରେ ସମାନତାକୁ ଗୁରୁତ୍ୱାରୋପ କରିଥିଲେ ଏବଂ କହିଥିଲେ ଯେ ଦୁଇ ଦେଶ ଏକ ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଉପରେ କାମ କରୁଛନ୍ତି। ସେ ଭାରତ ଏବଂ ଗଲ୍ଫ ସହଯୋଗ ପରିଷଦ ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ମଧ୍ୟ ପ୍ରଶଂସା କରିଥିଲେ, ଯାହା ଆଞ୍ଚଳିକ ଅର୍ଥନୈତିକ ସମ୍ପର୍କକୁ ଏକ ନୂତନ ଦିଗ ଦେଇପାରିବ। ଏହା ତାଙ୍କର ତୃତୀୟ ସାଉଦୀ ଗସ୍ତ ଏବଂ ଜେଦ୍ଦାକୁ ପ୍ରଥମ ଗସ୍ତ ଅଟେ, ଯାହା ଗତ ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଜେଦ୍ଦା ଗସ୍ତ ହୋଇଛି।

## ଡକ୍ଟର ପି କେ ମିଶ୍ରଙ୍କ ସହ ସାଉଦୀ ଆରବ ଶକ୍ତିମନ୍ତ୍ରୀଙ୍କ ବୈଠକ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଏବଂ ସାଉଦୀ ଆରବର ଶକ୍ତିମନ୍ତ୍ରୀ ଯୁବରାଜ ଅବଦୁଲା ଅଜିଜ ବିନ ସଲମାନଙ୍କ ସହ ଅଧ୍ୟକ୍ଷତାରେ ନିବେଶ ଉପରେ ଭାରତ-ସାଉଦୀ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାରସ୍ପରିକ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ: ପ୍ରଭାବଶାଳୀ ପରିଚାଳନା ପାଇଁ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳକୁ ଚିଠି

ନୂଆଦିଲ୍ଲୀ: କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କର୍ମଜୀବୀ ଏବଂ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରୁ ସୁରକ୍ଷା ଦେବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ସୁନିଶ୍ଚିତ କରିବାକୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛି। ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ସଚିବ, ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ / ପ୍ରଶାସକଙ୍କୁ ଏକ ଚିଠିରେ, କର୍ମଜୀବୀ / ଶ୍ରମିକମାନଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ଦେବା ଏବଂ ବର୍ଦ୍ଧିତ ତାପମାତ୍ରାର ପ୍ରତିକୂଳ ପ୍ରଭାବ ପାଇଁ ପ୍ରତିକାରମୂଳକ ପଦକ୍ଷେପ ନେବା ପାଇଁ ବ୍ୟବସାୟ / ନିଯୁକ୍ତିଦାତା / ନିର୍ମାଣ କମ୍ପାନୀ / ଶିଳ୍ପଗୁଡ଼ିକୁ ନିର୍ଦ୍ଦେଶ ଜାରି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପତ୍ର ମାଧ୍ୟମରେ ଏକ ସମନ୍ୱିତ, ବହୁ-କ୍ଷେତ୍ରୀୟ ପଦ୍ଧତି ସୁପାରିଶ କରାଯାଇଛି, ଯେଉଁଥିରେ କାର୍ଯ୍ୟ ସମୟର ପୁନଃନିର୍ଦ୍ଧାରଣ, କାର୍ଯ୍ୟସ୍ଥଳ ଏବଂ ବିଶ୍ରାମସ୍ଥଳରେ ପର୍ଯ୍ୟାପ୍ତ ପାନୀୟ ଜଳ ସୁବିଧା, ବାୟୁଚଳନ ଏବଂ ଶୀତଳୀକରଣ ସୁବିଧା ସୁନିଶ୍ଚିତ କରିବା, ଶ୍ରମିକମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ନିର୍ମାଣ ଶ୍ରମିକମାନଙ୍କୁ ଜରୁରୀକାଳୀନ ବରଫ ପ୍ୟାକ୍ ଏବଂ ଗରମ ସମ୍ବନ୍ଧୀୟ ରୋଗ ନିବାରଣ ସାମଗ୍ରୀ ପ୍ରଦାନ କରିବା ଅନ୍ତର୍ଭୁକ୍ତ। ଚିଠିରେ ଖଣି ଏବଂ କାରଖାନା ପରିଚାଳନାକୁ କାମର ଗତିକୁ ଧୀର କରିବା, ଅନୁକୂଳ କାର୍ଯ୍ୟ ସୂଚୀ ରଖିବା, ଅତ୍ୟଧିକ ଗ୍ରୀଷ୍ମପ୍ରବାହରେ ଦୁଇ ଜଣିଆ ଦଳ ଗଠନ କରିବା ଏବଂ ଭୂତଳ ଖଣିରେ ଉପଯୁକ୍ତ ବାୟୁଚଳାଚଳ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। କାରଖାନା ଏବଂ ଖଣି ବ୍ୟତୀତ, ନିର୍ମାଣ ଏବଂ ଇଟା ଭାଟିରେ କାମ କରୁଥିବା ଶ୍ରମିକମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଏବଂ ସଚେତନତା ଶିବିର, ଶ୍ରମିକ ଛକ ଇତ୍ୟାଦିରେ ପୋଷ୍ଟର ଏବଂ ବ୍ୟାନର ମାଧ୍ୟମରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଗରମରୁ ସୁରକ୍ଷାର ପଦ୍ଧତି ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

### ଯୋଗ ଗୁରୁ କମେଳଶ ପଟେଲ୍‌ଙ୍କୁ ଭେଟିଲେ ବିଷ୍ଣୁଦେବ

## ଲୋକଙ୍କ ସହ ମିଶି କଲେ ଯୋଗାଭ୍ୟାସ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ଛତିଶଗଡର ଦୁର୍ଗ ଜିଲ୍ଲାର ଆମଲେଶ୍ୱରସ୍ଥିତ ହାର୍ଟ ଫୁଲ୍ ନେସ୍ ଯୋଗ ଆଶ୍ରମରେ ପହଞ୍ଚି ବିଶ୍ୱ ପ୍ରସିଦ୍ଧ ଯୋଗ ଗୁରୁ କମଳେଶ ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ତାଙ୍କୁ ଶ୍ରୀ ସାଏ ଏକ ସାଲ ଉପହାର ଦେଇ ସମ୍ମାନ ପ୍ରଦାନ କରିଥିଲେ। ଯୋଗ ଏବଂ ଧ୍ୟାନ ମାଧ୍ୟମରେ ମାନସିକ ଓ ଶାରୀରିକ ଭାବେ କିପରି ସୁସ୍ଥ ରହି ହେବ ସେ ନେଇ ଉଭୟଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମନଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଲୋକଙ୍କ ସହ ଅଧଘଣ୍ଟାଏରୁ ଊର୍ଦ୍ଧ୍ୱ ଯୋଗ ଅଭ୍ୟାସ କରିଥିଲେ। ଏହପାରେ ଶ୍ରୀ ସାଏ କହିଥିଲେ ଆଧୁନିକ ଜୀବନରେ ମାନସିକ ଶାନ୍ତି ପାଇଁ ଯୋଗ ଏକ ମାଧ୍ୟମ। ଯୋଗ ଏବଂ ଧ୍ୟାନ ଫଳରେ ମଣିଷ ପ୍ରଭାବଶାଳୀ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ କମିଶନର ଏସ୍‌ଏନ୍ ରାଠୋର, ପୋଲିସ ମହାନିରୀକ୍ଷକ ଆର୍‌ଜି ଗର୍ଗ, ଜିଲ୍ଲାପାଳ ଅଭିଜିତ ସିଂ, ଏସ୍‌ପି ବିଜୟ ଅଗ୍ରୱାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

### ସଡ଼କ ସୁରକ୍ଷା ସଚେତନତା ଦିଗରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ 'ସୁରକ୍ଷିତ ଯାତ୍ରା'ର ଶୁଭାରମ୍ଭ

## ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା ଏବଂ ଅନଲାଇନ ଶିକ୍ଷା କାର୍ଯ୍ୟକ୍ରମ 'ସୁରକ୍ଷିତ ଯାତ୍ରା' ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଆମର ଯୁବବର୍ଗମାନେ ବିଦ୍ୟାଳୟ ସ୍ତରରେ ହିଁ ସଡ଼କ ସୁରକ୍ଷା ପ୍ରତି ବ୍ୟବହାରିକ ସଚେତନତା ବିକଶିତ ହେବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ବିଭାଗ ତଥା ଏନସିଇଆରଟିକୁ ପରାମର୍ଶ ଦେଇ କହିଛନ୍ତି ଯେ ୨୦୨୫-୨୬ ଶିକ୍ଷା ବର୍ଷରୁ ହିଁ ସଡ଼କ ସୁରକ୍ଷା ବିଷୟ ଉପରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୟସ ଅନୁସାରେ ଉପଯୁକ୍ତ ଅଡ଼ିଓ-ଭିଡ଼ିଓ ମଡ୍ୟୁଲ୍ ପ୍ରସ୍ତୁତ କରାଯାଉ, ଯେଉଁଥିରେ ଏହି ବିଷୟକୁ କ୍ରେଡ଼ିଟ୍ ଆଧାରିତ ପ୍ରଣାଳି ଅନ୍ତର୍ଗତ ପଢାଯାଇପାରିବ। ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ ଅଟେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସଡ଼କ ସୁରକ୍ଷା ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକ ମଧ୍ୟ। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମ୍ୟାନୁଫ୍ୟାକଚର୍ସ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ମିଳିତ ଉଦ୍ୟମରେ ପରିଚାଳିତ ଏହି ଅନଲାଇନ୍ ଶିକ୍ଷା କାର୍ଯ୍ୟକ୍ରମରେ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟରେ ସଡ଼କ ସୁରକ୍ଷା ଏବଂ ସୁରକ୍ଷିତ ସଡ଼କ ବ୍ୟବହାର ଭଳି ପଦକ୍ଷେପ ଗୁଡ଼ିକ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯିବ।

## ଖଦି ଓ ଗ୍ରାମୋଦ୍ୟୋଗର କାରବାର ୧ ଲକ୍ଷ ୭୦ ହଜାର କୋଟିକୁ ଅତିକ୍ରମ



ନୂଆଦିଲ୍ଲୀ : ଦେଶରେ ଆତ୍ମନିର୍ଭରଶୀଳତାର ଭାବନାକୁ ସଶକ୍ତ କରୁଥିବା ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ନେତୃତ୍ୱ ଓ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ମନ୍ତ୍ରଣାଳୟର ମାର୍ଗଦର୍ଶନରେ ଗତ ୧୧ ବର୍ଷ ମଧ୍ୟରେ କେବଳ ନୂତନ ଶିଖର ଛୁଇଁନାହିଁ ବରଂ କୋଟି କୋଟି ଗ୍ରାମବାସୀଙ୍କ ଜୀବନରେ ଆଶାର ନୂତନ ଆଲୋକ ମଧ୍ୟ ଆଣିଛି। ସୋମବାର ଦିନ ନୂଆଦିଲ୍ଲୀର ରାଜଘାଟ ସ୍ଥିତ କାର୍ଯ୍ୟାଳୟରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଖଦି ଏବଂ ଗ୍ରାମୋଦ୍ୟୋଗର ଅସ୍ଥାୟୀ ତଥ୍ୟ ଜାରି କରି ଏହି ସୂଚନା ଦେଇଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ମନୋଜ କୁମାର ପୁନଶ୍ଚ କହିଛନ୍ତି ଯେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ର ଏହି ଐତିହାସିକ ସଫଳତା ବର୍ଷ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବା ଏବଂ ଭାରତ ର ଅର୍ଥନୀତି ବ୍ୟବସ୍ଥାକୁ ବିଶ୍ୱର ତୃତୀୟ ସ୍ଥାନ ରେ ପହଞ୍ଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଅଟେ। ସେ ଏହି ଐତିହାସିକ ସଫଳତା ପାଇଁ ପୂଜ୍ୟ ବାପୁଙ୍କ ପ୍ରେରଣା, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି, ଏମଏସଏମଇ ମନ୍ତ୍ରଣାଳୟର ମାର୍ଗଦର୍ଶନ ଏବଂ ଦେଶର ଦୁର୍ଗମ ଗ୍ରାମାଞ୍ଚଳରେ କାମ କରୁଥିବା କୋଟି କୋଟି କାରିଗରଙ୍କ ଅକ୍ଳାନ୍ତ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ର ଅଧ୍ୟକ୍ଷ କହିଛନ୍ତି ଯେ ୨୦୧୩-୧୪ ଆର୍ଥିକ ବର୍ଷରେ ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ଉତ୍ପାଦନ ୨୬୧୦୯.୦୭ କୋଟି ଟଙ୍କା ଥିଲା, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ପ୍ରାୟ ଚାରି ଗୁଣ ବୃଦ୍ଧି ପାଇ ୧୧୬୫୯୯.୭୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୩୪୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ବିକ୍ରୟ ୩୧୧୫୪.୧୯ କୋଟି ଟଙ୍କା ଥିଲା, କିନ୍ତୁ ଏହା ୪୪୭ ପ୍ରତିଶତର ଅଭୂତପୂର୍ବ ଅଭିବୃଦ୍ଧି ସହିତ ପ୍ରାୟ ପାଞ୍ଚ ଗୁଣ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୧୭୦୫୫୧.୩୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଏପର୍ଯ୍ୟନ୍ତ ସର୍ବାଧିକ ବିକ୍ରୟ ରେକର୍ଡ।

# ବାଣିଜ୍ୟ



ନୂଆଦିଲ୍ଲୀ: ସେଂଟ୍ରାଲ ଆସୋସିଏଶନ ଅଫ୍ ପ୍ରାଇଭେଟ ସିକ୍ୟୁରିଟି ଇଣ୍ଡଷ୍ଟ୍ରୀ (କାପ୍‌ସି) ଓ ଏଏସ୍‌ଆଇଏସ୍ ଇଂଟରନ୍ୟାଶନାଲ, ନୂଆଦିଲ୍ଲୀ ପକ୍ଷରୁ ମିଳିତ ଭାବେ ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାପ୍‌ସି ପକ୍ଷରୁ ନାରୀ ରକ୍ଷକ ଟିମ (ଏନଆରଟି) ଏବଂ ୱମେନ ସେଫ୍ଟି ଆପ୍ ଉନ୍ମୋଚନ କରାଯାଇଛି। ଏହି ଅବସରରେ ୱମେନ ସେଫ୍ଟି ଆପରେ ଥିବା ଫିଚର ଓ କାର୍ଯ୍ୟଦକ୍ଷତାଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଏ ସମ୍ପର୍କରେ କାପ୍‌ସିର ଅଧ୍ୟକ୍ଷ କୁଓଁର ବିକ୍ରମ ସିଂହ କହିଛନ୍ତି, 'ମହିଳାଙ୍କ ସୁରକ୍ଷା ନିଶ୍ଚିତ କରିବା କେବଳ ଏକ ଦାୟିତ୍ୱ ନୁହେଁ ବରଂ ଏକ ସୁରକ୍ଷିତ, ଆନୁଷଙ୍ଗିକ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ମୂଳଦୁଆ ଅଟେ। ମହିଳାମାନେ ସୁରକ୍ଷିତ ଅନୁଭବ କଲେ, ସମାଜ ଉନ୍ନତି କରିବ ଓ ଦେଶ ଆହୁରି ଶକ୍ତିଶାଳୀ ହେବ। ଯଦି ଆପଣ ନିଜର ମହିଳାଙ୍କୁ ସୁରକ୍ଷିତ ରଖିବେ, ସେମାନେ ଆପଣଙ୍କର ଦେଶ ଓ ପିଢିକୁ ସୁରକ୍ଷିତ ରଖିବେ।' ସେହିପରି ଏଏସଆଇଏସ୍ ନୂଆଦିଲ୍ଲୀ ଚାପ୍ଟର୍‌ର ଅଧ୍ୟକ୍ଷ ମହେଶ ସିଂହ ଚୌହାନ କହିଛନ୍ତି, 'କାପ୍‌ସି ଓ ଏଏସଆଇଏସ ନୂଆ ଦିଲ୍ଲୀ, ମିଳିତ ଭାବେ ଅନ୍ତର୍ଜାତୀୟ ମହିଳା ଦିବସର ଆୟୋଜନ କରିଥିଲେ ଯାହା ଏକ ଚମତ୍କାର କାର୍ଯ୍ୟକ୍ରମ ଥିଲା।

## ଜୟଆଲୁକ୍କାସ୍‌ର ସ୍ୱର୍ଣ୍ଣ ସମୃଦ୍ଧି ଅଭିଯାନ

Joyalukkas
World's favourite jeweller

ନୂଆଦିଲ୍ଲୀ: ଜୟଆଲୁକ୍କାସ୍ ପକ୍ଷରୁ ଅକ୍ଷୟ ତୃତୀୟା ନିମନ୍ତେ ସ୍ୱର୍ଣ୍ଣ ସମୃଦ୍ଧି ଅଭିଯାନ ଘୋଷଣା କରିଛି। ଏହି ପବିତ୍ର ଉତ୍ସବକୁ ପାଳନ କରିବା ପାଇଁ ବିଭିନ୍ନ ସ୍ୱତନ୍ତ୍ର ଅଫର ମଧ୍ୟ ପ୍ରଦାନ କରାଯାଉଛି। ୧୯ ଏପ୍ରିଲ୍‌ରୁ ୧ ମଇ ୨୦୨୫ ପର୍ଯ୍ୟନ୍ତ, ଅଳଙ୍କାର କ୍ରେତାମାନେ ଅତୁଳନୀୟ ମୂଲ୍ୟରେ ପୁଣ ତା ସହିତ ପ୍ରତ୍ୟେକ କ୍ରୟର ଅଧିକ ଲାଭ ପାଇଁ ଆକର୍ଷଣୀୟ ଅଫର ସହିତ ଉତ୍କୃଷ୍ଟ ଅଳଙ୍କାର କିଣିବାର ଆନନ୍ଦ ଅନୁଭବ କରିପାରିବେ। ଏହି ଉତ୍ସବମୟ ଅବସରରେ, ଜୟଆଲୁକ୍କାସ୍ ନିଜର ଗ୍ରାହକମାନଙ୍କୁ ୭୫,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ ମୂଲ୍ୟର ହୀରା ଏବଂ ଅନକଟ୍ ଡାଇମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାର କ୍ରୟ ଉପରେ ମାଗଣାରେ ୫୦୦ ମିଗ୍ରା ୨୪କ ସୁନା ବାର୍ ପ୍ରଦାନ କରୁଛି। ଯେଉଁମାନେ ଆହୁରି ବିଳାସପୂର୍ଣ୍ଣ ଗହଣା ଦ୍ୱାରା ନିବେଶ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ୧,୫୦,୦୦୦ ଟଙ୍କା ମୂଲ୍ୟର ହୀରା ଏବଂ ଅନକଟ୍ ଡାଇମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାର କ୍ରୟ ଉପରେ ଗୋଟିଏ ଗ୍ରାମ ୨୪କ ସୁନା ବାର୍ କିମ୍ବା ଲକ୍ଷ୍ମୀ ମୂର୍ତ୍ତି ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ହେବ। ଏହା ସହିତ, ଯେଉଁ ଗ୍ରାହକମାନେ ୩୦ ଏପ୍ରିଲ ୨୦୨୫ ରେ ଜୟଆଲୁକ୍କାସ୍ ପରିଦର୍ଶନ କରିବେ ସେମାନେ ଏକ ସ୍ୱତନ୍ତ୍ର, ସୀମିତ ଅବଧିର ଅଫରର ଲାଭ ଉଠାଇ ୭୫,୦୦୦ ଟଙ୍କା ତଦୂର୍ଦ୍ଧ ମୂଲ୍ୟର ସୁନା ଅଳଙ୍କାର କ୍ରୟ ସହିତ ୨୦୦ ମିଗ୍ରା (୨୨କ) ସ୍ୱର୍ଣ୍ଣ ମୁଦ୍ରା ମାଗଣାରେ ପାଇପାରିବେ ୧୦୦୦୦ ଟଙ୍କା ତଦୁର୍ଦ୍ଧ ମୂଲ୍ୟର ରୂପା ଅଳଙ୍କାର ଉପରେ ୫ ଗ୍ରାମ ରୂପା ମୁଦ୍ରା ମାଗଣାରେ ମିଳିବ। ଜୟଆଲୁକ୍କାସ୍ ୧୦% ଅଗ୍ରିମ ପ୍ରି-ବୁକ୍ ଅଫର ମଧ୍ୟ ପ୍ରଦାନ କରୁଛି, ଯାହା ଅଧୀନରେ ଆଜିର ସୁନା ଦରରେ, ୩୦ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଗ୍ରାହକମାନଙ୍କ ପାଇଁ ସୁନା ଦରର ସୁନିଶ୍ଚିତ ସୁରକ୍ଷା ପ୍ରଦାନ କରେ ଗ୍ରାହକମାନେ ପୁରୁଣା ସୁନା ବିନିମୟରେ ୦% କାଟ ର ଲାଭ ମଧ୍ୟ ପାଇପାରିବେ, ଫଳରେ ପ୍ରତ୍ୟେକ କ୍ରୟ ମନୋରମ ହେବା ସହିତ ଫଳପ୍ରଦ ମଧ୍ୟ ହେବ। ଅକ୍ଷୟ ତୃତୀୟା ଅଫରର ଶୁଭାରମ୍ଭ ଅବସରରେ ଜୟଆଲୁକ୍କାସ୍ ଗ୍ରୁପର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ସ୍ୱର୍ଣ୍ଣ ସମୃଦ୍ଧି ଅଭିଯାନ ମାଧ୍ୟମରେ ଆମେ ଆମର ଗ୍ରାହକମାନଙ୍କ ସହିତ ଅକ୍ଷୟ ତୃତୀୟା ପାଳନ କରିବାକୁ ବହୁତ ଉତ୍ସାହିତ ଏହା ପରିବାରଗୁଡ଼ିକ ପାଇଁ ଏକାଠି ହୋଇ ସୁନାରେ ନିବେଶ କରିବାର ଏକ ବିଶେଷ ସମୟ - ଏବଂ ଆମେ ସେହି ଉପଭୋଗ୍ୟ ବେଳାକୁ ଯଥାସମ୍ଭବ ଫଳପ୍ରଦ କରିବାକୁ ଚାହୁଁଛୁ। ଜୟଆଲୁକ୍କାସ୍ ବିଶେଷ ମୁହୂର୍ତ୍ତଗୁଡ଼ିକର ପାଳନକୁ ଆହୁରି ସ୍ମରଣୀୟ କରୁଥିବା ସ୍ୱତନ୍ତ୍ର ଅଫର ସହିତ ଗୁଣବତ୍ତା, ସୌନ୍ଦର୍ଯ୍ୟ ଏବଂ ଗ୍ରାହକ ସନ୍ତୁଷ୍ଟିକୁ ମିଶ୍ରଣ କରି ଉତ୍ସବକାଳୀନ ଅଳଙ୍କାର କ୍ରୟ ପାଇଁ ମାନଦଣ୍ଡ ସ୍ଥାପନ କରିଚାଲିଛି।

## ଓପୋ ପକ୍ଷରୁ କେ୧୩ ୫ଜିର ଶୁଭାରମ୍ଭ



ନୂଆଦିଲ୍ଲୀ: ଓପୋ ଇଣ୍ଡିଆ ପକ୍ଷରୁ ଓପୋ କେ୧୩ ୫ଜିର ଶୁଭାରମ୍ଭ କରାଯାଇଛି। ସ୍ନାପଡ୍ରାଗନ ୬ ଜେନ ୪ ମୋବାଇଲ ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ଏହି ଡିଭାଇସରେ ୮୦ୱାଟ ସୁପରଭିଓସି ଫାଷ୍ଟ ଚାର୍ଜର ସହ ୭୦୦୦ ଏମଏଏଚ ଗ୍ରାଫାଇଟ ବ୍ୟାଟେରୀ, ସେଗ୍‌ମେଂଟ-ଲିଡିଂ ଭିସି କୁଲିଂ, ଏକ ୧୨୦ହର୍ତ୍ସ ଏଫଏଚଡି+ ଆମୋଲେଡ ଡିସ୍‌ପ୍ଲେ ଓ ଇଂଟେଲିଜେଂଟ ନେଟ୍‌ୱର୍କ ଅପ୍ଟିମାଇଜେଶନ ଭଳି ଫିଚର ରହିଛି, ଯାହା ସୁଗମ ମଲ୍ଟିଟାସ୍କିଙ୍ଗ, ନିମଜ୍ଜିତ ଗେମିଂ, ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ ଓ ନିର୍ଭରଯୋଗ୍ୟ ସଂଯୋଗ ପ୍ରଦାନ କରୁଛି। ୮ଜିବି+୧୨୮ଜିବି ଭାରିଆଂଟ ପାଇଁ ୧୭୯୯୯ଟଙ୍କା ଓ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୧୯୯୯୯ଟଙ୍କା ମୂଲ୍ୟରେ ଓପୋ କେ୧୩ ୫ଜି କ୍ରୟ ପାଇଁ ଆସ'। ଏପ୍ରିଲ ୨୫ ତାରିଖ ଦିନ ୧୨ଟାରୁ ଓପୋ ଇ-ଷ୍ଟୋର ଓ ଫ୍ଲିପକାର୍ଟରେ ଆଇସି ପର୍ପଲ ଓ ପ୍ରିଜ୍‌ମ ବ୍ଲାକ କଲରରେ ଉପଲବ୍ଧ ହେବ। ଓପୋ କେ୧୩ ୨ ଏମ୍‌ପି ଡେପ୍‌ଥ ସେନ୍ସ ସହ ପେୟାର ହୋଇଥିବା ଏକ ଶକ୍ତିଶାଳୀ ୫୦ଏମ୍‌ପି ମେନ କ୍ୟାମେରା ସହିତ ନିଜ ସେଗ୍‌ମେଂଟରେ ପ୍ରିମିୟମ ଇମେଜିଂ ଅନୁଭୂତି ଆଣିଛି। ଏହି ଅବସରରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେସନ ମୁଖ୍ୟ ସାଭିଓ ଡିସୌଜା କହିଛନ୍ତି ଯେ, 'ଓପୋ କେ୧୩ ସହିତ ଆମେ ବିନା ସାଲିସ୍‌ରେ ୨୦୦୦୦ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ଏକ ଓପି ଅନୁଭୂତି ଆଣିଛୁ। ସେହିପରି ଫ୍ଲିପକାର୍ଟରେ ମୋବାଇଲ୍ସ ବିଭାଗର ଉପାଧ୍ୟକ୍ଷ ସ୍ମିତି ରବିଚନ୍ଦ୍ରନ କହିଛନ୍ତି, 'ଓପୋ କେ୧୩ ୫ଜିର ଲଂଚ ଏହି ଟ୍ରେଣ୍ଡ ସହ ଜଡିତ ରହିଛି ଏବଂ ଆମେ ଭାରତବ୍ୟାପୀ ଆମର ଗ୍ରାହକଙ୍କ ପାଇଁ ଏହି ଡିଭାଇସକୁ ଆଣି ଗର୍ବିତ।'

## ପାଠ ପଢ଼ିବା ପାଇଁ ସୁଜିତଙ୍କୁ ଉତ୍ସାହିତ କଲା ଆଲେନ୍ କୋଟା





ALLEN
CAREER INSTITUTE
KOTA (RAJASTHAN)
path to success

କୋଟା : ବିହାରର ଶେଖପୁରାର ସୁଜିତ ମାଧବଙ୍କ ଘର। ସୁଜିତ ମାଧବ ଜେଇଇ ମେନ୍ ୨୦୨୫ ପାସ୍ କରିଛନ୍ତି ଏବଂ ଜେଇଇ ଆଡଭାନ୍ସଡ୍ ପାଇଁ ପ୍ରସ୍ତୁତି କରୁଛନ୍ତି। ସୁଜିତ ସାଇକେଲରେ ପରୀକ୍ଷା କେନ୍ଦ୍ରକୁ ଯାଇଥିବାରୁ ସେ ଜେଇଇ ମେନ୍-୨ ରେ ଯୋଗ ଦେଇପାରିଲେ ନାହିଁ। ଏବେ ଜେଇଇ ମେନ୍-୧ ଫଳାଫଳ ଆଧାରରେ, ସେ ୯୮.୫୫୫ ପ୍ରତିଶତ ସ୍କୋର ସହିତ ଜେଇଇ ଆଡଭାନ୍ସଡ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବାପା ଚୁଞ୍ଚୁନ୍ କୁମାର ଜଣେ ଚାଷୀ ଏବଂ ମା' କିରଣ ଦେବୀ ଜଣେ ଗୃହିଣୀ। ମା'ଙ୍କ ଅସୁସ୍ଥତା ସତ୍ତ୍ୱେ ସେ ଏହି ସଫଳତା ପାଇଛନ୍ତି। ସୁଜିତ ଜେଇଇ ମେନ୍ ୨୦୨୫ରେ ଏଆଇଆର-୨୨୨୬୮ ଏବଂ ଓବିସି ବର୍ଗରେ ୫୬୨୫ ତମ ସ୍ଥାନ ହାସଲ କରିଛନ୍ତି। ସୁଜିତ ୨୦୨୩ ମସିହାରେ କୋଟା ଆସିଥିଲେ ଏବଂ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ରେ ଆଡମିସନ୍ ନେଇଥିଲେ। ସେ ଦ୍ୱାଦଶ ଶ୍ରେଣୀରେ ୮୧ ପ୍ରତିଶତ ନମ୍ବର ସହିତ ପାସ୍ କରିଥିଲେ। ସୁଜିତ ଦଶମ ଶ୍ରେଣୀରେ ୮୫ ପ୍ରତିଶତ ମାର୍କ ପାଇଥିଲେ। ସୁଜିତଙ୍କର ଏହି ସଫଳତାରେ କୋଟା କେୟାରସ୍ ମଧ୍ୟ ତାଙ୍କୁ ସହଯୋଗ କରିଛି। କୋଟା ପିଜି ଅପରେଟର ତାଙ୍କଠାରୁ ଦୁଇ ବର୍ଷ ଧରି ଭଡା ନେଇନାହାଁନ୍ତି। ତାଙ୍କ ପାଠ ପଢ଼ାର ସବୁ ଦାୟିତ୍ୱ ଆଲେନ୍ କୋଟା ପକ୍ଷରୁ ନିଆଯାଇଥିଲା। ସୁଜିତଙ୍କ ବଡ଼ ଭାଇ ରଜନୀଶ କୁମାର କହିଛନ୍ତି ଯେ ଆମେ ତିନି ଭାଇ ଏବଂ ଗୋଟିଏ ଭଉଣୀ। ମୁଁ ବଡ଼ ଏବଂ ମୁଁ ପାଟନାର ଏକ ଇଞ୍ଜିନିୟରିଂ କଲେଜରୁ ବି.ଟେକ୍ କରୁଥିଲି। ମୋ ମାଆଙ୍କ ଅସୁସ୍ଥତା ଯୋଗୁଁ ମୋତେ ବି.ଟେକ୍ ପାଠପଢ଼ା ମଝିରେ ଛାଡିବାକୁ ପଡିଲା କିନ୍ତୁ ମୁଁ ସୁଜିତ ଏବଂ ମୋ ମଝିଆ ଭାଇକୁ ପଢ଼ାଉଛି। ସୁଜିତ ଘରେ ଥିବା ସମୟରେ ସେ ଘାସ କାଟିବାକୁ, ଗାଈ ଚରାଇବାକୁ ଏବଂ ଅନ୍ୟାନ୍ୟ ଘରକାମରେ ବ୍ୟସ୍ତ ରହୁଥିଲେ କିନ୍ତୁ ସେ ପାଠପଢ଼ାରେ ବୁଦ୍ଧିମାନ ଥିଲେ। ଯେତେବେଳେ ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ, ସେ ଦଶମ ଶ୍ରେଣୀର ତ୍ରିକୋଣମିତି ସମାଧାନ କରୁଥିଲେ। ଏହାକୁ ମନେ ରଖି, ମୁଁ ପାପାଙ୍କ ସହ କଥା ହେଲି ଏବଂ ବହୁ କଷ୍ଟରେ ସୁଜିତଙ୍କୁ କୋଟା ପଠାଇବାକୁ ରାଜି କରାଇଲି।

## ଏଚ୍‌ସିଏଲ୍ ଜିଗ୍‌ସ'ର ୬ଷ୍ଠ ସଂସ୍କରଣ ପାଇଁ ପଞ୍ଜିକରଣ ଆରମ୍ଭ



ନୂଆଦିଲ୍ଲୀ: ଏଚସିଏଲ ଗ୍ରୁପ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଭାରତର ସବୁଠାରୁ ବଡ ସମସ୍ୟା-ସମାଧାନକାରୀ ମୂଲ୍ୟାୟନ ପ୍ଲାଟଫର୍ମ ଏଚସିଏଲ ଜିଗ୍‌ସର ୬ଷ୍ଠ ସଂସ୍କରଣର ଘୋଷଣା କରିଛି। ଉଦ୍ଭାବନ ଓ ବିଶ୍ଳେଷଣାତ୍ମକ ଦକ୍ଷତାକୁ ବିକଶିତ କରିବା ପାଇଁ ଡିଜାଇନ ହୋଇଥିବା ଏଚସିଏଲ ଜିଗ୍‌ସ ସୃଜନଶୀଳ ଓ ଯୁକ୍ତିଯୁକ୍ତ ବିଚାରଧାରା ମାଧ୍ୟମରେ ବାସ୍ତବ ଦୁନିଆର ଆହ୍ୱାନଗୁଡିକର ମୁକାବିଲା କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବା ଜାରି ରଖିଛି। ଏହି ପ୍ଲାଟଫର୍ମ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅନୁସନ୍ଧାନ, ଜଟିଳ ବିଚାରଧାରା ଓ ଯୋଗାଯୋଗ ସମେତ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତାଗୁଡିକ ଉପରେ ମୂଲ୍ୟାୟନ କରିଥାଏ ଏବଂ ସେମାନଙ୍କୁ ବାସ୍ତବ ଦୁନିଆର ସମସ୍ୟାଗୁଡିକର ସମାଧାନ କରିବା ପାଇଁ ସେହି ଦକ୍ଷତାକୁ ପ୍ରୟୋଗ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ରତିଯୋଗିତାର ଫାଇନାଲିଷ୍ଟମାନଙ୍କୁ ଏଚସିଏଲର ଇନୋଭେଶନ ଲ୍ୟାବଗୁଡିକରେ ଶିଖିବା ପାଇଁ ସୁଯୋଗ ଦିଆଯିବା ସହିତ ୧୨ ଲକ୍ଷରୁ ଅଧିକ ଟଙ୍କାର ମୋଟ ପୁରସ୍କାର ରାଶିରେ ସମ୍ମାନିତ କରାଯିବ। ଏହାଛଡା ଏଚସିଏଲ ଜିଗ୍‌ସ ଏକ ମାଗଣା ନାମଲେଖା ସୁଯୋଗ ପ୍ରଦାନ କରି ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିନା କୌଣସି ଫି'ରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରିତ କରିଛି। ୬ଷ୍ଠ ସଂସ୍କରଣରେ ଚଳିତ ବର୍ଷ ପ୍ରୋଜେକ୍ଟ-ଆଧାରିତ ଚ୍ୟାଲେଂରେ ସହଭାଗିତା କରିବା, ସୃଷ୍ଟି କରିବା ଓ ବିଜୟ ହାସଲ କରିବା ପାଇଁ ଏକ ମିଶନ ରହିବ। ଏହି ପଦକ୍ଷେପ ସମ୍ପର୍କରେ ଏଚ୍‌ସିଏଲ ଗ୍ରୁପର ସହ ଉପାଧ୍ୟକ୍ଷ ଓ ବ୍ରାଣ୍ଡ ମୁଖ୍ୟ ରଜତ ଚନ୍ଦୋଲିଆ କହିଛନ୍ତି, 'ଏଚସିଏଲରେ ଆମେ ଏକ ଗତିଶୀଳ ଦୁନିଆରେ ସଫଳ ହେବା ପାଇଁ ଦକ୍ଷତା ସହ ସୁସଜ୍ଜିତ କରି ଯୁବ ପ୍ରତିଭାମାନଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏଚସିଏଲ ଜିଗ୍‌ସ ଏକ କ୍ୱିଜ କିମ୍ବା ଅଲିମ୍ପିଆଡ ନୁହେଁ, ବରଂ ଏହା ଯୁବ ଥିଙ୍କର, କୋଲାବରେଟର ଓ କ୍ରିଏଟରଙ୍କ ପାଇଁ ଏକ ଲଂଚପ୍ୟାଡ ଅଟେ। ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅନେକ ଉତ୍ସାହଜନକ ଅଂଶଗ୍ରହଣ ପାଇଛୁ ଏବଂ ଚଳିତ ସଂସ୍କରଣରେ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଛାତ୍ରଛାତ୍ରୀଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଆହୁରି ଅଧିକ ଅନୁପ୍ରାଣିତ କରିବା ନେଇ ଆମେ ଉତ୍ସାହିତ ରହିଛୁ, ଯେଉଁଠାରେ ଶ୍ରେଣୀଗୃହ ବାସ୍ତବ ଦୁନିଆକୁ ଭେଟିଥାଏ। ଏଚସିଏଲ ଜିଗ୍‌ସ ଛାତ୍ରଛାତ୍ରୀଙ୍କୁ ୩ଟି ପ୍ରାଥମିକ ମାନଦଣ୍ଡ ଅଧିନରେ ଗୁରୁତ୍ୱପୂର୍ଣ୍ଣ ପରିମାପଗୁଡିକ ଉପରେ ମୂଲ୍ୟାଙ୍କନ କରିଥାଏ।

## ପୁନାୱାଲା ଫିନ୍‌କର୍ପ ପକ୍ଷରୁ କ୍ୟୁମରଡ୍ୟୁରେବଲ୍ ଋଣ ବଜାରରେ ପ୍ରବେଶ

ନୂଆଦିଲ୍ଲୀ: ସାଇରସ୍ ପୁନାୱାଲାଗ୍ରୁପ୍‌ର ଅଂଶ ପୁନାୱାଲା ଫିନକର୍ପ ଲିମିଟେଡ୍ (ପିଏଫ୍‌ଏଲ୍) ଏହାର କ୍ୟୁମରଡ୍ୟୁରେବଲ୍ ଋଣ ବ୍ୟବସାୟ ଆରମ୍ଭ କରିଥିବା ଘୋଷଣା କରିଛି। କମ୍ପାନି ପକ୍ଷରୁ ପ୍ରାକ୍‌ମଞ୍ଜୁର ସୀମା ସହିତ ଏକ ଡିଜିଟାଲ୍ ଇଏମ୍‌ଆଇ କାର୍ଡର ମଧ୍ୟ ଶୁଭାରମ୍ଭ କରାଯାଇଛି। ଯାହା ଜରିଆରେ ଗ୍ରାହକମାନେ ସୁବିଧାରେ କଂଜ୍ୟୁମରଡ୍ୟୁରେବଲ୍ ଉତ୍ପାଦ କିଣିପାରିବେ।ଏହି ଶୁଭାରମ୍ଭ ସହିତ କମ୍ପାନି ଏକ ଦ୍ରୁତ ଅଭିବୃଦ୍ଧିଶୀଳ ତଥା ହାଇଭେଲୋସିଟି ଖୁଚୁରା ଋଣ ବର୍ଗରେ ପ୍ରବେଶ କରିଏହାର ଏକ ଦୃଢ଼ ରିଟେଲ ଫ୍ରାଂଚାଇଜି ଗଠନ କରିବାରେ ଦକ୍ଷତାକୁ ଦୃଢ଼ କରିଛି। ପୁନାୱାଲା ଫିନକର୍ପର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅରବିନ୍ଦ କପିଲ କହିଛନ୍ତି ଯେ, 'ଏହା କେବଳ ଏକ ଉତ୍ପାଦ ଶୁଭାରମ୍ଭ ନୁହେଁ, ଆମରିଟେଲ ବ୍ୟବସାୟକୁ ଗଭୀର ଓ ଅଧିକ ଲାଭଦାୟକ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ନିୟୁତାଧିକ ନୂଆଗ୍ରାହକଙ୍କ ପାଖରେ ପହଂଚିବାର ସମ୍ଭାବନା ଖୋଲିବ ଏବଂ ସେମାନଙ୍କ ଆର୍ଥିକ ଜୀବନଚକ୍ରରେ ସେବା ପ୍ରଦାନ କରିବାରେ ସକ୍ଷମ କରିବ। ନୂଆ ଉତ୍ପାଦରେ ୫ ମିନିଟ୍‌ରେ ଋଣ ମଞ୍ଜୁର ହେବ, ଯାହା ଉଭୟ ବେତନଭୋଗୀ ଓ ସ୍ୱାବଲମ୍ବୀ ଲୋକମାନଙ୍କୁ ଡିଲର ପଏଂଟ୍‌ରେ ନିରବଚ୍ଛିନ୍ନ ଅନୁଭୂତି ସୁନିଶ୍ଚିତ କରିବ। ଏଥିରେ ଫାଇନାନ୍ସ ସହଜରେ ମିଳିପାରିବ ଏବଂ ଦ୍ରୁତଗତିରେ କ୍ୟୁମରଡ୍ୟୁରେବଲ୍ ଋଣ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ଭାରତର କ୍ୟୁମରଡ୍ୟୁରେବଲ୍ ବଜାର ଦ୍ରୁତ ଗତିରେ ବଢୁଥିବାବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରେ ଫାଇନାନ୍ସ ସାନ୍ଦ୍ରତାରେ ଉଲ୍ଲେଖନୀୟ ବୃଦ୍ଧି ହେବ। ପିଏଫ୍‌ଏଲ୍ ଅନୁସାରେ କ୍ୟୁମରଡ୍ୟୁରେବଲ୍ କ୍ଷେତ୍ରରେ ଫାଇନାନ୍ସ ସାନ୍ଦ୍ରତା ବର୍ତ୍ତମାନ ୩୦ ପ୍ରତିଶତ ରହିଛି ଏବଂ ଏହି ଅଂଚଳରେ ଦ୍ରୁତଗତିରେ ତାହା ବୃଦ୍ଧି ପାଉଛି। ପିଏଫ୍‌ଏଲ୍‌ର ପ୍ରାରମ୍ଭିକ ପ୍ରାଥମିକତା ହେଉଛି ପ୍ରଥମ ୯୦ ଦିନର ଗ୍ରାହକ ଯୋଡ଼ିବା ପ୍ରକ୍ରିୟାକୁ ସଂଗଠିତ କରିବା ଏବଂ ଏହାର ବ୍ୟବସାୟକୁ ବିଭିନ୍ନ ସ୍ଥାନରେ ବଢ଼ାଇବା। ଏଥି ସହିତ ବିଭିନ୍ନ ଓଇଏମ୍‌ସହ ସହଯୋଗିତା କରିବାକୁ କମ୍ପାନି ଲକ୍ଷ୍ୟରଖିଛି। କଂଜ୍ୟୁମରଡ୍ୟୁରେବଲ୍ ଋଣ ବ୍ୟବସାୟର ଶୁଭାରମ୍ଭ ସହିତ ପିଏଫ୍‌ଏଲ୍ ଏହାର ପେମେଂଟ୍ ବ୍ୟବସ୍ଥା ସୁଦୃଢ଼ କରିଛି। ଏହି ଶୁଭାରମ୍ଭ ସହିତ କମ୍ପାନି ପ୍ରତିବଦ୍ଧତା ଅନୁସାରେ ୬ ନୂଆବ୍ୟବସାୟ ଆରମ୍ଭ କରିଛି।



କୋଲକାତା: ଆଇପିଏଲରେ ଓଡ଼ିଆ ପୁଅ ଖେଳୁନାହାନ୍ତି ବୋଲି ରାଜ୍ୟରେ ଅନେକ ସମାଲୋଚନା ହେଉଛି। କିନ୍ତୁ ସୋମବାର ଐତିହାସିକ ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ ବନାମ ଗୁଜରାଟ ଟାଇଟନ୍ସ ମୁକାବିଲା ପୂର୍ବରୁ ଏକ ଓଡ଼ିଶା ସଂଯୋଗ ସାମାନ୍ୟ ଆଶ୍ୱସ୍ତି ଆଣିଥିଲା। ଉଭୟ ବେଙ୍ଗଲ ଓ ଓଡ଼ିଶା ପାଇଁ ରଣଜୀ ଟ୍ରଫି ଖେଳିଥିବା ରାଜୀବ ସେଠ୍ ଏହି ମ୍ୟାଚ୍‌ର ମ୍ୟାଚ୍ ରେଫରି ଭୂମିକାରେ ରହିଥିଲେ। ବେଙ୍ଗଲ ପାଇଁ ରଣଜୀ ଟ୍ରଫି ଜିତିଥିବା ୫୭ ବର୍ଷୀୟ ରାଜୀବ ଏବେ ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶା ଟାଟା ନାଭାଲ ହକି ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ଅଛନ୍ତି। ଓଡ଼ିଶା କ୍ରିକେଟ୍ ଦୁନିଆରେ ଏକ ପରିଚିତ ଚେହେରା ରାଜୀବ ମଧ୍ୟ ଏବେ ଓଡ଼ିଶା ହକିର ବିକାଶରେ ବଡ଼ ଯୋଗଦାନ ରଖୁଛନ୍ତି। ଓଡ଼ିଶା ଟାଟା ନାଭାଲ ହକି ଏଚ୍‌ପିସି ପ୍ରତିଷ୍ଠା ପରଠାରୁ ରାଜ୍ୟରେ ତୃଣମୂଳ ସ୍ତରରେ ହକିର ବିକାଶ ଘଟିବା ସହ ଏକାଧିକ ଜୁନିୟର୍ ଖେଳାଳି ଏହି ବ୍ୟବସ୍ଥାରୁ ବାହାରି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛନ୍ତି। ହକି ପାଇଁ ସମର୍ପିତ ଭାବେ କାମ କରୁଥିଲେ ମଧ୍ୟ ରାଜୀବ ନିଜ ପ୍ରଥମ ପ୍ରେମ କ୍ରିକେଟ୍‌କୁ ଛାଡ଼ିପାରିନାହାନ୍ତି। ଘରୋଇ କ୍ରିକେଟ୍‌ର ସମସ୍ତ ପ୍ରମୁଖ ପ୍ରତିଯୋଗିତା ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ଆଦିରେ ସେ ବିସିସିଆଇ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଖେଳାଳି ଜୀବନରେ ଏହି ବିଗତ ଦିନର ଦ୍ରୁତ ବୋଲର ୨୬ ରଜଣୀ ଟ୍ରଫି ଏବଂ ୧୫ ଲିଷ୍ଟ୍ ଏ ମ୍ୟାଚ୍‌ରୁ ଯଥାକ୍ରମେ ୪୬ ଓ ୧୭ ୱିକେଟ୍ ଅକ୍ତିଆର କରିଥିଲେ।

୪୦ତମ ମ୍ୟାଚ୍ | ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

# ଦିଲ୍ଲୀ କ୍ୟାପିଟାଲ୍ସ ୮ୱିକେଟ୍‌ରେ ବିଜୟୀ



ଲକ୍ଷ୍ନୌ : ଲକ୍ଷ୍ନୌରେ ମଙ୍ଗଳବାର ଆଇପିଏଲର ୪୦ତମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ ଓ ଲକ୍ଷ୍ନୌ ସୁପରଜାୟାଣ୍ଟସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ ୮ୱିକେଟରେ ବିଜୟ ଲାଭ କରିଛି। ଦିଲ୍ଲୀ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ରନ କରିଥିଲା । ଦଳ ପକ୍ଷରୁ ଆଇଡେନ ମାର୍କରାମ ଓ ମିଚେଲ ମାର୍ସ ଆରମ୍ଭରୁ ହିଁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ଉଭୟ ପ୍ରଥମ ୱିକେଟ୍ ଯୋଡ଼ିରେ ୮୭ ରନ କରିଥିଲେ । ମାର୍କରାମ ୫୨ ରନ କରିଥିବାବେଳେ ମାର୍ସ ୪୫ ରନ କରିଥିଲେ । ମାତ୍ର ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଦଳ ବେଶ କେତୋଟି ୱିକେଟ ଅଳ୍ପ ରନ ବ୍ୟବଧାନରେ ହରାଇଥିଲା । ଫଳରେ ରନଗତି ଧୀମେଇ ଯାଇଥିଲା । ନିକୋଲାସ ପୁରନ ୯ ରନ ଓ ଅବଦୁଲ ସମଦ ୨ ରନ କରିଥିଲେ । ଆୟୁଷ ବାଦୋନି ୩୬ରନ କରିଥିବାବେଳେ ଡେଭିଡ୍ ମିଲର ୧୪ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୪ଟି ୱିକେଟ ନେଇଥିଲେ। ସେହିପରି ମିଚେଲ ଷ୍ଟାର୍କ ଓ ଦୁଷ୍ମନ୍ତ ଚମିରା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୧୬୦ରନ୍‌ର ଟାର୍ଗେଟ ନେଇ ଦିଲ୍ଲୀ କ୍ୟାପିଟାଲ୍ସ ମୈଦାନକୁ ଓହ୍ଲାଇଥିଲା। ଦଳ ମାତ୍ର ୧୭.୫ ଓଭରରେ ୨ ୱିକେଟ୍ ହରାଇ ୧୬ରନ୍ କରି ଏକ ସହଜ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଅଭିଷେକ ପୋରେଲ ଧୂଆଁଧାର ବ୍ୟାଟିଂ କରି ମାତ୍ର ୩୬ଟି ବଲ୍‌ରୁ ୫୧ରନ୍ କରିଥିଲେ। ଏଥିରେ ଗୋଟିଏ ଛକା ଓ ୫ଟି ଚୌକା ସାମିଲ ଥିଲା। ସେହିପରି କରୁନ ନାଏର ୧୫ ଓ ୱିକେଟକିପର କେଏଲ୍ ରାହୁଲ ୫୭, ଅଧିନାୟକ ଅକ୍ଷର ପଟେଲ ୪ଛକା ଓ ଗୋଟିଏ ଚୌକା ସହାୟତାରେ ୨୦ଟି ବଲରୁ ୩୪ରନ୍ ସଂଗ୍ରହ କରିଥିଲେ। ଲକ୍ଷ୍ନୌ ସୁପରଜାୟାଣ୍ଟସ ପକ୍ଷରୁ ଆଦେନ ମାର୍କମ ୨ଟି ୱିକେଟ ଅକ୍ତିଆର କରିଥିଲେ।

# ଶ୍ରୀଲଙ୍କା ଗସ୍ତରେ ଓଡ଼ିଶା କ୍ରିକେଟ୍ ଟିମ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବା ଲାଗି ଓଡ଼ିଶା କ୍ରିକେଟ୍ ଦଳ ମଙ୍ଗଳବାର ଶ୍ରୀଲଙ୍କା ଗସ୍ତ କରିଛନ୍ତି। ସେଠାରେ ୪ଟି ତିନିଦିନିଆ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ୨୪ ଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ପର୍ଯ୍ୟବେକ୍ଷକ ଭାବେ ଓସିଏ ସଦସ୍ୟ ବିଜୟ କୁମାର ଦାସ, ଯୁଗଳ କିଶୋର ସାମଲ, ସୁଧାଂଶୁ ମିଶ୍ର, ତଡ଼ିତ କୁମାର ରାଉତ, ସୁଶାନ୍ତ ମହାନ୍ତି, ସତ୍‌ବୀର ସିଂହ ଶ୍ରୀଲଙ୍କା ଗସ୍ତ କରିଛନ୍ତି। ସୋମବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଓସିଏ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି, ରାଜେଶ ଧୂପର, ସୁନୀଲ କୁମାର ରାଉଳ, ତାପସ ଦାସ, ଅଂଶୁମାନ ବେଜ, ଆଶୀର୍ବାଦ ସ୍ୱାଇଁ, ବାଦଲ ବିଶ୍ୱାଳ, ଆଶୁତୋଷ ମାର୍ଣ୍ଡି, ଆୟୁଷ ସୂତାର, ସମ୍ବିତ ବରାଳ, ଶ୍ରେୟାଂଶ ଭରଦ୍ୱାଜ, ସାଇଦୀପ ମହାପାତ୍ର, ରାଜେଶ ମହାନ୍ତି, ଓମ୍ ଟି ମୁଣ୍ଡେ, ସନ୍ଦୀପ ପଟ୍ଟନାୟକ, ସୁମିତ ଶର୍ମା, ସୟଦ ତୁଫେଲ ଅହମଦ, ତରଣୀ ସା', ସ୍ୱସ୍ତିକ ସାମଲ, ବିମଳ କୁମାର, ଅନିଲ ପରିଡ଼ା, କାର୍ତ୍ତିକ ବିଶ୍ୱାଳ, ସତ୍ୟକାମ ଭରଦ୍ୱାଜ, ଦିନେଶ ମାଝୀ, ସୁରେନ୍ଦ୍ର ଭାବେ (ମୁଖ୍ୟ ପ୍ରଶିକ୍ଷକ), ନରେନ୍ଦ୍ର ହିରୱାନୀ (ବୋଲିଂ ପ୍ରଶିକ୍ଷକ), ସୌରଭ ସେହଗଲ (ସହପ୍ରଶିକ୍ଷକ), ରୋନି ଚାଟାର୍ଜୀ (ଫିଜିଓ), ଗୌରବ କୌଶିକ (ଏସ୍‌ଆଣ୍ଡସି ପ୍ରଶିକ୍ଷକ), ନବୀନ ବେହେରା (ଭିଡିଓ ଆନାଲିଷ୍ଟ), ରତ୍ନାକର ବେହେରା (ସାଇଡ୍ ଆର୍ମ ଥ୍ରୋ)।


ଚେନ୍ନାଇ ସୁପର କିଙ୍ଗସକୁ ରାଇନାଙ୍କ ସମାଲୋଚନା

# ଦଳ ନିକଟରେ ଜିତିବାର ଭୋକ ନାହିଁ



ଚେନ୍ନାଇ: ଚଳିତ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସ ନୈରାଶ୍ୟଜନକ ପ୍ରଦର୍ଶନ ଜାରୀ ରହିଛି। ବିଭିନ୍ନ ମହଲରେ ଏ ନେଇ ମହେନ୍ଦ୍ର ସିଂ ଧୋନୀ ଏବଂ ଚେନ୍ନାଇ ମ୍ୟାନେଜମେଣ୍ଟକୁ ସମାଲୋଚନା କରାଯାଉଛି। ଚେନ୍ନାଇର ପୂର୍ବତନ ଷ୍ଟାର ଖେଳାଳି ସୁରେଶ ରାଇନା ମଧ୍ୟ ଦଳର ପ୍ରଦର୍ଶନକୁ କଡା ସମାଲୋଚନା କରିଛନ୍ତି । ଦଳ ନିକଟରେ ଜିତିବାର ଭୋକ ନାହିଁ। ସିଏସକେ ଯେଉଁ ବ୍ରାଣ୍ଡ ପାଇଁ ଲୋକପ୍ରିୟତା ହାସଲ କରିଥିବା ଏବେ ତାହା ଆଉ ଦେଖିବାକୁ ମିଳୁ ନାହିଁ । ମେଗା ନିଲାମରେ ରିଷଭ ପନ୍ତ, କେଏଲ ରାହୁଲଙ୍କଠାରୁ ଆରମ୍ଭ କରି ଅନେକ ଭଲ ଖେଳାଳି ଉପଲବ୍ଧ ଥିଲେ। ଚେନ୍ନାଇ ମ୍ୟାନେଜମେଣ୍ଟ ରାହୁଲ ତ୍ରିପାଠୀ, ଦୀପକ ହୁଡ୍ଡା, ବିଜୟ ଶଙ୍କର ଓ ରବିଚନ୍ଦ୍ରନ ଅଶ୍ୱୀନଙ୍କୁ ଦଳରେ ନେଲା । ସ୍ଥାନୀୟ ଖେଳାଳିଙ୍କୁ ଦଳରେ ନେବା ଜରୁରୀ ଥିଲା ବୋଲି ରାଇନା ମତବ୍ୟକ୍ତ କରିଛନ୍ତି। ତାମିଲନାଡୁ ପ୍ରିମିୟର ଲିଗରେ ସାଇ ସୁଦର୍ଶନ, ସାଇ କିଶୋର ଓ ଶାହାରୁଖ ଖାଁ ଭଲ ପ୍ରଦର୍ଶନ କରିଥିଲେ । ଏମାନେ ଏବେ ଗୁଜରାଟ ପକ୍ଷରୁ ଭଲ ପ୍ରଦର୍ଶନ କରୁଛନ୍ତି । ଯେତେବେଳେ ଆମେ ବିଜୟ ହାସଲ କରୁଥିଲୁ ସେତେବେଳେ ଆମ ନିକଟରେ ମୂରଲୀ ବିଜୟ, ଲକ୍ଷ୍ମିପତୀ ବାଲାଜୀ, ବଦ୍ରିନାଥ, ଅଶ୍ୱୀନ ଓ ରବୀନ୍ଦ୍ର ଜାଡେଜାଙ୍କ ପରି ଖେଳାଳି ରହିଥିଲେ । ଚେନ୍ନାଇ ଟିମ ଭଲ ଅର୍ଥ ଖର୍ଚ୍ଚ କରିଛି ମାତ୍ର ତାହା କାମରେ ଲାଗୁନି ବୋଲି ରାଇନା କହିଛନ୍ତି । ଏବେ ଚେନ୍ନାଇକୁ ପ୍ଲେ ଅଫରେ ପ୍ରବେଶ ପାଇଁ ପ୍ରଥମେ ବାକି ୬ଟି ମ୍ୟାଚରେ ବିଜୟ ହାସଲ କରିବାକୁ ପଡିବ।

## ମା' ହେଲେ ଜ୍ୱାଳା ଗୁଟ୍ଟା



ଚେନ୍ନାଇ: ପୂର୍ବତନ ଭାରତୀୟ ବ୍ୟାଡମିଣ୍ଟନ ତାରକା ଜ୍ୱାଳା ଗୁଟ୍ଟା ମା' ହୋଇଛନ୍ତି। ସେ କନ୍ୟା ସନ୍ତାନ ଜନ୍ମ ଦେଇଥିବା ଜଣାପଡିଛି। ଏହାସହ ଜ୍ୱାଳାଙ୍କ ଖୁସି ଦ୍ୱିଗୁଣିତ ହୋଇଛି। କାରଣ ସେ ବିବାହ ବାର୍ଷିକୀରେ ମା' ହୋଇଛନ୍ତି। ଜ୍ୱାଳା ୨୨ ଏପ୍ରିଲ ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ବିବାହ କରିଥିଲେ। ଏବେ ୨୨ ଏପ୍ରିଲ ୨୦୨୫ରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଜ୍ୱାଳାଙ୍କ ମା' ହେବାର ଖବର ତାଙ୍କ ସ୍ୱାମୀ ବିଷ୍ଣୁ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ ପୋଷ୍ଟରେ ଝିଅ ହାତର ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆମ ଚତୁର୍ଥ ବିବାହ ବାର୍ଷିକୀରେ ଆମେ ଏହି ଉପହାର ପାଇଲୁ। ଜ୍ୱାଳା ଗୁଟ୍ଟା ବିଷ୍ଣୁଙ୍କ ଦ୍ୱିତୀୟ ପତ୍ନୀ। ୨୦୧୯ ମସିହାରୁ ପରସ୍ପରକୁ ଡେଟ କରିବା ପରେ, ଦୁହେଁ ୨୦୨୧ ମସିହାରେ ବିବାହ କରିଥିଲେ। ବ୍ୟାଡମିଣ୍ଟନ କୋର୍ଟରେ ତାଙ୍କର ଚମତ୍କାର ଖେଳ ବ୍ୟତୀତ, ଜ୍ୱାଳା ଗୁଟ୍ଟା ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଚର୍ଚ୍ଚାରେ ଥା'ନ୍ତି। ଜ୍ୱାଳାଙ୍କ ନାମ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ସହ ମଧ୍ୟ ଜଡିତ ଥିଲା। ବିଷ୍ଣୁ ବିଶାଲ ମଧ୍ୟ ଜ୍ୱାଳାଙ୍କ ଦ୍ୱିତୀୟ ସ୍ୱାମୀ ଥିଲେ। ସେ ପ୍ରଥମେ ବ୍ୟାଡମିଣ୍ଟନ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ। କିନ୍ତୁ, ୨୦୦୫ ମସିହାରେ ହୋଇଥିବା ସେହି ବିବାହ ୨୦୧୧ ମସିହାରେ ଭାଙ୍ଗିଯାଇଥିଲା।

GOVERNMENT OF JHARKHAND
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI)

Tender Cancellation Notice

PR Ref No :- 347104 Co-operative (2024-25)D

NIT No :- ICDP/RANCHI/15/2024-25

Name of the work :- Construction of 100 MT Capacity Godown With Marketing Centre in Different Lamps/ Pacs Of District East Sinbhum (Jamshedpur), Palamu, Ramgarh & Koderma, godda, Giridih & Bokaro.

the tender is hereby cancelled due to some unavoidable reasons.

Sd/-
State monitoring Officer
ICDP Cell, Ranchi

PR 350820 (Co-opretive) 25-26 (D)

GOVERNMENT OF JHARKHAND
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI)

Tender Cancellation Notice

PR Ref No :- 346711 Co-operative (2024-25)D

NIT No :- ICDP/RANCHI/14/2024-25

Name of the work :- Construction of 100 MT Capacity Godown With Marketing Centre in Different Lamps/ Pacs Of District West Singhbhum (Chaibasa), Khunti, Hazaribagh, Chatra, Garhwa, Deoghar & Jamtara.

The tender is hereby cancelled due to some unavoidable reasons.

Sd/-
State monitoring Officer
ICDP Cell, Ranchi

PR 350819 (Co-opretive) 25-26 (D)

## ଆ୍ଲେଟ୍‌ଙ୍କୁ ସହାୟତା ଦେବେ ଦୁବେ



ଚେନ୍ନାଇ୪: ଭାରତ ତଥା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଲରାଉଣ୍ଡର ଶିବମ ଦୁବେ ମଙ୍ଗଳବାର ତାମିଲନାଡୁର ୧୦ ଉଦୀୟମାନ ଆଥଲେଟ୍‌ଙ୍କୁ ୭୦ ହଜାର ଲେଖାଏ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାମିଲନାଡୁ ଜର୍ନାଲିଷ୍ଟଙ୍କ ଆସୋସିଏଶନ (ଟିଏନ୍‌ଏସ୍‌ଜେଏ)ର ପୁରସ୍କାର ଓ ସ୍କଲାରଶିପ୍ ବିତରଣ କାର୍ଯ୍ୟକ୍ରମରେ ଦୁବେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଦୁବେଙ୍କ ପୁରସ୍କାର ରାଶି ଛଡ଼ା ଟିଏନ୍‌ଏସ୍‌ଜେଏ ପକ୍ଷରୁ ୩୦ ହଜାର ଟଙ୍କାର ସ୍କଲାରଶିପ ଦିଆଯାଇଛି। ମୁଁ ଦଳୀୟ ହୋଟେଲରୁ ଏଠାକୁ ଆସୁଥିବା ବେଳେ ତାମିଲନାଡୁ କ୍ରିକେଟ ଆସୋସିଏଶନ ସମ୍ପାଦକ ଡ. ବାବା ମୋତେ କହିଥିଲେ ଯେ, ଏଠାରେ ଥିବା କିଛି ଉଦୀୟମାନ ଆଥଲେଟଙ୍କୁ ସାହାଯ୍ୟ କରିବା ପାଇଁ ଏହା ଏକ ଉଦ୍ୟମ। ଏହା ସତରେ ଯୁବ ଆଥଲେଟଙ୍କୁ ଉତ୍ସାହିତ କରିବ। ଏହି ଛୋଟିଆ ସହାୟତା ରାଶି ଯୁବ ଆଥଲେଟଙ୍କୁ ଆହୁରି ପରିଶ୍ରମ କରି ଦେଶର ଗର୍ବ ହେବା ପାଇଁ ପ୍ରେରଣା ଯୋଗାଇବ। ଏହି କାର୍ଯ୍ୟକ୍ରମରେ ସିଏସ୍ ?କେର ସିଇଓ ବିଶ୍ୱନାଥନ ମଧ୍ୟ ଉପସ୍ଥିତ ଥିଲେ।

# ଅମିତ ମିଶ୍ରଙ୍କ ବଢ଼ିଲା ଅଡୁଆ : ଥାନାରେ ମାମଲା



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ଅମିତ ମିଶ୍ରଙ୍କ ନାଁରେ ତାଙ୍କ ପତ୍ନୀ ଗରିମା ମିଶ୍ର ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅମିତ ତାଙ୍କୁ ଯୌତୁକ ପାଇଁ ହଇରାଣ କରୁଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ଏକ କାର ଦେବାକୁ ମଧ୍ୟ କୁହାଯାଇଛି। ଅମିତଙ୍କର ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଗରିମା। ଗରିମା ଅମିତ ଏବଂ ତାଙ୍କ ପରିବାର ବିରୋଧରେ ଘରୋଇ ହିଂସାର ମାମଲା ଦାୟର କରିଛନ୍ତି। ଏହା ସହିତ ଗାରିମା ୧ କୋଟି ଟଙ୍କାର କ୍ଷତିପୂରଣ ମଧ୍ୟ ଦାବି କରିଛନ୍ତି। ଏହି ମାମଲାରେ ଗରିମା ଭାରତୀୟ କ୍ରିକେଟ ଦଳ ପାଇଁ ଖେଳିଥିବା ଅମିତ ମିଶ୍ର, ତାଙ୍କ ବାପା (ଶଶିକାନ୍ତ ମିଶ୍ର), ମାଆ (ବୀଣା ମିଶ୍ର), ଭାଇ (ଅମର ମିଶ୍ର), ଭାଉଜ (ରତୁ ମିଶ୍ର)ଙ୍କୁ ମଧ୍ୟ ଅଭିଯୁକ୍ତ ବୋଲି କହିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ମେ ୨୬ ତାରିଖରେ ହେବ। ସେ ୧ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି। ଗରିମାଙ୍କ କହିବା ଅନୁଯାୟୀ, ତାଙ୍କ ଶ୍ୱଶୁର ଘର ଲୋକ ଯୌତୁକ ଦାବି ପୂରଣ ନ ହେବାରୁ ତାଙ୍କୁ ବାହାରକୁ ଯିବାକୁ ରୋକି ଦେଇଥିଲେ। ୨.୫ ଲକ୍ଷ ଟଙ୍କା ଦେବା ପରେ ସେ ଘରୁ ବାହାରିଥିଲେ। ତାଙ୍କ ଶ୍ୱଶୁର ଘର ଲୋକେ ତାଙ୍କୁ ହଇରାଣ କରୁଥିଲେ। ତାଙ୍କ ପରିବାର ସଦସ୍ୟଙ୍କ ପ୍ରଭାବରେ, ଅମିତ ତାଙ୍କୁ ଦୁର୍ବ୍ୟବହାର କରୁଥିଲେ ଏବଂ ମାଡ଼ ମାରୁଥିଲେ। ଗରିମାଙ୍କ କହିବା ଅନୁଯାୟୀ, ମଡେଲିଂରୁ ରୋଜଗାର କରୁଥିବା ଟଙ୍କାକୁ ଅମିତ ହଡ଼ପ କରୁଥିଲେ। ଏହାସହ ଇନଷ୍ଟାଗ୍ରାମରେ ଅନ୍ୟ ଝିଅମାନଙ୍କ ସହ କଥା ହେଉଥିଲେ ଏବଂ ତାଙ୍କୁ ଛାଡପତ୍ର ଦେବାକୁ ଧମକ ଦେଉଥିଲେ। ୪୨ ବର୍ଷୀୟ ଅମିତ ମିଶ୍ର ତିନୋଟି ଫର୍ମାଟରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ସେ ୨୨ଟି ଟେଷ୍ଟ, ୩୬ଟି ଦିନିକିଆ ଏବଂ ୧୦ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ଏଥିରେ ସେ ଯଥାକ୍ରମେ ୭୬, ୬୪ ଏବଂ ୧୬ ଉଇକେଟ ନେଇଛନ୍ତି। ଏହା ବ୍ୟତୀତ ସେ ଓଟଖରେ ୧୬୨ଟି ମ୍ୟାଚ ଖେଳି ୧୭୪ଟି ଉଇକେଟ ନେଇଛନ୍ତି। ଅମିତ ଆଇପିଏଲରେ ଡେକାନ ଚାର୍ଜର୍ସ, ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସ ପାଇଁ ଖେଳିଛନ୍ତି।

Govt. of Jharkhand
ROAD CONSTRUCTION DEPARTMENT
Road Divison , Seraikella-Kharsawan
e-Procurement Notice
Tender Reference No. RCD/SERAIKELLA/02 Date :- 21.04.2025

| | | |
|---|---|---|
| 1. | Name of the work | Improvement of Riding Quality work of Kandra-Chandil Road from Km 6.00 to Km 12.33 (Total Length : 6.33 Km) for the year 2025-26. |
| 2. | Estimated Cost (Rs.) | Rs. 8,90,87,295.44 (Rupees Eight Crore Ninety lakh Eighty Seven thousand Two Hundred Ninety Five and Paise Forty Four only) |
| 3. | Cost of BoQ (Rs.) | Rs. 10,000.00 (Rupees Ten Thousand Only) |
| 4. | Earnest Money (Rs.) | Rs. 8,91,000.00 (Rupees Eight Lakh Ninety One Thousand Only) |
| 5. | Time of Completion | 04 (Four) Months |
| 6. | Last Date /Time for receipt of bids | 20.05.2025 (12.00 Noon) |
| 7. | Date of Publication of Tender on website | 30.04.2025 (10.30 AM) |
| 8. | Name & Address of office Inviting tender | Ashok Kumar Rajak O/o Executive Engineer , Road Construction Department , Road Division , Seraikella-Kharsawan |
| 9. | Contact no. of Procurement Officer | 9199867872 |
| 10. | Helpline number of e-Procurement cell | 0651-2401010 |

Estimated Cost and Earnest Money can be increase or decrease
Further details can be seen on website http://jharkhandtenders.gov.in
Executive Engineer
RCD, Road Division
Seraikella-harsawan
PR 350774 Road (25-26)_D

### ଆଇପିଏଲ୍‌ର ଚିୟରଲିଡର୍ସ
## ସର୍ବାଧିକ ଟଙ୍କା ଦିଏ କେକେଆର୍



ନୂଆଦିଲ୍ଲୀ : ଆଇପିଏଲ୍‌ରେ ସମସ୍ତ ୧୦ଟି ଦଳ ସେମାନଙ୍କ ମ୍ୟାଚ ପାଇଁ ଚିୟରଲିଡର୍ସଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିରେ ବିଦେଶୀ ଯୁବତୀମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି। ଜଣେ ଚିୟରଲିଡର ଗୋଟିଏ ଆଇପିଏଲ୍ ସିଜିନରୁ ୨ ରୁ ୪ ଲକ୍ଷ ଟଙ୍କା ରୋଜଗାର କରନ୍ତି। ରିପୋର୍ଟ ଅନୁଯାୟୀ, ଚିୟରଲିଡର୍ସଙ୍କୁ ଗୋଟିଏ ମ୍ୟାଚ ପାଇଁ ୧୨ ରୁ ୨୫ ହଜାର ଟଙ୍କା ମିଳିଥାଏ। ରିପୋର୍ଟ ଅନୁଯାୟୀ, ମୁମ୍ବାଇ ଇଣ୍ଡିଆନ୍ସର ଚିୟରଲିଡରଙ୍କୁ ଗୋଟିଏ ମ୍ୟାଚ ପାଇଁ ୨୦ ହଜାର ଟଙ୍କା ମିଳିଥାଏ। ଶାହାରୁଖ ଖାନଙ୍କ ମାଲିକାନାରେ ଥିବା କୋଲକାତା ନାଇଟ ରାଇଡର୍ସ ଆଇପିଏଲରେ ଏହାର ଚିୟରଲିଡର୍ସଙ୍କୁ ସର୍ବାଧିକ ଟଙ୍କା ଦେଇଥାଏ।ଜଣେ ଚିୟରଲିଡରଙ୍କୁ ପ୍ରତି ମ୍ୟାଚ ପାଇଁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଦେଇଥାଏ। ଚେନ୍ନାଇ ସୁପର କିଙ୍ଗ୍ସର ଚିୟରଲିଡର୍ସଙ୍କୁ ଗୋଟିଏ ମ୍ୟାଚ ପାଇଁ ୧୭ ହଜାର ଟଙ୍କା ମିଳିଥାଏ। ଅନ୍ୟ ଦଳଗୁଡ଼ିକ ସେମାନଙ୍କ ଚିୟରଲିଡରମାନଙ୍କୁ ପ୍ରତି ମ୍ୟାଚ ପାଇଁ ୧୨ ରୁ ୧୪ ହଜାର ଟଙ୍କା ଦେଇଥାନ୍ତି।

ରାଜସ୍ଥାନ ରୟାଲ୍ସକୁ ଝଟ୍‌କା

# ଆଇପିଏଲ୍‌ରୁ ବାଦ୍ ପଡିଲେ ସଞ୍ଜୁ ସାମସନ !



ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସକୁ ବଡ ଝଟକା ଲାଗିଛି। ଅଧିନାୟକ ସଞ୍ଜୁ ସାମସନ ଆହତ ହୋଇଛନ୍ତି। ଏହି କାରଣରୁ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍ ଖେଳି ପାରିବେ ନାହିଁ। ସୋମବାର ରାଜସ୍ଥାନ ରୟାଲ୍ସ ପକ୍ଷରୁ ଏହାର ସୂଚନା ଦିଆଯାଇଛି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ସମୟରେ ସଞ୍ଜୁଙ୍କୁ ମାଂସପେଶୀ ଟାଣି ଧରିଥିଲା। ଫଳରେ ସେ ଘରୋଇ ମାଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ମ୍ୟାଚ୍ ବି ଖେଳି ପାରି ନ ଥିଲେ। ଗୁରୁବାର ରାଜସ୍ଥାନ ଆରସିବି ବିପକ୍ଷରେ ମ୍ୟାଚ୍ ଖେଳିବ। ତେବେ ସଞ୍ଜୁ ସାମସନ କେଉଁ ମ୍ୟାଚ୍‌ରେ ଦଳକୁ ଫେରିବେ ତାହା ସ୍ପଷ୍ଟ ହୋଇ ନାହିଁ। ରାଜସ୍ଥାନ ରୟାଲ୍ସ ପ୍ରେସ ବିବୃତି ଜାରି କରିଛି ଯେ, ଅଧିନାୟକ ସଞ୍ଜୁ ସାମସନ ବର୍ତ୍ତମାନ ସୁସ୍ଥ ହେବ ପ୍ରକ୍ରିୟା ଦେଇ ଗତି କରୁଛନ୍ତି। ସେ ରାଜସ୍ଥାନ ରୟାଲ୍ସର ମେଡିକାଲ ସଦସ୍ୟଙ୍କ ସହ ହୋମ ବେସରେ ରହିବେ। ସେ ଆଗାମୀ ମ୍ୟାଚ୍ ପାଇଁ ବେଙ୍ଗାଲୁରୁ ଯିବେ ନାହିଁ। ଦଳ ପ୍ରବନ୍ଧକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ପ୍ରଗତି ଉପରେ ନଜର ରଖିଛନ୍ତି। ସାମସନଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଦଳ ନେତୃତ୍ୱ ନେବା ଜାରି ରଖିବେ। ରିୟାନ ସିଜିନର ପ୍ରଥମ ତିନୋଟି ମ୍ୟାଚରେ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେଇଥିଲେ। କାରଣ ସାମସନଙ୍କୁ କେବଳ ବ୍ୟାଟିଂ ପାଇଁ ଅନୁମତି ମିଳିଥିଲା ଏବଂ ୱିକେଟ୍ କିପିଂ ପାଇଁ ଅନୁମତି ଦିଆଯାଇ ନ ଥିଲା। ସାମସନ ଚତୁର୍ଥ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବା ପୂର୍ବରୁ ପ୍ରଥମ ତିନି ମ୍ୟାଚ୍‌ରେ ଇମ୍ପାକ୍ଟ ଖେଳାଳି ଭାବେ ଖେଳିଥିଲେ। ତାଙ୍କ ଅନୁପସ୍ଥିତିରେ ଧ୍ରୁବ ଜୁରେଲ ଦଳର ୱିକେଟ୍ କିପିଂ ଦାୟିତ୍ୱ ସମ୍ଭାଳିବେ।

# ପୂର୍ବତନ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ୪ବର୍ଷ ଜେଲ୍



ମେଲବର୍ଣ୍ଣ: ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ମାଇକେଲ ସ୍ଲାଟରଙ୍କୁ ୪ ବର୍ଷର ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। କିନ୍ତୁ ପୋଲିସ ହେପାଜତରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବାରୁ ୫୫ ବର୍ଷୀୟ ସ୍ଲାଟରଙ୍କୁ ଜେଲରୁ ମୁକ୍ତ କରାଯାଇଛି। ସେ ଘରୋଇ ହିଂସା ସମେତ ୭ ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ବିରୋଧରେ ନିର୍ଯାତନା, ତଣ୍ଟି ଚିପିବା, ଚୋରି ଓ ବେଆଇନ ଭାବେ ମହିଳାଙ୍କୁ ପିଛା କରିବା ଭଳି ଦଫା ଲଗାଯାଇଛି। ବିଚାରପତି ଗ୍ଲେନ କ୍ୟାଶ ଦଣ୍ଡାଦେଶ ଶୁଣାଇଲା ବେଳେ କହିଥିଲେ ଯେ, ସ୍ଲାଟରଙ୍କ ଅସୁବିଧା ପଛର ମୁଖ୍ୟ କାରଣ ସ୍ପଷ୍ଟ ଭାବେ ଜଣାପଡୁଛି। ଏହା ସ୍ପଷ୍ଟ ଯେ, ସ୍ଲାଟର ଜଣେ ମଦ୍ୟପ। ମଦ୍ୟପ ଗୁଣ ତାଙ୍କ ପେଶାର ଅନ୍ତ ଘଟାଇବା, ପଶ୍ଚାତାପର ବିଷୟ। ତୁମ୍ଭ ରେହାବିଲିଟେଶନ ସହଜ ହେବ ନାହିଁ। ସ୍ଲାଟରଙ୍କୁ ଗତ ବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା ଏବଂ ସେ ସେବେଠାରୁ ଜେଲ୍‌ରେ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ଲାଟର ଅଷ୍ଟ୍ରେଲିଆ ପାଇଁ ୭୪ ଟେଷ୍ଟ ଖେଳି ୧୪ ଶତକ ସହ ୫,୩୧୨ ରନ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ସେ ୪୨ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଛନ୍ତି।

# ବିବାହ କରିବେ ଗିଲ୍ !

ନୂଆଦିଲ୍ଲୀ: ଶୁବମନ ଗିଲଙ୍କ ବିବାହ ନେଇ ଚର୍ଚ୍ଚା ଜୋର ଧରିଛି। ଖେଳ ପାଇଁ ସାରା ବିଶ୍ୱ କେବଳ ପ୍ରଶଂସା କରେ ନାହିଁ, ମହିଳା ପ୍ରଶଂସକମାନେ ମଧ୍ୟ ତାଙ୍କ ଲୁକ ପାଇଁ ପାଗଳ। ସୋମବାର ଇଣ୍ଡିଆନ ପ୍ରିମିୟର ଲିଗରେ କୋଲକାତା ନାଇଟ ରାଇଡର୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଏକ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ କେକେଆର୍ ଟସ ଜିତି ଗୁଜରାଟକୁ ପ୍ରଥମେ ବ୍ୟାଟିଂ କରିବାକୁ ଅନୁରୋଧ କରିଥିଲା। ଏହି ମ୍ୟାଚରେ ଟସ ସମୟରେ ଏକ ଖୁସିର ମୁହୂର୍ତ୍ତ ଦେଖିବାକୁ ମିଳିଥିଲା ଯେତେବେଳେ ଅଧିନାୟକ ଶୁବମନ ଗିଲଙ୍କ ବିବାହ ସମ୍ପର୍କରେ ଏକ ବଡ଼ ଅପଡେଟ ଆସିଥିଲା। ପ୍ରକୃତରେ, ଟସ ସମୟରେ, ଡାନି ମୋରିସନ ପଚାରିଥିଲେ – ତୁମେ ବହୁତ ସୁନ୍ଦର ଦେଖାଯାଉଛ, ତୁମେ ବିବାହ କରିବାକୁ ଯାଉଛ କି ? ଏହି ପ୍ରଶ୍ନର ଉତ୍ତରରେ, ଶୁବମନ ଗିଲ ପ୍ରଥମେ ହସିଲେ ଏବଂ ତା'ପରେ କହିଲେ – ଏପରି କିଛି ନାହିଁ।

OFFICE OF THE EXECUTIVE ENGINEER,
BUILDING CONSTRUCTION DEPARTMENT
BUILDING DIVISION, HAZARIBAG
e-Procurement Cell
Short e-Procurement Notice
Tender Reference No:-BCD/EE/HAZARIBAG/ 08 /2025-26 Date:-21-04-2025

| Sl. No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | Renovation work for UMV Talaswar Block Barkagaon, Hazaribag | 9665800/- | 194000/- | 10000/- | 6 Month |
| 2 | Renovation Work for ST 100 beded Boys Hostel in behind Takiya Majar, Nawabgunj, Hazaribag | 9806800/- | 197000/- | 10000/- | 6 Month |
| 3 | Renovation Work of Upgraded Middle School Baraho , Block-Tatijhariya, District-Hazaribag | 9604000/- | 192500/- | 10000/- | 6 Month |
| 4 | Renovation of Rajkiye Primary School , Sekha , Block-Sadar, District-Hazaribag | 7468000/-- | 150000/- | 10000/- | 6 Month |
| 5 | Renovation of Upgraded Middle School Dandaikala, Amnari , Block-Sadar, District-Hazaribag | 9920100/- | 199000/- | 10000/- | 6 Month |
| 6 | Renovation of Middle School Irga ,Badwar , Block-Daru, District-Hazaribag | 9990800/- | 200000/- | 10000/- | 6 Month |
| 7 | Renovation of Upgraded Middle School Barahmoriya , Block-Bishnugrah, District-Hazaribag | 9962000/- | 200000/- | 10000/- | 6 Month |

| | | |
|---|---|---|
| A. | Date of Publication of Tender on website | 30-04-2025 |
| B. | Last date/Time for receipt of bids | 07-05-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546225723 |

*Further details and subsequent amendments can be seen on website* http://jharkhandtenders.gov.in

Nodal Officer, e-Procurement Cell,
Office of the Executive Engineer,
Building Construction Department,
Building Division, Hazaribag

PR 350795 Building(25-26)D



ଯେଉଁମାନେ ମିଠାପ୍ରେମୀ, ସେମାନଙ୍କୁ ବିଭିନ୍ନ ଖାଦ୍ୟରେ ଚିନି ବ୍ୟବହାର କରିବା ଖୁବ୍ ପସନ୍ଦ । ମାତ୍ର ସ୍ୱାସ୍ଥ୍ୟ ପାଇଁ ଏହା ଉପକାରୀ ନୁହେଁ । ଚିନି ଦୈନିକ ହେଉ କିମ୍ବା ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ମୋଟାପଣ, ମଧୁମେହ, ଉଚ୍ଚ କୋଲେଷ୍ଟେରୋଲ୍, ହୃଦଘାତ ଜନିତ ରୋଗ ହେବାର ସମ୍ଭାବନା ଅଧିକ ଥାଏ । ଚିନିରେ କ୍ୟାଲୋରୀ ଅଧିକ ରହିଥାଏ। ଯାହା ଶରୀରକୁ କୌଣସି ପୋଷଣ ପ୍ରଦାନ କରିନଥାଏ। ମାତ୍ର ଓଜନ ବୃଦ୍ଧି କରିଥାଏ । ଏକ ମାସ ପର୍ଯ୍ୟନ୍ତ ଚିନି ସେବନ ନକଲେ କ୍ୟାଲୋରୀ ହ୍ରାସ ହୋଇଥାଏ। ଓଜନ ନିୟନ୍ତ୍ରଣ ହୋଇ ରହିଥାଏ। ବିଶେଷ କରି ପେଟ ଓ ଅଣ୍ଟା ନିକଟରେ ଜମାଟ ବାନ୍ଧୁଥିବା ଚର୍ବି ହ୍ରାସ ହୋଇଥାଏ। ଚିନି ବଦଳରେ ଫଳ ଖାଇପାରିବେ। ଚିନି ସେବନ ରକ୍ତରେ ଶର୍କରାର ମାତ୍ରାକୁ ଦ୍ରୁତ ଗତିରେ ବୃଦ୍ଧି କରିଥାଏ । ଫଳରେ ଶରୀରରେ ଇନ୍ସୁଲିନ୍ ସ୍ତର ସଠିକ୍ ରହିନଥାଏ । ଚିନି ନଖାଇବା ଦ୍ୱାରା ରକ୍ତରେ ଶର୍କରାର ମାତ୍ରା ସଠିକ୍ ରହିଥାଏ। ମଧୁମେହ ରୋଗୀଙ୍କ ପାଇଁ ଏହା ଲାଭଦାୟକ ହେବା ସହ ସହଜରେ ମଧୁମେହ ରୋଗରେ ଆକ୍ରାନ୍ତ ହୁଅନ୍ତି ନାହିଁ । ଚିନିର ସେବନ ଦ୍ୱାରା ତ୍ୱଚାରେ ବ୍ରଣ, ଦାଗ ଓ ସମୟ ପୂର୍ବରୁ ମୁହଁରେ କୁଞ୍ଚନ ହୋଇଥାଏ । ତ୍ୱଚାର କୋମଳତା ଓ ଚିକ୍କଣ ଅଂଶକୁ ଏହା ନଷ୍ଟ କରିଥାଏ । ୧ ମାସ ପର୍ଯ୍ୟନ୍ତ ଚିନି ନଖାଇବା ଦ୍ୱାରା ତ୍ୱଚା ସଫା, ଚମକପ୍ରଦ ଓ ସୁସ୍ଥ ରହିଥାଏ ।

## ଭଙ୍ଗା ଫୁଲଦାନୀ ୫୬ ଲକ୍ଷରେ ନିଲାମ

ଆମେ କୌଣସି ଜିନିଷ ଭାଙ୍ଗିଗଲେ ଫିଙ୍ଗିଦେଉଥାଉ। କିନ୍ତୁ ଏକ ସାମାନ୍ୟ ଭଙ୍ଗା ଫୁଲଦାନୀ ୫୬ ଲକ୍ଷରେ ନିଲାମ ହୋଇ ଏବେ ଚର୍ଚ୍ଚାରେ। ଏପରି ଆଶ୍ଚର୍ଯ୍ୟଜନକ ଖବର ବ୍ରିଟେନ୍‌ରୁ ଆସିଛି। ବ୍ରିଟେନରେ ଏକ ଭଙ୍ଗା ଏବଂ ପୁରୁଣା ଫୁଲଦାନୀ ନିଲାମରେ ଏହା ୫୬ ଲକ୍ଷ ଟଙ୍କା (ପ୍ରାୟ ୬୬ ହଜାର ଡଲାର)ରେ ବିକ୍ରି ହୋଇ ଚର୍ଚ୍ଚାରେ ରହିଛି। ଏହି ଫୁଲଦାନିଟି ପ୍ରସିଦ୍ଧ ଜର୍ମାନ-ବ୍ରିଟିଶ ମୃତ୍ତିକା ଶିଳ୍ପୀ ହାନ୍ସ କୋପରଙ୍କ ଏକ ବିରଳ କଳାକୃତି ହୋଇଥିବା ନେଇ ଜଣାପଡ଼ିବା ପରେ ନିଲାମରେ ଏହାକୁ କିଣିବାକୁ ପ୍ରତିଯୋଗିତା ବଢ଼ିଥିଲା। ୧୯୬୪ ମସିହାରେ ନିର୍ମିତ ହୋଇଥିବା ଏହି ୪



ଫୁଟ ଉଚ୍ଚତା ବିଶିଷ୍ଟ ଫୁଲଦାନି ଲଣ୍ଡନର ଏକ ବଗିଚାରେ ଅନେକ ବର୍ଷ ଧରି ପଡ଼ି ରହିଥିଲା। ୧୯୩୯ରେ ଜର୍ମାନୀରୁ ବ୍ରିଟେନ୍ ଆସିଥିଲେ। ନିଜର ଜଣେ ମହିଳା ଗ୍ରାହକଙ୍କ ଅନୁରୋଧ କ୍ରମେ ସେ ଏହି ଫୁଲଦାନିଟିକୁ ତିଆରି କରି ତାଙ୍କୁ ଦେଇଥିଲେ। ମହିଳା ଜଣକ ଏହି ଫୁଲଦାନିକୁ ବହୁ ବର୍ଷ ଧରି ସାଇତି ରଖିଥିଲେ, କିନ୍ତୁ ସମୟ କ୍ରମେ ଏହା ନଷ୍ଟ ହୋଇଯାଇଥିଲା। ମହିଳାଙ୍କ ମୃତ୍ୟୁର ଦୀର୍ଘବର୍ଷ ପରେ ଏକଦା ଉକ୍ତ ବଗିଚାରୁ ତାଙ୍କ ନାତି ଏବଂ ନାତୁଣୀ ଏହି ଫୁଲଦାନିଟିକୁ ଭାଙ୍ଗିଯାଇଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହା କୌଣସି ବିଶେଷ ବସ୍ତୁ ହୋଇଥିବା ନେଇ ସେମାନେ ଅନୁଭବ କରିଥିଲେ। ତେଣୁ ସେମାନେ ଏହାର ମୂଲ୍ୟକୁ ଯାଞ୍ଚ କରିବା ପାଇଁ ଲଣ୍ଡନସ୍ଥିତ ଚିସ୍‌ୱିକ୍ ଅକ୍ସନ ସହ ଯୋଗାଯୋଗ କରିଥିଲେ। ସେଠାରେ ମୃତ୍ତିକା ବିଶେଷଜ୍ଞ ଜୋ ଲୟଡ୍ ଏହି ଫୁଲଦାନିକୁ ଯାଞ୍ଚ କରିଥିଲେ। ଏହି ଫୁଲଦାନିଟି କୌଣସି ସାଧାରଣ ବସ୍ତୁ ନୁହେଁ ବୋଲି ସେ ଜାଣିପାରିଥିଲେ। ଏହା ବିଶିଷ୍ଟ କୁମ୍ଭକାର ଶିଳ୍ପୀ ହାନ୍ସ କୋପରଙ୍କ ନିର୍ମିତ ଏକ ଐତିହାସିକ କଳାକୃତି ବୋଲି ସେ କହିଥିଲେ। ଫଳରେ ଫୁଲଦାନିଟିକୁ ନିଲାମ କରିବାକୁ ମହିଳାଙ୍କ ନାତି ଏବଂ ନାତୁଣୀ ନିଷ୍ପତ୍ତି ନେଇଥିଲେ। ନିଲାମ ପୂର୍ବରୁ ଏହି ଫୁଲଦାନିଟି ୬.୭ରୁ ୧୧ ଲକ୍ଷ ଟଙ୍କା ମଧ୍ୟରେ ବିକ୍ରି ହେବ ବୋଲି ଚିସ୍‌ୱିକ୍ ଅକ୍ସନ ପକ୍ଷରୁ ଅନୁମାନ କରାଯାଇଥିଲା।



## ମଞ୍ଚରେ ରେଖାଙ୍କୁ ମା' ଡାକିଲେ ଐଶ୍ୱର୍ଯ୍ୟା
### ପ୍ରତିକ୍ରିୟା ଆସିଲା...

କିଛିଦିନ ହେବ ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ମଧ୍ୟରେ ଛାଡପତ୍ର ହେବାର ନେଇ ଗୁଜବ ଉଠିଛି। ଏଭଳି ଗୁଜବ ମଧ୍ୟରେ ନିକଟରେ ଐଶ୍ୱର୍ଯ୍ୟା ୧୮ତମ ବିବାହ ବାର୍ଷିକୀ ଅବସରରେ ଅଭିଷେକଙ୍କୁ ଶୁଭେଚ୍ଛା ଜଣାଇ ଏକ ପରିବାର ଫଟୋ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟ ଛାଡପତ୍ରର ଗୁଜବ ଉପରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛି। ଦେଖିବାକୁ ଗଲେ ଶାଶୁ ଜୟା ବଚ୍ଚନଙ୍କ ସହିତ ଐଶ୍ୱର୍ଯ୍ୟା ରାୟଙ୍କ ସମ୍ପର୍କ ଭଲ ନଥିବା ନେଇ ବି ଅନେକ ସମୟରେ ଖବର ଉଠିଥାଏ। ଏହି କ୍ରମରେ ରେଖା ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ମଧ୍ୟରେ ବର୍ଷବର୍ଷ ଧରି ଏକ ଦୃଢ଼ ସମ୍ପର୍କ ରହିଥିବା ସମସ୍ତେ ଜାଣିଛନ୍ତି। ରେଖା ଓ ଐଶ୍ୱର୍ଯ୍ୟାଙ୍କ ଯୋଡ଼ିକୁ ବି ଲୋକେ ଖୁବ ପସନ୍ଦ କରନ୍ତି। ୨୨ତମ ଷ୍ଟାର୍ ସ୍କ୍ରିନ୍ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଚମତ୍କାର ଅଭିନୟ ପାଇଁ ପୁରସ୍କୃତ କରାଯାଇଥିଲା । ମଞ୍ଚ ଉପରେ ଐଶ୍ୱର୍ଯ୍ୟାଙ୍କୁ ଚମତ୍କାର ଅଭିନୟ ପାଇଁ ରେଖା ହିଁ ପୁରସ୍କୃତ କରିଥିଲେ । ଏହି ଅବସରରେ ମଞ୍ଚ ଉପରେ ରେଖାଙ୍କୁ ଧନ୍ୟବାଦ ଜଣାଇ ଐଶ୍ୱର୍ଯ୍ୟା କହିଥିଲେ, 'ମୋ ମାଆଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରି ବହୁତ ଭଲ ଲାଗୁଛି।' ଯାହାର ଉତ୍ତରରେ ରେଖା କହିଥିଲେ, 'ମୁଁ ଆଶା କରୁଛି ମୁଁ ଏହାକୁ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ତୁମକୁ ଉପହାର ଦେଇପାରିବି।' ଏହି କାର୍ଯ୍ୟକ୍ରମରେ ଐଶ୍ୱର୍ଯ୍ୟା ରେଖାଙ୍କୁ 'ମା' ବୋଲି ଡାକିବା ଘଟଣାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଐଶ୍ୱର୍ଯ୍ୟା କିମ୍ବା ରେଖା ଏ ବିଷୟରେ କୌଣସି ସ୍ପଷ୍ଟୀକରଣ ଦେଇ ନଥିବା ବେଳେ କିଛି ୱେବସାଇଟ୍ ଦର୍ଶାଇଛି ଯେ ଦକ୍ଷିଣରେ ଯେତେବେଳେ ଆପଣ କୌଣସି ମହିଳାଙ୍କୁ ସମ୍ମାନ ଦେବାକୁ ଚାହାଁନ୍ତି ସେତେବେଳେ ତାଙ୍କୁ 'ମା' ବୋଲି କୁହାଯାଏ, ଏହା ହିନ୍ଦୀରେ 'ଜି' ପରି ହୋଇଥାଏ।




## ଏଲନ ମସ୍କଙ୍କ ମା'ଙ୍କ ସହ ସିଦ୍ଧିବିନାୟକ ମନ୍ଦିର ଗଲେ ଜ୍ୟାକ୍‌ଲିନ୍




ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଜଣାଶୁଣା ଏଲନ ମସ୍କଙ୍କ ମା' ମେୟ ମସ୍କଙ୍କ ସହ ମନ୍ଦିର ଗଲେ ବଲିଉଡ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍। ସେ ତାଙ୍କ ସହ ଇଷ୍ଟର ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରରେ ସମୟ ବିତାଇଥିଲେ। ଏହି ସମୟର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜ୍ୟାକଲିନ୍, ଏକ ହଳଦିଆ ରଙ୍ଗର ସାଲୱାର୍ ସୁଟ୍ ପିନ୍ଧିଥିବା ବେଳେ ମୁଣ୍ଡରେ ଏକ ଓଢ଼ଣୀ ପକାଇଛନ୍ତି। ଏହା ସହ ମେୟ ମସ୍କ ଏକ ପ୍ରିଣ୍ଟେଡ୍ ହଳଦିଆ ସୁଟ୍ ପିନ୍ଧିଛନ୍ତି। ଦୁହେଁ ପ୍ରାର୍ଥନା କରୁଥିବା ଏବଂ ପୁରୋହିତଙ୍କଠାରୁ ଆଶୀର୍ବାଦ ନେଉଥିବାର ଫଟୋ ଏବେ ଭାଇରାଲ ହେଉଛି। ସୂଚନା ମୁତାବକ, ଏଲନ ମସ୍କଙ୍କ ମା' ବର୍ତ୍ତମାନ ତାଙ୍କ ପୁସ୍ତକ- 'ଏ ଓମ୍ୟାନ୍ ମେକ୍ସ ଏ ପ୍ଲାନ୍'ର ହିନ୍ଦୀ ସଂସ୍କରଣ ଉନ୍ମୋଚନ କରିବା ପାଇଁ ଭାରତରେ ଅଛନ୍ତି। ମନ୍ଦିର ପରିଦର୍ଶନ ନେଇ ଜାକଲିନ୍ କହିଛନ୍ତି, 'ମୋର ପ୍ରିୟ ବନ୍ଧୁ ମେୟଙ୍କ ସହ ମନ୍ଦିରରେ ଆଶୀର୍ବାଦ ନେବା ଏକ ସୁନ୍ଦର ଅନୁଭୂତି ଥିଲା, ଯିଏ ତାଙ୍କ ପୁସ୍ତକର ଉନ୍ମୋଚନ ପାଇଁ ଭାରତ ଆସିଛନ୍ତି। ମେୟଙ୍କ ପୁସ୍ତକ ଜଣେ ମହିଳାଙ୍କ ଦୃଢ଼ତାର କାହାଣୀ ଉପରେ ଆଧାରିତ। ଏହା ମୋତେ ବହୁତ କିଛି ଶିଖାଇଛି।' ମା'ଙ୍କୁ ହରାଇବା ପରେ ଜାକଲିନ୍ ପ୍ରଥମ କରି ନଜର ଆସିଛନ୍ତି।



## ଷ୍ଟାର୍ କିଡ୍ସଙ୍କୁ ମିଳୁଥିବା ସୁବିଧା ମୋତେ ମିଳୁନି: ନୁସରତ

'ପ୍ୟାର୍ କା ପଞ୍ଚନାମା', 'ସୋନୁ କେ ଟିଟୁ କି ସ୍ୱିଟି', 'ଡ୍ରିମ୍ ଗାର୍ଲ' ଏବଂ 'ଛୋରୀ' ଭଳି ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ନୁସ୍‌ରତ୍ ଭରୁଚା। ସେ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ପ୍ରସ୍ତୁତ ରହନ୍ତି। ଭଲ ଅଭିନୟ ସତ୍ତ୍ୱେ ଭଲ ଫିଲ୍ମର ଅଫର ଆସୁନଥିବା କହିଛନ୍ତି ନୁସ୍‌ରତ୍। ଏକ ସାକ୍ଷାତକାରରେ, ଅଭିନେତ୍ରୀ ଏହାର କାରଣ କହିଛନ୍ତି। ସାକ୍ଷାତକାରରେ ନୁସରତ ଭରୁଚା ତାଙ୍କର ସଫଳ ଅଭିନୟ ଯାତ୍ରା ସତ୍ତ୍ୱେ ଭଲ ଭୂମିକା ନ ପାଇବାର ଦୁଃଖ ପ୍ରକାଶ କରିଛନ୍ତି। ନୁସରତ ପ୍ରାୟାପ୍ରତି ତୋଷଣ(ନେପୋଟିଜିମ୍) ବିଷୟରେ କହିବାକୁ ଯାଇ ଏହା ସ୍ୱୀକାର କରିଛନ୍ତି ଯେ, ଷ୍ଟାର କିଡ୍ ପ୍ରାୟତଃ ସେହି ସ୍ଥାନରେ ପହଞ୍ଚନ୍ତି ଯେଉଁଠାରେ ସେ ପହଞ୍ଚି ପାରିବେ ନାହିଁ। ଷ୍ଟାର କିଡ୍ସଙ୍କ ପରି ତାଙ୍କୁ ବଲିଉଡରେ ଅଧିକ ସୁଯୋଗ ମିଳିନାହିଁ। ନୁସରତ ୨୦୧୦ ମସିହାରେ ସୋନାକ୍ଷୀ ସିହ୍ନା ଏବଂ ଶ୍ରଦ୍ଧା କପୁରଙ୍କ ସହ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। କିନ୍ତୁ ନୁସରତଙ୍କୁ ଏହି ଦୁଇ ଅଭିନେତ୍ରୀଙ୍କ ତୁଳନାରେ ସେତେଟା ଖ୍ୟାତି ମିଳିନଥିଲା। ଏ ବିଷୟରେ ନୁସରତ କହିଛନ୍ତି ଯେ, 'ଷ୍ଟାର କିଡ୍ସଙ୍କ ପାଖରେ ଭଲ ସୁବିଧା ଅଛି କାରଣ ସେମାନେ କିମ୍ବା ସେମାନଙ୍କ ପରିବାର ପୂର୍ବରୁ ଇଣ୍ଡଷ୍ଟ୍ରିର ଲୋକମାନଙ୍କୁ ଜାଣନ୍ତି। ସେମାନେ ସେହି ସ୍ଥାନକୁ ଯାଇପାରିବେ ଯେଉଁଠାକୁ ମୁଁ ଯାଇପାରିବି ନାହିଁ। ସେମାନେ ଏପରି ଲୋକଙ୍କ କବାଟ ବାଡାଇ ପାରିବେ ଯାହାର ଠିକଣା ମୁଁ ଜାଣି ବି ନଥିବି। ଯଦି ମୁଁ ଜଣେ ନିର୍ଦ୍ଦେଶକଙ୍କୁ ଭେଟିବାକୁ ଚାହେଁ, ତେବେ କିଏ ମୋତେ ତାଙ୍କ ନମ୍ବର ଦେବ? ମୁଁ କେଉଁଠାରୁ ଜଣେ ନିର୍ଦ୍ଦେଶକଙ୍କ ଠିକଣା ମାଗିବି? ଏହା ଏକ ବାସ୍ତବିକ ସମସ୍ୟା।' ସେ ଆହୁରି କହିଛନ୍ତି, 'ମୁଁ ସେମାନଙ୍କୁ 'ନେପୋ କିଡ୍ସ' ବୋଲି ଡାକିବାକୁ ପସନ୍ଦ କରେ ନାହିଁ କାରଣ ସେମାନଙ୍କର ନିଜସ୍ୱ ସଂଘର୍ଷ ଅଛି। କିନ୍ତୁ ହଁ, ସେମାନଙ୍କୁ ଯେଉଁସବୁ ସୁବିଧା ମିଳେ ତାହା ଆମକୁ ମିଳେ ନାହିଁ।'



## କାନ୍ଦିଲେ ଶରୀରକୁ ମିଳିଥାଏ ଫାଇଦା

*କାନ୍ଦ ଅନେକ ସମୟରେ ଦୁର୍ବଳତାର ଲକ୍ଷଣ ଭାବେ ଦେଖାଯାଏ, କିନ୍ତୁ ନିକଟରେ ହୋଇଥିବା ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ, କାନ୍ଦ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ବିଶେଷଜ୍ଞମାନଙ୍କ ମତରେ, କାନ୍ଦ ମାଧ୍ୟମରେ ଶରୀରରୁ ଚାପ ଏବଂ ନକାରାତ୍ମକ ଭାବନା ବାହାରିଯାଏ, ଯାହା ମନୁଷ୍ୟକୁ ଆଭ୍ୟନ୍ତରୀଣ ଶାନ୍ତି ପ୍ରଦାନ କରେ।*

ଗବେଷଣା ଅନୁଯାୟୀ, କାନ୍ଦିଲେ ଶରୀରରେ ଷ୍ଟ୍ରେସ ହରମୋନ କର୍ଟିସୋଲର ମାତ୍ରା ହ୍ରାସ ପାଏ। ଏହା ହୃଦୟ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ। ଏହା ବ୍ୟତୀତ, ଲୁହରେ ଥିବା ରାସାୟନିକ ପଦାର୍ଥ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। କାନ୍ଦ ଆଖିକୁ ଆର୍ଦ୍ର ରଖି ଆଖିର ସୁରକ୍ଷା ମଧ୍ୟ କରେ।



### ମାନସିକ ସ୍ୱାସ୍ଥ୍ୟରେ ପ୍ରଭାବ

ମନୋବିଜ୍ଞାନୀମାନଙ୍କ ମତରେ, କାନ୍ଦିବା ଏକ ପ୍ରାକୃତିକ ଭାବେ ମାନସିକ ଚାପ ମୁକ୍ତ କରିବାର ଉପାୟ। ଏହା ବ୍ୟକ୍ତିର ମନରେ ଜମା ହୋଇଥିବା ଦୁଃଖ, କ୍ରୋଧ ଓ ଅସନ୍ତୋଷକୁ ମୁକ୍ତ କରେ। ଏହା ମସ୍ତିଷ୍କରେ ଏଣ୍ଡୋରଫିନ ଏବଂ ଅନ୍ୟାନ୍ୟ ସୁଖଦ ରାସାୟନିକ ପଦାର୍ଥ ନିଃସରଣ କରେ, ଯାହା ମନରେ ଶାନ୍ତି ଓ ଆନନ୍ଦ ଅଣିଦିଏ।

ଯଦିଓ କାନ୍ଦ ଲାଭଦାୟକ, ତେବେ ଅତ୍ୟଧିକ କାନ୍ଦ ବା ଲଗାତାର ଦୁଃଖରେ ରହିବା ମାନସିକ ରୋଗ ଯଥା ଡିପ୍ରେସନର ଲକ୍ଷଣ ହୋଇପାରେ। ଏପରି ସ୍ଥିତିରେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ତେଣୁ, ପରବର୍ତ୍ତୀ ଥର ଯେତେବେଳେ ଆପଣଙ୍କୁ କାନ୍ଦିବାର ମନ ହୁଏ, ଏହାକୁ ଅଣଦେଖା। ନକରି ମନ ଖୋଲି କାନ୍ଦନ୍ତୁ। ଏହା ଆପଣଙ୍କ ଶରୀର ଓ ମନ ପାଇଁ ଏକ ପ୍ରାକୃତିକ ଔଷଧ ହୋଇପାରେ। ଏହି ଖବର ସାଧାରଣ ଜନତାଙ୍କୁ କାନ୍ଦର ବୈଜ୍ଞାନିକ ଲାଭ ବିଷୟରେ ସଚେତନ କରିବା ଲକ୍ଷ୍ୟରେ ଲେଖାଯାଇଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସେଭଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗତ ୧୯ ତାରିଖ ଦିନ କରଞ୍ଜିଆ ବନଖଣ୍ଡରେ ହାତୀ କିପରି ସୁରକ୍ଷିତ ଯାତାୟତ କରିପାରିବେ ସେନେଇ ପଥ ନିରୀକ୍ଷଣ କରି ଫେରିଛନ୍ତି। ଟ୍ରଷ୍ଟର ପ୍ରତିଷ୍ଠାତା ଡକ୍ଟର ଦେବବ୍ରତ ସ୍ୱାଇଁ, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ଓ ମୟୂରଭଞ୍ଜ, ବାଲେଶ୍ୱରର ସଂଯୋଜକ, ହାତୀ ସାଥୀ ଏବଂ କ୍ଷେତ୍ରୀୟ ବନ ଅଧିକାରୀମାନେ ମିଳିତହୋଇ ହାତୀର ଚଲାପଥ ଝୁମକାପାଳ, ଝାଡଖଣ୍ଡର ଜାନମପୁଇ, କେଶରୀ କୁଣ୍ଡ, ଆରଏଫ୍ ୧ ଓ ତାଳବେଡ଼ିଆ ଇତ୍ୟାଦି ସ୍ଥାନ ପରିଦର୍ଶନ କରି ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରିବା ସହିତ ଗତିବିଧି ଉପରେ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ହାତୀମାନଙ୍କ ସୁରକ୍ଷା ଓ ଲୋକମାନଙ୍କ ଧନଜୀବନର ନିରାପତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତେ ସେଭ୍ଏଲିଫେଣ୍ଟ ଫାଉଣ୍ଡେସନର ହାତୀ ସାଥୀମାନଙ୍କ ସହିତ ସହଯୋଗ କରି ଏ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ବଦ୍ଧ ହେଇଥିଲେ।

## ଟ୍ରଷ୍ଟ ପକ୍ଷରୁ କର୍କଟ ପୀଡ଼ିତଙ୍କୁ ସହାୟତା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ କର୍କଟ ପିଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକା ସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟି ଭୁବନମୋହନ ଦାସ କେନ୍ଦ୍ରାପଡା ଜିଲ୍ଲାର ଠାଉରୀ ଗ୍ରାମର ଘନଶ୍ୟାମ ସାହୁଙ୍କ ପୁଅ କର୍କଟ ରୋଗରେ ପିଡିତ ଅମର ସାହୁଙ୍କ ଘରେ ପହଞ୍ଚି ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆର୍ଥିକ ସହାୟତା ପ୍ରଦାନ ସମୟରେ ସ୍ୱୟଂଭୂବ ଦାସ ଓ ରତ୍ନାକର ସାର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ମା' ପୁଅ ମୃତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମଦନପୁ ରାମପୁର ଥାନା ଅନ୍ତର୍ଗତ ସାଇଦଲଙ୍ଗା ଗ୍ରାମପଞ୍ଚାୟତର ଟୁର୍ଚି (ଡଙ୍ଗର ପଡ଼ା) ଠାରେ ସକାଳ ପ୍ରାୟ ନଅଟା ସମୟ ରେ ଏକ ଅଭାବନୀୟ ଘଟଣାକ୍ରମରେ ବିଦ୍ୟୁତ୍ ଆଘାତରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ଏ ଅଭାବନୀୟ ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଅନୁଯାୟୀ, ସୋମବାର ଦିନ ସକାଳ ପ୍ରାୟ ନଅ ଘଣ୍ଟା ସମୟରେ ମଗସିର ସୁନାଙ୍କ ପତ୍ନୀ ସୁନାଫୁଲ ସୁନା (୬୨) ଓଦା କପଡ଼ା ଶୁଖେଇବାକୁ ଯାଇ ବିଦ୍ୟୁତ୍ ସଂଯୋଗରେ ଆସିଥିଲେ। ମା'ଙ୍କ ଜୀବନ ବଞ୍ଚାଇବାକୁ ଯାଇ ପୁଅ ରବି ସୁନା (୩୫) ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହେଇଥିଲେ। ଘଟଣା ସ୍ଥଳରେ ହିଁ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହାଇଓ୍ୱା ତଳେ ଚାପିହୋଇ ବାଇକ୍ ଆରୋହୀ ମୃତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ପୀରହାଟ ଥାନା ଅଧୀନ ବିନ୍ଧା ଛକ ନିକଟରେ ଏକ ହାଇଓ୍ୱା ଚକ ତଳେ ଚାପି ହୋଇ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣା ପରେ ଉତ୍ତେଜିତ ଲୋକ କ୍ଷତିପୂରଣ ଦାବିରେ ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ୧ଘଣ୍ଟା ଧରି ଅବରୋଧ କରିଥିଲେ। ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ତିହିଡ଼ି ଥାନା ଏସଆଇ ପ୍ରବୀଣ ଗିରି, ଏଏସଆଇ କମଳାକାନ୍ତ ଶତପଥି ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ମଙ୍ଗଳବାର ସକାଳେ ନଂ ଓଡି ୦୪ଜେ୯୬୪୪ ଏକ ହାଇଓ୍ୱା ବାଲି ବୋଝେଇ କରି ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିଲା। ଏହି ସମୟରେ ସାହାପୁର ପଞ୍ଚାୟତ ଅଧୀନ କଣ୍ଡରଗଡ଼ିଆ ଗ୍ରାମର ରାଜେଶ ଶଙ୍ଖୁଆଙ୍କ ପୁଅ ଉତ୍ତମ ଶଙ୍ଖୁଆ (୨୭) ଭଉଣୀକୁ ତିହିଡ଼ି କଲେଜରେ ଛାଡ଼ି ବାଇକ୍‌ରେ ଘରକୁ ଫେରୁଥିଲେ। ବିନ୍ଧା ଛକ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାମୁହିଁ ହୋଇ ଉତ୍ତମ ରାସ୍ତାରେ ପଡ଼ି ଯାଇଥିଲେ। ଏହି ସମୟରେ ହାଇଓ୍ୱା ଉତ୍ତମଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୁଲିସ ୯୯/୨୫ରେ ଏକ ମକଦ୍ଦମା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ହାଇଓ୍ୱାକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ଉତ୍ତମଙ୍କ ମୃତ୍ୟୁ ଖବର ପାଇବା ପରେ ସାହାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳଭଦ୍ର ମାଠ, ବିଜେପି ନେତା ସଂଗ୍ରାମ କେଶରୀ ମହାନ୍ତି, ରତିକାନ୍ତ ମହାକୁଡ଼, ସନାତନ ମିଶ୍ର ପ୍ରମୁଖ ପହଞ୍ଚି ପୁଲିସକୁ ସହଯୋଗ କରି ପରିସ୍ଥିତି ନିୟନ୍ତ୍ରଣ କରିବା ଦିଗରେ ଉଦ୍ୟମ କରିଥିଲେ।

## ବହଳଦା ବ୍ୟାଙ୍କ ଡକାୟତି ମାମଲା

# ଦୁଇ ଅଭିଯୁକ୍ତ ଗିରଫ, ୧.୧୯ଲକ୍ଷ ଟଙ୍କା ଜବତ





ବାରିପଦା, (ଭାସ୍କର ନ୍ୟୁଜ୍): ବହଳଦା ବ୍ୟାଙ୍କ ଡକାୟତି ମାମଲାରେ ପଟଣାରୁ ଗିରଫ ହେଲେ ଦୁଇ ଜଣ ଅପରାଧୀ, ଆଉ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି। ବହଳଦାରେ ଦିନ ଦ୍ୱିପ୍ରହରରେ ଘଟିଥିବା ବ୍ୟାଙ୍କ ଡ଼କାୟତି ମାମଲା ରହସ୍ୟକୁ ମୟୁରଭଞ୍ଜ ଜିଲ୍ଲା ପୋଲିସ ଖୁଲାସା କରିଛି। ଦିନାଙ୍କ ୨୦/୦୨/୨୫ ରିଖ ରାତ୍ରି ପ୍ରାୟ ୧୦ ଘଟିକା ୧୫ ମିନିଟ୍ ସମୟରେ, ପଞ୍ଚଜଣ ଅଜଣା ଦୁର୍ବୃତ୍ତ ଛୋଟ ଅସ୍ତ୍ର ଓ ଛୁରୀ ନେଇ, ମୁହଁ ଢାକି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବହଳଦା ଶାଖାକୁ ପ୍ରବେଶ କରି ଶଖା ପ୍ରବନ୍ଧକ ସହିତ ଅନ୍ୟ ସ୍ଟାଫମାନଙ୍କୁ ଆକ୍ରମଣ କରି, ଗନ ଦେଖାଇ ତିଜରି ଆଲମାରି ରୁ.୨୯ ଲକ୍ଷ ଟଙ୍କା ଲୁଟ କରିଥିଲେ। ଦୁର୍ବୃତ୍ତ ମାନେ ବ୍ୟାଙ୍କର ଅନ୍ୟ ସମସ୍ତ ଅଧିକାରୀ, କର୍ମଚାରୀ ଓ ଗ୍ରାହକଙ୍କୁ ଗୋଟିଏ କୋଠାରେ ବନ୍ଦ କରି, ବ୍ୟାଙ୍କ ଗେଟ୍ ବାହାରୁ ତାଲା ଦେଇ ଉପରକୁ ପଳାଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ମାମଲାକୁ ଉଜାଗର କରିବା ପାଇଁ ମୟୁରଭଞ୍ଜ ଜିଲ୍ଲା ପୋଲିସ ଏସ୍.ପି. ବରୁଣ ଗୁଣ୍ଟୁପଲ୍ଲି ଙ୍କ ନେତୃତ୍ୱରେ ତିନୋଟି ଟିମ୍ ଗଠନ କରାଯାଇଥିଲା। ତଦନ୍ତ କାଳରେ ଜଣାପଡ଼ିଥିଲା ଯେ ଦୁର୍ବୃତ୍ତମାନେ ତିରିଙ୍ଗ ପୋଲିସ ଥାନା ଅନ୍ତର୍ଗତ ବଡ଼ନାରାୟଣୀ ଗ୍ରାମ ମାର୍ଗରେ ଥିବା ଏକ ହମ୍ପସ ଉପରେ ବାଇକ୍ ଖସି ଯାଉଥିବା ବେଳେ ଏକ ଛୁରୀ ଓ ଗୋଗଲ୍ସ ଛାଡି ଦେଇଛନ୍ତି। ପରେ ବରିପଦା ସ୍ଥିତ ମଣାପୁରମ୍ ବ୍ୟାଙ୍କ ଡକାୟତି ମାମଲା (ମାମଲା ସଂଖ୍ୟା: ୭୯୭/୨୦୨୩)ର ସିସିଟିଭି ଫୁଟେଜ୍ ଯାଞ୍ଚ କରି ବିଭିନ୍ନ ଝାରଖଣ୍ଡ ପୋଲିସ ଥାନା, ହାଟଡିହି ଓ ଜାମସେଦପୁର ସେଣ୍ଟ୍ରାଲ୍ ଜେଲରେ ତଦନ୍ତ କରାଯାଇଥିଲା। ଏଥିରୁ ଦୁଇ ଅଭିଯୁକ୍ତ, ପପ୍ପୁ ଓରଫ ରାଜୀବ ରଞ୍ଜନ କୁମାର (୫୨)-ବାର୍ ଥାନା, ପଟନା, ବିହାର, ସନ୍ତୋଷ ଓରଫ ପ୍ରମୋଦ ବିନ୍ଦ (୩୩)-ଘାସୁ ଥାନା, ଜହାନାବାଦ, ବିହାର ବୋଲି ଜଣାପଡିଥିଲା। ପରେ ବଡ଼ନାରାୟଣୀ ଗ୍ରାମବାସୀ ମାନଙ୍କୁ ଦେଖାଯାଇଥିବା ଫଟୋ ମାଧ୍ୟମରେ ତେବେ ଏହି ଅଭିଯୁକ୍ତଙ୍କୁ ସମ୍ପୃକ୍ତ ବୋଲି ଚିହ୍ନଟ କରାଯାଇଥିଲା। ଗିରଫ ପରେ କାର୍ଯ୍ୟ ଏସପି ବରୁଣ ଗୁଣ୍ଟୁପଲ୍ଲି, ଏଡିଏସପି ଯଦୁନାଥ ଜେନା ଓ ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ନିର୍ଦ୍ଦେଶନାରେ ବହଳଦା ଥାନାର ଏସ.ଆଇ ଭାସ୍କର ପ୍ରଧାନ, ବାରିପଦା ଥାନାର ଏସ.ଆଇ ରାକେଶ କୁମାର ସୁତାର ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ପଟଣା ଗସ୍ତ କରି, ଏସଟିଏଫ୍ ପାଟଣାର ସହଯୋଗରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ପପ୍ପୁ ଓରଫ ରାଜୀବ ରଞ୍ଜନଙ୍କ ଭଡ଼ା ଘରୁ ୧୪ ଲକ୍ଷ ନଗଦ ଟଙ୍କା ଜବତ୍ ହୋଇଥିବା ବେଳେ ସନ୍ତୋଷ ଓରଫ ପ୍ରମୋଦ ବିନ୍ଦଙ୍କ ନିକଟରୁ ଟ.୧,୧୯,୬୦୦/- ଜବତ ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ ରାଜୀବ ରଞ୍ଜନ ପୂର୍ବରୁ ବିହାର ଓ ଝାରଖଣ୍ଡର ଅନେକ ଅପରାଧିକ ମାମଲାରେ ଜଡିତ ଥିଲେ। ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧୩ଟି ଆପରାଧିକ ମାମଲାରେ ଅଭିଯୁକ୍ତ ଅଛନ୍ତି। ସନ୍ତୋଷ ଓରଫ ପ୍ରମୋଦ ବିନ୍ଦ ବି ଦୁଇଟି ମାମଲାରେ ଅଭିଯୁକ୍ତ ଅଟନ୍ତି। ଝାରଖଣ୍ଡ ଓ ବରିପଦା ଟାଉନ୍ ପୋଲିସ ଥାନା ଅନ୍ତର୍ଗତ ମାମଲାରେ ସେ ଜଡ଼ିତ ଅଛନ୍ତି। ଦୁଇଜଣ ଅଭିଯୁକ୍ତଙ୍କୁ ଆଜି ଅଦାଲତରେ ପ୍ରସ୍ତୁତ କରାଯିବ। ଏହି ମାମଲାର ତଦନ୍ତ ଚାଲିଛି ଓ ଅନ୍ୟ ଜଡିତ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ଟିମ୍ ପ୍ରଚେଷ୍ଟା ଜାରି ରଖିଛି।

# ଆଳିରେ ବିଶ୍ୱ ପୃଥିବୀ ଦିବସ ପାଳିତ



ଆଳି, (ଭାସ୍କର ନ୍ୟୁଜ୍): ଆଜି ଜାଭିୟର ଇଣ୍ଟରନେସନାଲ ବିଦ୍ୟାଳୟ ଆଳି ତରଫରୁ ବିଶ୍ୱ ପୃଥିବୀ ଦିବସ ଉପଲକ୍ଷେ ପୃଥିବୀକୁ ପ୍ରଦୂଷଣ ମୁକ୍ତ ଏବଂ ପରିବେଶ ସୁରକ୍ଷାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟର ଅଧକ୍ଷା ମାନସୀ ସାହୁ ସବୁଜ ସଂକେତ ଦେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପରେପରେ ବିଦ୍ୟାଳୟର ବୟୋଜ୍ୟେଷ୍ଟ ଛାତ୍ରଛାତ୍ରୀମାନଙ୍କୁ ନେଇ ପରିବେଶ ସୁରକ୍ଷା ଓ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ମଟର ଗାଡି ପରିବର୍ତ୍ତେ ସାଇକେଲର ବହୁଳ ବ୍ୟବହାର କରିବା ଏବଂ ପ୍ଲାଷ୍ଟିକର ବ୍ୟବହାର କମେଇବା ଆଦି ବିଷୟ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ଠାରୁ ସାତ କିଲୋମିଟର ପରିକ୍ରମାରେ ଯାଇ ନିଆଳ ଠାରୁ ବାହାରି ଆଳି ନୂଆବଜାର ଦେଇ ଆଠକଣିଆ ଠାରେ ପହଞ୍ଚି ସେଇଠୁ ଦେମାଳ ସ୍ଥିତ ଲକ୍ଷ୍ମୀ ବରାହ ମନ୍ଦିରକୁ ଯାଇ ବିଦ୍ୟାଳୟକୁ ଫେରି ଆସିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଶାସକ ସ୍ୱାଧୀନ ଦାସ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା, ରଶ୍ମିତା ଦାସ, କୁଞ୍ଜଲତା ନାୟକ, ଉଜ୍ଜ୍ୱଳ ଦାସ ଓ ଦେବାଶିଷ ଦାଶ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। ଏହାଛଡା ସବଜୁନିଅର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଟ ଆଣ୍ଡ କ୍ରାଫ୍ଟ, ପୃଥିବୀ ଦିବସ ଉପରେ କୁଇଜ ପ୍ରତିଯୋଗିତା ସହ ପିଲାମାନଙ୍କର ରଙ୍ଗତୁଳିରେ ଚମତ୍କାରିତା ଓ ଉପସ୍ଥାପନା ଶୈଳୀ ବହୁ ଚିତାକର୍ଷକ ଥିଲା। ସମସ୍ତ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶନା ଦେଇଥିବା ବିଦ୍ୟାଳୟର ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା କହିଥିଲେ କି ପିଲାମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କଲେ ଦେଶର ବିକାଶ ହୋଇପାରିବ। ପରିଶେଷରେ ମାନସୀ ସାହୁ ପିଲାମାନଙ୍କୁ ଧନ୍ୟବାଦ ଦେବା ସହ ଅବସରସମୟକୁ ସୁବିନିଯୋଗ କରିବା ସହ ସ୍ୱଅଧ୍ୟୟନ କଲେ ସୁଫଳ ପାଇପାରିବେ ବୋଲି ଦର୍ଶାଇଥିଲେ।


# ମା' ସୁବର୍ଣ୍ଣମୁଖୀଙ୍କ ଚଡକ ଯାତ୍ରା ଉଦ୍‌ଯାପିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକର ନେରଡା ପଞ୍ଚାୟତ ଅନ୍ତର୍ଗତ ନେରଡା ଗ୍ରାମ ବୈତରଣୀ ନଦୀ କୂଳରେ ମା' ସୁବର୍ଣ୍ଣମୁଖିଙ୍କ ଚଡ଼କ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୩ ତାରିଖ ନିଶାର୍ଦ୍ଧରେ ନିଶାବଳୀ ସହ ୧୪ ତାରିଖ ପଣା ସଙ୍କ୍ରାନ୍ତୀ ପ୍ରତ୍ୟୁଷରେ ଘଣ୍ଟା, କୁକ୍କୁଟ, ସୁନା ମୋକଟ, ରୂପା ମୋକଟ, ମାଟି ଘୋଡା, ଷୋଡଶଉପଚାର ପୂଜା ସହ ଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ସନ୍ଧ୍ୟାରେ ମେଲୋଡି ଓ ଅପେରା ଅନୁଷ୍ଠିତ ହୋଇଥିଲା। ପର୍ବପାଳନ ଦିନମାନଙ୍କରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ପୂରଣ ହୋଇଥିବା ଭକ୍ତଙ୍କ ପକ୍ଷରୁ ମା'ଙ୍କ ଉଦ୍ଦେଶ୍ୟରେ କୁକୁଡା ଛାଡ କରାଯାଇଥିଲା। ଏହାସହ ଚଳିତ ବର୍ଷ ନୂତନ ଭାବେ ମନାସୀଥିବା ଭକ୍ତମାନେ ଆସନ୍ତା ବର୍ଷ ମାନସିକ ପୂରଣ ହେଲେ ଆଗାମୀ ବର୍ଷ ଯାତ୍ରା ସମୟରେ ମା'ଙ୍କ ପାଇଁ ଉପଚାର କରିବେ ବୋଲି ମା'ଙ୍କୁ ଗୁହାରୀ କରୁଥିବା ଦେଖାଯାଇଥିଲା। ଅନ୍ତିମ ଦିବସରେ ବିପୁଳ ଲୋକଙ୍କ ସମାଗମ ହେଇଥିଲା। ଯାତ୍ରାର ଶେଷ ଦିନରେ କାଳିସୀ ମାଗୁଣି ଦଳାଇକୁ ହୋଇଥିବା ସ୍ୱପ୍ନାଦେଶ ଅନୁଯାୟୀ ବୈତରଣୀ ନଦୀରେ ଭାସମାନ ଅବସ୍ଥାରେ ଥିବା ପୂର୍ବ ବର୍ଷର ଚରଖ ଖୁଣ୍ଟି ଅଣାଯାଇ ଚରଖ ବନ୍ଧାଯାଇଥିଲା। ଚରଖ ଖୁଣ୍ଟରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ ଦୋଳି ଖେଳାଯାଇଥିଲା। ମା'ଙ୍କ ଦୋଳି ଖେଳ ପରେ ପାଟୁଆ, ଦେହୁରୀ କୃଷ୍ଣ ମାଝୀ ଓ ସାଥି ଓ ସାଧାରଣ ଭକ୍ତଗଣ ଦୋଳି ଖେଳିଥିଲେ। ବିଧିମତେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯିବା ପରେ ଯାତ୍ରା ସମାପ୍ତି ଘୋଷଣା କରାଯାଇଥିଲା। ପୂର୍ବ ଭଳି ଚରଖ ଖୁଣ୍ଟକୁ ବୈତରଣୀ ନଦୀରେ ଭସାଇ ଦିଆଯାଇଥିଲା। ପ୍ରଥା ଅନୁଯାୟୀ ଉକ୍ତ ଚରଖ ଖୁଣ୍ଟ ବନ୍ୟା ସ୍ରୋତରେ କେବେ ଭାସିଯାଏ ନାହିଁ। ଏହି ଘଟଣା ମା'ଙ୍କ ଅଲୌକିକ ଲୀଳା ମଧ୍ୟରୁ ଅନ୍ୟତମ ବୋଲି ସ୍ଥାନୀୟ ଲୋକେ ତଥା ପୂଜକ ବ୍ରଜ କିଶୋର ପଣ୍ଡା ମତ ରଖନ୍ତି। ସ୍ଥାନୀୟ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ବନ୍ଦୋବସ୍ତ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ସୂଚନା କେନ୍ଦ୍ର ପ୍ରତିଷ୍ଠା ହେବା ସହ ଯାତ୍ରୀମାନଙ୍କୁ ସହାୟତା ନିମନ୍ତେ ସ୍ୱେଚ୍ଛାସେବୀ ନିଯୁକ୍ତି ଦିଆଯାଇଥିଲା। ଚଡକ ଯାତ୍ରା କମିଟି ଓ ଗ୍ରାମବାସୀମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଫତେପୁର ପଞ୍ଚାୟତ ଅଧୀନ ଗୋଳାପୋଖରୀ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମିଶ୍ର (୯୩) ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ମିଶ୍ର ଦୀର୍ଘଦିନ ଧରି ବଉଳପାଳ, କାଳିଆପଦା, ଗୋଳାପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ। ସେ ଜଣେ ଆଦର୍ଶ ଶିକ୍ଷକଭାବେ ବହୁ ଉତ୍ତମ



ଛାତ୍ର ତିଆରି କରିଛନ୍ତି। ସେ ଜଣେ ଶାନ୍ତ, ସରଳ, ଧର୍ମପରାୟଣ, ଅମାୟିକ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଶିକ୍ଷକ ଥିବା ବେଳେ ଜଣେ ସୁପାଠକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ସରପଞ୍ଚ ପ୍ରଦୀପ ବଳ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ, ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଉମାକାନ୍ତ ସେଠୀ, ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ, ସଞ୍ଜୟ ମିଶ୍ର, ନିରାକାର ବେହେରା, ଉତ୍ତମ ମହାପାତ୍ର, ଅଜୟ ମହାପାତ୍ର, ପ୍ରଶାନ୍ତ ବାରିକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି, ଗ୍ରାମବାସୀ ଓ ପୁରାତନ ଛାତ୍ର ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବଡ଼ପୁଅ ବିଶ୍ୱଜିତ୍ ମିଶ୍ର ମୁଖାଗ୍ନି ଦେଇଥିଲେ।

# ନବ ବିବାହିତାଙ୍କ ଆତ୍ମହତ୍ୟା

ଭାପୁର (ଭାସ୍କର ନ୍ୟୁଜ୍): ବାହାଘରର ଗୋଟିଏ ବର୍ଷ ହୋଇନାହିଁ, ସ୍ୱାମୀ ସ୍ତ୍ରୀ ପରସ୍ପର ଜାଣିବା ପୂର୍ବରୁ ପାରିବାରିକ କଳହକୁ ନେଇ ସ୍ତ୍ରୀ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ଘଟଣାରୁ ପ୍ରକାଶ, ଫତେଗଡ ଥାନା ବାଘୁଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଓଳାସ ଗ୍ରାମର ପବିତ୍ର ବାରିକଙ୍କ ଝିଅ ପ୍ରିୟଦର୍ଶିନୀ ବାରିକ (୧୯) ବୈଦିକ ରୀତିନୀତି ଅନୁଯାୟୀ ସେହି ଥାନା ଅନ୍ତର୍ଗତ କେନ୍ଦୁପଲ୍ଲି ଗ୍ରାମର କୈଳାସ ବସନ୍ତରାଙ୍କ ପୁଅ ତ୍ରିନାଥ ବସନ୍ତରାଙ୍କୁ ବିବାହ କରିଥିଲେ। ପାରିବାରିକ ଘଟଣାକୁ ନେଇ ସ୍ୱାମୀ, ସ୍ତ୍ରୀ'ଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ବୋହୂ ପ୍ରିୟଦର୍ଶିନୀ ମଙ୍ଗଳବାର ଅପରାହ୍ନ ୩ ଟାରେ ଫ୍ୟାନରେ ଲୁଗା ଦ୍ୱାରା ଓହଳି ଆତ୍ମହତ୍ୟା କରିଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ। ବାପଘର ତରଫରୁ ଲିଖିତ ଅଭିଯୋଗ କ୍ରମେ, ପୋଲିସ ଶବକୁ ଜବତ କରି ସ୍ୱାମୀ ତ୍ରିନାଥକୁ ଥାନାରେ ଅଟକ ରଖିଥିବାବେଳେ ୧୧୦/୨୫ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା



ପଠେଇଥିବା ଥାନା ସୂତ୍ରରୁ ପ୍ରକାଶ।

# ପାଞ୍ଚଗଡ଼ ରାଜ୍ୟ କୈବର୍ତ୍ତ ସମାଜ ସମିଳନୀ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଞ୍ଚଗଡ଼ ରାଜ୍ୟ କୈବର୍ତ୍ତ ସମାଜ ସମିଳନୀ ରାଜ୍ୟ ସଭାପତି ଜୟକୃଷ୍ଣ ଦାସଙ୍କ ସଭାପତିତ୍ୱରେ ରବିବାର ଦିନ ଟୀକାତା ଳସ୍ଥିତ ବ୍ରହ୍ମଣି ଦେବୀଙ୍କ ପିଠ ସ୍ଥଳି ରେ ଅନୁଷ୍ଠିତ ହୋଇଥିଲା। ଏହି କୈବ୍ରତ ସମାଜ ସମିଳନୀ ରେ ମାଣିକଗଡା ଠାରୁ ମାନିବନ୍ଧ ପର୍ଯ୍ୟନ୍ତ ସମସ୍ତ ଥାନି ଓ କୈବ୍ରତ ଜାତି ପ୍ରେମି ଭାଇମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ରାଜ୍ୟ ସଭାପତି ଜୟକୃଷ୍ଣ ଦାସ କୈବ୍ରତ ଜାତିର ନିଶାନ ପତକାକୁ ଉତ୍ତୋଳନ କରିଥିଲେ। ସଭାପତି ଦାସ ସ୍ୱାଗତ ଭାଷଣ ଦେଇ କୈବର୍ତ୍ତ ଜାତିର ଏକତା ସଂଗଠନ ଓ ସମନ୍ୱୟ ରକ୍ଷା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କୈବ୍ରତ ସମାଜ ର ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କୈବର୍ତ୍ତ ସମାଜ ସମିଳନୀରେ କୈବର୍ତ୍ତ ଭାଇମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସଙ୍ଗେସଙ୍ଗେ କୈବର୍ତ୍ତ ଜାତି ସମାଜ ପାଇଁ ଏକ ସ୍ଥାଇ ସଭା ଗୃହ ନିର୍ମାଣ କରିବା ଓ କୈବର୍ତ୍ତ ଜାତିର ଗରିବ ପିଲାମାନଙ୍କର ଶିକ୍ଷାର ବିକାଶ ପାଇଁ କୈବର୍ତ୍ତ ସମାଜ ତରଫରୁ ଛାତ୍ରବୃତ୍ତି ପ୍ରଦାନ କରା ଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ଆସନ୍ତା ଦୁଇ ବର୍ଷ ପାଇଁ କୈବ୍ରତ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ରାଜ୍ୟ ସଭାପତି ଜୟକୃଷ୍ଣ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବେ ବାଉରୀ ବନ୍ଧୁ ବେହେରା। ଉପସଭାପତି ଭାବେ ପ୍ରହଲ୍ଲାଦ ଦଳାଉ, ସମ୍ପାଦକ ଭାବେ ରବୀନ୍ଦ୍ର ବେହେରା, ସହ ସମ୍ପାଦକ ଭାବେ ମନମୋହନ ଦଳାଇ ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ବେହେରା ପ୍ରମୁଖ ନିର୍ବାଚିତ ହୋଇଅଛନ୍ତି। ଏହି କୈବର୍ତ୍ତ ସମାଜକୁ ସହଯୋଗ କରିବା ପାଇଁ ବରିଷ୍ଠ ସଦସ୍ୟ ପଦ୍ମଚରଣ ବେହେରା, ରବୀନ୍ଦ୍ର କୁମାର ବେହେରା, ଅଶୋକ କୁମାର ବେହେର, ବାସୁଦେବ ଦାସ, ପଦ୍ମଚରଣ ବେହେରା (ସୁନାଖଳା )ବାବୁଲି ଦାସ ପ୍ରମୁଖ ଙ୍କୁ ମନୋନୀତ କରାଯାଇଅଛି। ସମସ୍ତ କାର୍ଯ୍ୟକ୍ରମକୁ ମାନୁଭାଇ, ବାବୁଲି ଫକୀର ଭାଇଙ୍କ ସମେତ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ପ୍ରହଲ୍ଲାଦ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମେଡିକାଲ କଲେଜ ପ୍ରତିଷ୍ଠା କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ପାଇଁ କେବଳ ଦାବି ନୁହେଁ। ଏହା ଜିଲ୍ଲାର ସ୍ୱାଭିମାନ ଓ ସମ୍ମାନର ପ୍ରଶ୍ନ ହେଇ ଯାଇଛି। ରାଜ୍ୟରେ ତିନୋଟି ମେଡିକାଲ କଲେଜ ଥିଲାବେଳେ କେନ୍ଦ୍ରାପଡା ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ପୂର୍ବ ସରକାର ଠାରୁ ଏବର ସରକାର ପର୍ଯ୍ୟନ୍ତ ସତରଟି ମେଡିକାଲ କଲେଜ ଘୋଷଣା ହେଲାଣି।କିନ୍ତୁ କେନ୍ଦ୍ରାପଡା ସେଥିରୁ ବାଦ ପଡିଛି। କେନ୍ଦ୍ରାପଡା ଏକ ଆର୍ଥିକ ଅନଗ୍ରସର ଜିଲ୍ଲା। ଆବଶ୍ୟକୀୟ ଭିତ୍ତିଭୂମିର ଅଭାବରୁ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ହୋଇପାରୁ ନଥିବାରୁ ନିକଟ ଭବିଷ୍ୟତରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବାର ସମ୍ଭାବନା ଦେଖାଯାଉ ନାହିଁ। ଜିଲ୍ଲା ମଧ୍ୟ ଦେଇ ଯାଇଥିବା ୫୩ନମ୍ବର ଜାତୀୟ ରାଜପଥ ଓ ରେଳପଥ ପାଇଁ ଜିଲ୍ଲାବାସୀ ହଜାର ହଜାର ଏକର ଚାଷଜମି ଓ ଭିଟାମାଟି ହରାଇଥିବା ବେଳେ ସେଥିଯୋଗୁଁ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହିତ ପାରାଦୀପର ଶିଳ୍ପ କାରଖାନା ଗୁଡିକରୁ ନିଷ୍କାସିତ ବର୍ଜ୍ୟବସ୍ତୁ ତଥା ବିଷାକ୍ତ ଗ୍ୟାସ ଜିଲ୍ଲାର ହଜାର ହଜାର ଅଧିବାସୀଙ୍କ ଅନେକ ଦୁରାରୋଗ୍ୟର କାରଣ ହୋଇଛି। ପୂର୍ବ ସରକାର ୨୪ ବର୍ଷ ମଧ୍ୟରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୩ ରୁ ୧୩ ରେ ପହଞ୍ଚାଇ ଥିଲେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲା ସେଥିରୁ ବାଦ ପଡିଥିଲା। ସରକାର ପରିବର୍ତ୍ତନ ହେଲା। ଜିଲ୍ଲାବାସୀ ନୂଆ ସରକାରଙ୍କ ଠାରୁ ସୁବିଚାର ଆଶା କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନିକଟରେ ରାଜ୍ୟରେ ଆଉ ଚାରିଗୋଟି ମେଡିକାଲ କଲେଜ ପାଇଁ ଘୋଷଣା କରିଥିଲେ ମଧ୍ୟ ପୁଣି କେନ୍ଦ୍ରାପଡା ଏଥିରୁ ବାଦ ପଡିବା ଜିଲ୍ଲାବାସୀଙ୍କୁ ମର୍ମାହତ୍ କରିଛି। ଡବଲ ଇଞ୍ଜିନ ସରକାରର ମନ୍ତ୍ରୀ ଓ ବିଧାୟକମାନେ ଅନୌପଚାରିକ ଭାବେ ଭିନ୍ନ ଭିନ୍ନ ସମୟରେ ସରକାରଙ୍କ ଅସ୍ତିବାଚକ ଆଭିମୁଖ୍ୟ ପ୍ରକାଶ କରୁଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି। ଏ ସମ୍ପର୍କରେ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱଷ୍ଟ ଲିଖିତ ଉତ୍ତର ଆଶା କରିବା ସଙ୍ଗେ ସଙ୍ଗେ ଆସନ୍ତା ମୌସୁମୀ ଅଧିବେଶନ କାଳରେ ବିଧାନସଭାରେ ମେଡିକାଲ କଲେଜ ଘୋଷଣା ଓ ସେଥିଲାଗି ଆନୁଷଙ୍ଗିକ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଦାବି କରି ମଙ୍ଗଳବାର ଦିନ 'କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହାସପାତାଳ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ରାମଣୀରଞ୍ଜନ ରାଉତରାୟ, ଆବହକ ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ସଂଦୀପ୍ତ ଦାସ, ମୁକ୍ତାର ଖାଁ, ଫକୀର ଖଟୁଆ, ଆଦିକନ୍ଦ ରାଉଳ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସରୋଜରାଜ ସିଂ, ଡ଼. ଉପେନ୍ଦ୍ର ପ୍ରଧାନ, ନରୋତ୍ତମ ପାର୍ଥସରଥୀ, ପ୍ରକାଶ ମହାନ୍ତି, ଦାଶରଥି ସାହୁ, ରାଜକୁମାର ବିଶ୍ୱାଳ, ଗୋଲକ ଚନ୍ଦ୍ର ମହାଭୋଇ, ପ୍ରତାପ ପରିଡା, ମଙ୍ଗୁଳି ଚରଣ ବେହେରା, ରବୀନ୍ଦ୍ର ବେହେରା, ନିରାକାର ଜେନା, ବୈଷ୍ଣବ ସ୍ୱାଇଁ, ବିଜୟ ଦାସ, ସୂର୍ଯ୍ୟକାନ୍ତ ପରିଡା, ଶ୍ରୀଧର ମହାନ୍ତି, ରବୀନ୍ଦ୍ର ଜେନା, ପ୍ରଭାକର ସାମଲ, ଅଭିମନ୍ୟୁ ରାଉର, କାଶୀନାଥ ରାଉତରାୟ, ମହେନ୍ଦ୍ର ପଟ୍ଟନାୟକ, ବିଜୟ ନାୟକ, ଅନୁସୂୟା ମହାନ୍ତି, ସୁହାନା ବେଗମ, ସୁରେଶ୍ଚନ୍ଦ୍ର ପଟ୍ଟନାୟକ, ବିକାଶଚନ୍ଦ୍ର ବେଉରା, ଅବଧୂତ ରାଉତ, ରଣାଧୀର ଜେନା, ସୀତାକାନ୍ତ ନାୟକ, ପ୍ରେମାଲତା ସ୍ୱାଇଁ, ସୁଧାଂଶୁ ରାୟ, ଗଙ୍ଗାଧର ପରିଡା, ଦୋଳଗୋବିନ୍ଦ ସାହୁ, ସତ୍ୟପ୍ରିୟ ସାମଲ, ଶ୍ରୀକାନ୍ତ ଲେଙ୍କା, ସୟଦ ଅକମଲ ଅଲ୍ଲୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆସନ୍ତା ମୌସୁମୀ ଅଧିବେଶନରେ ମେଡିକାଲ କଲେଜ ଘୋଷଣା ନହେଲେ ଜିଲ୍ଲାରେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସଭାରେ ଆହ୍ୱାନ ଦିଆଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ରବୀନ୍ଦ୍ର କୁମାର ମଲ୍ଲିକ ସଭାସ୍ଥଳକୁ ଆସି ଗ୍ରହଣ କରିଥିଲେ।

## କାଠ ଚୋରାଚାଲାଣରେ ମାତିଛନ୍ତି କାଠ ମାଫିଆ



ଉମରକୋଟ, (ଭାସ୍କର ନ୍ୟୁଜ୍): କଥାରେ ଅଛି ଚୋର ଗଲାପରେ କବାଟ ବନ୍ଦ କରିବା। ସବୁ ସରିଗଲା ପରେ ଚେଇଁଛି ବନ ବିଭାଗ। ବେଧଡ଼କ କାଟି ସଫା ହୋଇଗଲାଣି, ରାସ୍ତା କଡ଼ରେ କାଠ ଡିପୋ ଖୋଲି ବେଧଡ଼କ କାଠ ବ୍ୟବସାୟ ଚାଲିଥିଲା, ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ମାଲେମାଲ ହେଲେଣି କାଠ ମାଫିଆ। ପୁଷ୍ପା ଷ୍ଟାଇଲରେ ଗଛ କାଟି ଜଙ୍ଗଲ ନଷ୍ଟ କରାଯାଉଥିବା ଦେଖିବାକୁ ମିଳୁଛି। ଜଙ୍ଗଲ ସଫା ହେବା ପରେ ବଳକା ଥିବା ଜଙ୍ଗଲକୁ ସୁରକ୍ଷା ଦେଉଛି ବନ ବିଭାଗ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବକୋଦା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ। ଏହି ଜଙ୍ଗଲରୁ ବହୁମୂଲ୍ୟ ନୀଳଗିରି ଗଛ ସବୁ କାଟି ଏକ ଟ୍ରକରେ ଲୋଡ଼ କରୁଥିବା ବେଳେ ଉମରକୋଟ ବନ ବିଭାଗ କାଠ ଲୋଡ଼ ହେଉଥିବା ସ୍ଥାନରେ ପହଞ୍ଚି କାଠ ସହ ଟ୍ରକକୁ ଜବତ କରି ଉମରକୋଟ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ସିଜ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି। ବାରମ୍ବାର ବନବିଭାଗ ଦ୍ୱାରା ଧରାପଡିବା ପରେ ମଧ୍ୟ ଖାତିର କରୁନାହାନ୍ତି କାଠ ମାଫିଆ। କାହା ବଳରେ ବଳିୟାନ ଏହି କାଠ ମାଫିଆ ସମୂହ। ବନ ବିଭାଗରେ କାର୍ଯ୍ୟରତ ବଡବଡିଆଙ୍କ ଆଶୀର୍ବାଦ ଅଛି କାଠ ମାଫିଆଙ୍କ ଉପରେ ନା ଆଉ କାହା ଇଙ୍ଗିତରେ ଚାଲିଛି କାଠ ଚୋରା ଚାଲାଣ, ତାହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଅପରପକ୍ଷେ ବେଧଡ଼କ ଜଙ୍ଗଲ କଟା ଚାଲିଥିବା ଯୋଗୁଁ ନିଜର ବାସସ୍ଥାନ ହରେଇବା ସହ ଖାଦ୍ୟ ନପାଇ ଗାଁ' ମୁହାଁ ହୋଇ ମରଣ ମୁଖରେ ପଡୁଛନ୍ତି ବନ୍ୟଜନ୍ତୁ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଟାଙ୍ଗୀରେ ସରକାରୀ କର୍ମଚାରୀମାନେ ଏବେ ଲଗାମ ବିହୀନ ନୀତିରେ ଚାଲିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କ ହିତ ପାଇଁ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁଆ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ନୟମାନୁସାରେ ସମସ୍ତ ଅଫିସ ସକାଳ ୭ ଘଡ଼ିକା ଠାରୁ ଦିବା ୧ ଘଡ଼ିକା ପର୍ଯ୍ୟନ୍ତ ଖୋଲିବା ପାଇଁ (କାର୍ଯ୍ୟକ୍ଷମ) ନିର୍ଦ୍ଦେଶ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀ ହୁଅନ୍ତୁ ଅବା କର୍ମଚାରୀମାନେ ସମସ୍ତେ ସକାଳ ୯ଘଡ଼ିକା ସମୟ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ଆସୁନଥିବା ଦେଖାଯାଉଛି। ଏଭଳି ଚିତ୍ର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଏରିଆର ଦେଖିବା ପାଇଁ ମିଳିଛି। ଯାହାଫଳରେ ଖରାରୁ ରକ୍ଷା ପାଇବା ପାଇଁ ଜନସାଧାରଣ ସକାଳ ୭ ଟା ସମୟରୁ ଆସି କର୍ମଚାରୀମାନଙ୍କୁ ଅପେକ୍ଷା କରି ରହୁଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ସଦରମହକୁମାରେ ଥିବା ସମସ୍ତ କାର୍ଯ୍ୟାଳୟର ପ୍ରାୟ ୯୦% (ପ୍ରତିଶତ) ବିଭାଗୀୟ ଅଧିକାରୀମାନେ ହେଡକ୍ୱାଟରରେ ନରହି ଭୁବନେଶ୍ୱରରୁ ଯିବାଆସିବା କରୁଛନ୍ତି। ଯେହେତୁ ଅଧିକାରୀ ମାନେ ଉପସ୍ଥିତ ରହୁନାହାନ୍ତି ତେଣୁ କର୍ମଚାରୀ ମାନେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ଅଫିସକୁ ନଆସି ସେମାନେ ତାଙ୍କର ମନ ଇଚ୍ଛାରେ ଏପରି ବହୁ ବିଳମ୍ବରେ ଅଫିସ ଆସୁଥିବା ସାଧାରଣରେ ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହିତ ବିଳମ୍ବରେ ଆସୁଥିବା କର୍ମଚାରୀ ମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



## ପ୍ରଧାନମନ୍ତ୍ରୀ ଫସଲବୀମା କେସ ରାୟ ପ୍ରକାଶ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନାରେ ହୋଇଥିବା ଏକ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ମାମଲାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଂଶ୍ଳିଷ୍ଟ ନେଇ ପୁଲିସ ତାଙ୍କୁ ଗତ ସେପ୍ଟେମ୍ବର ୨୦୨୩ ରେ ଗିରଫ କରିଥିଲା ଏବଂ ଅଧ୍ୟକ୍ଷ ସାଢେ ଚାରିମାସ ଜେଲରେ ଥିଲେ। ଅଧ୍ୟକ୍ଷ ଗିରଫକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚିତ ଖବର ହେବା ସହ ଏହା ଏକ ରାଜନୈତିକ ଷଡଯନ୍ତ୍ର ର ଗିରଫ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିଲା। ଫସଲ ବୀମା କେଶରେ ସାଢେ ଚାରିମାସ ଜେଲରେ ରହି ଜାମିନରେ ଆସିବାର କିଛିଦିନ ପରେ ପୁଣି ତାଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରାଯାଇଥିଲା। ପୁଣି ଥରେ ଗିରଫ ପରେ ଏହା ଏକ ସମ୍ପୂର୍ଣ୍ଣ ରାଜନୈତିକ ଷଡଯନ୍ତ୍ର ବୋଲି ଲୋକେ ଚର୍ଚ୍ଚା କରିଥିଲେ ଏବଂ ତତ୍କାଳୀନ ବିଜେଡି ସରକାରଙ୍କ ଜଣେ ପ୍ରଭାବଶାଳୀ ପୂର୍ବତନ ମନ୍ତ୍ରୀଙ୍କ ଆଡକୁ ଅଙ୍ଗୁଳି ଉଠିଥିଲା। ଅଧ୍ୟକ୍ଷଙ୍କ ଘର ରେଡରେ କେବଳ ୩୪୦୦ନଗଦ ଟଙ୍କା ଓ ଏକଭରିରୁ କମ ବା ଦଶ ଗ୍ରାମ ସୁନା ସହିତ ଘରକୁ ହିସାବ କରି ସମୁଦାୟ ୬୪ ଲକ୍ଷ ସମ୍ପତି ଦର୍ଶାଇ ବିଚାର ବିଭାଗିୟ ହାଜତକୁ ପଠେଇ ଦେଇଥିଲେ। ସୂଚନା ମୁତାବକ ଉକ୍ତ ଘର ତାଙ୍କ ଜେଜେ ବାପା ନିର୍ମାଣ କରିଥିଲେ ଓ ଘର ନିର୍ମାଣ ହୋଇଥିବା ଜାଗା ତାଙ୍କ ସାନ ଜେଜେଙ୍କ ନାମରେ ରହିଥିବା ବେଳେ ଉକ୍ତ ଘରର ବିଦ୍ୟୁତ ବିଲ ତାଙ୍କ ବାପା ନାମରେ ରହିଥିଲା। ଯାହାକି ଭିଜିଲାନ୍ସ ତାହା ତାଙ୍କର ଦସ୍ତାବିଜରେ ମଧ୍ୟ ଉଲ୍ଲେଖ କରିଛି। ତେବେ ଏହା ପୈତୃକ ସମ୍ପତ୍ତି ଭାବରେ ଗଣନା ହେବା ଉଚିତ। ତଥାପି ତାଙ୍କୁ ପୂର୍ବ ସରକାରଙ୍କ ଚାପରେ ଭିଜିଲାନ୍ସ ବିଭାଗ ଗିରଫ କରି ଜେଲ ପଠେଇ ଥିଲା ବୋଲି ତାଙ୍କ ଓକିଲ ଯୁକ୍ତି ବାଢିଥିଲେ। ଠିକ ସେହିପରି ଫସଲବୀମା କେଶରେ ବ୍ଲକ ଅଧ୍ୟକ୍ଷଙ୍କ ନାମରେ କୌଣସି ଲିଖିତ ଅଭିଯୋଗ ନ ଥିବା ସହ ତାଙ୍କର ଆକାଉଣ୍ଟ କିମ୍ବା ତାଙ୍କର କୌଣସି ପରିବାରଙ୍କ କୌଣସି ସଦସ୍ୟଙ୍କ ଆକାଉଣ୍ଟରେ ପଇସା ଆସି ନଥିଲା ବା ପୁଲିସ ପାଖରେ କୌଣସି ଠୋସ ପ୍ରମାଣ ନ ଥିବା ସତ୍ତ୍ୱେ ତାଙ୍କୁ ଗିରଫ କରାଯାଇଥିଲା। ତେଣୁ ବ୍ଲକ ଅଧ୍ୟକ୍ଷ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମାମଲାକୁ ରଦ୍ଦ କରିବାକୁ ପ୍ରାର୍ଥନା କରିଥିଲେ। ଏହି ମାମଲାକୁ ହାଇକୋର୍ଟ ବିଚାରକୁ ନେଇ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଶୁଣାଣି କରି ମାମଲାକୁ ରଦ୍ଦ କରିଛନ୍ତି। ସେ ନିର୍ଦ୍ଦୋଶ ହୋଇଥିବା ଉଚ୍ଚତମ ନ୍ୟାୟଳୟ ରାଏ ଦେଇଛନ୍ତି। ତେବେ ସେ ଜଣେ ଦଳିତ ଲୋକ ବୋଲି ମୋତେ ମିଛ କେଶରେ ବାରମ୍ବାର ବିଜେଡି ସରକାର ଜେଲ ପଠେଇ କ୍ଷମତାର ଅପବ୍ୟବହାର କରୁଥିବା ସେତେବେଳେ ଅଧ୍ୟକ୍ଷ କହିଥିଲେ। କିନ୍ତୁ ସମ୍ବିଧାନ ଓ ନ୍ୟାୟଳୟ ପ୍ରତି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଏବଂ ତାହା ଆଜି ପ୍ରମାଣିତ ହୋଇ ସତ୍ୟର ବିଜୟ ହେଲା ବୋଲି ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନିଜ ପ୍ରତିକ୍ରିୟା ରଖିଛନ୍ତି।

## ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ



ତିହିଡ଼ି, (ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ରୌଦ୍ରତାପରେ ଲୋକ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଏଇ ଗ୍ରୀଷ୍ମ ଋତୁରେ ଗ୍ରାମାଞ୍ଚଳରେ ପାନୀୟଜଳର ସୁବ୍ୟବସ୍ଥା କରିବା ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ମାତ୍ର ସେଥିରେ ଲୋକମାନେ କୌଣସି ସୁଫଳ ପାଇପାରୁନାହାନ୍ତି। ପାନୀୟଜଳ ଟିକେ ପାଇଁ ଲୋକ ଡହଳ ବିକଳ ହେଉଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ଚନ୍ଦ୍ରକାଟବିନ୍ଧା ଓ ଅର୍ଜୁନବିନ୍ଧା ଗ୍ରାମରେ ଦେଖିବାକୁ ମିଳିଛି। ଗାଁରେ ଥିବା ନଳକୂପରୁ ଲୁଣି ଓ ହଳଦିଆ ପାଣି ବାହାରୁଛି। ମେଗା କମ୍ପାନୀ ପକ୍ଷରୁ ଗାଁରେ ବସା ଯାଇଥିବା ପାନୀୟଜଳ ଷ୍ଟାଣ୍ଡ ପୋଷ୍ଟରେ ପାଣି ଆସୁନାହିଁ। ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଏହି ଦୁଇଟି ଗ୍ରାମର ୮ଟି ୱାର୍ଡ଼ର ୨ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଏଥି ସହିତ ଗ୍ରାମର ୫ଟି ଅଙ୍ଗନୱାଡ଼ି କେନ୍ଦ୍ର ସହିତ ପିଏମଶ୍ରୀ ବିଦ୍ୟାଳୟ ରହିଛି। ପିଲାମାନଙ୍କ ସହିତ ଗ୍ରାମବାସୀମାନେ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ନଳକୂପ ମରାମତି କରାଯାଇ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏସମ୍ପର୍କରେ ଜଳ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଖବର ପାଇବା ପରେ କ୍ଷେତ୍ରିୟ ତଦନ୍ତ କରିଛି। ନଳକୂପ ବହୁ ପୁରୁଣା ହୋଇଥିବାରୁ ଭିତର ରଡ଼ କଳଙ୍କି ଲାଗି ସକାଳୁ କିଛି ପାଣି ହଳଦିଆ ବାହାରିବା ପରେ ସଫା ପାଣି ବାହାରୁଛି। କଳଙ୍କି ଲାଗିଥିବା ରଡ଼କୁ ପରିବର୍ତ୍ତନ କରିବା ସହିତ ନଳକୂପକୁ ସଫା କରି ପାନୀୟ ଜଳ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି।

## ୧୧ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

ବେତନଟୀ, (ଭାସ୍କର ନ୍ୟୁଜ୍): ଭାସ୍କର ନ୍ୟୁଜ ବେତନଟୀ ବ୍ଲକ ରେ ୧୧ ଗୋଟି ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି। ସୂଚନା ମୁତାବକ ୧୧ ଟି ପ୍ରକଳ୍ପ ୨ କୋଟି ୩୧ଲକ୍ଷ ୮୧ ହଜାର ବ୍ୟୟ ଅଟକଳ ତିଆରି ହୋଇଥିବା ଜଣାପଡିଛି। ସର୍ବପ୍ରଥମେ କୋଠବାଡ଼ି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର, ଆଗ୍ରିଆ ଜିପିଏଲଫ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ, ଅଗ୍ରିଆ ଅଙ୍ଗନୱାଡ଼ି କେନ୍ଦ୍ର ର ଉନ୍ନତିକରଣ ଉଦଘାଟନ, ପୁରିନ୍ଦା ଭିଏସ ଗୃହ ରାଉତରା ଉଦଘାଟନ, ଦହିକୋଠି ର ପୁତୁଡ଼ିସାହି ଠାରେ ନୂତନ କମ୍ୟୁନିଟି ଗୃହ, ନଡ଼ପୁର ହସ୍ପିଟାଲ ଠାରେ ବିଶ୍ରାମଗୃହ, ପାଟଳିପୁରାର ଡେଁଫୌଦା ଠାରେ ସବ ସେଣ୍ଟର ଉଦଘାଟନ, କେନ୍ଦୁଆର ଭୁଡୁରୁବଣି ଭିଏଏସ ଗୃହ ଉଦଘାଟନ, ବୈଶିଙ୍ଗା ର କଦଳିଆ ଠାରେ ବିଦ୍ୟାଳୟର ଶ୍ରେଣୀଗୃହ ଉଦଘାଟନ, ରଘୁପୁରର ନୟାବସନ୍ତପୁର ଠାରେ ଭିଏସଏସ ଉଦଘାଟନ, ଅଁଳା ଠାରେ ବ୍ୟାଙ୍କିଙ୍ଗ ସେବାଗୃହ ଉଦଘାଟନକୁ ଷଡ଼ଙ୍ଗୀ ଓ ବିନାୟକ ବିଜୁଳି ଉପସ୍ଥିତିରେ ଉଦଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ, ବେତନଟୀ ରେଞ୍ଜର ମନୋହର ଖାଁନ, ଯୁବ ସଂଗଠକ ଶାନ୍ତନୁ ପଣ୍ଡା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ, ଆଗ୍ରିଆ ସରପଞ୍ଚ ମିନତୀ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୈମ୍ୟଶ୍ରୀ ଭୋଇଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ମୟୂରଭଞ୍ଜରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ




ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୋଷଣ ପକ୍ଷ ପାଳନର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହ ଜିଲ୍ଲାର ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ତା'ଙ୍କ ବକ୍ତବ୍ୟରେ କହିଥିଲେ କି ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟକୁ କୁପୋଷଣ ମୁକ୍ତ କରିବା ପାଇଁ ସରକାରଙ୍କ ପ୍ରାଥମିକତା ରହିଥିବାରୁ ଏଥିପାଇଁ ବିଭିନ୍ନ ଫଳପ୍ରଦ ଯୋଜନା କରାଯାଇଛି। ଏହି ଯୋଜନା ଗୁଡିକ ଫଳପ୍ରଦ କରାଇବା ପାଇଁ ସାମୂହିକ ସଚେତନତାର ଆବଶ୍ୟକତା ରହିଛି। ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ଓ ଭବିଷ୍ୟତରେ ଏକ ସୁନାଗରିକ ହୋଇପାରିବ। ଶୈଶବ ଅବସ୍ଥାରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁଟିର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ତା'ର ସାମଗ୍ରିକ ବିକାଶ ଘଟିଥାଏ। ମାତ୍ର ଘରେ ପ୍ରସ୍ତୁତ ହେଉଥିବା ପାରମ୍ପରିକ ଉତ୍ତମ ଖାଦ୍ୟ ବଦଳରେ ଆଜିକାଲି ବଜାରରେ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ଖାଇବା ହେତୁ ପିଲାମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ମେଦବହୁଳତା ଇତ୍ୟାଦି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ଅସ୍ୱାଭାବିକତା ଦେଖାଯାଉଛି। ଶିଶୁର ସ୍ୱାସ୍ଥ୍ୟ ରକ୍ଷା ଓ ଉନ୍ନତି ପାଇଁ ମାଆ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନ୍ମ ଠାରୁ ପରବର୍ତ୍ତୀ ୧୦୦୦ ଦିନ ଶିଶୁ ପାଇଁ ଗୁରୁତ୍ୱପୂର୍ଣ୍ଣ। ମା'ମାନେ ସେମାନଙ୍କ ପିଲାମାନଙ୍କୁ ଶୈଶବ ଅବସ୍ଥାରୁ ଉପଯୁକ୍ତ ଯତ୍ନ ନେବା ସହିତ ପୋଷଣଯୁକ୍ତ ଘରୁଆ ଖାଦ୍ୟ ଖୁଆଇବା ଅଭ୍ୟାସ କରାଇବା ଉଚିତ ଯଦ୍ୱାରା ଶିଶୁଟି ଆସ୍ତେ ଆସ୍ତେ ବଡ ହେବାପରେ ବଜାରରେ ମିଳୁଥିବା ଜଙ୍କ ଫୁଡ ପ୍ରତି ଆଗ୍ରହୀ ହେବ ନାହିଁ। ସେହିପରି ପିଲାମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଅଙ୍ଗନବାଡି କେନ୍ଦ୍ର ରେ ପିଲାମାନଙ୍କୁ ମୌଳିକ ଶିକ୍ଷା ଦାନ କରୁଥିବା ଅଙ୍ଗନବାଡି କର୍ମୀଙ୍କର ମଧ୍ୟ ଅନୁରୂପ ଦାୟିତ୍ୱ ରହିଛି। ସାମୂହିକ ଭାବେ ପୋଷଣ ଅଭିଯାନକୁ ସଫଳ କରିପାରିଲେ ଏବଂ ସୁସ୍ଥ ଜୀବନ ଶୈଳୀ ମାଧ୍ୟମରେ ଭବିଷ୍ୟତରେ ଆମେ ଏକ ସୁସ୍ଥ ମାନବ ସମ୍ବଳ ପାଇ ପାରିବା। ତେଣୁ ପ୍ରତ୍ୟେକ ସି ଡି ପି ଓ, ସୁପର ଭାଇଜର, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀ ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ର ଅଂଚଳର ସମସ୍ତ ମା ଓ ଶିଶୁ ମାନଙ୍କୁ ପଞ୍ଜିକୃତ କରିବା ସହିତ ପ୍ରତ୍ୟେକ ଯେମିତି ଛତୁଆ, ଅଣ୍ଡା ପାଇବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଜିଲ୍ଲାକୁ ପୋଷଣ କ୍ଷେତ୍ରରେ ପ୍ରଥମ ଭାବେ ପରିଚିତ କରିବା ପାଇଁ ଉତ୍ସାହିତ କରିଥିଲେ। ନିଜର ଦାୟିତ୍ୱ କୁ ନିଜର ବୋଝ ବୋଲି ନଭାବି ଲୋକଙ୍କ ସେବା କରିବା ପାଇଁ ଏକ ସୁଯୋଗ ମିଳିଛି ବୋଲି ଭାବି ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଉପଦେଶ ଦେଇଥିଲେ।ସମ୍ମାନିତ ଅତିଥି ଡ଼. ପରିଡା ତାଙ୍କ ଅଭିଭାଷଣରେ ପୋଷଣଯୁକ୍ତ ଖାଦ୍ୟ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ।ଏହି ଅବସରରେ ଉତ୍ତମ ପ୍ରଦର୍ଶନ କରିଥିବା କିଛି ଅଙ୍ଗନବାଡି କେନ୍ଦ୍ରକୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ଏବଂ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଷ୍ଟଲ ବୁଲି ଦେଖିଥିଲେ। କୁପୋଷଣର ଶିକାର ନହେବା ଏବଂ କଣ କଣ ଖାଦ୍ୟ ଖାଇବା ଦ୍ୱାରା ଉପଯୁକ୍ତ ପୋଷଣ ମିଳିବ ତାହାକୁ ନେଇ ଏକ ବାର୍ତ୍ତା ସମ୍ବଳିତ ନୃତ୍ୟ ସଂଗୀତ ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ବ୍ଲକର ସି ଡି ପି ଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ଚିକିତ୍ସାଧିନ ଅବସ୍ଥାରେ ଆଶା କର୍ମୀଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା କଟିକଟା ଉପକେନ୍ଦ୍ରର ଆଶାକର୍ମୀ ରଶ୍ମିତା ସାହୁଙ୍କର ଚିକିତ୍ସାଧିନ ଅବସ୍ଥାରେ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ନିକଟରେ ରଶ୍ମିତା ଏକ ବାଇକରେ ଯାଉଥିଲା ବେଳେ ଖସି ପଡି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଅକାଳ ବିୟୋଗ ଘଟିଛି। ଖବର ପାଇ ଅସୁରେଶ୍ୱର ସରପଞ୍ଚ ଗୌତମୀ ଦାସ, ଯୁବ ନେତା ଅନନ୍ତ ଦାସ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମାଜସେବୀ ନିତ୍ୟାନନ୍ଦ ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ରାଜଶ୍ରୀ ପ୍ରଧାନ, ସସ୍ମିତା ବେହେରା, ସ୍ୱାସ୍ଥ୍ୟକର୍ମୀ ତଡିତ କୁମାର ମଲିକ, ଶୁଭଶ୍ରୀ ପ୍ରିୟଦର୍ଶୀନି, ସଙ୍ଘମିତ୍ରା ମହାପାତ୍ରଙ୍କ ସମେତ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଶବକୁ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ରାଜକିଶୋର ସାହୁ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟ ଚତୁଃପାର୍ଶ୍ୱରୁ ଉଚ୍ଛେଦ ହେବ କେବେ ?

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବଜାର ଉପରେ ଥିବା ନୀଳମଣି ସରକାରୀ ଉଚ୍ଚ ବଦ୍ୟାଳୟ ଜାଗାକୁ ଅବରୋଧ ଓ ଜବରଦଖଲ କରି ରଖିଛନ୍ତି। ଯେଉଁମାନେ ଜବରଦଖଲ କରି ରଖିଛନ୍ତି ସେମାନେ ବହୁ ପ୍ରଭାବଶାଳୀ ବ୍ୟକ୍ତି ଅଟନ୍ତି। ନିଆଳି ବ୍ଲକ୍ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ ପରେ ମଧ୍ୟ ନିଆଳି ତହସିଲଦାର୍ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉଚ୍ଛେଦରେ ପାତର ଅନ୍ତର ନୀତି ଅବଲମ୍ବନ କରିଛନ୍ତି। ନିଆଳି ବଜାରରେ ଜବରଦଖଲ କରି ପରିବାର ପୋଷିବା ନିମନ୍ତେ ଛୋଟମୋଟ ଦୋକାନ କରି ପରିବାର ପୋଷୁଥିବା ବ୍ୟକ୍ତି ଦୋକାନ ଗୃହ ଗୁଡିକୁ ପ୍ରଶାସନ ଭାଙ୍ଗି ଦେଇଥିବା ବେଳେ ବିଦ୍ୟାଳୟ ଚତୁଃପାର୍ଶ୍ୱରୁ ଜବରଦଖଲ ହଟେଇବାରେ ବିଳମ୍ବ କାହିଁକି ? ଯାହାକୁ ଦେଇ ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ନିଆଳି ତହସିଲ୍‌ଦାର୍ ଲିଲନ୍ ପ୍ରସାଦ ସାହୁଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ, ଲୋକେ ହନ୍ତସନ୍ତ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମ ପଂଚାୟତ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ଅଧିନରେ କେନ୍ଦୁପାଟଣା ଗ୍ରାମପଂଚାୟତ ପାନୀୟ ଜଳ ପ୍ରକଳ୍ପ ରହିଛି। ଏହି ଜଳ ପ୍ରକଳ୍ପଟି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ତେବେ ଠିକାଦାର ଅଟକଳ ଅନୁଯାଇ ନିର୍ମାଣ କାର୍ଯ୍ୟ କରିନଥିବାର ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର ହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ନିମନ୍ତେ ଠିକାଦାର ବିଛାଇଥିବା ପାଇପ ଗୁଡିକ ଅତ୍ୟନ୍ତ ନିମ୍ନମାନର ହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ବହୁ ସ୍ଥାନରେ ପାଇପଗୁଡିକ ଫାଟିଯାଇ ରାସ୍ତାରେ ପାଣି ମାଡୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଠିକାଦାର ସ୍ଥାପନ କରିଥିବା ପାଇପ ଷ୍ଟାଣ୍ଡ ଗୁଡିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ସ୍ଥାନୀୟ ଅଂଚଳର ଲୋକେ ଓ ସ୍କୁଲ ଛାତ୍ର ଛାତ୍ରୀମାନେ ନିର୍ଭର କରିଥାନ୍ତି। ଗତ କିଛିଦିନ ହେଲା ଏହି ଅଂଚଳରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥିବା କାରଣରୁ ସ୍ଥାନୀୟ ଅଂଚଳର ନଦୀ ନାଳ କୂଅ ପୋଖରୀ ଗୁଡିକରୁ ପାଣି ଶୁଖି ଗଲାଣି। ଏପରିକି ଜଳସ୍ତର ନିମ୍ନଗାମୀ ହୋଇପଡିଥିଲା ବେଳେ ସରକାରଙ୍କ ତରଫରୁ ସ୍ଥାନୀୟ ଅଞ୍ଚଳରେ ସ୍ଥାପନ କରାଯାଇଥିବା ନଳକୂପ ଗୁଡିକ ଅଚଳ ହୋଇପଡିଲାଣି। ଲୋକେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏପରିସ୍ଥଳେ ସ୍ଥାନୀୟଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଥିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏହି ପାନୀୟ ଜଳ ପ୍ରକଳ୍ପକୁ ସଚଳ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## ଅସରାଏ ବର୍ଷାରେ ଶ୍ରମ କାର୍ଯ୍ୟାଳୟ ପରିସରରେ ଆଣ୍ଠୁଏ କାଦୁଅ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଅସରାଏ ବର୍ଷାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ପରିସରରେ ଆଣ୍ଠୁଏ କାଦୁଅ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଶ୍ରମିକ ଓ କର୍ମଚାରୀମାନେ ଯିବା ଆସିବାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବର୍ଷା ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କେତେକ ଶ୍ରମିକ ନେତା କହିଛନ୍ତି। ସେହିପରି ଏହା ପରିସରକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଶ୍ରମିକମାନେ ମଧ୍ୟ ହଇରାଣ ହରକତ ହେଉଥିବା ପ୍ରକାଶ କରିଛନ୍ତି। କେବଳ ଶ୍ରମିକ ନୁହଁନ୍ତି ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ହଇରାଣ ହରକତ ହେଉଥିବା ପ୍ରକାଶ କରିଛନ୍ତି। ଶ୍ରମିକ ନେତା ଫକୀର ଚରଣ ଖଟୁଆ କହିଛନ୍ତି ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗି ରହିଛି। ଶ୍ରମ କାର୍ଯ୍ୟାଳୟକୁ ଲାଗି ରହିଛି ଚକବନ୍ଦୀ କାର୍ଯ୍ୟାଳୟ। ତେଣୁ ପ୍ରତିଦିନ ଶତାଧିକ ଲୋକ ଓ କର୍ମଚାରୀ ଏହି ସ୍ଥାନକୁ ଯିବା ଆସିବା କରୁଛନ୍ତି। ଏହି ରାସ୍ତା ପୂର୍ବରୁ ଖାଲଖମା ଥିଲା। ବହୁ ଦାବି ପରେ ରାସ୍ତାର କିଛି ଅଂଶ ପେଭର ବ୍ଲକ ପଡିଛି। କିନ୍ତୁ ରାସ୍ତାର ଅବଶିଷ୍ଟ ଅଂଶ ମାଟି କାଦୁଅରେ ଭରପୁର ରହିଛି। ତେଣୁ ଅସମ୍ପୂର୍ଣ୍ଣ ରାସ୍ତାକୁ ସମ୍ପୂର୍ଣ୍ଣ କରାଯାଉ। ଏଥିସହ ଶ୍ରମ କାର୍ଯ୍ୟାଳୟ ଓ ଚକବନ୍ଦୀ କାର୍ଯ୍ୟାଳୟ ପରିସରକୁ ପକ୍କା କରାଯାଉ। ଫଳରେ ସାଧାରଣ ଲୋକ, ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ କାର୍ଯ୍ୟାଳୟକୁ ସୁବିଧାରେ ଯିବା ଆସିବା କରିପାରିବେ। ପ୍ରଭାଗୀୟ ଶ୍ରମ ସଂସ୍ଥାପକ ଶ୍ରୀ ମହାନ୍ତିଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କହିଲେ ଯେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଖୁବଶୀଘ୍ର ଏହାର ପ୍ରତିକାର କରାଯିବ ବୋଲି ଆଶ୍ୱାସନା ମିଳିଛି।

## କଟନି ଛଟନି ବନ୍ଦ କର

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବିଧାୟକ ଛବି ମଲ୍ଲିକ ଯୋଗାଣ ବିଭାଗକୁ ଜାରି କରିଛନ୍ତି ନିର୍ଦ୍ଦେଶନାମା। ଗରିବ ଲୋକଙ୍କୁ ରାସନ ଚାଉଳକୁ କିଭଳି କମ ନ ଦିଆଯିବ ସେଥିପାଇଁ ଜାରି କରିଛନ୍ତି



ନିର୍ଦ୍ଦେଶନାମା। ନିର୍ଦ୍ଦେଶନାମା ଜାରି ହେବା ପରେ ତତ୍ପର ହୋଇଛନ୍ତି ନିଆଳି ଯୋଗାଣ ଅଧିକାରୀ ସସ୍ମିତା ସାହୁ। ନିଆଳି ବ୍ଲକ୍‌ର ୭୩ ଜଣ ଡିଲର୍‌କୁ ଜାରି କରିଛନ୍ତି ନିର୍ଦ୍ଦେଶ। ଠିକାଦାର ଚାଉଳ ଦେବାବେଳ ଓଜନ କରି ରଖ। ଆଉ ଯେମିତି କୌଣସି ଡିଲର୍ ଶହେରୁ ପାଞ୍ଚଶହ ପର୍ଯ୍ୟନ୍ତ କଟ୍‌ନି ଛଟ୍‌ନି ନକରନ୍ତି। ନିଆଳି ବ୍ଲକ୍‌ରେ ଅନେକ ଡିଲର୍ ମନମର୍ଜିରେ ଚାଉଳ ଦେଉଥିବା ବେଳେ କିଏ ଶହେ, ଦୁଇ ଶହ ଗ୍ରାମ ତ ଆଉ କିଏ ପାଞ୍ଚଶହ ଗ୍ରାମ କାଟୁଥିଲା। ଏ ନେଇ ଡିଲର୍ ମାନଙ୍କର ସଫେଇ ଅଖାରେ ଚାଉଳ କମ୍ ଆସୁଥିବାରୁ ଆମେ କାଟୁଥିଲୁ। ଏବେ ଚାଉଳ ଓଜନ କରି ରଖିବ ଆଉ ଠିକ୍ ସେ ଓଜନ କରି ଦେବ ଶ୍ରୀମତୀ ସାହୁ ଯୋଗାଣ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। କଟକ ଜିଲ୍ଲା ନିଆଳି ବ୍ଲକ୍‌ରେ ୨୩ ଗୋଟି ଗ୍ରାମ ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ସୁରକ୍ଷା ଯୋଜନାରେ ଅଣତିରିଶି ହଜାର ଆଠଶହ ଜଣ ରାସନ କାର୍ଡ ଅନ୍ତର୍ଭୁକ୍ତ ପରିବାର ଚାଉଳ ନେଉଛନ୍ତି ବୋଲି ସୂଚନା ଦେଇଛନ୍ତି ଯୋଗାଣ ବିଭାଗ ଅଧିକାରୀ ସସ୍ମିତା ସାହୁ।

## ଏମ୍‌ଭି ୫୩ ଠାରୁ ଶିମିଳିଗୁଡ଼ା ରାସ୍ତା ଆଜି ମରଣଯନ୍ତା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ତାର୍ଲାକୋଟା ପଞ୍ଚାୟତ ଏମ୍‌ଭି-୫୩ ଗାଁ ଶେଷ ମୁଣ୍ଡରୁ ଶିମିଳିଗଡ଼ା ଗାଁ ଶେଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ନିମ୍ନମାନର କାମ ଯୋଗୁ ମରଣଯନ୍ତା ପାଲଟିଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ୫ କି.ମି. ୮୦୦ ମିଟର ରାସ୍ତା ନିର୍ମାଣ ପାଇଁ ୧ କୋଟି ୯୯ ଲକ୍ଷ ୨୨ହଜାର ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ସମ୍ପୂର୍ଣ୍ଣ ହେବାର ମାତ୍ର କେଇଟା ମାସ ପରେ ପିଚୁ ଉଠିଯାଇଥିଲା। ଏବେ ଏହି ରାସ୍ତାରେ ବଡ ବଡ଼ ଗର୍ଭ ହୋଇ ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାର ପ୍ରତିଫଳ ଆମ ମାନଙ୍କୁ ହଇରାଣରେ ପକାଇଛି। ପୂର୍ବରୁ ଥିବା ମାଟିରାସ୍ତା ଭଲ ଥିଲା ବୋଲି ଅଞ୍ଚଳବାସୀ କହିଛନ୍ତି। ରାସ୍ତାଟିକୁ ଗ୍ରାମ୍ୟ ବିଭାଜିକା ବିଭାଗ-୦୧ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ସୁନାବେଡ଼ା ଅଞ୍ଚଳର ଉପେନ୍ଦ୍ର କୁମାର ପାତ୍ର ନିର୍ମାଣ କରିଥିଲେ। କାମ ଚାଲିଥିବା ବେଳେ ବିଭାଗର କୌଣସି ଅଧିକାରୀ ଏହାର ତଦାରଖ କରିନଥିଲେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୨୦୧୭ ଡିସେମ୍ବର ୨୧ରେ ଏହି କାମ ଆରମ୍ଭ ହୋଇ ୨୦୧୮ ନଭେମ୍ବର ୨୧ରେ ଶେଷ ହୋଇଥିଲା ଓ କାମ ସରିବାର ୫ ବର୍ଷ ଭିତରେ ଅର୍ଥାତ ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ଲାଗି ୨୪ଲକ୍ଷ ୨୨ ହଜାର ଟଙ୍କାର ବଜେଟ ଥିବା ସତ୍ତ୍ୱେ ଥରଟିଏ ବି ମରାମତି ହୋଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଓ ଏ ନେଇ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ବି କେହି କର୍ଣ୍ଣପାତ କରିନଥିବା ନାଏବ ସରପଞ୍ଚ ପଦ୍ମନାଭ ମାଡକାମୀ, ସୀମାକୋଣ୍ଡା ଗ୍ରାମର ରାମ ପଡିୟାମୀ, ମୁକୁନ୍ଦ ମାଡକାମୀ, ଶିବା କବାସୀ, ଗଙ୍ଗା ମାଡକାମୀ, ଶିମିଳିଗୁଡା ଗ୍ରାମର ନର୍ସିଙ୍ଗ୍ ମାଝୀ, କମଳ ଲୋଚନ ମାଝୀ, ଶ୍ୟାମ ମାଝୀ, ଡମ୍ବରୁ ମାଝୀ, ସମରା ଖିଲ କାଳୀଆମୁଣ୍ଡା ଗ୍ରାମର ମଦନ ମାଛ, ମାଧବ ହନ୍ତାଳ, ଖଗପତି ପାଙ୍ଗ ଓ ଭଗତ ରାମ ପାତ୍ରଙ୍କ ସମେତ ଅଞ୍ଚଳର ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଲବରାମ ମାଝୀଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପୁନର୍ବାର ଏଷ୍ଟିମେଟ କରି ଟେଣ୍ଡର କରାଯାଇଛି। ଏହା ସରିବା ପରେ ଅତି ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ। କନିଷ୍ଠ ଯନ୍ତ୍ରୀ ମାଝୀଙ୍କ କଥାରୁ ଅନୁମାନ କରାଯାଉଛି କି ଗୋଟାଏ ରାସ୍ତା କାର୍ଯ୍ୟର ଆୟୁଷ ତା'ହେଲେ ୫ ବର୍ଷ।

## ଓଲାଭରର ବିକାଶ ପୁରୁଷ ଗୋବିନ୍ଦ ଦାସଙ୍କ ଦେହାନ୍ତ



ଆଳି, (ଭାସ୍କର ନ୍ୟୁଜ୍): ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଲାଭର ଗ୍ରାମ ପଞ୍ଚାୟତ ର ବିନ୍ଧାଣି ବିଶ୍ୱକର୍ମା ଗତକାଲି ରାତି ୮ଟା ସମୟରେ ମୃତ୍ୟୁ ବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିବା ସୂଚନା, ସେ ହେଉଛନ୍ତି ନରସିଂହପୁର ଗାଁର ଗୋବିନ୍ଦ ଚନ୍ଦ୍ର ଦାସ, ୭୦ଦଶକରେ ବିଜୁ ବାବୁଙ୍କ ଏକାନ୍ତ ଅନୁଗତ ଗୋବିନ୍ଦ ଦାସ ଓଲାଭର ରାଧାନାଥ ରଥ ହସ୍ପିଟାଲ, ଓଲାଭର କଲେଜ, ଓଲାଭର ଉଚ୍ଚ ବିଦ୍ୟାଳୟ, ଓଲଭର ବାଳିକା ବିଦ୍ୟାଳୟ ତଥା ଓଲାଭର ହସ୍ପିଟାଲକୁ ଦଶ ସଜ୍ୟା ବିଶିଷ୍ଟ ହସ୍ପିଟାଲ ରେ ପରିଣତ କରିବାରେ ତାଙ୍କର ରହିଲା ବହୁ ତ୍ୟାଗ। ଜନତା ଦଳ ପରେ ବିଜୁ ଜନତା ଦଳରେ ଶେଷ ନିଶ୍ୱାସ ତ୍ୟାଗ କରିବାଯାଏ ସିଏ ଥିଲେ ସକ୍ରିୟ ସଦଶ୍ୟ। ଓଲାଭର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଓଲାଭର ମହାବିଦ୍ୟାଳୟ ଓ ଓଲାଭର ହସ୍ପିଟାଲ ରେ ଏକାଧିକ କର୍ମଚାରୀ ଦାସଙ୍କ ସୁପାରିଶରେ ଚାକିରୀ ପାଇଛନ୍ତି। ନିଜେ ଆଣ୍ଠୁ ଉପରକୁ ଧୋତି ଓ ପାଇ ଜମା ପିନ୍ଧି ମଫସଲି ପରି ଦିଶିଲେ ବି ଉପର ମହଲାରେ ଥିଲା ତାଙ୍କର ବେଶ ଚିହ୍ନା। ଓଲାଭର ବଜାର ନିର୍ମାଣରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ ତାଙ୍କର ଅବର୍ତ୍ତମାନରେ ଆଜି ସମଗ୍ର ଓଲାଭର ଅଞ୍ଚଳ ତାଙ୍କୁ ଝୁରିଛି। ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ, ଓଲାଭର ର ସରପଞ୍ଚ ନଉସ ନାୟକ,ଓଲାଭର ଯୁବସଂଘର ସମ୍ପାଦକ ଶ୍ରୀନିବାସ ଓଝା, ଶ୍ରୀନିବାସ ପ୍ରଧାନ, ଉତ୍ତମ ସେନାପତି ଉମେଶ ବେହୁରା, ସୁବାଷ ଚନ୍ଦ୍ର ସାହୁ, ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ୍ତ ପାରିବାରକୁ ସ୍ୱାନ୍ତନା ଦେଇଥିଲେ। ମଙ୍ଗଳବାର ତାଙ୍କ ମର ଶରୀରକୁ ଆଖ ପାଖ ଗ୍ରାମ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ଅନ୍ତିମ ସମୟରେ ଅଂଚଳର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି, ତଥା ରାଜକନିକା ବ୍ଲକ ଯାଦବ ମହାସଭା ପକ୍ଷରୁ ସାବଧାରାରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।



## ଡକାୟତି ଉଦ୍ୟମ ଘଟଣା: ୫ ଅଭିଯୁକ୍ତ ଗିରଫ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ୨୧ ତାରିଖ ପୂର୍ବାହ୍ନରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ହୋଇଥିଲା ଏକ ଡକାୟତି ଉଦ୍ୟମ। ଗଞ୍ଜାମ ଜିଲ୍ଲାର ଏକ ଡ଼କାୟତ ଦଳ ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ନେଉଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରି ବିଫଳ ହେବାରୁ ବୋମା ମାଡ କରି ଲୋକଙ୍କୁ ଭୟଭୀତ କରି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ସାହସର ସହିତ ଜଣେ ଡକାୟତକୁ କାବୁ କରିନେଇଥିଲେ ଓ ଟାଉନ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ମଧ୍ୟ ଦିନ ଦ୍ୱିପ୍ରହରରେ ସହରରେ ବୋମା ମାଡ କରି ଡକାୟତି ଉଦ୍ୟମ ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ଘଟଣା ସ୍ଥଳରେ ନିଜେ ଭବାନୀପାଟଣାର ଏସ୍‌ଡିପିଓ ଆଜିଙ୍କ୍ୟା ମାନେ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ବୋମା ମାଡ ଘଟଣାର ତଦନ୍ତ କରିଥିଲେ। ଜିଲ୍ଲା ପୋଲିସ ମାତ୍ର କେଇ ଘଣ୍ଟା ମଧ୍ୟରେ ଏହି ଘଟଣାରେ ସମ୍ପୃକ୍ତ ପାଞ୍ଚ ଜଣଙ୍କୁ ଧରିଥିବା ସମ୍ପର୍କରେ କଳାହାଣ୍ଡି ଏସ୍ ପି ନାଗରାଜ ଦେବରକୋଣ୍ଡା ୨୧ ତାରିଖ ସଂଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଜିଲ୍ଲା ଏସ୍ ପି ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ଭବାନୀପାଟଣା ମହାବୀରପଡାର ଶରତ ବେହେରା ନାମକ ଜଣେ ବ୍ୟବସାୟୀ ୨୧ ତାରିଖ ପୂର୍ବାହ୍ନରେ ୬ ଲକ୍ଷ ଟଙ୍କା ବ୍ୟାଙ୍କକୁ ଜମା କରିବା ପାଇଁ ନେଉଥିଲେ। ଏହି ସମୟରେ ତିନି ଜଣ ଲୋକ ଏକ ପଲସର୍ ମଟର ସାଇକେଲରେ ଆସି ଟଙ୍କା ନେଉଥିବା ଲୋକ ଉପରକୁ, ଲଙ୍କାଗୁଣ୍ଡ ଫୋପାଡ଼ି ଥିଲେ ଓ ତାଙ୍କ ସ୍କୁଟି ଉପରକୁ ବୋମା ଫୋପାଡ଼ି ଥିଲେ। ବୋମା ମାଡରେ ସ୍କୁଟିର ସାମ୍ନା ପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା ଓ ଟଙ୍କା ନେଇ ଯାଉଥିବା ଶରତ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ଗଞ୍ଜାମ ଜିଲ୍ଲାର ସୋରଡା ଗ୍ରାମର ଈଶାନ ନାଏକ (୨୦ବର୍ଷ)କୁ କାବୁକରି ବେଶ୍ ଉତ୍ତମ ମଧ୍ୟମ ଦେଇ ପୋଲିସକୁ ଜିମା ଦେଇଥିଲେ। ଈଶାନ ସହିତ ଥିବା ଅନ୍ୟ ଦୁଇଜଣ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ମନୁ ନାଏକ (୨୧) ଓ ସୋରଡାର କାଠଗଡ଼ ଗ୍ରାମର ବିରଞ୍ଚି ନାଏକ (୨୪) ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ସଦର ପୋଲିସ ଏସ୍ ଡିପିଓଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏସ୍ ପି ଶ୍ରୀ ଦେବରକୋଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଫେରାର ହୋଇଥିବା ଦୁଇଜଣଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଜୁନାଗଡ ରାସ୍ତାର ଜାରିଙ୍ଗ ଜଙ୍ଗଲରେ ଦୁଇ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ମାତ୍ର ସେମାନଙ୍କୁ ଗୋଡାଇବା ବେଳେ ଜଣେ ପୋଲିସ କର୍ମଚାରୀ ଜଙ୍ଗଲରେ ପଡିଯିବା ଯୋଗୁଁ ତାଙ୍କ ହାତ ଭାଙ୍ଗି ଯାଇଥିଲା ଓ ସେ ଆହତ ହୋଇଥିଲେ। ତେବେ ଧରାପଡିଥିବା ଈଶାନଙ୍କୁ ଜେରା କଲାବେଳେ ଏହି ଘଟଣାର ମାଷ୍ଟର ମାଇଣ୍ଡ୍ ଭବାନୀପାଟଣା ଗୋଦାମପଡ଼ାର ଅବଦୁଲ୍ ସରଫଜ୍ ଖାନ୍ ଓରଫ୍ ବାବୁ ଖାନ୍ ଓ ଶମ୍ଭୁ ନଗର ପଡାର ତ୍ରିଲୋଚନ ପ୍ରଧାନ ଓରଫ୍ ରିଙ୍କୁ ବୋଲି ଜଣା ପଡିବା ପରେ ପୋଲିସ ସେମାନଙ୍କୁ ଉଠେଇ ଆଣି ଥାନାରେ ଜେରା କରୁଥିଲା। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ପଲସର୍ ବାଇକ୍, ଗୋଟିଏ ପିସ୍ତଲ ଓ ୫ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାର ମାଷ୍ଟର ମାଇଣ୍ଡ ବାବୁ ଖାନ୍ ଗତ ତିନିମାସ ଧରି ଉକ୍ତ ବ୍ୟବସାୟୀଙ୍କ ଉପରେ ନଜର ରଖିଥିଲା ଓ ପ୍ରତି ସୋମବାର ଦିନ ମୋଟା ଅଙ୍କର ଟଙ୍କା ବ୍ୟାଙ୍କକୁ ଜମା ହେବାକୁ ଯାଉଥିବା ଜାଣିପାରିଥିଲା। ୨୦ ରାତିରେ ସେ ଗଞ୍ଜାମରୁ ଆସି ଭବାନୀପାଟଣାରେ ପହଂଚି ଥିଲା ଓ ସହରରେ ସେମାନେ ଡକାୟତି କରିବାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ବୋଲି ସାମ୍ବାଦିକ ମାନଙ୍କୁ ଏସ୍ ପି ସୂଚନା ଦେଇଥିଲେ। ଟାଉନ୍ ଥାନାରେ ଏହି ଘଟଣା ନେଇ ପୋଲିସ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଜାରି ରଖିଛି ବୋଲି ସେ କହିଥିଲେ।

## ପର୍ଲା ମଣ୍ଡଳସ୍ତରୀୟ ପୋଷଣ ପକ୍ଷ ପାଳିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ଶିଶୁ ବିକାଶ ପ୍ରକଳ୍ପ ଅଧିନ ପର୍ଲା ଠାରେ ମଣ୍ଡଳ ସ୍ତରୀୟ ସୋମବାର ଦିନ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପୋଷଣ ପକ୍ଷ ପାଳିତ ତାର ମୂଳ ଉଦେଶ୍ୟ ତଥା ହଜାର ଦିନର ଗୁରୁତ୍ୱ ଉପରେ ସୂଚନା ମୂଳକ ଭାବେ ସଚେତନା ବାର୍ତ୍ତା ଦିଆ ଯାଇଥିଲା। ଶିଶୁ ମାନଙ୍କ ପୁଷ୍ଟିକର ଆହାର, ରକ୍ତହୀନତା ଦୂରିକରଣ, ପୁଷ୍ଟି ହୀନ ଶିଶୁଙ୍କୁ ଚିହ୍ନଟ ଓ ପରିଷ୍କାର ପରିଛନ୍ନତା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପର୍ଲା ପାରିଦର୍ଶିକା ପୂର୍ଣ୍ଣିମା ସେନାପତି ଭାଗ ନେଇ ଏହାର ଉଦେଶ୍ୟ ଉପରେ ଜନସାଧାରଣଙ୍କୁ ସଚେତନତା ଜାଗ୍ରତ କରିବାକୁ ଅଙ୍ଗନବାଡି କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ। ଏକ ସଚେତନ ଶୋଭାଯାତ୍ରାରେ ସମସ୍ତ ଅଙ୍ଗନବାଡି କର୍ମୀ ସାମିଲ ହୋଇ ଗ୍ରାମ ପରିକ୍ରମା କରିବା ସହ ନାନା ପ୍ରକାର ସ୍ଲୋଗାନ ଦେଇଥିଲେ।




## ବରିଷ୍ଠ ନାଗରିକଙ୍କୁ ଛତା ବଣ୍ଟନ



ଧର୍ମଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ, ବଡ଼ ବସୁଲ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ବରିଷ୍ଠ ନାଗରିକ ସଙ୍ଗଠନ ଧର୍ମଗଡ଼ ପକ୍ଷରୁ ପ୍ରଚଣ୍ଡ ଖରା ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମର ତଥା ଅଞ୍ଚଳର ବୃଦ୍ଧ, ବୃଦ୍ଧା, ବରିଷ୍ଠ ନାଗରିକ ମାନଙ୍କୁ ଛତା ବଣ୍ଟନ କରାଯାଇଛି। ଅନୁଷ୍ଠିତ ହୋଇଥିବା ଏହି ଜନହିତକର କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ହିମାଂଶୁ ଶେଖର ମୁଣ୍ଡ, ସମ୍ପାଦକ ସୁନିଲ ପାତ୍ର, ସାଂଗଠାନିକ ସମ୍ପାଦକ ଶଙ୍କର ପାଟ୍ଟଯୋଶୀ, ଉପଦେଷ୍ଟା ଗୁଣନିଧି ମାଝି, ଡଃ ବାବାଜୀ ଚରଣ ଦାସ, ସଙ୍ଗଠନର କର୍ମକର୍ତ୍ତା ଭାବରେ ଡଃ ତ୍ରିଲୋଚନ ବାଗ, ଲବରାମ ସରାଫ ପ୍ରମୁଖ ଉପସ୍ଥିତ ରହିଥିଲେ। ସରପଞ୍ଚ ମୁକୁନ୍ଦ ଶବର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ହିମାଂଶୁ ଶେଖର ମୁଣ୍ଡ, ଡ଼ଃ ବାବାଜୀ ଚରଣ ଦାସ ସମେତ ରତ୍ନାକର ମାଝି, ବିରଞ୍ଚି ବେହେରା, କେଦାର ପୂଜାରୀ, ବିରଞ୍ଚି ଶବର, ଆଦିତ୍ୟ ପଟ୍ଟଯୋଶୀ, ସୁମେଶ୍ୱର୍ ଜଗତ, ପ୍ରମୋଦ ହଂସ, ବିଘ୍ନ ପଟ୍ଟଯୋଶୀ, ଶଙ୍କର ପଟ୍ଟଯୋଶୀ, ପ୍ୟାରୀ ପାତ୍ର, ନବୀନ ମୁଣ୍ଡ, ଗୁଣନିଧି ମାଝୀ, ସୁନିଲ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସର୍ବମୋଟ ୧୫୦ ଜଣ ବୃଦ୍ଧ ବୃଦ୍ଧା ତଥା ବରିଷ୍ଠ ନାଗରିକଙ୍କୁ ଛତା ବଣ୍ଟନ କରାଯାଇଥିଲା। ସଙ୍ଗଠନର ଏପରି ଏକ ମହତ୍ କାର୍ଯ୍ୟକ୍ରମକୁ ଚାରିଆଡୁ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି।

## ସମାପନ ହେଲା ତିତ୍‌କେଲା ଶ୍ରୀରାମ ନବମୀ



ନର୍ଲା, (ଭାସ୍କର ନ୍ୟୁଜ) : ସମାପନ ହେଲା ତିତ୍‌କେଲା ଠାରେ ହେଉଥିବା ୭୦ ତମ ଶ୍ରୀରାମ ନବମୀ ମହୋତ୍ସବ। ଚଳିତ ଚୈତ୍ର ଶୁକ୍ଳ ପକ୍ଷରୁ ବିଭିନ୍ନ ସ୍ଥାନରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା ପାଇଁ ପୁରପଲ୍ଲୀ ଉତ୍ସବ ମୁଖର ଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ତିତକେଲା ଗାଁରେ ମଧ୍ୟ ମହା ଆଡ଼ମ୍ବର ସହିତ ପାଳନ କରାଯାଇଛି ଶ୍ରୀରାମ ନବମୀ ମହୋତ୍ସବ। ଏହି ଗାଁରେ ଦୀର୍ଘ ୭୦ ବର୍ଷ ଧରି ଶ୍ରୀରାମ ନବମୀ ପାଳିତ ହୋଇ ଆସୁଥିବା ବେଳେ ପ୍ରତି ଚଉଦ ବର୍ଷ ପୂର୍ତ୍ତି ଅବସରରେ ଅଶ୍ୱମେଧ ଯଜ୍ଞ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ଚଳିତ ବର୍ଷ ମଧ୍ୟ ଚଉଦ ବର୍ଷ ପୂର୍ତ୍ତି ଅବସରରେ ଅଶ୍ୱମେଧ ଯଜ୍ଞ ଅନୁଷ୍ଠିତ ହେବା ସହିତ ରାମାୟଣର ଉତ୍ତରା କାଣ୍ଡ ନାଟକ ପରିବେଷଣ ହୋଇଥିଲା। ଚଳିତ ମାସ ପାଞ୍ଚ ତାରିଖ ଶନିବାରରୁ ଅଧିବାସ ସହିତ କଳସ ଯାତ୍ରାରୁ ଆରମ୍ଭ ହୋଇଥିବା ଉକ୍ତ ଉତ୍ସବକୁ ଦେଖିବା ପାଇଁ ଆଖ ପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳ ଛତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଦୀର୍ଘ ୭୦ ବର୍ଷ ଧରି ଶ୍ରୀରାମଙ୍କ ପୂଜା ଏକ ଅସ୍ଥାୟୀ ମଣ୍ଡପରେ କରିଆସୁଛନ୍ତି ଗ୍ରାମବାସୀ। ସେଥିପାଇଁ ଏକ ମନ୍ଦିର ନିର୍ମାଣ କରିବାକୁ ସରକାରୀ ସହାୟତା ଅପେକ୍ଷାରେ ଅଛନ୍ତି ବୋଲି କମିଟିର ସଭାପତି ମତ ରଖିଛନ୍ତି।

## ବଢୁଛି ଜାଲ ନୋଟ୍ କାରବାର

ନର୍ଲା, (ଭାସ୍କର ନ୍ୟୁଜ୍ ) : ଜାଲ ନୋଟ କାରବାରକୁ ନେଇ ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡ଼ ବସ୍ତିରେ ଚାଲିଛି ଜୋରଦାର ଚର୍ଚ୍ଚା ଆଲୋଚନା। କିଛି ଦିନ ତଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଜାଲ ନୋଟ କାରବାର କରୁଥିବା ଲୋକଙ୍କୁ ଭୁବନେଶ୍ୱରରେ ଠାବ କରିଛି। ନିକଟରେ ଟିଟିଲାଗଡ଼ର ସିକେର ଠାରେ ଦୁଇଜଣ ଲୋକ ଜାଲ ନୋଟ କାରବାର ମାମଲାରେ ଗିରଫ ହୋଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ସମେତ ପଡୋଶୀ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଚାଞ୍ଚଲ୍ୟ ଖେଳିଯାଇଛି। ବିଶେଷକରି ଏହାକୁ ନେଇ ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡ ବସ୍ତି ସାରା ଚାଲିଛି ଚର୍ଚ୍ଚା ଆଲୋଚନା। କଣ୍ଟାବାଞ୍ଜିରୁ ଟିଟିଲାଗଡ଼ ଓ ରୁପ୍ରାରୋଡ଼ ବସ୍ତିକୁ ଏହି ଚେର ଲମ୍ବିଥିବା କୁହାଯାଉଛି। କିଛି ଦିନ ତଳେ ରୁପ୍ରାରୋଡ଼ ନିକଟସ୍ଥ ସାନ୍ଦୁଲ ନଦୀ ତଟରେ ବିଡ଼ା ବିଡ଼ା ନକଲି ନୋଟ ପଡ଼ିଥିବା ବହୁତ ଜୋରସୋରରେ ଚର୍ଚ୍ଚା ହେଉଥିଲା। ଏହା ପ୍ରମାଣିତ କରୁଛି ଯେ, ରୁପ୍ରାରୋଡ଼ରେ କେହି ଜଣେ କିମ୍ବା କିଛି ଲୋକ ନକଲି ନୋଟ କାରବାରରେ ସଂପୃକ୍ତ ଅଛନ୍ତି। ବସ୍ତିରେ ଏବେ ଚର୍ଚ୍ଚା ଚାଲିଛି ଯେ, ଗତ ୬/୭ ବର୍ଷ ପୂର୍ବେ ଜଣେ ବ୍ୟକ୍ତି ଲୋକଙ୍କ ଘରେ ମୁନସୀ କାମ କରୁଥିଲା ତେବେ ସେ ରାତାରାତି କିପରି କୋଟିପତି ହେଲା। ସେ ଜାଲ ନୋଟ କାରବାରର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ସାଂଘାତିକ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି। ଏପଟେ ଜାଲ ନୋଟକୁ ନେଇ ବସ୍ତିର ବ୍ୟବସାୟୀମାନେ ଆତଙ୍କିତ ଅବସ୍ଥାରେ ଥିବା ଦେଖାଯାଉଛି। ବିଶେଷକରି ୨୦୦ ଓ ୫୦୦ ଟଙ୍କିଆ ନୋଟକୁ ବ୍ୟବସାୟୀ ଓ ବଜାର ହାଟର ବେପାରୀମାନେ ତନ୍ନ ତନ୍ନ କରି ଦେଖିବା ପରେ ରଖୁଥିବା ଦେଖାଯାଇଛି। ଜାଲ ନୋଟ ରୋକିବାକୁ ରାଜ୍ୟ ସରକାର ବିଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ, ପୋଲିସ ଓ ଅନ୍ୟାନ୍ୟ ବିଭାଗ ମଧ୍ୟ ଏ ଦିଗରେ ତତ୍ପର ଅଛନ୍ତି। ଏପଟେ ରୁପ୍ରାରୋଡରେ ଚାଲିଥିବା ଜାଲ ନୋଟ କାରବାର ବିଷୟରେ କିପରି ସୁରାକ୍ ପାଇ ପାରୁ ନାହାଁନ୍ତି ତାହାକୁ ନେଇ ଜନସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ ମନେହୁଏ।

## ଡଃ ଆମ୍ବେଦକରଙ୍କ ବିଶାଳ ଶୋଭାଯାତ୍ରା ଓ ଜୟନ୍ତୀ ସମାରୋହ



ଜୁନାଗଡ଼ (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଆଟିଗାଁ ଆମ୍ବେଦକର ନଗର ଠାରେ ଗତ ୧୯ ଅପ୍ରିଲରେ ଜିଲ୍ଲାସ୍ତରୀୟ ୧୩୪ତମ ବାବାସାହେବ ଆମ୍ବେଦକର ଜୟନ୍ତୀ ମହା ସମାରୋହରେ ପାଳିତ ହେବା ସହ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର ଆମ୍ବେଦକର ଅନୁଗାମୀମାନଙ୍କ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିଛନ୍ତି। ଏହିଠାରେ ପ୍ରକୃତିବନ୍ଧୁ ତଥା ବିଶିଷ୍ଟ ସମାଜସେବୀ, ଆମ୍ବେଦକରବାଦୀ ତଥା ସମାଜର ଏଓଏସ୍‌ସିଏଫର ମହାସଚିବଙ୍କ ତତ୍ତ୍ୱାବଧାନ, ଗାଁ ଗାଁ ବୁଲି ସମାଜ ସଚେତକ ଯତୀନ୍ଦ୍ର କର ଓ ଉଦ୍ୟୋକ୍ତା ପ୍ରେମଲାଲ ନାଏକଙ୍କ ପ୍ରୟାସରେ କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ ହୋଇଥିଲା। ଅବିଭକ୍ତ ଆଟିଗାଁ ବହୁଜନ ମଂଚ ତରଫରୁ ଆୟୋଜିତ ଜୟନ୍ତୀର ମୁଖ୍ୟ ଅତିଥୀ ତରଣି ସୂନା (ଓଏଏସ୍-୧) ଏଡିଡିଓ, ମୁଖ୍ୟ ବକ୍ତା କମଳାନୀ ଯାଦବ,ସମ୍ମାନିତ ଅତିଥିମାନଙ୍କ ମଧ୍ୟରୁ ଲିଙ୍ଗରାଜ ଆଜାଦ ସଭାପତି ନିୟମଗିରି ସୁରକ୍ଷା ସମିତି, ସରୋଜ ନାଏକ (ବହୁଜନ ନେତା), ଛବିଲାଲ ନିଆଲ (ଓକିଲ) ତଥା ଆଇନ ପରାମର୍ଶଦାତା ଏଓଏସ୍ସିଏଫ, ଦିଗାମ୍ବର ଦୁରିଆ (ଓକିଲ), ଧବଳେଶ୍ୱର ନାଗ (ଅବସରପ୍ରାପ୍ତ ଶାଖା ପରିଚାଳକ ଏସ ବି ଆଇ) , ହାତିରାମ ଦୁର୍ଗା ସଭାପତି ସରପଞ୍ଚ ସଂଘ ଧର୍ମଗଡ, କୌଶିକ ଦୁରିଆ (ସଭାପତି ଏଓଏସ୍ସିଏଫ କୋକସରା), କବିତା ବାଗ (ସରପଞ୍ଚ ) ନର୍ଲା ବ୍ଲକ, ରମଣୀ ଦୁରିଆ ସଭାନେତ୍ରୀ ସାବିତ୍ରୀ ବାଈ ଫୁଲେ ସଂଗଠନ, ଜୟଦେବ ସୁନାନୀ(ଓକିଲ), ବବିତା (ଓକିଲ) , ବିନୋଦ ନାଏକ (ଓକିଲ) ବିରଞ୍ଚି ନାରାୟଣ ଜାଲ ସଭାପତି ଏଓଏସ୍ସିଏଫ ଧର୍ମଗଡ, ପ୍ରେମଭାକର ଜାଲ (ସମ୍ପାଦକ ଏଓଏସ୍‌ସିଏଫ ଧର୍ମଗଡ଼), ରତ୍ନାକର ବେମାଲ, ଜଗଦିଶ ଯାଦବ, ତଳମଲା ସରପଞ୍ଚ ପ୍ରତିନିଧି ବ୍ରଜ ମନହିରା, ବେଣୁ ଦୁର୍ଗା (ସମାଜସେବୀ), ରଶ୍ମିରଞ୍ଜନ ସୁନା( ଭୀମ ଆର୍ମୀ ସଭାପତି), ଗୋରା ମହାନନ୍ଦ (ଅବସରପ୍ରାପ୍ତ ଶାଖା ପରିଚାଳକ ୟୁ ଜି ବି ) ଆଟିଗାଁ ବହୁଜନ ମଂଚର ସଭାପତି ରାମେଶ୍ୱର ଦୁର୍ଗା, ସମ୍ପାଦକ ଶିବ ପ୍ରସାଦ ସୁନାନୀ (ନାଏକ ସରପଞ୍ଚ) କୋଷାଧ୍ୟକ୍ଷ ତ୍ରିଲୋଚନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁଜନ ସଂଗ୍ରାମ ସମିତିର ଟିମ ସହ ସଭାପତି ରଞ୍ଜନ ଜାଲ, ଗୋଲାମୁଣ୍ଡା ବ୍ଲକ ଚେୟାରମେନ ବିନ୍ଦୁ ମହାନନ୍ଦ, ମହାତ୍ମା ଫୁଲେ ଆମ୍ବେଦକର ସମାଜ ସଚେତନ ସଂଗଠନ ବନ୍ଧୁଗାଁ, ନାନ୍ଦୋଲ ଆମ୍ବେଦକର କ୍ଲବ ଟିମ, ଡମ ସମାଜ ଗୋଲାମୁଣ୍ଡା ସଭାପତି ରାମ ସେନାପତି, ଅଭିମନ୍ୟୁ ନାଏକ ଶିକ୍ଷାବିତ, ଜନ୍ମେଜୟ ନାଏକ, ଶିବ ନାଏକ, ଅଲେଖ ନାଏକ ନାଏବ ସରପଞ୍ଚ, ଜୟ କିଶାନ ସୁନାନୀ, ଡଗମାଳୀ ନାଏକ, ବରୁଣ ମହାନନ୍ଦ, ରୋହିତ ସୁନାନୀ, ଫୁଣ୍ଡା ଟିମ୍ ଓ ଅନ୍ୟାନ୍ୟ ପ୍ରମୁଖ ସଂଗଠକ ଉପସ୍ଥିତ ରହି ଆମ୍ବେଦକର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଆମ୍ବେଦକର ବିଚାରଧାରା ହେଉଛି ତର୍କ ସଂଗତ, ମାନବ ସଂଗତ, ସତ୍ୟ ସଂଗତ, ନ୍ୟାୟ ଓ ବିଜ୍ଞାନ ସଂଗତ ଅଟେ। ଧିରେ ଧିରେ ଆମ୍ବେଦକର ବିଚାରଧାରାର ଗ୍ରାମାଞ୍ଚଳକୁ ଯାଇ ବହୁ ପରିମାଣରେ ପହଞ୍ଚାଇବ ଓ ସମ୍ବିଧାନ ଅଧିକାର ସୁରକ୍ଷିତ ସହ ତାର ସୁବିଧା ପାଇ ପାରିବେ ଓ ଏହା ଆମ୍ବେଦକରଙ୍କ ଅବଦାନ ବୋଲି ବକ୍ତା ମାନେ ବକ୍ତବ୍ୟ ରଖିଥିଲ। ମନୋରଞ୍ଜନ ପାଇଁ ମେଲୋଡି ଦ୍ୱାରା ଜୟ ଭୀମର ନାରା ସହ ଗିତ ନାଚରେ ପ୍ରକମ୍ପିତ ହୋଇଥିଲା।

## ମାନବିକତା ଦେଖାଇଲେ ସରପଞ୍ଚ ମୁମୂର୍ଷ ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇଲେ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ବୟସ ପ୍ରାୟ ୮୦ ଉପରେ ହେବ। ସନ୍ଧ୍ୟା ସମୟରେ ଛକ ନିକଟ ଏକ ଦୋକାନ ପିଣ୍ଡା ଉପରେ ଅଚେତ ଅବସ୍ଥାରେ ମୁମୂର୍ଷୁ ଭାବେ ପଡିଥିଲେ ଜଣେ ବୃଦ୍ଧା। ଗାଁର କେତେକ ଯୁବକ ବୃଦ୍ଧାର ଏଭଳି ସ୍ଥିତି ଦେଖି ସାଙ୍ଗେ ସାଙ୍ଗେ ସ୍ଥାନୀୟ ସରପଞ୍ଚଙ୍କୁ ଖବର କଲେ। ଫୋନ ପାଇବା ମାତ୍ରକେ ସରପଞ୍ଚ ଜଣକ ବୃଦ୍ଧା ନିକଟରେ ହାଜର ହୋଇଗଲେ। ଜୀବିତ ନା ମୃତ ହାତ ଲଗେଇ ନିଶ୍ୱାସ ପ୍ରଶ୍ୱାସ ଯାଉଥିବା ଦେଖିବାକୁ ପାଇଲେ। ସାଂଗେ ସାଂଗେ ବୃଦ୍ଧାଙ୍କ ମୁଣ୍ଡରେ ପାଣି ଛିଞ୍ଚି ଉଠାଇ ଥିଲେ। ଆମ୍ବୁଲେନ୍ସକୁ ଅପେକ୍ଷା ନ କରି ସାଂଗେ ସାଂଗେ ଜଣେ ଯୁବକଙ୍କ ଗାଡ଼ିରେ ବୃଦ୍ଧାଙ୍କୁ ନେଇ ଡାକ୍ତରଖାନାକରେ ପହଞ୍ଚିଥିଲେ। ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ। ଏହି ଘଟଣା ଧର୍ମଗଡ଼ ବ୍ଲକ ପର୍ଲା ବସ୍ତି ଛକ ନିକଟରେ ଦେଖିବାକୁ ମିଳିଥିଲା। ତେବେ ବୃଦ୍ଧା ଜଣକ ପର୍ଲା ଗ୍ରାମର ଗୁରୁବାରୀ ବେଓ୍ୱା ବୋଲି ଜଣାପଡ଼ିଛି। ପରିବାର ବୋଲି ତାର କେହି ନାହିଁ। ସ୍ୱାମୀ ବହୁଦିନ ତଳେ ଆରପରିକୁ ଚାଲି ଯାଇଛନ୍ତି। ଝିଅକୁ ଗୋଲାମୁଣ୍ଡା ବ୍ଲକ ଧାମନପୁର ଗ୍ରାମରେ ବାହା ଦେଇ ଥିବା ବେଳେ ତା ପାଖରେ ହିଁ ରହିଆସୁଛନ୍ତି। କୁହାଯାଏ ପର୍ଲା ପଞ୍ଚାୟତ ତରଫରୁ ଭତ୍ତା ପାଆନ୍ତି। ସେ ବାର୍ଦ୍ଧକ୍ୟ ଭତ୍ତା କାର୍ଡକୁ ନିଜ ପରିଚୟ ନିକଟରେ ଛାଡି ଦେଇ ଥିବା ବେଳେ ଟଙ୍କା ପାଇଁ ଦୀର୍ଘ ୪୦କିମି ବାଟ ଚାଲି ଆସିଥାନ୍ତି। ଠିକ ସେହି ପଇସା ଖଣ୍ଡକ ପାଇଁ ଆଜି ଏ ଅବସ୍ଥା ହୋଇଥିବା ଆଲୋଚନା ହୁଏ। ତେବେ ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକଙ୍କ ମାନବିକତା ଯୋଗୁଁ ଆଜି ଗୁରୁବାରୀଙ୍କ ଜୀବନ ବଞ୍ଚି ଯାଇଥିବା ଚର୍ଚ୍ଚା ହୁଏ। ଏଥିରେ ଗ୍ରାମର ଯୁବକ-ମଳୟ ମେହେର, ନବୀନ ପୁରୋହିତ, ମୁନ୍ନା ଭେଙ୍କଟ କୁମାର, ବାସୁଦେବ ଗୋପାଳ, ଦୁଷ୍ମନ୍ତ ପଟେଲ, ବୈଷ୍ଣବ ପଟେଲଙ୍କ ପ୍ରମୁଖ ସହଯୋଗରେ ପର୍ଲା ଡାକ୍ତର ଖାନା ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଡାକ୍ତର କହିବା ମତେ ବର୍ତ୍ତମାନ ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳେ। ତେବେ ଅଂଶୁଘାତ ଯୋଗୁଁ ଏଭଳି ହୋଇଥିବା ଅନୁମାନ କରାଯାଏ। ସରପଞ୍ଚ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ବୃଦ୍ଧାଙ୍କୁ ଏକ ଗାଡ଼ିରେ ଧାମନପୁର ପଠାଇ ଦେଇଛନ୍ତି। ଏଭଳି ମାନବିକତା ଦେଖାଇ ସରପଞ୍ଚ ବ୍ରିଜଲାଲ ନାଏକ ଏବେ ଚର୍ଚ୍ଚାରେ -ସମସ୍ତଙ୍କ ମୁହଁରେ ଭୁରି ଭୁରି ପ୍ରଶଂସା। ଘଟଣାଟି ପ୍ରଘଟ ହେବା ପରେ ସରପଞ୍ଚଙ୍କ ସମେତ ସହାୟତାକାରୀ ଯୁବକ ମାନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ତେବେ ପ୍ରଶାସନ ଗୁରୁବାରୀ ପ୍ରତି ଦୃଷ୍ଟି ଦେଇ ଗୋଲାମୁଣ୍ଡା ବ୍ଲକ ମାଧ୍ୟମରେ ଭତ୍ତା ପ୍ରଦାନ କରାଯିବାକୁ ସାଧାରଣରେ ଦାବି ହେଉଛି।

## ରାଶିଫଳ


ବୁଧବାର, ୨୩ ଏପ୍ରିଲ ୨୦୨୫



**ମେଷ:** ଆପଣଙ୍କ ଦିନ ମିଶ୍ର ଫଳଦାୟୀ ରହିବ। ପରିବାରଜନମାନଙ୍କ ସହିତ ବୈଠକର ଆପଣ ମହତ୍ୱପୂର୍ଣ୍ଣ ଚର୍ଚ୍ଚା-ବିଚାରଣା କରିବେ। ଘରର ସାଜ-ସଜ୍ଜାରେ ଆପଣଙ୍କୁ ପରିବର୍ତ୍ତନ କରିବାକୁ ଇଚ୍ଛା ହେବ। ସ୍ୱାସ୍ଥ୍ୟ ମାମଲାରେ ଶାରୀରିକ ଆଳସ୍ୟ ସହିତ ଅଳ୍ପ ଅସୁସ୍ଥତା ଅନୁଭବ ହେବ।




**ବୃଷ:** ନୂଆ କାର୍ଯ୍ୟର ପ୍ରେରଣା ମିଳିବ ଏବଂ ଆପଣ ତାଙ୍କୁ ପ୍ରାରମ୍ଭ କରିପାରିବେ। କୌଣସି ଧାର୍ମିକ ସ୍ଥଳ ଯାତ୍ରାକରି ଆପଣଙ୍କ ମନ ଭକ୍ତିମୟ ହୋଇଯିବ। ଲମ୍ବା ଯାତ୍ରାର ଯୋଗ ଅଛି। ଦୂର ସ୍ଥିତ ସ୍ନେହୀଜନ କିମ୍ବା ମିତ୍ରମାନଙ୍କର ଶୁଭ ସମାଚାର ମିଳିବ। ବ୍ୟାପାରରେ ଆର୍ଥିକ ଲାଭ ହୋଇପାରେ। ସ୍ୱାସ୍ଥ୍ୟ ମଧ୍ୟମ ରହିବ।



**ମିଥୁନ:** ନିଷେଧାତ୍ମକ ବିଚାରରୁ ଦୂରରେ ରହିବାକୁ ଉପଦେଶ। ନୂଆ କାର୍ଯ୍ୟର ପ୍ରାରମ୍ଭ ତଥା ସ୍ୱାସ୍ଥ୍ୟ ଉପଚାର ପ୍ରାରମ୍ଭ କରିବା ହୀତକର ନୁହେଁ। କ୍ରୋଧର ଭାବନାକୁ ନିୟନ୍ତ୍ରଣରେ ରଖିବେ। ନହେଲେ ଅନିଷ୍ଟକର ପ୍ରସଙ୍ଗର ସମ୍ଭାବନା ଅଛି।




**କର୍କଟ:** ବୈଭବ ଜୀବନଶୈଳୀ ତଥା ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆଜି ଆପଣ ଆନନ୍ଦିତ ରହିବେ। ବ୍ୟବସାୟ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ମାନ-ପ୍ରତିଷ୍ଠାରେ ବୃଦ୍ଧି ହେବ। ଯାତ୍ରା କିମ୍ବା ପ୍ରବାସର ଆୟୋଜନ କରି ପାରିବେ।



**ସିଂହ:** ଆପଣଙ୍କ ଆଜିର ଦିନ ମଧ୍ୟମ ଫଳଦାୟୀ ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ବାଣୀରେ ନିୟନ୍ତ୍ରଣ ରଖିବେ। ଯାହାଫଳରେ ସଂଘର୍ଷ ଟାଳି ପାରିବେ। ଦୈନିକ କାର୍ଯ୍ୟରେ ବିଘ୍ନ ଆସିପାରେ। ସେଥିପାଇଁ କାର୍ଯ୍ୟ ସଂପନ୍ନ ହେବାରେ ସହାୟତା ମିଳିବ।




**କନ୍ୟା:** ଆଜିର ଦିନ ଆପଣଙ୍କୁ କୌଣସି ଭାବରେ କଳହ ଏବଂ ଚର୍ଚ୍ଚାରୁ ଦୂରରେ ରହିବାକୁ ଉପଦେଶ। ଆକସ୍ମିକ ଖର୍ଚ୍ଚର ସମ୍ଭାବନା ଅଛି। ବିଦ୍ୟାର୍ଥିମାନଙ୍କପାଇଁ ପାଠପଢାରେ ବାଧା ଆସିବ। ପ୍ରିୟଜନମାନଙ୍କ ସହିତ ହେବାକୁଥିବା ସାକ୍ଷାତରେ ମନ ଆନନ୍ଦିତ ହେବ। ପେଟ ସମ୍ବନ୍ଧିତ ପୀଡ଼ା ହୋଇପାରେ।



**ତୁଳା:** ଆପଣଙ୍କପାଇଁ ସମୟ ଶୁଭ ଅଟେ। ମନରେ ସମ୍ବେଦନଶୀଳତାର ମାତ୍ରା ଅଧିକ ରହିବ। ଶାରୀରିକ ସ୍ଫୂର୍ତ୍ତିର ଅଭାବ ରହିବ। ମାନସିକ ବ୍ୟଗ୍ରତା ମଧ୍ୟ ରହିବ। ଧନ ଏବଂ କୀର୍ତ୍ତିର ହାନି ହେବ। ମାତାଙ୍କର ସ୍ୱାସ୍ଥ୍ୟର ଚିନ୍ତା ରହିବ। ନିକଟ ସମ୍ବନ୍ଧିମାନଙ୍କ ସହିତ ଝଗଡ଼ା କିମ୍ବା ବିବାଦର କାରଣରୁ ମନକୁ ଚୋଟ ପହଁଚିବାର ପ୍ରସଙ୍ଗ ବନିବ।



**ବିଛା:** କୌଣସି ନୂଆ କାର୍ଯ୍ୟର ପ୍ରାରମ୍ଭ କରି ପାରିବେ। ସାଥିମାନଙ୍କଠାରୁ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ମିତ୍ର ଏବଂ ସ୍ୱଜନମାନଙ୍କର ଭେଟ ହୋଇପାରେ। କୌଣସି କାମରେ ଆଜି ଆପଣଙ୍କୁ ସଫଳତା ମିଳିବ। ଆର୍ଥିକ ଲାଭ ଏବଂ ଭାଗ୍ୟବୃଦ୍ଧିର ଯୋଗ ଅଛି। ଭାଇ-ଭଉଣୀମାନଙ୍କଠାରୁ ଲାଭ ହେବ।




**ଧନୁ:** ଆପଣଙ୍କର ଦିନ ମିଶ୍ର ଫଳଦାୟୀ ଅଟେ। ଅସାମଞ୍ଜସ୍ୟ କାରଣରୁ ନିର୍ଣ୍ଣୟ ନେବା କଠିନ ହେବ। ମନରେ ବ୍ୟଗ୍ରତା ରହିବ। ପରିବାରଜନମାନଙ୍କ ସହିତ ମନମାଳିନ୍ୟ ନ ହେଉ ଏହାର ଧ୍ୟାନ ରଖିବେ। କାର୍ଯ୍ୟରେ ଅପେକ୍ଷିତ ସଫଳତା ନ ମିଳିବାରୁ ନିରାଶା ହେବ। କାର୍ଯ୍ୟଭାର ମଧ୍ୟ ବଢିପାରେ। ନିରର୍ଥକ ଅର୍ଥ ଖର୍ଚ୍ଚ ହେବ।



**ମକର:** ଜଗନ୍ନାଥଙ୍କର ଆଶୀର୍ବାଦରେ ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସରଳତାରେ ପୂର୍ଣ୍ଣ ହେବ। କାର୍ଯ୍ୟାଳୟରେ ତଥା ବ୍ୟବସାୟ ସ୍ଥଳରେ ଆପଣଙ୍କ ପ୍ରତିଷ୍ଠାରେ ବୃଦ୍ଧି ହେବ। ପଦୋନ୍ନତିର ଯୋଗ ଅଛି। ଗୃହସ୍ଥଜୀବନରେ ଆନନ୍ଦର ବାତାବରଣ ରହିବ। ଶାରୀରିକ ହାନିର ଯୋଗ ହେବାରୁ ସମ୍ଭାଳିକରି ରୁହନ୍ତୁ। ମିତ୍ର ତଥା ସ୍ନେହୀଜନମାନଙ୍କ ସାଥିରେ ଭେଟ ହେବ। ମାନସିକ ରୂପରେ ଶାନ୍ତି ରହିବେ।



**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଉପଦେଶ। ମାନସିକ ସୁସ୍ଥତା କମ ରହିବ। କୋର୍ଟ-କଚେରୀର ମାମଲାରେ ପଡ଼ନ୍ତୁନାହିଁ। ଅନୁଚିତ ସ୍ଥାନରେ ପୁଞ୍ଜି ନିବେଶ ନ ହେଉ ଏହାର ଧ୍ୟାନ ରଖିବେ। ପରିବାରର ସଦସ୍ୟ ବିରୋଧୀ ବ୍ୟବହାର କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଧନ ଖର୍ଚ୍ଚର ଯୋଗ ଅଛି।



**ମୀନ:** ଆଜି ଆପଣ ପାରିବାରିକ ତଥା ସାମାଜିକ କଥାଗୁଡ଼ିକରେ ବିଶେଷ ଲିପ୍ତ ରହିବେ। ମିତ୍ରମାନଙ୍କସହ ଭେଟ ହେବ ଏବଂ ତାଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ରମଣୀୟ ସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ଅଛି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ଜୀବନସାଥୀ ଇଚ୍ଛୁକଙ୍କୁ ଭଲ ଜୀବନସାଥୀ ମିଳିବାର ଯୋଗଅଛି।



ଶ୍ରୀପତି ଗୁରୁ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯